# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୫/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, June 5/2023 | Page 16 | ₹ 7.00

୪୯ଶ ଭାଗ ୧୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 190 | ମୂଲ୍ୟ ₹୭/-




## ଜୋକୋଭିଚ୍ କ୍ୱାର୍ଟରରେ

ନୋଭାକ ଜୋକୋଭିଚ୍ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

୧୬

୦୨

## ମୋଦି ରେଳ ସୁରକ୍ଷା ଉପରେ ଆଖିବୁଜି ଦେଇଛନ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ରେନ୍‌ଗୁଡ଼ିକର ଉଦ୍‌ଘାଟନ କରୁଥିବାବେଳେ ରେଳ ସୁରକ୍ଷା ପ୍ରତି ଆଖିବୁଜି ଦେଇଛନ୍ତି ବୋଲି କହିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ।



# ସିଏଜି ତ୍ରୁଟି ଦେଖାଇଥିଲେ, ମନ୍ତ୍ରୀ ଦୋହରାଇଲେ

ନୂଆଦିଲ୍ଲୀ,୪।୬

ବାଲେଶ୍ୱର ଜିଲା ବାହାନଗା ଠାରେ ରେଳ ଦୁର୍ଘଟଣାର ମୂଳ କାରଣ ଚିହ୍ନଟ କରାଯାଇଛି ଏବଂ ଶୀଘ୍ର ଏକ ରିପୋର୍ଟରେ ଏହା ପ୍ରଘଟ ହେବ ବୋଲି ରବିବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। 'ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ'ରେ ପରିବର୍ତ୍ତନ ଓ ସିଗ୍‌ନାଲ ତ୍ରୁଟି ଯୋଗୁ ଏଭଳି ଘଟିଥିବା ସେ ପ୍ରକାଶ କରିଛନ୍ତି। ରେଲୱେ ବୋର୍ଡ ମଧ୍ୟ ଦୁର୍ଘଟଣା ପଛର କାରଣ ସମ୍ପର୍କିତ ବିସ୍ତୃତ ବିବରଣୀ ପ୍ରଦାନ କରିଛି। କିନ୍ତୁ ଏହା ପୂର୍ବରୁ ଗତବର୍ଷ ସେପ୍ଟେମ୍ବରରେ ପାର୍ଲାମେଣ୍ଟରେ ଉପସ୍ଥାପିତ ଏକ ଅଡିଟ୍ ରିପୋର୍ଟରେ ରେଳ ସୁରକ୍ଷାରେ ଥିବା ଅନେକ ତ୍ରୁଟି ସମ୍ପର୍କରେ ଅବତାରଣା କରାଯାଇଥିଲା। କମ୍ପଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ଏଥିରେ ରେଳ ସୁରକ୍ଷାର ତ୍ରୁଟିକୁ ପଦାରେ ପକାଇଥିଲେ। ମୋଦି ସରକାରଙ୍କ ଅମଳରେ କ୍ରମାଗତ ଭାବେ ରେଲୱେ ପାଇଁ ପାଣ୍ଠି କମିବା ଏବଂ ମିଳୁଥିବା ଅର୍ଥର ବିନିଯୋଗ ହୋଇ ନ ପାରିବା ଅନେକ ପ୍ରଶ୍ନ ଛିଡ଼ା କରିଛି। ସିଏଜିଙ୍କ ରିପୋର୍ଟକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

୨୦୨୨ ସେପ୍ଟେମ୍ବରରେ ସିଏଜିଙ୍କ ଭାରତୀୟ ରେଳପଥ ସମ୍ପର୍କିତ ଅଡିଟ୍ ରିପୋର୍ଟ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଥିଲା। ଏଥିରେ ଟ୍ରେନ୍ ଲାଇନଚ୍ୟୁତ ଓ ଧକ୍କା ହେବା ଭଳି ଦୁର୍ଘଟଣା ଏଡ଼ାଇବା ଲାଗି ଅନେକ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ସେଗୁଡ଼ିକୁ ରେଳ ମନ୍ତ୍ରଣାଳୟ କାର୍ଯ୍ୟକାରୀ କରିନାହିଁ। ଏପରି କି ପରିଦର୍ଶନର ଅଭାବ, ଦୁର୍ଘଟଣାଗୁଡ଼ିକ ପରେ ☞ପୃଷ୍ଠା-୪

## 'ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ'ରେ ପରିବର୍ତ୍ତନରୁ ଘଟିଛି ଦୁର୍ଘଟଣା: ରେଳମନ୍ତ୍ରୀ



ବାହାନଗା ଟ୍ରେନ୍ ଦୁର୍ଘଟଣାସ୍ଥଳରେ ରେଳଲାଇନ୍ ଏବଂ ବିଦ୍ୟୁତ ମରାମତି କାର୍ଯ୍ୟ ଚାଲିଛି।

## ପ୍ରକୃତ ମୃତ୍ୟୁସଂଖ୍ୟା ଲୁଚାଯାଉଛି: ମମତା

ଭୁବନେଶ୍ୱର,୪।୬(ବ୍ୟୁରୋ)

ବାଲେଶ୍ୱର ଜିଲାର ବାହାନଗା ଟ୍ରେନ ଦୁର୍ଘଟଣାରେ ୨୭୫ଜଣଙ୍କ ମୃତ୍ୟୁ ଘଟିଥିବା ରେଲୱେ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଏହି ମୃତ୍ୟୁସଂଖ୍ୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ପ୍ରକୃତ ମୃତ୍ୟୁସଂଖ୍ୟା ଲୁଚାଯାଉଛି ବୋଲି ସେ ରବିବାର କୋଲକାତାରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି ଯେ, ଏହି ଟ୍ରେନ ଦୁର୍ଘଟଣାରେ ପଶ୍ଚିମବଙ୍ଗର ୬୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୬ଜଣ ଓଡ଼ିଶାର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଆଉ ୭୩ଜଣଓଡ଼ିଶାରେ ଚିକିତ୍ସିତ ହେଉଛନ୍ତି ଏବଂ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଦୃଷ୍ଟି ଏପଟସେପଟ**

# ଟ୍ରେନ୍ ଦୁର୍ଘଟଣାର ତଦନ୍ତ କରିବ ସିବିଆଇ

ଭୁବନେଶ୍ୱର, ୪।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗାରେ ଘଟିଥିବା ଭୟାନକ ଟ୍ରେନ ଦୁର୍ଘଟଣାର ତଦନ୍ତ ପାଇଁ ରେଲୱେ ବୋର୍ଡ ପକ୍ଷରୁ ସିବିଆଇକୁ ସୁପାରିସ କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। କେଉଁ ପରିସ୍ଥିତିରେ ଘଟଣା ଘଟିଲା, କେଉଁମାନେ ଦାୟୀ ତାହାର ତଦନ୍ତ ହେବ। ରେଳମନ୍ତ୍ରୀ କହିଛନ୍ତି ଯେ, ଯେଉଁ ପରିସ୍ଥିତିରେ ଘଟଣା ଘଟିଲା ତାହାର ବିଭାଗୀୟ ତଥ୍ୟ ମିଳିବା ପରେ ରେଲୱେ ବୋର୍ଡ ଏହାର ସିବିଆଇ ତଦନ୍ତ ସୁପାରିସ୍ କରିଛନ୍ତି। ତେଣୁ ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯିବ। ☞ପୃଷ୍ଠା-୪


















ଶ୍ରୀ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା

## ବିଶ୍ୱ ପରିବେଶ ଦିବସ

ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା

ଜାତିର ପିତା ମହାତ୍ମା ଗାନ୍ଧୀ ଯଥାର୍ଥରେ କହିଥିଲେ, "ପୃଥିବୀ ମନୁଷ୍ୟର ଆବଶ୍ୟକତା ପୂରଣ କରିବା ପାଇଁ ଯଥେଷ୍ଟ ଦେଇଛି। କିନ୍ତୁ ମନୁଷ୍ୟର ଲୋଭର ପୂରଣ ପାଇଁ ନୁହେଁ।" ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ମନୁଷ୍ୟ ସବୁବେଳେ ପ୍ରକୃତିକୁ ଅପବ୍ୟବହାର କରିଆସିଛି। ପରିବେଶ ପ୍ରତି ଆମମାନଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟବୋଧ ସମ୍ବନ୍ଧରେ ସ୍ମରଣ କରାଇବା ଏବଂ ପ୍ରଦୂଷଣର ଭୟାବହତା ଓ ପ୍ରତିକାର ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ **ଜୁନ୍ ୫** ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଅଛି। ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ପ୍ରସଙ୍ଗ ହେଉଛି **"Solutions to Plastic Pollution"** ବା **"ପ୍ଲାଷ୍ଟିକ ପ୍ରଦୂଷଣର ସମାଧାନ"**।

ପ୍ଲାଷ୍ଟିକ ବ୍ୟବହାରକୁ କମାଇବା, ଏକକ ବ୍ୟବହୃତ ପ୍ଲାଷ୍ଟିକର ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି। ପ୍ଲାଷ୍ଟିକର ସୁଚିନ୍ତିତ ଉପଯୋଗ ଏହାର ପୁନଃ ବିନିଯୋଗ ଓ ପୁନଃଚକ୍ରଣ ଉପରେ ଗୁରୁତ୍ୱ ଦେବା ସହିତ ପ୍ଲାଷ୍ଟିକର ବିକଳ୍ପଗୁଡ଼ିକର ବ୍ୟବହାର ପାଇଁ ଜନସମାଜକୁ ଉତ୍ସାହିତ କଲେ ପ୍ଲାଷ୍ଟିକ ସମସ୍ୟାର ନିଶ୍ଚିତ ସମାଧାନ ହୋଇପାରିବ।

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ତତ୍ତ୍ୱାବଧାନରେ ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ଅନବରତ ପ୍ରଚେଷ୍ଟା ଜାରି ରହିଛି।

ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା ପାଇଁ ଏବଂ ପ୍ରଦୂଷଣକୁ ଦୂର କରିବା ପାଇଁ ରାଜ୍ୟ ସରକାର ଦୃଢ଼ ପ୍ରତିଶ୍ରୁତିବଦ୍ଧ। ସୁସ୍ଥ ନାଗରିକଭାବେ ଆମ୍ଭମାନଙ୍କୁ ମଧ୍ୟ ପ୍ରାକୃତିକ ସମ୍ପଦ ଓ ପରିବେଶ ସନ୍ତୁଳନ ପାଇଁ ଯତ୍ନବାନ ହୋଇ ସମର୍ପଣ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ପ୍ରଥମେ ନିଜ ବାସଗୃହରୁ ଆରମ୍ଭକରି ଧୀରେ ଧୀରେ ଗାଁ, ସହର, ରାଜ୍ୟ, ଦେଶ ତଥା ବିଶ୍ୱକୁ ପ୍ଲାଷ୍ଟିକମୁକ୍ତ କରିବାକୁ ହେବ।

ବିଶ୍ୱ ପରିବେଶ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସବୁଜ, ସୁନ୍ଦର ତଥା ସୁସ୍ଥ ପରିବେଶ ଗଠନ ଦିଗରେ ସମସ୍ତଙ୍କର ସହଯୋଗ ଓ ଉଦ୍ୟମ କାମନା କରୁଛି। ଆସନ୍ତୁ, ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ ଓଡିଶା ଗଠନ କରିବା ପାଇଁ ସଂକଳ୍ପବଦ୍ଧ ହେବା।

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର

DSPL-64

OIPR-08010/13/0002/2324







ଶ୍ରୀ ପ୍ରଦିପ କୁମାର ଅମାତ
ମାନ୍ୟବର ମନ୍ତ୍ରୀ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟ ଜଳ,
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା

## ବିଶ୍ୱ ପରିବେଶ ଦିବସ - ୨୦୨୩

ପାଳନ ଉପଲକ୍ଷେ ମାନ୍ୟବର ମନ୍ତ୍ରୀ ଶ୍ରୀ ପ୍ରଦିପ କୁମାର ଅମାତଙ୍କ ବାର୍ତ୍ତା

ବିଶ୍ୱ ପରିବେଶ ଦିବସ ୨୦୨୩ ଅବସରରେ ମୁଁ ସମସ୍ତ ଓଡ଼ିଶାବାସୀଙ୍କୁ ସୁଖ, ଶାନ୍ତି, ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ହୃଦୟରୁ ଶୁଭେଚ୍ଛା ଜଣାଉଛି। ୧୯୭୪ ମସିହା ଜୁନ୍ ୫ ରୁ ପ୍ରତିବର୍ଷ ନିରବଚ୍ଛିନ୍ନଭାବେ ପାଳିତ ହୋଇ ଆସୁଥିବା ଏହି ଦିନଟି ଜନସାଧାରଣଙ୍କ ମଧ୍ୟରେ ପରିବେଶ ସଚେତନତା ପାଇଁ ଏକ ବିଶ୍ୱସ୍ତରୀୟ ମଞ୍ଚ। ଚଳିତ ବର୍ଷ ପରିବେଶ ଦିବସର ବିଷୟବସ୍ତୁ **"ପ୍ଲାଷ୍ଟିକ ପଦୂଷଣର ସମାଧାନ"**, ବାସ୍ତବିକ୍ ଏକ ଉଦ୍‌ବେଗଜନକ ସମସ୍ୟା ଏବଂ ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ।

ଦୃତ ଜନସଂଖ୍ୟା ବୃଦ୍ଧି, ସହରୀକରଣ ଏବଂ ଶିଳ୍ପର ଦୃତ ଅଭିବୃଦ୍ଧି ବିପୁଳ ପରିମାଣର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସୃଷ୍ଟି କରିଛି। ଜୈବ ବିଘଟନ ଅକ୍ଷମ ହୋଇଥିବା ଯୋଗୁ ପ୍ଲାଷ୍ଟିକ ପରିବେଶ ପ୍ରତି ଘୋର ବିପଦ ସୃଷ୍ଟି କରେ ଏବଂ ଅନେକ ପରିବେଶ ପ୍ରଦୂଷଣ ସମସ୍ୟାର କାରଣ ହୋଇଥାଏ।

ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଯୋଗୁ ବର୍ତ୍ତମାନ ପରିବେଶ ଏକ ଜରୁରୀକାଳୀନ ପରିସ୍ଥିତିର ସମ୍ମୁଖୀନ ହେଉଛି। ପ୍ଲାଷ୍ଟିକ୍ ଦାନବକୁ ପ୍ରତିହତ କରିବାକୁ ହେଲେ ଆମର ଚିନ୍ତାଧାରା ଏବଂ କାର୍ଯ୍ୟପ୍ରଣାଳୀକୁ ସଠିକ୍ ମାର୍ଗଦର୍ଶନ ଅପରିହାର୍ଯ୍ୟ। ପ୍ଲାଷ୍ଟିକ୍‌ର ବ୍ୟବହାର କମ୍ କରିବା ସହ ଏହାର ପୁନଃ ଚକ୍ରଣ ଏବଂ ପୁନଃ ବ୍ୟବହାର ସଠିକ୍ ଭାବେ କାର୍ଯ୍ୟରେ ରୂପାୟିତ ହେଲେ ପ୍ଲାଷ୍ଟିକ୍ ଆବର୍ଜନା କମ୍ ହେବା ସହ ବିଭିନ୍ନ ପରିବେଶର ସମସ୍ୟା ମଧ୍ୟ କମିଯିବ।

ପ୍ରକୃତି ଏବଂ ମନୁଷ୍ୟ ପରସ୍ପରର ପରିପୂରକ। ଶ୍ରେଷ୍ଠ ଏବଂ ବିବେକବାନ୍ ଜୀବଭାବେ ମନୁଷ୍ୟକୁ ହିଁ ପ୍ରଦୂଷିତ ପରିବେଶକୁ ପୁନର୍ଜୀବିତ କରିବାକୁ ବ୍ୟକ୍ତିଗତ ଏବଂ ସାମୂହିକ ସ୍ତରରେ ଉଦ୍ୟମ କରିବାକୁ ପଡ଼ିବ। ରାଜ୍ୟ ସରକାର ଆଗରୁ ଅନେକ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ର ବ୍ୟବହାର ଉପରେ ରୋକ୍ ଲଗାଇଛନ୍ତି ଏବଂ ବର୍ତ୍ତମାନ ରାଜ୍ୟକୁ ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ବହୁ ପଦକ୍ଷେପ ବିଷୟରେ ବିଚାର କରୁଛନ୍ତି।

ଆଜି ମୁଁ ରାଜ୍ୟର ବ୍ୟକ୍ତିବିଶେଷ ତଥା ନାଗରିକମାନଙ୍କୁ ଅନୁରୋଧ କରୁଛି, ରାଜ୍ୟକୁ ସବୁଜ ସୁନ୍ଦର ସ୍ୱଚ୍ଛ ରଖିବା ପାଇଁ ସୁନିଶ୍ଚିତ କରିବାରେ ସେମାନେ ପ୍ରମୁଖ ସଚେତନତା ସୃଷ୍ଟିକାରୀ ଓ ସହଯୋଗୀ ହୁଅନ୍ତୁ। ଆସନ୍ତୁ ଆଜି ବିଶ୍ୱ ପରିବେଶ ଦିବସ ଅବସରରେ **'ପ୍ଲାଷ୍ଟିକ୍ ପ୍ରଦୂଷଣର ସମାଧାନ'** ଦିଗରେ ମାନସମନ୍ଥନ କରିବା ଏବଂ ପରିବେଶ ସୁରକ୍ଷା ଓ ପ୍ରକୃତିର ସଂରକ୍ଷଣ ପାଇଁ ଆମର ପ୍ରତିଶ୍ରୁତିବଦ୍ଧତାକୁ ସହୃଦୟତାର ସହିତ ପାଳନ କରିବା।

**"ବନ୍ଦେ ଉତ୍କଳ ଜନନୀ।"**

ପ୍ରଦିପ କୁମାର ଅମାତ

(ପ୍ରଦିପ କୁମାର ଅମାତ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୫ ଜୁନ୍, ୨୦୨୩



ଓଡ଼ିଶା ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଆନ୍ଧ୍ରପ୍ରଦେଶ ଯାତ୍ରୀଙ୍କ ପରିବାର ସଦସ୍ୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ ମୋହନ ରେଡ୍ଡୀ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଉପରେ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଏହା କହିଥିଲେ। ସେହିପରି ଗୁରୁତର ଆହତଙ୍କୁ ୫ ଲକ୍ଷ ଏବଂ ସାମାନ୍ୟ ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ସଂକ୍ଷେପରେ

### ଚାଇନାରେ ପର୍ବତ ଭୁଶୁଡ଼ି ୧୪ ମୃତ

**ବେଜିଂ, ୪।୬(ପି.ଟି.):** ଚାଇନାର ସିଚୁଆନ୍ ପ୍ରଦେଶରେ ରବିବାର ଏକ ପର୍ବତ ଭୁଶୁଡ଼ିବାରୁ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫ ଜଣ ନିଖୋଜ ଅଛନ୍ତି। ସିଚୁଆନ୍‌ର ଲେଶାନ ସହରରେ ସକାଳ ୬ଟାରେ ଏହି ଭୂସ୍ଖଳନ ଘଟିଛି। ତୁରନ୍ତ ଘଟଣାସ୍ଥଳରେ ୧୮୦ ଜଣିଆ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ ବୋଲି ସ୍ଥାନୀୟ ଅଧିକାରୀ କହିଛନ୍ତି।

### ତାସ୍‌ଘର ଭଳି ଭୁଶୁଡ଼ିଲା ୪-ଲେନ୍ ବ୍ରିଜ୍

**ପାଟନା, ୪।୬:** ବିହାରର ଭାଗଲପୁରରେ ଗଙ୍ଗାନଦୀରେ ନିର୍ମାଣାଧୀନ ଏକ ୪-ଲେନ୍ ବ୍ରିଜ୍ ରବିବାର ସନ୍ଧ୍ୟାରେ ତାସ୍‌ଘର ଭଳି ଭୁଶୁଡ଼ି ପଡ଼ିଛି। ଚଳିତ ବର୍ଷ ଗଙ୍ଗାନଦୀରେ ବ୍ରିଜ୍ ଭୁଶୁଡ଼ିବା ଏହା ଦ୍ୱିତୀୟ ଘଟଣା। ସୁଲତାନଗଞ୍ଜକୁ ଖଗରିଆ ଜିଲା ସହ ଯୋଡୁଥିବା ଏହି ବ୍ରିଜ୍‌କୁ ନୀତୀଶ କୁମାର ୨୦୧୪ରେ ଉଦ୍‌ଘାଟନ କରିଥିଲେ। ଏହାର ନିର୍ମାଣାଧୀନ ଏକ ସୁପର ଷ୍ଟ୍ରକ୍ଚର ନଦୀ ମଧ୍ୟକୁ ଭୁଶୁଡ଼ିପଡ଼ିବାର ଭିଡିଓ ସ୍ଥାନୀୟ ଲୋକେ ଉତ୍ତୋଳନ କରିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଗତ ଡିସେମ୍ବରରେ ବେଗୁସରାଇ ଜିଲା ଅନ୍ତର୍ଗତ ବୁର୍ହି ଗଣ୍ଡକ ନଦୀରେ ଏକ ପୋଲ ଦୁଇଖଣ୍ଡ ହୋଇ ଭୁଶୁଡ଼ି ପଡ଼ିଥିଲା।

### ୩ ବର୍ଷ ପରେ ପାସ୍‌ପୋର୍ଟ ପାଇଲେ ମେହବୁବା



**ଶ୍ରୀନଗର, ୪।୬:** ପିଡିପି ଅଧ୍ୟକ୍ଷା ତଥା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତିଙ୍କୁ ୩ ବର୍ଷ ପରେ ପାସ୍‌ପୋର୍ଟ ଇସ୍ୟୁ କରାଯାଇଛି। ଏହାର ବୈଧତା ଅବଧି ୧୦ ବର୍ଷ ରହିଛି। ଦିଲ୍ଲୀ ହାଇକୋର୍ଟରେ ଦୀର୍ଘଦିନର ଲଢ଼େଇ ପରେ ପିଡିପି ନେତ୍ରୀଙ୍କୁ ପାସ୍‌ପୋର୍ଟ ଦିଆଯାଇଛି। ୨୦୧୯ରେ ତାଙ୍କ ପାସ୍‌ପୋର୍ଟ ଅବଧି ଶେଷ ହୋଇଥିବାବେଳେ ସେବେଠାରୁ ସେ ନବୀକରଣ ପାଇଁ ଉଦ୍ୟମ ଚଳାଇଥିଲେ। ପାସ୍‌ପୋର୍ଟ କାର୍ଯ୍ୟାଳୟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ମେହବୁବାଙ୍କ ଝିଅ ଇଲ୍‌ତିଜା ଜମ୍ମୁ-କଶ୍ମୀର ହାଇକୋର୍ଟରେ ପିଟିଶନ ଦାଏର କରିଥିବାବେଳେ ଏହାର ଶୁଣାଣିର ଦୁଇଦିନ ପୂର୍ବରୁ ମେହବୁବାଙ୍କୁ ପାସ୍‌ପୋର୍ଟ ଇସ୍ୟୁ ହୋଇଛି।

### ୪ ପିଲାଙ୍କୁ ମାରି ଆତ୍ମହତ୍ୟା କଲେ ମା’

**ବାର୍‌ମେର,୪।୬:** ରାଜସ୍ଥାନର ବାର୍‌ମେର ଜିଲାର ମଣ୍ଡଲି ଷ୍ଟେଶନ ଅଞ୍ଚଳରେ ଜଣେ ମହିଳା ନିଜର ୪ ପିଲାଙ୍କୁ ଧାନ ଡ୍ରମ୍ ଭିତରେ ପୂରାଇ ବନ୍ଦ କରିଦେବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଡ୍ରମ୍‌ରେ ବନ୍ଦ ହୋଇ ରହିବା ଯୋଗୁ ୪ ପିଲାଙ୍କ ମୃତ୍ୟୁ ଘଟିଛି। ପୋଲିସ ୫ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି। ଖବର ଅନୁଯାୟୀ ଜେଠା ରାମ ରୋଜଗାର ପାଇଁ ଯୋଧପୁର ଯାଇଥିବାବେଳେ ଘରେ ସ୍ତ୍ରୀ ଉର୍ମିଳା ୪ ପିଲାଙ୍କ ସହ ରହୁଥିଲେ। ଶନିବାର ମଧ୍ୟାହ୍ନରେ ମହିଳା ଜଣକ ୪ ଶିଶୁଙ୍କୁ ଡ୍ରମ୍‌ରେ ପୂରାଇ ତାଲା ପକାଇଦେଇଥିଲେ। ପରେ ସେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।




ବାରାଣସୀର ପଶ୍ଚିମଲୋଚନ କୁଣ୍ଡରେ କଂଗ୍ରେସ ସମର୍ଥକମାନେ ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ହୋମଯଜ୍ଞ କରୁଛନ୍ତି।

# ରେଳମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ

## ମୋଦି ଟ୍ରେନ୍ ଉଦ୍‌ଘାଟନ କରି ସୁରକ୍ଷା ଉପରେ ଆଖିବୁଜି ଦେଇଛନ୍ତି: ଖାର୍ଗେ

**ନୂଆଦିଲ୍ଲୀ,୪।୬**



**ବିଶେଷଜ୍ଞ, ପାର୍ଲାମେଣ୍ଟାରି କମିଟି ଏବଂ ସିଏଜିଙ୍କ ପ୍ରସ୍ତାବକୁ ଅଣଦେଖା କରିବାରେ କିଏ ଦାୟୀ: ପ୍ରିୟଙ୍କା**

ବାହାନଗା ଟ୍ରିପଲ ଟ୍ରେନ୍ ଟ୍ରାଜେଡିକୁ ନେଇ ରାଜନୀତି ଆରମ୍ଭ ହୋଇଛି। ରେଳମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ରେନ୍‌ଗୁଡ଼ିକର ଉଦ୍‌ଘାଟନ କରୁଥିବାବେଳେ ରେଳ ସୁରକ୍ଷା ପ୍ରତି ଆଖିବୁଜି ଦେଇଛନ୍ତି। ଭବିଷ୍ୟତରେ ଯେପରି ଏଭଳି ଦୁର୍ଘଟଣା ନ ଘଟେ ସେଥିପାଇଁ ଉପରୁ ତଳ ପର୍ଯ୍ୟନ୍ତ ସମସ୍ତ ପଦବୀ ଲାଗି ଉତ୍ତରଦାୟିତ୍ୱ ସ୍ଥିର କରାଯାଉ। ମୋଦିଙ୍କ ‘ପ୍ରଚାରବାଦୀ କୌଶଳ’ କାର୍ଯ୍ୟ ବ୍ୟବସ୍ଥାରେ ଛିଦ୍ର ସୃଷ୍ଟି କରିଥିବା ଖାର୍ଗେ ସମାଲୋଚନା କରିଛନ୍ତି।

ଭାରତୀୟ ରେଳପଥରେ ୩ ଲକ୍ଷ ପଦବୀ ଖାଲିପଡ଼ିଛି। ଏପରି କି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଦ୍ୱାରା ନିଯୁକ୍ତି ଦିଆଯାଉଥିବା ଉଚ୍ଚ ପଦବୀଗୁଡ଼ିକ ମଧ୍ୟ ଖାଲି ପଡ଼ିଛି। ଗତ ୯ ବର୍ଷ ମଧ୍ୟରେ ସେଗୁଡ଼ିକୁ କାହିଁକି ପୂରଣ କରାଗଲା ନାହିଁ ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି। ମାନବ ସମ୍ବଳର ଅଭାବ ଯୋଗୁ ଲୋକୋ ପାଇଲଟ୍‌ମାନେ ଦୀର୍ଘ ସମୟ ଧରି କାମ କରୁଛନ୍ତି। ସେମାନେ ଚାପଗ୍ରସ୍ତ ହେଉଥିବାରୁ ଦୁର୍ଘଟଣା ବଢ଼ୁଥିବା ନେଇ ନିକଟରେ ରେଲୱେ ବୋର୍ଡ ସ୍ୱୀକାର କରିଥିଲା। ଲୋକୋ ପାଇଲଟ୍ ପଦବୀ ପୂରଣ କାହିଁକି କରାଯାଉ ନାହିଁ। ସେହିପରି ଦକ୍ଷିଣ ପଶ୍ଚିମ ରେଲୱେ ଜୋନ୍‌ର ପ୍ରିନ୍ସିପାଲ ଚିଫ୍ ଅପରେଟିଂ ମ୍ୟାନେଜର ଗତ ଫେବୃୟାରୀ ୮ରେ ସିଗ୍‌ନାଲିଂ ସିଷ୍ଟମ୍‌ର ମରାମତି ପାଇଁ ଦାବି କରିଥିଲେ। ରେଳ ମନ୍ତ୍ରଣାଳୟ ଏହା ଉପରେ କାହିଁକି ପଦକ୍ଷେପ ନେଲା ନାହିଁ ବୋଲି ଖାର୍ଗେ ପଚାରିଛନ୍ତି।

ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟି ଏହାର ୩୨୩ତମ ରିପୋର୍ଟରେ ରେଲୱେକୁ ସମାଲୋଚନା କରିଥିଲା। କାରଣ କମିଶନ ଅଫ୍ ରେଲୱେ ସେଫ୍ଟି (ସିଆର୍‌ଏସ୍) ପକ୍ଷରୁ କରାଯାଇଥିବା ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ରେଲୱେ ବୋର୍ଡ ତତ୍ପରତା ଦେଖାଇ ନ ଥିଲା। ସିଆର୍‌ଏସ୍ ମୋଟ ଦୁର୍ଘଟଣାର ମାତ୍ର ୮ରୁ ୧୦% ମାମଲାରେ ତଦନ୍ତ କରିଥାଆନ୍ତି। ସିଆର୍‌ଏସ୍ ବ୍ୟବସ୍ଥାକୁ କାହିଁକି ସୁଦୃଢ଼ କରାଯାଉ ନାହିଁ ବୋଲି ଖାର୍ଗେ ଟୁଇଟରରେ ପ୍ରଶ୍ନ କରିଛନ୍ତି। ସେହିପରି ସିଏଜି ରିପୋର୍ଟର ଅବତାରଣା କରି ପ୍ରଧାନମନ୍ତ୍ରୀଙ୍କୁ ସେ ଘେରିଛନ୍ତି। କଂଗ୍ରେସ ଏମ୍‌ପି ଶକ୍ତିସିଂ ଗୋହିଲ ଏବଂ ଏଆଇସିସି ପବ୍ଲିସିଟି ଆଣ୍ଡ୍ ମିଡିଆ ବିଭାଗ ମୁଖ୍ୟ ପବନ ଖେରା ଏହି ଦୁର୍ଘଟଣାକୁ ‘ମାନବକୃତ ବିପର୍ଯ୍ୟୟ’ ଭାବେ ଅଭିହିତ କରିଛନ୍ତି। ଖେରା କହିଛନ୍ତି, ଯିଏ ଦୋଷୀ ପ୍ରମାଣିତ ହେବେ ତାଙ୍କୁ ଛଡ଼ାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଥମେ ରେଳମନ୍ତ୍ରୀଙ୍କୁ ବରଖାସ୍ତ କରି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଉ।

ଇତିମଧ୍ୟରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଇସ୍ତଫା ଦାବି କରିଛନ୍ତି। ଓଡ଼ିଶାର ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାକୁ ୨୪ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଉଚ୍ଚ ପଦବୀରେ ଥିବା ବ୍ୟକ୍ତିଙ୍କ ଉତ୍ତରଦାୟିତ୍ୱ କାହିଁକି ସ୍ଥିର


ମଲ୍ଲିକାର୍ଜୁନ ଖାର୍ଗେ

କରାଯାଇ ନାହିଁ ବୋଲି ପ୍ରିୟଙ୍କା ଟୁଇଟ୍ କରିଛନ୍ତି। ବିଶେଷଜ୍ଞ, ପାର୍ଲାମେଣ୍ଟାରି କମିଟି ଏବଂ ସିଏଜିଙ୍କ ପ୍ରସ୍ତାବକୁ ଅଣଦେଖା କରିବାରେ କିଏ ଦାୟୀ? ରେଲୱେରେ ଖାଲି ପଡ଼ିଥିବା ପଦବୀ ଏବଂ ଗୁରୁତ୍ୱପୂର୍ଣ୍ଣ ସେକ୍ଟରଗୁଡ଼ିକରେ ପାଣ୍ଠି ଅଭାବ ପାଇଁ କାହାକୁ ଦାୟୀ କରାଯିବ? ଲାଲ ବାହାଦୁର ଶାସ୍ତ୍ରୀ, ନୀତୀଶ କୁମାର ଏବଂ ମାଧବରାଓ ସିନ୍ଧିଆଙ୍କ ନୈତିକ ପଥ ଅନୁସରଣ କରି ରେଳମନ୍ତ୍ରୀ ଇସ୍ତଫା ଦେବା ଉଚିତ ନୁହେଁ କି ବୋଲି ପ୍ରିୟଙ୍କା ପ୍ରଶ୍ନ କରିଛନ୍ତି।




ମାଲ୍‌ଟାର ତୈଳବାହୀ ଜାହାଜରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ସୁଏଜ୍ କେନାଲର ୧୨ କି.ମି. ଭିତରେ ସିଙ୍ଗଲ୍ ଲେନ୍‌ରେ ଅଚଳ ହୋଇଯାଇଛି। ଏକ ଟଗ୍‌ବୋଟ୍ ସହାୟତାରେ ଉକ୍ତ ଜାହାଜକୁ ଠେଲାଯାଉଛି। ଇଜିପ୍ଟର ସୁଏଜ୍ କେନାଲ କର୍ତ୍ତୃପକ୍ଷ ଏହି ଫଟୋ ଜାରି କରିଛନ୍ତି।

### କିମ୍‌ଙ୍କୁ ଅଭିନନ୍ଦନ ଜଣାଇ ଟ୍ରମ୍ପ ଅଡୁଆରେ

**ୱାଶିଂଟନ, ୪।୬**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କାର୍ଯ୍ୟକାରିଣୀ ବୋର୍ଡରେ ଉତ୍ତର କୋରିଆ ସାମିଲ ହେବାକୁ ନେଇ ଏହାର ନେତା କିମ୍ ଜଙ୍ଗ୍ ଉନ୍‌ଙ୍କୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଭିନନ୍ଦନ ଜଣାଇ ଅଡୁଆରେ ପଡ଼ିଛନ୍ତି। ତାଙ୍କ ଦଳ ରିପବ୍ଲିକାନ୍ ଟ୍ରମ୍ପଙ୍କୁ ଏଥିପାଇଁ ସମାଲୋଚନା କରିଛି। ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍‌ରେ ଅଭିନନ୍ଦନ ଜଣାଇବା ପରେ ରିପବ୍ଲିକାନ୍ ଦଳର ରାଷ୍ଟ୍ରପତି ଆଶାୟୀ ପ୍ରାର୍ଥୀ ଓ ରାଜ୍ୟ ପାର୍ଟି ନେତାମାନେ ଏହାକୁ ନିନ୍ଦା କରିଛନ୍ତି। ତାଙ୍କର ପୂର୍ବତନ ଜାତିସଂଘ ରାଷ୍ଟ୍ରଦୂତ ନିକ୍କି ହାଲି ଟୁଇଟ୍ କରି କହିଛନ୍ତି, କିମ୍ ଜଙ୍ଗ୍ ଉନ୍ ନିଜ ଲୋକମାନଙ୍କୁ ଭୋକରେ ରଖିଛନ୍ତି।



ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଉତ୍ତର କୋରିଆ ପ୍ରମୁଖ ଭୂମିକା ନେବା ସମ୍ପୂର୍ଣ୍ଣ ଫାର୍ସ୍ ବୋଲି ନିକ୍କି କହିଛନ୍ତି। ଜୋ ବାଇଡେନ୍‌ଙ୍କଠାରୁ ଦେଶର ଶାସନ କ୍ଷମତା ଫେରାଇ ନେବାକୁ ହେଲେ ଉତ୍ତର କୋରିଆର ଜଣେ ହତ୍ୟାକାରୀ ଏକଚ୍ଛତ୍ରବାଦୀଙ୍କୁ ଅଭିନନ୍ଦନରୁ ଆରମ୍ଭ କରନାହିଁ ବୋଲି ଜର୍ଜିଆ ଗଭର୍ନର ବ୍ରିଆନ୍ କେମ୍ପ କହିଛନ୍ତି।

### ଟ୍ରେନ୍ ଦୁର୍ଘଟଣା: ଅନାଥ ପିଲାଙ୍କ ଶିକ୍ଷା ଖର୍ଚ୍ଚ ଆଦାନୀ ଗ୍ରୁପ୍ ବହନ କରିବ


ଗୌତମ ଆଦାନୀ

**ନୂଆଦିଲ୍ଲୀ,୪।୬**

ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାରେ ନିଜ ମା’ବାପାଙ୍କୁ ହରାଇଥିବା ଅନାଥ ପିଲାଙ୍କ ଶିକ୍ଷା ଖର୍ଚ୍ଚ ଆଦାନୀ ଗ୍ରୁପ୍ ବହନ କରିବ। ଏନେଇ ଆଦାନୀ ସମୂହ ଅଧ୍ୟକ୍ଷ ଗୌତମ ଆଦାନୀ ରବିବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଓଡ଼ିଶାର ଟ୍ରେନ୍ ଦୁର୍ଘଟଣାକୁ ନେଇ ଆମେ ସମସ୍ତେ ଅତ୍ୟନ୍ତ ବ୍ୟଥିତ। ଏହି ଦୁର୍ଘଟଣାରେ ଯେଉଁ ପିଲାମାନେ ନିଜ ଅଭିଭାବକଙ୍କୁ ହରାଇଛନ୍ତି, ସେମାନଙ୍କ ସ୍କୁଲ ଶିକ୍ଷାର ଦାୟିତ୍ୱ ଆଦାନୀ ଗ୍ରୁପ୍ ବହନ କରିବ ବୋଲି ଆମେ ନିଷ୍ପତ୍ତି ନେଇଛୁ। ପୀଡ଼ିତ ଓ ସେମାନଙ୍କ ପରିଜନଙ୍କୁ ସମ୍ବଳ ଏବଂ ପିଲାମାନଙ୍କ ଉନ୍ନତ ଭବିଷ୍ୟତ ଆମ ସମସ୍ତଙ୍କ ମିଳିତ ଉତ୍ତରଦାୟିତ୍ୱ ବୋଲି ଆଦାନୀ ଟୁଇଟ୍ କରିଛନ୍ତି।

### ୟୁକ୍ରେନ୍ ଯୁଦ୍ଧ ୫୦୦ ଶିଶୁଙ୍କ ଜୀବନ ନେଲାଣି

**କିଭ୍, ୪।୬**

ୟୁକ୍ରେନ୍ ଉପରେ ଚାଇନାର ଆକ୍ରମଣ ୧୬ ମାସରେ ପହଞ୍ଚିଛି। ଏହି ଯୁଦ୍ଧରେ ୟୁକ୍ରେନ୍‌ର ଅନ୍ୟୁନ ୫୦୦ ଶିଶୁ ପ୍ରାଣ ହରାଇଲେଣି ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ନିକଟରେ ରୁଷିଆ ଆକ୍ରମଣରେ ନିହତ ହୋଇଥିବା ୨ ବର୍ଷର ଶିଶୁକନ୍ୟାର ମୃତଦେହକୁ ଉଦ୍ଧାରକାରୀ ଦଳ ଠାବ କରିବା ପରେ ଜେଲେନ୍‌ସ୍କି ଉପରୋକ୍ତ ସୂଚନା ଦେଇଛନ୍ତି। ରୁଷିଆ ଅସ୍ତ୍ର ଓ ଘୃଣା ପ୍ରତିଦିନ ୟୁକ୍ରେନ୍ ପିଲାଙ୍କ ଜୀବନକୁ ନଷ୍ଟ କରିବା ସହ ଶତାଧିକଙ୍କ ଜୀବନ ନେଇଛି। ସେହି ପିଲାଙ୍କ ମଧ୍ୟରୁ କିଏ ଖ୍ୟାତନାମା ବିଦ୍ୱାନ, କଳାକାର, କ୍ରୀଡ଼ା ଚାମ୍ପିୟନ ହୋଇ ୟୁକ୍ରେନ୍ ଇତିହାସକୁ ଯୋଗଦାନ ଦେଇପାରିଥାନ୍ତେ। କେତେକ ଅଞ୍ଚଳ ରୁଷିଆ ଦଖଲରେ ଥିବାରୁ ପ୍ରକୃତରେ ୧୬ ମାସରେ ଯୁଦ୍ଧରେ କେତେ ପିଲା ମୃତାହତ ହେଲେଣି ତାହା କହିବା ସମ୍ଭବ ନୁହେଁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି କହିଛନ୍ତି।

### ଜ୍ଞାନବାପି ମାମଲାରୁ ଓହରିଲେ ହିନ୍ଦୁ ଆବେଦନକାରୀ

**ବାରାଣସୀ, ୪।୬**

ଜ୍ଞାନବାପି ମସ୍‌ଜିଦ ପ୍ରସଙ୍ଗ ସହ ଜଡ଼ିତ ସମସ୍ତ ମାମଲାରୁ ଅନ୍ୟତମ ହିନ୍ଦୁ ପକ୍ଷ ଜିତେନ୍ଦ୍ର ସିଂ ଭିସେନ ଓ ତାଙ୍କ ପରିବାର ଓହରିଯିବାକୁ ଘୋଷଣା କରିଛନ୍ତି। ତାଙ୍କୁ ହଇରାଣ କରାଯାଉଥିବା ଜିତେନ୍ଦ୍ର ଅଭିଯୋଗ କରିଛନ୍ତି। ପୂର୍ବରୁ ତାଙ୍କ ଓକିଲ ଶିବମ୍ ଗୌର ଓହରିଯାଇଥିଲେ। ଦେଶ ତଥା ଧର୍ମର ସ୍ୱାର୍ଥ ଦୃଷ୍ଟିରୁ ଜିତେନ୍ଦ୍ର, ତାଙ୍କ ସ୍ତ୍ରୀ କିରନ ସିଂ ଏବଂ ଝିଆରୀ ରାକ୍ଷୀ ସିଂ ବିଭିନ୍ନ ଅଦାଲତରେ ମାମଲା ଦାଏର କରିଥିଲେ। ଜିତେନ୍ଦ୍ର ବିଶ୍ୱ ବୈଦିକ ସନାତନ ସଂଘର ମୁଖ୍ୟ ଅଛନ୍ତି। ହିନ୍ଦୁ ପକ୍ଷ ସମେତ ବିଭିନ୍ନ ମହଲରୁ ସେ ଉତ୍ପୀଡ଼ନର ସମ୍ମୁଖୀନ ହେଉଥିବାରୁ ସୀମିତ ସାମର୍ଥ୍ୟ ଓ ସମ୍ବଳ ମଧ୍ୟରେ ଧର୍ମ ପାଇଁ ସେ ଆଉ ଲଢ଼ିପାରିବେ ନାହିଁ ବୋଲି କହିଛନ୍ତି।

# ମଣିପୁରରେ ପେଟ୍ରୋଲ ୨୦୦ ଟଙ୍କା

**ନୂଆଦିଲ୍ଲୀ/ଇମ୍ଫାଲ, ୪।୬**

- ଅତ୍ୟାବଶ୍ୟକ ଔଷଧ ମିଳୁନି
- ଏନଏଚ୍-୨କୁ ଅବରୋଧମୁକ୍ତ କରିବାକୁ ଶାହାଙ୍କ ଅପିଲ୍

ହିଂସାଗ୍ରସ୍ତ ମଣିପୁରରେ ଦରଦାମ୍ ଆକାଶଛୁଆଁ ହୋଇଛି। ପେଟ୍ରୋଲ କଳାବଜାରରେ ଲିଟର ୨୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଜୀବନ ରକ୍ଷାକାରୀ ଔଷଧର ଘୋର ଅଭାବ ଦେଖାଦେଇଛି। ଏଟିଏମ୍‌ଗୁଡ଼ିକରେ ଟଙ୍କା ନ ଥିବାବେଳେ ଦୋକାନ ବଜାର ଦିନକୁ ଅଳ୍ପ କେତେଘଣ୍ଟା ପାଇଁ ଖୋଲୁଛି। ଜାତୀୟ ରାଜପଥ ଅବରୋଧ ଯୋଗୁ ଇମ୍ଫାଲ ଉପତ୍ୟକା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବାବେଳେ ଲୋକଙ୍କୁ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡୁଛି।

ଜାତୀୟ ରାଜପଥ (ଏନ୍‌ଏଚ୍)-୨ରୁ ଅବରୋଧ ହଟାଇବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର



ମଣିପୁର ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି। ଏନ୍‌ଏଚ୍-୨ ଅବରୋଧ ମୁକ୍ତ ହେଲେ ଖାଦ୍ୟ, ଔଷଧ, ଇନ୍ଧନ ଆଦି ମୌଳିକ ଓ ଅତ୍ୟାବଶ୍ୟକ ସାମଗ୍ରୀ ରାଜ୍ୟରେ ପହଞ୍ଚିପାରିବ। ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଦିଗରେ ସିଭିଲ୍ ସୋସାଇଟିର ସଦସ୍ୟମାନେ କାର୍ଯ୍ୟ କରିବା ଲାଗି ଶାହା ଟୁଇଟ୍ କରି ଅନୁରୋଧ କରିଛନ୍ତି। ଆମେ ଏକାଠି ହେଲେ ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରିପାରିବ ବୋଲି ସେ କହିଛନ୍ତି।

ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରିବା ନିଷ୍ପତ୍ତିକୁ ବିରୋଧ କରି ମଣିପୁରରେ ଗତ ମାସ ୩ ତାରିଖରେ ଅଲ୍ ଟ୍ରାଇବାଲ ଷ୍ଟୁଡେଣ୍ଟସ୍ ୟୁନିୟନ ପକ୍ଷରୁ ବିକ୍ଷୋଭକୁ ନେଇ ମେଇତି ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ହିଂସାକାଣ୍ଡରେ ଉଭୟ ସମ୍ପ୍ରଦାୟର ବ୍ୟାପକ ଧନଜୀବନ କ୍ଷତି ହୋଇଛି। ଏପର୍ଯ୍ୟନ୍ତ ହିଂସାରେ ୯୮ ଜଣଙ୍କ ଜୀବନ ଯିବା ସହ ୩୧୦ ଜଣ ଆହତ ହୋଇଛନ୍ତି।

# ମାସକରେ ୪,୦୦୦ ଚାକିରି ନେଇଛି ଏଆଇ

**ୱାଶିଂଟନ, ୪।୬**

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆମେରିକାରେ ମେ’ ମାସରେ ପ୍ରାୟ ୪,୦୦୦ ଲୋକଙ୍କ ଚାକିରି ଛଡ଼ାଇନେଇଛି। ଚ୍ୟାଲେଞ୍ଜର, ଗ୍ରେ ଆଣ୍ଡ କ୍ରିଷ୍ଟମାସ୍ ପକ୍ଷରୁ ଜାରି ମାସିକ ରିପୋର୍ଟରେ ଏହା କୁହାଯାଇଛି। ୩,୯୦୦ କର୍ମଚାରୀ ଛଟେଇ ପାଇଁ ଏଆଇ ଦାୟୀ ବୋଲି ଆମେରିକାର ନିଯୁକ୍ତିଦାତାମାନେ କହିଛନ୍ତି, ଯାହାକି ମେ’ ମାସର ମୋଟ ଛଟେଇର ୪.୯ ପ୍ରତିଶତ।

ଉକ୍ତ ରିପୋର୍ଟ ଅନୁଯାୟୀ ଜାନୁୟାରୀରୁ ମେ’ ମଧ୍ୟରେ ୪,୧୭,୫୦୦ କର୍ମଚାରୀ ଛଟେଇ ହେଲେଣି, ଯାହାକି ୨୦୨୦ରୁ ଇତିମଧ୍ୟରେ କୌଣସି ବର୍ଷର ପ୍ରଥମ ୫ ମାସରେ ସର୍ବାଧିକ ଛଟେଇ। କୋଭିଡ୍ ମହାମାରୀ ପାଇଁ ୧୪ ଲକ୍ଷରୁ ଉର୍ଦ୍ଧ୍ୱ



କର୍ମଚାରୀ ଚାକିରି ହରାଇଥିଲେ। ମହାମାରୀ ପରେ ୨୦୨୩ ପ୍ରଥମ ଭାଗରେ ସର୍ବାଧିକ ଛଟେଇ ହେଲାଣି। ଗ୍ରାହକମାନଙ୍କ ବିଶ୍ୱାସ ୬ ମାସ ତଳକୁ ଖସିଯାଇଥିବାବେଳେ ନିଯୁକ୍ତି ସୃଷ୍ଟି ହେଉନାହିଁ। ମାନ୍ଦାବସ୍ଥା ଯୋଗୁ କମ୍ପାନୀଗୁଡ଼ିକ ନିଯୁକ୍ତି ବନ୍ଦ କରିଦେଇଥିବା ଶ୍ରମ ବିଶେଷଜ୍ଞ ତଥା ଚ୍ୟାଲେଞ୍ଜର, ଗ୍ରେ ଆଣ୍ଡ କ୍ରିଷ୍ଟମାସ୍‌ର ବରିଷ୍ଠ ଉପାଧ୍ୟକ୍ଷ ଆଣ୍ଡ୍ରୁ ଚ୍ୟାଲେଞ୍ଜର କହିଛନ୍ତି। ଏଆଇକୁ ବାଦ୍ ଦେଲେ ବ୍ୟବସାୟ ବନ୍ଦ ହେବା ମେ’

**୫ ମାସରେ ୪,୧୭,୫୦୦ କର୍ମଚାରୀ ଛଟେଇ ହେଲେଣି**

ମାସ ଛଟେଇର ଅନ୍ୟତମ ମୁଖ୍ୟ କାରଣ। ବ୍ୟବସାୟ ବନ୍ଦ କାରଣରୁ ୧୯,୬୦୦ ଲୋକ ନିଯୁକ୍ତି ହରାଇଛନ୍ତି। ୧୪,୬୦୦ ଛଟେଇ ପାଇଁ ବଜାର/ଆର୍ଥିକ ସ୍ଥିତି ଦାୟୀ ହୋଇଥିବାବେଳେ ୧୨,୯୦୦ ଛଟେଇ ସମ୍ପର୍କରେ କୌଣସି କାରଣ ଦିଆଯାଇ ନାହିଁ। ଚଳିତ ବର୍ଷର ପ୍ରଥମ ୫ ବର୍ଷରେ ଆର୍ଥିକ ସ୍ଥିତି କାରଣରୁ ପାଖାପାଖି ୨,୦୬,୩୦୦ ଲୋକ ନିଯୁକ୍ତି ହରାଇଲେଣି।

ସାହିତ୍ୟ ସୃଷ୍ଟି ଭଳି ସୃଜନାତ୍ମକ କାର୍ଯ୍ୟ, ପ୍ରଶାସନିକ ଓ କିରାଣି କାର୍ଯ୍ୟ ସମେତ ବିଭିନ୍ନ କାର୍ଯ୍ୟକୁ ସ୍ୱୟଂକ୍ରିୟ କରାଇବା ପାଇଁ ସାରା ବିଶ୍ୱରେ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଅତ୍ୟାଧୁନିକ ଏଆଇ ଟେକ୍‌ନୋଲୋଜି ଆପଣାଉଥିବାବେଳେ ଏହା କର୍ମଚାରୀ ଛଟେଇର ଅନ୍ୟତମ କାରଣ ବୋଲି ଚ୍ୟାଲେଞ୍ଜର, ଗ୍ରେ ଆଣ୍ଡ କ୍ରିଷ୍ଟମାସ୍ ରିପୋର୍ଟରେ କୁହାଯାଇଛି। ନିଯୁକ୍ତିଦାତା ଚାଟ୍‌ଜିପିଟି ବ୍ୟବହାର କରିବାକୁ ନିଷ୍ପତ୍ତି ନେବା ପରେ ଦୁଇଜଣ କପିରାଇଟର ଜୀବିକା ହରାଇଥିବା ପ୍ରକାଶ ପାଇଥିଲା। ନିବନ୍ଧ ଲେଖିବା ପାଇଁ ମିଡିଆ କମ୍ପାନୀ ସିଏନ୍‌ଇଟି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରିବା ପରେ କେତେଜଣ ଖବରଦାତାଙ୍କୁ ଛଟେଇ କରିଛି। ସାରା ବିଶ୍ୱରେ ଏଆଇ ୩୦ କୋଟି ପୂର୍ଣ୍ଣକାଳୀନ କର୍ମଚାରୀଙ୍କ ଛଟେଇ କରିପାରେ ଏବଂ ୨୦% ନିଯୁକ୍ତି ପ୍ରଭାବିତ ହୋଇପାରେ ବୋଲି ମାର୍ଚ୍ଚରେ ଗୋଲ୍ଡମ୍ୟାନ୍ ସାଚସ୍ ପୂର୍ବାନୁମାନ କରିଥିଲା।



ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ରବିବାର ପୁରୀ ଶ୍ରୀମନ୍ଦିର ସ୍ନାନବେଦିରେ ଦାରୁଦିଅଁଙ୍କ ଦିବ୍ୟସ୍ନାନ ନୀତି ସମ୍ପନ୍ନ କରାଯାଉଛି।

# ହାତୀବେଶରେ ଦର୍ଶନ ଦେଲେ ଦାରୁଦିଅଁ

## ଦେଢ଼ଘଣ୍ଟା ନୀତି ବିଳମ୍ବ

- ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ
- ରକ୍ତଛିଟା ପଡ଼ିବାରୁ ଠାକୁରଙ୍କ ମହାସ୍ନାନ ହେଲା

ପୁରୀ ଅଫିସ, ୪।୬

ଜ୍ୟେଷ୍ଠ ପୂର୍ଣ୍ଣିମା ଶୁକ୍ଳପକ୍ଷ ଅବସରରେ ରବିବାର ଶ୍ରୀମନ୍ଦିର ସ୍ନାନବେଦିରେ ଦାରୁଦିଅଁଙ୍କ ସ୍ନାନଯାତ୍ରା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ସ୍ନାନମଣ୍ଡପରେ ପାରମ୍ପରିକ ରୀତିରେ ଅଭିମନ୍ତ୍ରିତ ୧୦୮ ଗଡ୍ଡୁ ଜଳରେ ଦିବ୍ୟସ୍ନାନ କରିବା ପରେ ଦୁର୍ଲଭ ହାତୀବେଶରେ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରି ଭକ୍ତ ଭାବବିହ୍ୱଳ ହୋଇପଡ଼ିଛନ୍ତି। ତେବେ ସ୍ନାନପୂର୍ଣ୍ଣିମା ନୀତିକାନ୍ତିରେ ପ୍ରାୟ ଦେଢ ଘଣ୍ଟା ବିଳମ୍ବ ଘଟିଛି। ସେହିପରି ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବାବେଳେ ଅଣନିଃଶ୍ୱାସୀ ହୋଇ ଜଣେ ଭକ୍ତଙ୍କ ଜୀବନ ଯାଇଛି।

ରଥଯାତ୍ରାର ଏହି ଆଦ୍ୟ ଲୀଳା ଅବସରରେ ରତ୍ନବେଦି ଛାଡ଼ି ସ୍ନାନବେଦିକୁ ଓହ୍ଲାଇ ଆସିଛନ୍ତି ଦାରୁବିଗ୍ରହ। ରବିବାର ଭୋରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ଡୋର ଲାଗି, ପୁଷ୍ପାଞ୍ଜଳି ହୋଇ ୪.୫୦ରେ ପହଣ୍ଡି ଆରମ୍ଭ ହୋଇଥିଲା। ସକାଳ ୭ଟାରେ ପହଣ୍ଡି ସରିଥିଲା। ଧାଡ଼ି ପହଣ୍ଡିରେ ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ଆସି ସ୍ନାନମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ଶ୍ରୀମଦନମୋହନ ବିଜେ ପରେ ମଧ୍ୟାହ୍ନ ୧୨ଟା ୨୦ରେ ଜଳଲାଗି ପୂଜା ଆରମ୍ଭ ହୋଇ ଅପରାହ୍ନ ୧.୨୫ରେ ସରିଥିଲା। ସୁନାକୁଅରୁ ଜଳ ଅଣାଯାଇ ଶ୍ରୀଜଗନ୍ନାଥଙ୍କୁ ୩୫, ଶ୍ରୀବଳଭଦ୍ରଙ୍କୁ ୩୩, ଦେବୀ ସୁଭଦ୍ରାଙ୍କୁ ୨୨ ଏବଂ ସୁଦର୍ଶନଙ୍କୁ ୧୮ ଗରା ଜଳରେ ସ୍ନାନ କରାଯାଇଥିଲା। ପରେ ମଇଲମ୍ ହୋଇଥିଲା। ଏହି ସମୟରେ ସ୍ନାନବେଦି ପାଖରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ନୀତି ବନ୍ଦ ରଖାଯାଇ ମହାସ୍ନାନ ନୀତି ହୋଇଥିଲା। ଏଥିଯୋଗୁ ଅନ୍ୟାନ୍ୟ ନୀତି ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଳମ୍ବ ଘଟିଥିଲା। ୪ଟା ୪୦ରେ ଗଜପତି ମହାରାଜାଙ୍କ ଦ୍ୱାରା ଛେରାପହଁରା ନୀତି ସମ୍ପନ୍ନ କରାଯାଇଥିଲା। ୪ଟା ୪୫ରେ ଶ୍ରୀବିଗ୍ରହଙ୍କୁ ହାତୀବେଶରେ ସୁସଜ୍ଜିତ କରାଯାଇଥିଲା। ଏହି ବେଶ ୬ଟା ୧୫ରେ ସରିସକାଳ ଧୂପ, ବନ୍ଦାପନା ପରେ ସାହାଣମେଲା ଆରମ୍ଭ ହୋଇଥିଲା। ତେବେ ନୀତି ବିଳମ୍ବ ହୋଇଥିଲେ ମଧ୍ୟ ଭକ୍ତଙ୍କ ପାଇଁ ଦର୍ଶନ ଜାରି ରହିଥିଲା। କେହି ବ୍ୟାରିକେଡ୍ ଭିତରେ ତ ଆଉ କେହି ସ୍ନାନବେଦି ନିକଟରେ ରହି ମହାପ୍ରଭୁଙ୍କ ହାତୀବେଶ ଦର୍ଶନ କରି ନିଜକୁ ସୌଭାଗ୍ୟବାନ୍ ମଣିଥିଲେ। ଏହି ସମୟରେ ବଡ଼ଦାଣ୍ଡରେ କିଏ ହନୁମାନ ବେଶରେ ତ ଆଉ କିଏ ଓଡ଼ିଶୀ ନୃତ୍ୟ କରି ଭକ୍ତିଭାବରେ ତଲ୍ଲୀନ ହୋଇପଡୁଥିବା ଦେଖିବାକୁ ମିଳିଥିଲା।



ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ ବ୍ୟବସ୍ଥା ହୋଇଥିଲା। ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ଲାଗି ୬୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରବଳ ଖରା ଓ ଗୁଳୁଗୁଳି କାରଣରୁ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ସିଞ୍ଚନ ବ୍ୟବସ୍ଥା ହୋଇଥିଲା। ଅନ୍ୟପକ୍ଷରେ ସ୍ନାନମଣ୍ଡପରେ ସ୍ନାନ ପରେ ସୋମବାରଠାରୁ ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରେ ପୀଡ଼ିତ ହେବେ। ଏହି ସମୟରେ ଭକ୍ତମାନେ ଦାରୁବିଗ୍ରହଙ୍କ ପଟିଦିଅଁ ଦର୍ଶନ କରି କୃତାର୍ଥ ଲାଭ କରିବେ। ସେହିପରି ଏହି ସମୟରେ ବ୍ରହ୍ମଗିରିସ୍ଥିତ ଅଲାରନାଥ ଦେବଙ୍କୁ ଦର୍ଶନ କଲେ ସମପରିମାଣର ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ତେଣୁ ଅଲାରନାଥ ମନ୍ଦିରରେ ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି।

## ଭିଡ଼ରେ ଗଲା ଭକ୍ତଙ୍କ ଜୀବନ

ପବିତ୍ର ସ୍ନାନଯାତ୍ରା ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତଙ୍କ ଜୀବନ ଯାଇଛି। ସେ ହେଲେ ରାଜସ୍ଥାନର ଆମ୍ବାଲାଲ ବୋଇ। ସେ ନିଜ ପରିବାର ଲୋକଙ୍କ ସହିତ ବ୍ୟାରିକେଡ ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ସ୍ନାନମଣ୍ଡପ ନିକଟରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତେବେ ପ୍ରବଳ ଭିଡ଼ ଯୋଗୁ ଅଣନିଃଶ୍ୱାସୀ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ସେଠାରେ ମୁତୟନ ଥିବା ପୋଲିସ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଶ୍ରୀମନ୍ଦିର ବାହାରକୁ ଆଣିଥିଲେ। ପରେ ସ୍ୱେଚ୍ଛାସେବୀଙ୍କ ସହାୟତାରେ ତାଙ୍କୁ ସିଂହଦ୍ୱାର ନିକଟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଟ୍ରେନ୍ ଦୁର୍ଘଟଣାକୁ ସାମ୍ପ୍ରଦାୟିକ ରୂପ ଦେଲେ କାର୍ଯ୍ୟାନୁଷ୍ଠାନ

## ଚେତାବନୀ ଦେଲା ଓଡ଼ିଶା ପୋଲିସ

ଭୁବନେଶ୍ୱର,୪।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗାଠାରେ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଏହି ରେଳ ବିଭୀଷିକା ପାଇଁ ବିଭିନ୍ନ ମହଲରେ ଶୋକ ପ୍ରକାଶ କରାଯାଉଥିବାବେଳେ କିଛି ମନ୍ଦ ପ୍ରକୃତିର ଲୋକ ଏହାକୁ ସାମ୍ପ୍ରଦାୟିକ ରୂପ ଦେବାକୁ ଚେଷ୍ଟା କରୁଛନ୍ତି। ସେମାନେ ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ପୋଷ୍ଟ ଭାଇରାଲ କରି ଘଟଣା ପଛର ମୁଖ୍ୟ କାରଣକୁ ହଟାଇବାକୁ ଚେଷ୍ଟା କରୁଛନ୍ତି। ତେବେ ଏଭଳି ସ୍ଥିତିରେ ଏହି ଦୁର୍ଘଟଣାକୁ ସାମ୍ପ୍ରଦାୟିକ ରୂପ ଦେବାକୁ ହେଉଥିବା ଉଦ୍ୟମକୁ ନେଇ ଓଡ଼ିଶା ପୋଲିସ ସତର୍କ କରାଇଛି। ଏଥିରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରବିବାର ରାଜ୍ୟ ପୋଲିସ ପକ୍ଷରୁ ଟୁଇଟ୍‌ଯୋଗେ ଚେତାବନୀ ଦିଆଯାଇଛି। ଉକ୍ତ ଟୁଇଟ୍‌ରେ କୁହାଯାଇଛି, ବାଲେଶ୍ୱରରେ ହୋଇଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାକୁ କିଛି ଲୋକ ସାମାଜିକ ଗଣମାଧ୍ୟମରେ ସାମ୍ପ୍ରଦାୟିକ ରଙ୍ଗ ଦେଉଥିବା ଲକ୍ଷ୍ୟ କରାଯାଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଓଡ଼ିଶା ଜିଆର୍‌ପି ପକ୍ଷରୁ ଦୁର୍ଘଟଣାର କାରଣ ଓ ଏହାର ଅନ୍ୟାନ୍ୟ ଦିଗକୁ ନେଇ ଅନୁସନ୍ଧାନ କରାଯାଉଛି। ଏହିପରି ମିଥ୍ୟା ଓ ମନ୍ଦ ଉଦ୍ଦେଶ୍ୟ ରଖି ପୋଷ୍ଟଗୁଡ଼ିକ ପ୍ରଚାର ନ କରିବାକୁ ଆମେ ସମ୍ପୃକ୍ତ ଲୋକମାନଙ୍କୁ ଅନୁରୋଧ କରୁଛୁ। ଯେଉଁମାନେ ଏଭଳି ଗୁଜବ ପ୍ରଚାର କରି ସାମ୍ପ୍ରଦାୟିକ ଅସହଯୋଗ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉକ୍ତ ଟୁଇଟ୍‌ରେ କୁହାଯାଇଛି।

# ମୃତ୍ୟୁସଂଖ୍ୟା ୨୮୮ ନୁହେଁ ୨୭୫: ମୁଖ୍ୟ ଶାସନ ସଚିବ

- ମୃତବ୍ୟକ୍ତିଙ୍କ ବିଷୟରେ ଜାଣିବାକୁ ସରକାର ଖୋଲିଲେ ୩ଟି ୱେବ୍‌ସାଇଟ୍
- ମୃତଶରୀର ନିଜ ଘରକୁ ନେବାକୁ ସୁବିଧା ଯୋଗାଉଛନ୍ତି ସରକାର

**ଚିହ୍ନଟ ହୋଇସାରିଛି ୧୨୪ ମୃତଦେହ**

ଭୁବନେଶ୍ୱର, ୪।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ପ୍ରକୃତ ମୃତ୍ୟୁସଂଖ୍ୟା ୨୮୮ ନୁହେଁ ,ତାହା ହେଉଛି ୨୭୫। ମୃତଦେହ ବାରମ୍ବାର ଗଣିବା ପରେ କିଛି ଦୁଇ ଥର ଲେଖା ଗଣତି ହୋଇଯାଇଥିଲା, ସେଥିରେ ସଂଶୋଧନ ହୋଇ ପ୍ରକୃତ ସଂଖ୍ୟା ୨୭୫ ବୋଲି ସ୍ପଷ୍ଟ ହୋଇଛି। ଏହା ବାସ୍ତବ ଭାବେ ଜଣାଇସାରିଛନ୍ତି। ୨୭୫ରୁ ୭୮ଟି ମୃତଶରୀର ଚିହ୍ନଟ ହୋଇ ସେମାନଙ୍କ ପରିବାରକୁ ହସ୍ତାନ୍ତର ହୋଇସାରିଛି। ଉଦ୍ଧାର କାର୍ଯ୍ୟ ସରିଯାଇଛି ଏବେ ଟ୍ରାକ୍ କାର୍ଯ୍ୟ ଚାଲିଛି। ମୋଟ ୧୨୪ ମରଶରୀର ଚିହ୍ନଟ ହୋଇସାରିଛି। ଗୋଟିକରେ ୨ଟି ଲେଖା କରି ୮୫ଟି ଆମ୍ବୁଲାନ୍ସ ଯୋଗେ ପର୍ଯ୍ୟାୟକ୍ରମେ ସବୁ ମୃତଶରୀର ଆଣି ଭୁବନେଶ୍ୱରରେ ପହଞ୍ଚାଯାଇଛି ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି ଯେ, ମୃତ ବ୍ୟକ୍ତିମାନଙ୍କ ଫଟୋଗ୍ରାଫ୍ ରଖାଯାଇଛି। ସେମାନଙ୍କ ଡିଏନ୍‌ଏ ସାମ୍ପଲ୍ କରିବାର ଆବଶ୍ୟକତା ମଧ୍ୟ ପଡ଼ିପାରେ। ତେଣୁ ସେମାନଙ୍କ ଯେଉଁ ଫଟୋ ଉଠାଯାଇଛି ସେଗୁଡ଼ିକୁ ୩ଟି ୱେବ୍‌ସାଇଟ୍ ମାଧ୍ୟମରେ ଅପଲୋଡ୍ କରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଦେଇଛୁ। ଫଳରେ ଫଟୋ ଦ୍ୱାରା କିଏ କାହାକୁ କାଳେ ଚିହ୍ନିପାରନ୍ତି। ମୃତ ବ୍ୟକ୍ତିଙ୍କ ଡେଥ୍ ସାର୍ଟିଫିକେଟ ମଧ୍ୟ ସୁବିଧାରେ ଦିଆଯିବା ବ୍ୟବସ୍ଥା କରାଯାଉଛି। ଏହାସହ ଯେଉଁମାନେ ମୃତବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଘରକୁ ନେବାକୁ ଚାହିଁବେ ସେମାନଙ୍କୁ ସରକାରୀ ଖର୍ଚ୍ଚରେ ପଠାଇବାର ବ୍ୟବସ୍ଥା ରାଜ୍ୟ ସରକାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାଲେଶ୍ୱର ରେଳ ଦୁର୍ଘଟଣାରେ ପୀଡ଼ିତଙ୍କ ଚିହ୍ନଟକୁ ସୁଗମ କରିବା ପାଇଁ ରାଜ୍ୟ ସରକାର ଯାତ୍ରୀମାନଙ୍କ ବିବରଣୀକୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି), ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସ୍‌ଡମା)ର ୩ଟି ୱେବ୍‌ସାଇଟରେ ଅପଲୋଡ୍ କରିଛନ୍ତି। ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଯାତ୍ରୀଙ୍କ ତାଲିକା https://srcodisha.nic.in/, https://www.bmc.gov.in, https://www.osdma.org. ୱେବସାଇଟରେ ଅପଲୋଡ୍ ହୋଇଛି।

ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି। ସେଠାରୁ ଯାନବାହନ ସହିତ ଲୋକଙ୍କୁ ଡାକ୍ତରଖାନା କିମ୍ବା ଶବଗୃହକୁ ପଠାଯିବ। ବିଏମ୍‌ସି ଏକ ହେଲ୍ପଲାଇନ ନମ୍ବର ୧୯୨୯ ଜାରି କରିଛି। ଏହା ବ୍ୟତୀତ ସମସ୍ତ ପ୍ରବେଶ ପଏଣ୍ଟରେ ହେଲ୍ପ ଡେସ୍କ ସ୍ଥାପନ କରାଯାଇଛି। କଟକ ରେଳ ଷ୍ଟେଶନ, ଏସସିବି ମେଡିକାଲ କଲେଜ, ଭୁବନେଶ୍ୱର ରେଳ ଷ୍ଟେଶନ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏବଂ ଭୁବନେଶ୍ୱର ବିମାନବନ୍ଦରରେ ଏହା ରହିଛି। ମୃତ ବ୍ୟକ୍ତିଙ୍କ ପରିବାର/ବନ୍ଧୁ/ସମ୍ପର୍କୀୟ, ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୦୦୬୧/୧୯୨୯ (୨୪ ଘଣ୍ଟିଆ)ରେ ଯୋଗାଯୋଗ କରିପାରିବେ। ସେମାନେ ନୋଡାଲ ଅଧିକାରୀଙ୍କ ସହିତ ମଧ୍ୟ ଯୋଗାଯୋଗ କରିପାରିବେ, ରାଜେଶ ପ୍ରଧାନ: ୬୩୭୦୯୪୬୨୮୭, ଆଶିଷ ପାତ୍ର: ୭୯୭୮୦୯୫୨୯୩, ଦେବାଶିଷ ମିଶ୍ର: ୬୩୭୦୫୮୫୨୨୧, ଦୀପକ କୁମାର ରାଉତ: ୮୨୪୯୨୧୭୪୧୫ ଏବଂ ସନ୍ଦୀପ ମହାରଣା: ୮୮୪୭୮୨୨୫୫୯।




# ଆଇସ୍‌କ୍ରିମ ଖାଇ ଶତାଧିକ ଅସୁସ୍ଥ

ସେମିଳିଗୁଡ଼ା /ସୁନାବେଡ଼ା,୪।୬ (ସ୍ୱ.ପ୍ର.)

ଆଇସ୍‌କ୍ରିମ ଖାଇ ୪ଟି ଗ୍ରାମର ଛୋଟ ପିଲା ଓ ଗ୍ରାମବାସୀ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଏବେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକରେ। ଖବରରୁ ଜଣାପଡ଼ିଛି, ସେମିଳିଗୁଡ଼ା ବ୍ଲକ ଦୁଧାରୀ ଗ୍ରାମ ପଞ୍ଚାୟତର ଦୁଧାରୀ ଗ୍ରାମକୁ ଶନିବାର କେତେଜଣ ବ୍ୟକ୍ତି ଆଇସ୍‌କ୍ରିମ ବିକିବାକୁ ଆସିଥିଲେ। ସେମାନେ ଆଣିଥିବା ଆଇସ୍‌କ୍ରିମକୁ ଦୁଧାରୀ, ଶୁଣ୍ଡିପୁଟ, ଘାଟଗୁଡ଼ା ଓ ବଦଳିଗୁଡ଼ା ଗ୍ରାମର ଶତାଧିକ ଛୋଟ ପିଲା ଓ ମହିଳାପୁରୁଷ କିଣି ଖାଇଥିଲେ। ପରେ ରାତି ୧୨ଟା ବେଳକୁ ଶହେରୁ ଊର୍ଦ୍ଧ୍ୱ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରିସ୍ଥିତି ଜଟିଳ ହେବାରୁ ଲୋକେ ନିକଟସ୍ଥ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ଚିକିତ୍ସା କରିଥିଲେ। ଦାମନଯୋଡ଼ିର ମାତାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ବେଳେ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୦ ଏବଂ ଦୁଧାରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ୧୨ଜଣ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବର ପାଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅରୁଣ ପାଢ଼ୀଙ୍କ ସମେତ ୩ ଜଣିଆ ଡାକ୍ତରୀ ଟିମ୍ ସେହିସବୁ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗ୍ରାମର ପିଇବା ପାଣିକୁ ଯାଞ୍ଚ କରିଛନ୍ତି। ଅନ୍ୟ ଆକ୍ରାନ୍ତମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି। ପରେ ମୁଖ୍ୟ ଚିକିତ୍ସା ଅଧିକାରୀ ପାଢ଼ୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଯାଇ ରୋଗୀମାନଙ୍କୁ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ଖବର ପାଇ ପଟ୍ଟାଙ୍ଗି ବିଧାୟକ ପୀତମ ପାଢ଼ୀ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

# ୩ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୪।୬ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକ୍‌ମା ଜିଲା ପୋଲିସ ନିକଟରେ ରବିବାର ୩ ଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ପରସ୍କି ହିଡମା, ପୋଡିୟମ ସୋମା ଓ ବେଟି ସୁକା। ଏମାନେ ସୁକ୍‌ମା ଏସ୍‌ପି ଗୌରବ ମଣ୍ଡଳ, ଅତିରିକ୍ତ ଏସ୍‌ପି ଉତ୍ତମ ପ୍ରତାପ ସିଂ, ସିଆର୍‌ପିଏଫ୍ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟକାନ୍ତ ସିଂଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଆକୃଷ୍ଟ ହୋଇ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ଏହି ତିନି ଜଣଙ୍କୁ ସମସ୍ତ ସହାୟତା ଓ ସୁବିଧା ସୁଯୋଗ ମିଳିବ ବୋଲି ଏସ୍‌ପି ମଣ୍ଡଳ କହିଛନ୍ତି।

**LAND REQUIRED**

At Main Road in the Town or Highway within 3 to 5 KM from the centre of the town for Service Activity at Various Location in Western Odisha.

3 to 20 Dec. or 1500 to 10000 Sqft.
(Min. Frontage 50ft)
1. Boudh, 2. Talcher, 3. Angul, 4.Kuchinda, 5. Titilagarh, 6. Belpahar, 7. Rajkhariar, 8. Bargarh, 9. Bolangir, 10. Jharsuguda

80 to 120 Dec. or 35000 to 50000 Sqft.
(Min. Frontage 150 ft)
1. Belpahar - By Pass
2. Koida, 3. Sundargarh-Towards Airport

Contact: 7008999837, 9776107312
Before Calling us Plz Be prepared with Exact Land Size, Google Map Location Link

GITAM
(DEEMED TO BE UNIVERSITY)
VISAKHAPATNAM | HYDERABAD | BENGALURU

NAAC A++ ACCREDITED | #1 CATEGORY GRADED AUTONOMY | ADMISSION 2023-24

OUR BUSINESS IS TEACHING YOU HOW TO LEAD ORGANIZATIONS

GITAM SCHOOL OF BUSINESS
MBA | BBA | B.Com

Among the top Business Schools in India, GSB has a rich legacy of 34 years of academic excellence. Featuring updated, industry-relevant curriculum taught by top minds holding PhDs, a degree from GSB sets you up for success in leadership roles.

INTERNATIONAL OUTLOOK
Collaborations with leading international universities.

| PROMINENT RECRUITERS | |
|---|---|
| Accenture | HDFC |
| Aditya Birla Fashion | Hindustan Unilever |
| Airtel | ITC Ltd |
| Amazon | KPMG |
| Amul | MRF Tyres |
| Asian Paints | Nestlé |
| Axis Bank | PAYTM |
| Bajaj Electricals | Philips |
| Cadbury | Reliance Industries |
| Colgate Palmolive | SBI |
| Deloitte | TCS |
| Federal Bank | Wipro Consumer Care |

6371556788 | admissions_gsb@gitam.edu | www.gitam.edu/gsb



**ଆଜିର ମନ୍ତବ୍ୟ**

"ବେଳେବେଳେ ଦେଶ ବାହାରକୁ ଗଲେ ରାଜନୀତିଠାରୁ ଆହୁରି ବଡ଼ କଥା ଥାଏ। ଦେଶ ବିରୋଧୀ ମନ୍ତବ୍ୟ ଦେବା ପରିବର୍ତ୍ତେ ଏହାକୁ ମନେରଖିବା ଉଚିତ। **-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ**





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଉ ଫାସିଆଁ,**
**କାହୁଁ ହେଲା ପୁଅ ଚାରି ମାସିଆ।।**

ଅବୈଧ ମାତୃତ୍ୱ ପ୍ରତି ଆକ୍ଷେପ। ଏହା ଏକ ସାମାଜିକ ତିରସ୍କାର। ଅବିବାହିତା ଝିଅମାନଙ୍କର ମାତୃତ୍ୱ ଲାଭ କରିବାରେ ସାମାଜିକ ବାରଣ ରହିଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କିଏ ସାତ କିଏ ସତର**
**କିଏ ନିଦା କିଏ ପଥର ।**

ସମସ୍ତଙ୍କ ସହିବା ଓ କହିବା ଗୁଣ ସମାନ ନୁହେଁ। କାହାକୁ ପଦେ କହିଲେ ସେ ସାତପଦ କହିଦିଏ ତ ଆଉ କାହାକୁ କିଛି କହିଲେ ସେ ଏତେ ସହଣିକ ଯେ ସବୁ ଶୁଣିବି ପଥର ଭଳି ଟାଣ ହୋଇ ସବୁ ସହିଯାଏ। ତେବେ ସମୟ ଆସିଲେ କିଏ ପର ଓ କିଏ ନିଜର ତାହା ଜଣାପଡିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ନବୀନ

ଭୁବନେଶ୍ୱର, ୪।୬(ବ୍ୟୁରୋ)

ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଟେଲିଫୋନ୍‌ରେ କଥା ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ଏବଂ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ସେ ଅବଗତ କରାଇଛନ୍ତି। ଆହତ ଯାତ୍ରୀଙ୍କ ଜୀବନ ବଞ୍ଚାଇବା ଲାଗି ଯାହା ଆବଶ୍ୟକ, ତାହା କରାଯିବ ବୋଲି ନବୀନ ଆଶ୍ୱସ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଗୁରୁତର ଯାତ୍ରୀଙ୍କ ଜୀବନ ରକ୍ଷା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି। ଡାକ୍ତର ଏବଂ ଡାକ୍ତରୀ ଛାତ୍ରମାନେ ଏ ଦିଗରେ ଯଥାସମ୍ଭବ ଚେଷ୍ଟା ଜାରି ରଖିଛନ୍ତି। ଡାକ୍ତର, ଛାତ୍ର ଏବଂ ସାଧାରଣ ଲୋକ ରକ୍ତଦାନ କରିବାକୁ ଆଗେଇ ଆସୁଛନ୍ତି। ଆମେ ଏକ ନୀତି ଅନୁସରଣ କରୁଛୁ, ଯେଉଁଥିରେ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ ଅଟେ'। ଉଦ୍ଧାର କାର୍ଯ୍ୟଠାରୁ ଆରମ୍ଭ କରି ଆହତଙ୍କୁ ଡାକ୍ତରଖାନାକୁ ନେବା, ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ସମସ୍ତ ପ୍ରୟାସ କରାଯାଇଛି। ଦୁର୍ଘଟଣାରେ ଆହତ ହୋଇଥିବା ୧୧୭୫ ଜଣଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅଦ୍ୟାବଧି ୭୯୩ ଜଣ ଡିସଚାର୍ଜ ହୋଇଛନ୍ତି। ବିଭିନ୍ନ ସରକାରୀ ଓ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ୩୮୨ ଜଣ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ନବୀନ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଅନ୍ୟପଟେ ବିପଦ ସମୟରେ ତ୍ୱରିତ ପଦକ୍ଷେପ ନେଇଥିବାରୁ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିପଦ ସମୟରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟକୁ ପ୍ରଶଂସା କରିଛନ୍ତି। ଏଥିସହ ରାଜ୍ୟ ସରକାର ଯେକୌଣସି ପ୍ରକାର ସହାୟତା ଆବଶ୍ୟକ କରୁଥିଲେ କେନ୍ଦ୍ର ସରକାର ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ମୃତକଙ୍କୁ ଚିହ୍ନଟ ଲାଗି ସ୍ୱତନ୍ତ୍ର ଟ୍ରେନ୍‌ରେ ଆସିଲେ ପରିବାର ଲୋକେ

**ଅନ୍ୟ ଏକ ଟ୍ରେନ୍‌ରେ ଗଲେ ଆହତ, ସମ୍ପର୍କୀୟ**

ଭୁବନେଶ୍ୱର,୪।୬(ବ୍ୟୁରୋ)

ବାଲେଶ୍ୱର ବାହାନଗାରେ ହୋଇଥିବା ଟ୍ରେନ୍ ଦୁର୍ଘଟଣାରେ ଅନେକ ଲୋକ ନିଖୋଜ ଅଛନ୍ତି। ପରିବାର ଲୋକେ ସେମାନଙ୍କ ଖୋଜଖବର ପାଇପାରୁ ନାହାନ୍ତି। ଅନ୍ୟପକ୍ଷରେ ଶତାଧିକ ମୃତଦେହ ଏଯାଏ ଚିହ୍ନଟ ହୋଇପାରି ନାହିଁ। ଏପଟେ ବହୁ ଟ୍ରେନ୍ ବାତିଲ ହୋଇଥିବାରୁ ପରିବାର ଲୋକେ କିପରି ଶୀଘ୍ର ଆସି ସେମାନଙ୍କ ଲୋକଙ୍କୁ ପାଇବେ ଓ ଆହତ ଟ୍ରେନ୍ ଯାତ୍ରୀମାନେ କିପରି ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବେ, ସେଥିପାଇଁ ରେଳ ବିଭାଗ ପକ୍ଷରୁ ୨ଟି ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି। ରବିବାର ଅପରାହ୍ଣ ୩ଟା ୪୩ରେ ଚେନ୍ନାଇରୁ ଏକ ସ୍ପେଶାଲ ଟ୍ରେନ୍ ମାଧ୍ୟମରେ ମୃତକଙ୍କ ପରିବାର ଲୋକ ଭୁବନେଶ୍ୱରରେ ପହଞ୍ଚିଥିବାବେଳେ ଅପରାହ୍ଣ ୧ଟାରେ ଭଦ୍ରକରୁ ଏକ ସ୍ୱତନ୍ତ୍ର ଟ୍ରେନ ମାଧ୍ୟମରେ ଚିକିତ୍ସିତ ଯାତ୍ରୀ ଓ ସମ୍ପର୍କୀୟଙ୍କୁ ନିଜ ଗନ୍ତବ୍ୟସ୍ଥଳକୁ ପଠାଯାଇଛି। ପୂର୍ବତଟ ରେଳପଥର ସୂଚନା ଅନୁଯାୟୀ, ଗତ ୨ ଦିନ ଟ୍ରେନ୍ ଚଳାଚଳ ବନ୍ଦ ଥିବାରୁ ମୃତକଙ୍କ ପରିବାର ଲୋକେ ପ୍ରଭାବିତ ହୋଇଥିଲେ। ରେଳ ବିଭାଗ ପକ୍ଷରୁ ୨ଟି ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଥିବାବେଳେ ଆଗାମୀ ଦିନରେ ଆଉ କେତୋଟି ଟ୍ରେନ୍‌ର ବ୍ୟବସ୍ଥା କରାଯିବ। ତେବେ ଷ୍ଟେଶନ ପରିସରରେ ମୃତକଙ୍କ ସମ୍ପର୍କୀୟଙ୍କ ଲାଗି ହେଲ୍ପଡେସ୍କ ଖୋଲା ଯାଇଛି। ହେଲ୍ପଡେସ୍କରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ଦାୟିତ୍ୱରେ ରହିଛନ୍ତି। ଦୁର୍ଘଟଣାଗ୍ରସ୍ତ ଯାତ୍ରୀଙ୍କ ପରିବାର ଲୋକଙ୍କୁ ଦାୟିତ୍ୱରେ ଥିବା ବିଏମ୍‌ସି ଅଧିକାରୀମାନେ ସ୍ୱତନ୍ତ୍ର ଗାଡି ଜରିଆରେ ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲ ନେବା ସହ ମୃତକଙ୍କ ଶରୀର କିପରି ଚିହ୍ନଟ କରିବେ ସେନେଇ ମଧ୍ୟ କୋଅର୍ଡିନେଟ୍ କରୁଛନ୍ତି। ଏଥିଲାଗି ପାଖାପାଖି ୬୦ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ୩୦ରୁ ଅଧିକ ଆମ୍ବୁଲାନ୍ସକୁ ମଧ୍ୟ ନିୟୋଜିତ କରାଯାଇଛି।

# କୋଲକାତା ଯାତ୍ରୀଙ୍କୁ ନିଃଶୁଳ୍କ ବସ୍‌ସେବା

- **ଭୁବନେଶ୍ୱର, ପୁରୀ, କଟକରୁ ଦୈନିକ ୫୦ ବସ୍ ଚାଲିବ**
- **ବାଲେଶ୍ୱର ରୁଟ୍‌ରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ନ ହେବା ଯାଏ ସୁବିଧା ମିଳିବ**

ଭୁବନେଶ୍ୱର, ୪।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ପରେ କୋଲକାତା ରୁଟ୍‌ରେ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଫଳରେ କୋଲକାତା ଯିବା ପାଇଁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ଲାଗି ରାଜ୍ୟ ସରକାର ଯୋଜନା କରିଛନ୍ତି। ବାଲେଶ୍ୱର-କୋଲକାତା ରୁଟ୍‌ରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ନ ହେବା ଯାଏ କୋଲକାତା ଯାଉଥିବା ଯାତ୍ରୀଙ୍କୁ ନିଃଶୁଳ୍କ ବସ୍‌ସେବା ଯୋଗାଇ ଦିଆଯିବ। ଏଥିଲାଗି ଭୁବନେଶ୍ୱର, ପୁରୀ, କଟକରୁ ଦୈନିକ ୫୦ ବସ୍ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଘୋଷଣା କରିଛନ୍ତି। ପୁରୀ, ଭୁବନେଶ୍ୱର ଏବଂ କଟକରୁ ଲୋକମାନେ ବିନାଦେୟରେ କୋଲକାତା ଯାଇପାରିବେ। ଏଥିଲାଗି ସମସ୍ତ ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଭରଣା କରାଯିବ ବୋଲି ଘୋଷଣା କରାଯାଇଛି।



ତେଲଙ୍ଗାନାରେ କୃଷିଠାରୁ ଶିଳ୍ପ ପର୍ଯ୍ୟନ୍ତ ବିଦ୍ୟୁତ ସେବା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରି କି ଏହି ଶକ୍ତି ଯୋଗାଣରେ ତେଲଙ୍ଗାନା ସରକାର ସାରା ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବାବେଳେ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ରାଜ୍ୟର ବିକାଶ ସହିତ କୃଷକଙ୍କଠାରୁ ଆରମ୍ଭ କରି ଶିଳ୍ପପତିମାନଙ୍କ ଆବଶ୍ୟକତାକୁ ଶତ ପ୍ରତିଶତ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରବିବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ହାଇଦ୍ରାବାଦର ବିଦ୍ୟୁତ୍ ସେବା କେନ୍ଦ୍ର ପରିସରରେ ରାଜ୍ୟର ବିଦ୍ୟୁତ ବ୍ୟବସ୍ଥା ତଦାରଖ କରୁଛନ୍ତି।

# ଅଟୋ ଦୁର୍ଘଟଣାରେ ପରିବାରର ୩ ମୃତ

- **୬ ଗୁରୁତର**
- **ଦଶାହ କାର୍ଯ୍ୟରେ ଯୋଗଦେବାକୁ ଯାଉଥିଲେ**
- **ହାଇୱାକୁ ପଛପଟୁ ଧକ୍କା ଦେଲା ଅଟୋ**

ସମ୍ବଲପୁର, ୪।୬(ବ୍ୟୁରୋ)



ଦୁର୍ଘଟଣାଗ୍ରସ୍ତ ଅଟୋ

ସମ୍ବଲପୁର-ରାଉରକେଲା ୧୦ ନମ୍ବର ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ ୱେର ପ୍ରଧାନପାଲି ଏଲ୍‌ଆଣ୍ଡଟି ଟୋଲ୍ ପ୍ଲାଜା ନିକଟରେ ରବିବାର ସକାଳ ୮ରେ ଅଟୋ ଦୁର୍ଘଟଣା ଘଟିଛି। ଏଥିରେ ପରିବାରର ୩ ଭଉଣୀଭାଇଙ୍କ ମୃତ୍ୟୁ ଘଟିଥିବାବେଳେ ୬ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ କଳାହାଣ୍ଡି ଜିଲା କେସିଙ୍ଗା ଥାନା ଭମରମାଳ ଗ୍ରାମର ପୁନମ ବାଗ, ନେମସିକା ବାଗ, ବେଣୁଧର ବାଗ। ସମ୍ବଲପୁର ଶାସନସ୍ଥିତ ନୂଆଖୁରିଗାଁ ସାଲେଶ୍ୱର ରାଇସ୍ ମିଲରେ କାମ କରୁଥିବା ଶ୍ରମିକ ପରିବାର ଦଶାହ କାର୍ଯ୍ୟରେ ଯୋଗଦେବାକୁ ନିଜ ଗାଁ ଭମରମାଳକୁ ଯାଉଥିଲେ। ପୂରା ପରିବାର ଏକ ଅଟୋ ନଂ.ଓଡି ୩୧ଜି ୧୮୮୨ ଯୋଗେ ରାଇସମିଲରୁ ସମ୍ବଲପୁର ଷ୍ଟେଶନକୁ ଟ୍ରେନ ଧରିବା ପାଇଁ ଯାଉଥିଲେ। ଟୋଲପ୍ଲାଜା ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ହାଇୱା ଜେଏଚ ୧୦ ବିଟି ୮୬୭୭କୁ ପଛପଟୁ ଅଟୋ ଧକ୍କା ଦେଇଥିଲା। ଫଳରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ଶାସନ ପୋଲିସ, ଟୋଲ୍ ପ୍ଲାଜା କର୍ମଚାରୀ ଓ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ବୁର୍ଲା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅନ୍ୟ ୬ଜଣ ବୈଧେଇ ବାଗ, ପୂର୍ବୀ ବାଗ, ଜୟନ୍ତୀ ବାଗ, ବାଦଲ ବାଗ, ପିଙ୍କି ସିକା, ଅଟୋ ଚାଳକ ଝରଘାଟି ଗ୍ରାମର ରାକେଶ ପାଣିଗ୍ରାହୀ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋ ସହିତ ହାଇୱାକୁ ଜବତ କରିଛି। ହାଇୱା ଡ୍ରାଇଭରଙ୍କୁ ଅଟକ ରଖିଛି।

# ୪୮ ଘଣ୍ଟା ପରେ ବି ଜୀବିତ

**କରମଣ୍ଡଳରେ ଯାତ୍ରା କରୁଥିଲେ, ବୁଦାମୂଳରୁ ଉଦ୍ଧାର ହେଲେ**

ବାହାନଗା,୪।୬(ଡି.ଏନ.ଏ.)



କଥାରେ ଅଛି ରଖେ ହରି ମାରେ କିଏ। ବାହାନଗା ଭୟଙ୍କର ଟ୍ରେନ ଦୁର୍ଘଟଣାର ୪୮ ଘଣ୍ଟା ପରେ ଜଣେ ଯାତ୍ରୀଙ୍କୁ ଜୀବିତ ଅବସ୍ଥାରେ ବୁଦାମୂଳରୁ ଉଦ୍ଧାର କରାଯିବା ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଭାଗ୍ୟବାନ ଯୁବକ ଜଣକ ହେଲେ ଆସାମ ଅଞ୍ଚଳର ସୁବାସ ଲାଲାଙ୍କ ପୁଅ ଧୋବା ଲାଲା। ତାଙ୍କ ପକେଟରୁ ମିଳିଥିବା କାଗଜପତ୍ରରୁ ସେ କରମଣ୍ଡଳ ଏକ୍ସପ୍ରେସରେ ଯାତ୍ରା କରୁଥିବା ଜଣାପଡିଛି। ଦୁର୍ଘଟଣା ପରେ ସେ ବଗି ଭିତରୁ ଛିଟିକି ପଡ଼ି ଏକ ବୁଦା ମୂଳରେ ଅଚେତ ହୋଇ ପଡ଼ିଥିଲେ। ରବିବାର ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ସିଏଜି ତ୍ରୁଟି ଦେଖାଇଥିଲେ...

ତଦନ୍ତ ରିପୋର୍ଟ ଦାଖଲ ଏବଂ ସେଗୁଡ଼ିକୁ ଗ୍ରହଣ କରିବାରେ ବିଫଳତା, ରେଲୱେ ପାଣ୍ଠିକୁ ପ୍ରାଥମିକତା ଦେଇ ବିନିଯୋଗ କରା ନ ଯିବା, ଟ୍ରାକ୍ ନବୀକରଣ ପାଇଁ ପାଣ୍ଠି ହ୍ରାସ ଏବଂ ସୁରକ୍ଷା କାର୍ଯ୍ୟ ତଦାରଖ ସକାଶେ କର୍ମଚାରୀ ଅଭାବକୁ ଅତ୍ୟନ୍ତ ଗମ୍ଭୀର ବିଷୟ ବୋଲି ସିଏଜି ଦର୍ଶାଇଥିଲେ। ରେଳପଥର ଭୌଗୋଳିକ ଓ ଢାଞ୍ଚାଗତ ସ୍ଥିତି ଅନୁଧ୍ୟାନ ପାଇଁ ଆବଶ୍ୟକ ଟ୍ରାକ୍ ରେକର୍ଡିଂ କାର୍‌ସ ୩୦%ରୁ ୧୦୦% ଅଭାବ ଥିବା ସିଏଜି କହିଥିଲେ। ସେହିପରି ଟ୍ରାକ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ଟିଏମ୍ଏସ୍)ର ବିଫଳତାକୁ ମଧ୍ୟ ରେଖାଙ୍କିତ କରିଥିଲେ। ଟିଏମ୍ଏସ୍ ହେଉଛି ଏକ ୱେବ୍‌ଭିତ୍ତିକ ଆପ୍ଲିକେଶନ୍, ଯାହାକି ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ଅନ୍‌ଲାଇନ୍ ମନିଟରିଂ କରିଥାଏ। ସେଥିରେ ଥିବା ଇନ୍-ବିଲ୍ଟ ମନିଟରିଂ ବ୍ୟବସ୍ଥା ଟିଏମ୍ଏସ୍ ପୋର୍ଟାଲ କାର୍ଯ୍ୟ କରୁ ନ ଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା।

୨୦୧୭ ଏପ୍ରିଲରୁ ୨୦୨୧ ମାର୍ଚ୍ଚ ମଧ୍ୟରେ ୪୨୨ଟି ଟ୍ରେନ୍ ଲାଇନ୍‌ଚ୍ୟୁତ ହେବା ପଛରେ ଇଞ୍ଜିନିୟରିଂ ଡିପାର୍ଟମେଣ୍ଟକୁ ଦାୟୀ କରାଯାଇଥିଲା। ଟ୍ରାକ୍ ରକ୍ଷଣାବେକ୍ଷଣର ଅଭାବ ଯୋଗୁ ୧୭୧ ଦୁର୍ଘଟଣା ଘଟିଥିବା କୁହାଯାଇଥିଲା। ସେହିପରି ଟ୍ରାକ୍ ବିଚ୍ୟୁତି ମଧ୍ୟ ଅନୁମତିଯୋଗ୍ୟ ସୀମାରୁ ଅଧିକ (୧୫୬ ମାମଲା) ଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଖରାପ ଚାଳନା/ ଅତ୍ୟଧିକ ଦ୍ରୁତଗତିକୁ ମଧ୍ୟ ଟ୍ରେନ୍ ପଥଚ୍ୟୁତ ହେବାର ବଡ଼ କାରଣ ବୋଲି କୁହାଯାଇଥିଲା। ୨୭୫ ମାମଲା ପାଇଁ 'ଅପରେଟିଂ ଡିପାର୍ଟମେଣ୍ଟ'କୁ ଦାୟୀ କରାଯାଇଥିଲା। ପଏଣ୍ଟ ସେଟିଂରେ ତ୍ରୁଟି ଓ ଅନ୍ୟ ଭୁଲ୍‌ଗୁଡ଼ିକ ଯୋଗୁ ୮୪% ଦୁର୍ଘଟଣା ଘଟିଥିବା ସିଏଜି ଜାଣିବାକୁ ପାଇଥିଲେ। ରୁଲ୍ସ ଆଣ୍ଡ ଜଏଣ୍ଟ ପ୍ରୋସିଜ୍ୟୁର ଅର୍ଡର୍ସ (ଜେପିଓ), କର୍ମଚାରୀଙ୍କୁ ତାଲିମ ଓ କାଉନ୍‌ସେଲିଂ, ଅପରେଶନ୍‌ର ତଦାରଖ, କର୍ମଚାରୀଙ୍କ ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ତଥା ଯୋଗାଯୋଗ ଏବଂ ନିର୍ଦ୍ଧାରିତ ପରିଦର୍ଶନରେ ଏକକାଳୀନ

ବିଫଳତା ହେତୁ ଅଧିକାଂଶ ଟ୍ରେନ୍ ଲାଇନ୍‌ଚ୍ୟୁତ ହେଉଥିବା ରିପୋର୍ଟରେ ଦର୍ଶାଯାଇଥିଲା। ୬୩% ତଦନ୍ତ ରିପୋର୍ଟକୁ ଉପଯୁକ୍ତ ସମୟରେ ଦାଖଲ କରାଯାଇ ନ ଥିଲା। ୪୯% ମାମଲାରେ ରିପୋର୍ଟଗୁଡ଼ିକୁ ଗ୍ରହଣକାରୀ ଅଧିକାରୀ ବିଳମ୍ବରେ ଗ୍ରହଣ କରିଥିଲେ।

ଉକ୍ତ ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଥିଲା ଯେ, ରାଷ୍ଟ୍ରୀୟ ରେଳ ସଂରକ୍ଷକ କୋଷରୁ ଦିଆଯାଉଥିବା ପାଣ୍ଠିକୁ ୨୦୧୭-୧୮ରୁ କ୍ରମାଗତ ୫ ବର୍ଷ ଧରି ହ୍ରାସ କରିଦିଆଯାଇଥିଲା। ଟ୍ରାକ୍ ନବୀକରଣ ପାଣ୍ଠିକୁ ମଧ୍ୟ କମାଯାଇଥିଲା। ପୂର୍ବରୁ ଯେଉଁ ପରିମାଣର ଅର୍ଥ ଦିଆଯାଇଥିଲା, ତାକୁ ମଧ୍ୟ ସମ୍ପୂର୍ଣ୍ଣ ବିନିଯୋଗ କରାଯାଇ ନ ଥିଲା ବୋଲି ସିଏଜି କହିଥିଲେ।

୨୦୧୭-୨୧ ମଧ୍ୟରେ ଘଟିଥିବା ୨୮୯ଟି ଲାଇନ୍‌ଚ୍ୟୁତ ଘଟଣାର ୨୬% ଟ୍ରାକ୍ ରିନ୍ୟୁଆଲ ସହ ଜଡ଼ିତ ଥିଲା। ୨,୯୦୮ ମାନବଯୁକ୍ତ ଲେଭଲ କ୍ରସିଂକୁ ହଟାଇବା ପାଇଁ ୨୦୧୮-୨୧ରେ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ସେଥିରୁ ୭୦% ଅର୍ଥାତ୍ ୨,୦୫୯ଟିକୁ ହଟାଯାଇଥିଲା। ବିଭିନ୍ନ ବର୍ଗରେ ନିଯୁକ୍ତି ଲାଗି ଆବଶ୍ୟକ ପଦକ୍ଷେପ ମଧ୍ୟ ନିଆଯାଇ ନ ଥିଲା। ଏଥିଯୋଗୁ ରକ୍ଷଣାବେକ୍ଷଣର ଗୁଣବତ୍ତା ପ୍ରଭାବିତ ହୋଇଥିଲା ବୋଲି ସିଏଜି ସ୍ପଷ୍ଟ କରିଥିଲେ।

## ପ୍ରକୃତ ମୃତ୍ୟୁ ସଂଖ୍ୟା ...

୧୮୨ ଜଣ ନିଖୋଜ ଅଛନ୍ତି। ନିଖୋଜଙ୍କ ବାବଦରେ କିଛି କୁହାଯାଉନାହିଁ କି ଖୋଜିବା ପାଇଁ କୌଣସି କାର୍ଯ୍ୟ କରାଯାଉନାହିଁ। ଦୁର୍ଘଟଣା ପଛରେ ରେଲୱେର ଅବହେଳା ରହିଥିବାରୁ ତାହାକୁ ଘୋଡ଼ାଇବା ପାଇଁ ମୃତ୍ୟୁସଂଖ୍ୟାକୁ ଜାଣିଶୁଣି କମ୍ ଦର୍ଶାଯାଉଛି। ମମତା ଆହୁରି କହିଛନ୍ତି ଯେ, ସତ ପଦାକୁ ଆସୁ ବୋଲି ସେ ଚାହୁଁଛନ୍ତି, କାହାରି ଇସ୍ତଫା ମାଗୁନାହାନ୍ତି। ଗୋଟିଏ ଦିନରେ କ'ଣ ତଦନ୍ତ ଶେଷ ହୋଇଗଲା। ଏତେବଡ଼ ଦୁର୍ଘଟଣା ପରେ ବି ଘଟଣାସ୍ଥଳକୁ କେନ୍ଦ୍ରୀୟ ଟିମ୍ ସମେତ ମାନବାଧିକାର, ମହିଳା, ଶିଶୁ ଆଦି ଆୟୋଗର ଟିମ୍ ଯାଇଛି କି ବୋଲି ମମତା ପ୍ରଶ୍ନ କରିଛନ୍ତି।

## ଟ୍ରେନ୍ ଦୁର୍ଘଟଣାର ତଦନ୍ତ ...

ସୂଚନା ଥାଉକି, ବାହାନଗା ରେଳଷ୍ଟେଶନ ନିକଟରେ ଶାଲିମାର-ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ ଓ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ ଦୁର୍ଘଟଣାର ଶିକାର ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ହେଲେ ଦୁର୍ଘଟଣାକୁ ୨ ଦିନ ବିତିଥିଲେ ହେଁ ଏପର୍ଯ୍ୟନ୍ତ କାହାର ଭୁଲ୍ ତାହା ସ୍ପଷ୍ଟ କରାଗଲାନାହିଁ। ଅନ୍ୟପଟେ ଘଟଣାର ତଦନ୍ତ ରେଲୱେ ସୁରକ୍ଷା ବୋର୍ଡ କରୁଥିଲା। ବୋର୍ଡ ଚାହିଁଥିଲେ ବିଭାଗୀୟ ଯାଞ୍ଚ ରିପୋର୍ଟରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିଥାଆନ୍ତା। ହେଲେ ଏପରି ନ କରି ଘଟଣାକୁ ସିବିଆଇ ତଦନ୍ତ ନିମନ୍ତେ ସୁପାରିସ କରାଯିବା ଆଲୋଚନାର ବିଷୟ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ନବମ ଚନ୍ଦ୍ର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ଲକ୍ଷ୍ୟ ମଧ୍ୟ ପୂରଣ ହୋଇଯିବ। ଗତକାଲିଠାରୁ ଆପଣ ଯାହା ଆଶା କରୁଥିଲେ ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ଉପୁଜିବ।

**ବୃଷ**
ଅଷ୍ଟମରେ ଚନ୍ଦ୍ର ପଡ଼ୋଶିନୀ କିମ୍ବା ସମ୍ପର୍କୀୟା ଭଉଣୀଙ୍କ ସହ ମତାନ୍ତର ସୃଷ୍ଟି କରିବ। ପାରିବାରିକ ସମସ୍ୟା ବାରମ୍ବାର ମନରେ ଚିନ୍ତା କରି ମନଟା ଭଲ ରହିବ ନାହିଁ। ଏଣେ କର୍ମକ୍ଷେତ୍ରର ବିଭିନ୍ନ ଘଟଣାବଳୀ ମନକୁ ଆଲୋଡିତ କରିବ। ପୁଣି କେତେକ କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇବା ସକାଶେ ମନ ବଳାଇବେ।

**ମିଥୁନ**
ଚତୁର୍ଥ କେନ୍ଦ୍ରାଧିପ ରବି ରାଶିରେ ଥିବାରୁ ଆଜିର ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଆପଣଙ୍କ ସକାଶେ ବହୁତ ଭଲ। ହାତକୁ ନେଇଥିବା ଦୀର୍ଘମିଆଦୀ କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ଅବଶ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ସାମାନ୍ୟ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ଓ କିଛି କରିବା ସକାଶେ ମନବଳାଇ କର୍ମମୁଖର ହେବେ।

**କର୍କଟ**
ପ୍ରତ୍ୟେକ କ୍ଷେତ୍ରରେ ଆଡ୍‌ଜଷ୍ଟ କରି ଚଳିପାରିବା ହେତୁ କିଛି ଅସୁବିଧା ହେବନାହିଁ। ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନାହିଁ। ପ୍ରତିଦ୍ୱନ୍ଦ୍ୱିତା ବଢ଼ିଚାଲିବା କାରଣରୁ ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପରିସ୍ଥିତିରେ ପଡି କେତେକ କାମ ଇଚ୍ଛା ନ ଥିଲେ ମଧ୍ୟ କରିବାକୁ ବାଧ୍ୟ ହେବେ।

**ସିଂହ**
ସମ୍ପର୍କୀୟଙ୍କ ସାହାଯ୍ୟରୁ ଅଟକିଥିବା କାମଟି ହଠାତ୍ ହୋଇଯିବ। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆଲୋଚନା କାଳରେ ଅପ୍ରିୟ ସତ୍ୟ କହି ବନ୍ଧୁଙ୍କ ଚକ୍ଷୁଶୀଳ ହେବେ। ବ୍ୟବସାୟ ଓ ପରିବହନରେ ଲାଭବାନ ହେବା ସହିତ ନିଜ ପରିସରରେ ପ୍ରତିଷ୍ଠିତ ହେବେ।

**କନ୍ୟା**
କର୍ମକ୍ଷେତ୍ରର ସମସ୍ୟା ସମାଧାନ ହୋଇଯିବ ଓ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ପରକଥାରେ ପଡି ଭୁଲ ମାର୍ଗ ଅନୁସରଣ କରି ହଇରାଣ ହେବେ। ଅପୂରଣୀୟ ଆଶା ମନରେ ଆଲୋଡ଼ନ କରିବା କାରଣରୁ ସାମୟିକ ଅଶାନ୍ତି ରହିବେ। ଆମଦାନୀ କାରବାର କ୍ଷେତ୍ରରେ ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ।

**ତୁଳା**
ପୂର୍ବ ଶତ୍ରୁତାକୁ ନେଇ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ପଦସ୍ଥ ବ୍ୟକ୍ତିବିଶେଷମାନଙ୍କ ନିକଟରୁ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସକାଳ ସମୟଟି ବହୁତ ଭଲ, ଅର୍ଥଲାଭ ଓ ବନ୍ଧୁ ମିଳନ ଅବଶ୍ୟ ଘଟିବ।

**ବିଛା**
ଗତକାଲି ଅପେକ୍ଷା ଆଜି ସ୍ୱାସ୍ଥ୍ୟରେ ଉନ୍ନତି, ଫ୍ଲାଟ୍ କାରବାରରେ ଅଗ୍ରଗତି, ବିବାଦୀୟ ଘଟଣାରେ ବିଜୟ ଲାଭର ସୂଚନା ରହିଛି। କାମଟି ନ ହେବା କାରଣରୁ କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଆର୍ଥିକ ସ୍ଥିତିରେ ଅଭାବ ବୋଧଜନିତ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**ଧନୁ**
ଆଜି ସକାଳୁ ଘର କଥା ଓ ପିଲାମାନଙ୍କ କିଛି ବ୍ୟତିକ୍ରମ ହେତୁ ମନଟା ଅସ୍ଥିର ରହିପାରେ। ବ୍ୟବସାୟ, ପରିବହନ, ବାଣିଜ୍ୟ ମାନ୍ଦା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସାମାଜିକ ସ୍ତରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମକର**
ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। ମାଲିମକଦ୍ଦମା, ବ୍ୟବସାୟ, ପରିବହନ ପାଇଁ ଅସୁବିଧା ହେବ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ପରିପ୍ରେକ୍ଷୀରେ ସମ୍ପର୍କୀୟ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ଧୈର୍ଯ୍ୟର ସହ ପରିସ୍ଥିତିର ସାମ୍ନା କଲେ ଉପକୃତ ହେବେ।

**କୁମ୍ଭ**
ସକାଳୁ ଜଣେ ବନ୍ଧୁଙ୍କୁ ଅନୁରୋଧ କରି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଗୃହସୀମାଜନିତ ବିବାଦ, କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପିଲାମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। ସୌଭାଗ୍ୟକ୍ରମେ ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ୍ୟ କରିପାରିବେ।

**ମୀନ**
ଆଜି ଆପଣ ଯେଉଁ କାମରେ ହାତଦେବେ ସେଥିରେ ଅବଶ୍ୟ ସଫଳତା ପାଇବେ, କିନ୍ତୁ ମାନସିକ ଅସ୍ଥିରତା ଲାଗି ରହିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ଖାଦ୍ୟପେୟର ବିଷମତାଜନିତ ହଠାତ୍ ଅଜୀର୍ଣ୍ଣ ଓ ଅମାଶୟ ଦେଖାଦେଇପାରେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଆଷାଢ଼ କୃଷ୍ଣ ଦ୍ୱିତୀୟା ସୋମବାର, ବ୍ରହ୍ମଗିରିରେ ଅଲାରନାଥ ଦର୍ଶନ ଆରମ୍ଭ, ଜୁନ୍ ୫ ତାରିଖ, ବିଶ୍ୱ ପରିବେଶ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୮।୪୧ ଗତେ, ଘ୧୦।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୬।୪୯ ଗତେ, ଘ.୦୮।୨୭ ମଧ୍ୟେ ରାହୁକାଳ।

# ପ୍ଲାଷ୍ଟିକ୍ ବଳୟରେ ବିଶ୍ୱ

**ପ୍ରତିବର୍ଷ ଜୁନ୍ ୫ ତାରିଖକୁ 'ବିଶ୍ୱ ପରିବେଶ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରଦୂଷିତ ପରିବେଶ ସମ୍ପର୍କରେ ଉପସ୍ଥାପନା...**



ପ୍ଲାଷ୍ଟିକ୍ ମୁଖ୍ୟତଃ କୋଇଲା, ପେଟ୍ରୋଲିୟମ ଇତ୍ୟାଦି କିଛି ଜୀବାଶ୍ମ ଇନ୍ଧନ କଞ୍ଚାମାଲରୁ ପ୍ରସ୍ତୁତ ଏକ କୃତ୍ରିମ ସଂଶ୍ଳେଷିତ ପଦାର୍ଥ। ପ୍ଲାଷ୍ଟିକ୍ ତିଆରି ସାମଗ୍ରୀ ହାଲୁକା, ଶସ୍ତା ଓ ମଜଭୁତ ହୋଇଥିବାରୁ ଏହାର ଚାହିଦା ବୃଦ୍ଧି ପାଇଛି । ପ୍ଲାଷ୍ଟିକ୍ ପ୍ରକୃତରେ ଏକ ନିର୍ଦ୍ଦିଷ୍ଟ ଅଣୁର ବହୁମାତ୍ରାରେ ପୁନରାବୃତ୍ତିଶୀଳ ଦୀର୍ଘ ଶୃଙ୍ଖଳ ବିଶିଷ୍ଟ ଏକ ରାସାୟନିକ ପଲିମର । ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ସଂଶ୍ଳେଷିତ ପ୍ଲାଷ୍ଟିକ୍ ୧୯୦୭ ମସିହାରେ ବେଲ୍‌ଜିୟମ ଦେଶର ଲିଓ ବେକେଲାଣ୍ଡ ନାମକ ଜଣେ ବୈଜ୍ଞାନିକ ପ୍ରସ୍ତୁତ କରି ପ୍ୟାଟେଣ୍ଟ ହାସଲ କରିଥିଲେ ।

ବିଗତ ୧୯୫୦ ଦଶକରୁ ୨୦୧୮ ମସିହା ମଧ୍ୟରେ ବିଶ୍ୱରେ ସମୁଦାୟ ୬୩୦ କୋଟି ଟନ୍ ପ୍ଲାଷ୍ଟିକ୍ ପ୍ରସ୍ତୁତ ହୋଇ ସାରିଛି । ୨୦୧୯ ସୁଦ୍ଧା ବିଶ୍ୱରେ ପ୍ରତିବର୍ଷ ୩୬.୫ କୋଟି ଟନ୍ ପ୍ଲାଷ୍ଟିକ୍ ଉତ୍ପାଦିତ ହେଉଛି। ଏଥିମଧ୍ୟରୁ ସର୍ବାଧିକ ଉତ୍ପାଦନ ୫୧% ଭାଗ କେବଳ ଏସିଆ ମହାଦେଶରେ ହେଉଛି। ଚାଇନା ବିଶ୍ୱର ସର୍ବାଧିକ ପ୍ଲାଷ୍ଟିକ୍ ଉତ୍ପାଦନକାରୀ ରାଷ୍ଟ୍ର । ଦିନକୁଦିନ ପ୍ଲାଷ୍ଟିକ୍‌ର ଉତ୍ପାଦନ ବୃଦ୍ଧି ପାଉଥିବାରୁ ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୨୦୫୦ ମସିହା ସୁଦ୍ଧା ବିଶ୍ୱରେ ସମୁଦାୟ ପ୍ଲାଷ୍ଟିକ୍ ଉତ୍ପାଦନର ପରିମାଣ ପ୍ରତିବର୍ଷ ୧୧୦ କୋଟି ଟନ୍ ଅଙ୍କକୁ ଅତିକ୍ରମ କରିଯିବ ବୋଲି ଆଶଙ୍କା କରାଯାଉଛି ।

ପ୍ଲାଷ୍ଟିକ୍‌ର ଏକ ବଡ଼ ପ୍ରତିକୂଳ ପ୍ରଭାବ ହେଉଛି ଏହା ବିଘଟିତ ହୋଇ ମାଟିରେ ମିଶିପାରେ ନାହିଁ । ସୁତରାଂ ପ୍ଲାଷ୍ଟିକ୍ ଆବର୍ଜନାକୁ ସୁଚାରୁ ପରିଚାଳନା କରି ନିରାପଦ ଉପାୟରେ ପ୍ରକୃତିରେ ବିସର୍ଜନ କରିବା ବୈଜ୍ଞାନିକଙ୍କ ପାଇଁ ଏବେ ଏକ ବିରାଟ ଆହ୍ୱାନ ପାଲଟି ଯାଇଛି । ସମୁଦାୟ ବିଶ୍ୱ ପ୍ଲାଷ୍ଟିକ୍ ଉତ୍ପାଦନର ମାତ୍ର ୯% ଭାଗ ପୁନଃଚକ୍ରୀକରଣ(ରିସାଇକ୍ଲିଂ) ହେଉଥିଲାବେଳେ କେବଳ ୧୨% ଭାଗକୁ ଭସ୍ମୀକରଣ(ଇନ୍‌ସାଇନେରେଶନ) ପ୍ରକ୍ରିୟା ଜରିଆରେ ପୋଡ଼ି ନଷ୍ଟ କରିଦିଆଯାଏ । ସୁତରାଂ ପ୍ରାୟ ୭୯% ଭାଗ ପ୍ଲାଷ୍ଟିକ୍ ବିଘଟିତ ନ ହୋଇ ଆମ ଜୈବମଣ୍ଡଳରେ ଜମା ହୋଇ ପ୍ଲାଷ୍ଟିକ୍ ଆବର୍ଜନା ସୃଷ୍ଟି କରେ, ଯାହା ଏବେକାର ଏକ ବଡ଼ ପରିବେଶୀୟ ସଙ୍କଟ ରୂପେ ମୁଣ୍ଡ ଟେକିଛି ।

ବିଶ୍ୱର ବିକଶିତ ରାଷ୍ଟ୍ରଗୁଡ଼ିକରେ ସମୁଦାୟ ଉତ୍ପାଦନର ପ୍ରାୟ ୫୦% ଭାଗ ପ୍ଲାଷ୍ଟିକ୍ ପ୍ୟାକେଜିଂ କ୍ଷେତ୍ରରେ ବ୍ୟବହୃତ ହୁଏ । ଏ କ୍ଷେତ୍ରରେ ଆଉ ଏକ ସମସ୍ୟା ହେଲା, ଏବେକାର ବ୍ୟସ୍ତବହୁଳ ଜୀବନଶୈଳୀରେ ମାତ୍ର ଥରୁଟିଏ ପାଇଁ ବ୍ୟବହାରଶୀଳ ପ୍ଲାଷ୍ଟିକର ବହୁଳ ପ୍ରସାର । ଆମେ ବ୍ୟବହାର କରୁଥିବା ପ୍ଲାଷ୍ଟିକରେ ନିର୍ମିତ ଡିସ୍ପୋଜେବଲ ଥାଳି, ଗିଲାସ, ଚାମଚ ଓ କପ୍ ଇତ୍ୟାଦି ସାମଗ୍ରୀକୁ ଥରେମାତ୍ର ବ୍ୟବହାର କରି ଫିଙ୍ଗି ଦିଆଯାଏ, ଯାହା ଗୁରୁତର ପରିବେଶୀୟ ସମସ୍ୟା ସୃଷ୍ଟି କରିଥାଏ ।

**ଜଳ ପ୍ରଦୂଷଣ:** ପ୍ଲାଷ୍ଟିକ୍ ପ୍ରଦୂଷଣର ପ୍ରମୁଖ ଶିକାର ହେଉଛି ପୃଥିବୀର ସମୁଦ୍ର ଓ ମହାସମୁଦ୍ର । ଏକ ହିସାବରୁ ଜଣାଯାଏ ଯେ, ପ୍ରତି ବର୍ଷ ପ୍ରାୟ ୮୮ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ସାମଗ୍ରୀ ସମୁଦ୍ର ତଟବର୍ତ୍ତୀ ଅଧିବାସୀଙ୍କ ବ୍ୟବହାର ଯୋଗୁ ସମୁଦ୍ରରେ ଆବର୍ଜନା ରୂପେ ମିଶିଥାଏ । ଅର୍ଥାତ୍, ସମୁଦ୍ରରେ ପ୍ରତି ମିନିଟରେ ପ୍ରାୟ ୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶୁଛି, ଯାହା ଏକ ଟ୍ରକଭର୍ତ୍ତି ଆବର୍ଜନା ସଙ୍ଗେ ସମାନ। ୨୦୧୩ ମସିହା ସୁଦ୍ଧା ପୃଥିବୀର ସମୁଦ୍ରରେ ପ୍ରାୟ ୮୬୦ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ମିଶିଛି। ଏହି ପ୍ଲାଷ୍ଟିକ୍ ଆବର୍ଜନା ସମୟକ୍ରମେ ଭାଙ୍ଗି କ୍ଷୁଦ୍ର କ୍ଷୁଦ୍ର କଣିକାରେ ପରିଣତ ହୁଏ, ଯାହାକୁ 'ମାଇକ୍ରୋପ୍ଲାଷ୍ଟିକ୍' କହନ୍ତି । ଏହା ଘଟଣାକ୍ରମେ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବିଭିନ୍ନ ଜଳଚର ଜୀବ ଯଥା ମାଛ, କଇଁଛ, ଡଲଫିନ୍, ତିମି, ସାମୁଦ୍ରିକ ପକ୍ଷୀଙ୍କ ଶରୀରକୁ ସଂଚାରିତ ହୁଏ। ଏହା ସେମାନଙ୍କ ପାକସ୍ଥଳୀରେ ଭରିଯିବା ହେତୁ ସେମାନଙ୍କ ଖାଦ୍ୟ ଗ୍ରହଣ କ୍ଷମତା ଗୁରୁତର ହ୍ରାସ ପାଇ ପରିଶେଷରେ ସେମାନଙ୍କ ମୃତ୍ୟୁ ଘଟେ । ତେବେ ଏକ ଆକଳନରୁ ଜଣାଯାଏ ଯେ, ବର୍ତ୍ତମାନ ଭଳି ପ୍ଲାଷ୍ଟିକ୍ ଆବର୍ଜନା ଧାରା ଅବ୍ୟାହତ ରହିଲେ ଆଗାମୀ ୨୦୫୦ ବେଳକୁ ସମୁଦ୍ରରେ ବିସର୍ଜିତ ମୋଟ ପ୍ଲାଷ୍ଟିକ୍‌ର ଓଜନ ସମୁଦାୟ ମାଛଙ୍କ ଓଜନକୁ ମଧ୍ୟ ଟପିଯିବ !

ଆମକୁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍‌ର ବ୍ୟବହାର ହ୍ରାସ କରିବାକୁ ପଡ଼ିବ। ଆମକୁ ପ୍ଲାଷ୍ଟିକ୍ ଓ ପଲିଥିନ ବ୍ୟାଗ୍ ପରିବର୍ତ୍ତେ କପଡ଼ା ତିଆରି ଥଳି କିମ୍ବା ଝୋଲା ବ୍ୟବହାର କରିବାକୁ ହେବ । ପ୍ଲାଷ୍ଟିକ୍ ସାମଗ୍ରୀର ଚାହିଦା ହ୍ରାସ ପାଇଲେ ଯାଇ ଏହାର ଉତ୍ପାଦନ ପରିମାଣ କମିବ। ବୈଜ୍ଞାନିକମାନଙ୍କୁ ଅଣବିଘଟନଶୀଳ ପ୍ଲାଷ୍ଟିକ ପରିବର୍ତ୍ତେ ଜୈବବିଘଟନଶୀଳ ଓ ମାଟିରେ ସହଜରେ ମିଶି ପାରୁଥିବା ନୂତନ ପ୍ଲାଷ୍ଟିକ୍ ବିକଶିତ କରିବାକୁ ହେବ । ଆଉ ଥରୁଟିଏ ପାଇଁ ବ୍ୟବହାରଶୀଳ ପ୍ଲାଷ୍ଟିକ ପଦାର୍ଥକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ହେବ । ସୁତରାଂ ଆଗାମୀ ଦିନରେ ଆମର ବିଶ୍ୱକୁ ପ୍ଲାଷ୍ଟିକ୍‌ର ବିଷାକ୍ତ ପ୍ରଭାବରୁ ରକ୍ଷାକରି ଏକ ପ୍ଲାଷ୍ଟିକ୍‌ମୁକ୍ତ ସମାଜ ଗଠନ କରିବାକୁ ହେଲେ ବ୍ୟବହାର ହ୍ରାସ, ପୁନଃ ଚକ୍ରୀକରଣ ଓ ପୁନଃ ବ୍ୟବହାର ଆମର ମନ୍ତ୍ର ହେବା ଜରୁରୀ ।

**- ନିକୁଞ୍ଜ ବିହାରୀ ସାହୁ,**
ଏଜୁକେଶନ୍ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୦୧୮୭୦୮୮୫୮

## ଏ ବର୍ଷର ବାର୍ତ୍ତା

## 'ପ୍ଲାଷ୍ଟିକ୍ ପ୍ରଦୂଷଣ ଓ ଏହାର ନିରାକରଣ'

ପରିବେଶ ପ୍ରଦୂଷଣ ଏବେ ଅନେକଙ୍କୁ ରୋଗଗ୍ରସ୍ତ କରାଉଛି। ଏପରି କି ଏହା କେତେକଙ୍କ ପାଇଁ ଜୀବନନାଶର କାରଣ ସାଜୁଛି। ତେବେ ପରିବେଶ ସଚେତନତା ଲାଗି ପ୍ରତିବର୍ଷ ଜୁନ୍ ୫ ତାରିଖକୁ 'ବିଶ୍ୱ ପରିବେଶ ଦିବସ' ଭାବରେ ପାଳନ କରାଯାଇଆସୁଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି, 'ପ୍ଲାଷ୍ଟିକ୍ ପ୍ରଦୂଷଣ ଓ ଏହାର ନିରାକରଣ'।

## ପ୍ଲାଷ୍ଟିକ୍ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ

ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ୍ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ, ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ପରିବେଶକୁ ନିର୍ଗମନ ଘଟେ। ପୁଣି ପ୍ଲାଷ୍ଟିକ୍ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡ଼ି ନଷ୍ଟ କରାଯିବା ଦ୍ୱାରା ମଧ୍ୟ ଅନେକ ସବୁଜଘର ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହୁଏ । ୨୦୧୯ରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ ଯେ, ପ୍ଲାଷ୍ଟିକ୍ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁ ବାୟୁମଣ୍ଡଳକୁ ସମୁଦାୟ ୮୫୦ ମିଲିୟନ ଟନ୍ ସବୁଜଘର ଗ୍ୟାସ ଉତ୍ସର୍ଜିତ ହୋଇଛି। ଆଗାମୀ ୨୦୫୦ ମସିହା ବେଳକୁ ଏହା ଆଶାତୀତ ବୃଦ୍ଧି ପାଇ କେବଳ ପ୍ଲାଷ୍ଟିକ ଯୋଗୁ ଉତ୍ସର୍ଜିତ ସବୁଜଘର ଗ୍ୟାସର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଆଶଙ୍କା ପ୍ରକାଶ କରାଯାଏ । ଏହା ଉଦ୍‌ବେଗଜନକ ନୁହେଁ କି? ଏହି ବିପୁଳ ସବୁଜଘର ଗ୍ୟାସ୍ ଯେ ଭବିଷ୍ୟତରେ ବିଶ୍ୱତାପନ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ଘୋର ତ୍ୱରାନ୍ୱିତ କରିବ ଏଥିରେ ସନ୍ଦେହ ନାହିଁ।




## ପରିବେଶ ଦିବସ ସମ୍ପର୍କରେ...

### ମାଟି ମା'ର ଅବଦାନକୁ ବୁଝିପାରୁନାହାନ୍ତି



ପୃଥିବୀ ମା' ପାଖରୁ ଆମେ ପାଣି, ମାଟିଠାରୁ ଆରମ୍ଭ କରି ସବୁକିଛି ମାଗଣାରେ ନେଉଛୁ। ମାତ୍ର ମା'ର ସେହି ଅବଦାନକୁ କେହି ବୁଝିପାରୁନାହାନ୍ତି। ନଦୀ, ନାଳ ସହିତ ଆଖପାଖ ପରିବେଶକୁ ଅପରିଷ୍କାର କରୁଛନ୍ତି। ପରିବେଶ ପ୍ରଦୂଷଣର ପ୍ରଭାବ ଜଳବାୟୁ ପରିବର୍ତ୍ତନ ଉପରେ ପଡୁଛି। ମାତ୍ର ଏ ନେଇ କେହି ସଚେତନ ହେଉନାହାନ୍ତି। ୯୯ ପ୍ରତିଶତ ଲୋକ କେବଳ କଥା କୁହନ୍ତି, ମାତ୍ର କାମ କରନ୍ତି ନାହିଁ। ପ୍ରତ୍ୟେକ ବ୍ୟକ୍ତି ନିଜର ନୈତିକ ଦାୟିତ୍ୱ ବା କର୍ତ୍ତବ୍ୟକୁ ବୁଝି ପରିବେଶର ସୁରକ୍ଷା କରିବା ଆଜିର ଦିବସର ଆହ୍ୱାନ ହେବା ଦରକାର।

**-ଶୁଭକାନ୍ତ ସାମଲ, ପରିବେଶବିତ୍**

### ବ୍ୟକ୍ତିଗତ ସ୍ତରରେ କାର୍ଯ୍ୟ କରିବା ଦରକାର



ପରିବେଶ ସୁରକ୍ଷା ପାଇଁ ଅନେକ ଲୋକ ନିଜ ନିଜ ସ୍ତରରେ ବାର୍ତ୍ତା ଦେଉଛନ୍ତି। କିଏ ବାଲୁକାକଳାରେ ଚିତ୍ର ଆଙ୍କୁଛନ୍ତି ତ ଆଉ କିଏ ସାଇକେଲ ଶୋଭାଯାତ୍ରା, ପଦଯାତ୍ରା, ସଭାସମିତି କରି ଏ ନେଇ ଆଲୋଚନା କରୁଛନ୍ତି। ମାତ୍ର ବାସ୍ତବରେ କେବଳ ଏହାଦ୍ୱାରା ପରିବେଶକୁ ସୁରକ୍ଷା କରାଯାଇ ପାରିବନାହିଁ। ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ଲୋକ ଆଗେଇ ଆସି କାର୍ଯ୍ୟ କରିବା ଦରକାର। ଏହାବାଦ୍ ଇ-ବାଇକ୍, ଇ-ସାଇକେଲ ଚାଳନା, ସୋଲାର ସିଷ୍ଟମକୁ ଆପଣାଇବା, ସିଡ୍‌ବଲ୍ ଉପରେ ବ୍ୟାପକ ସଚେତନତା, ବୋରିଂ ବଦଳରେ କୂଅ ଖନନ କରିବା, ପ୍ଲାଷ୍ଟିକ୍‌କୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଆଦି ଦିଗ ଉପରେ କାର୍ଯ୍ୟ କରିବା ଆବଶ୍ୟକ। ସେହିପରି ଜନସଂଖ୍ୟା ନିୟନ୍ତ୍ରଣ ଉପରେ ମଧ୍ୟ ସଚେତନତା ସୃଷ୍ଟି ଜରୁରୀ। କାରଣ ଜନସଂଖ୍ୟା ବଢ଼ିବା ଦ୍ୱାରା ସେମାନଙ୍କ ରହିବା ଓ ଅନ୍ୟାନ୍ୟ ସୁବିଧା ପାଇଁ ଜଙ୍ଗଲ କଟା ହେଉଛି, ଯାହାକି ପରିବେଶ ସନ୍ତୁଳନ ନଷ୍ଟ କରିବାର ଏକ ପ୍ରମୁଖ କାରଣ ପାଲଟୁଛି।

**-ସୁଶାନ୍ତ ସାହୁ, ପରିବେଶବିତ୍**

### ସବୁଦିନ ପରିବେଶ ସୁରକ୍ଷା ଉପରେ ଦୃଷ୍ଟି ଦିଆଯାଉ



ଉତ୍ତମ ପରିବେଶ ରହିଲେ ହିଁ ମନୁଷ୍ୟ ଜାତି ଏବଂ ସମ୍ପୂର୍ଣ୍ଣ ବିଶ୍ୱ ତିଷ୍ଠି ରହିବ। ସମସ୍ତେ ବିଶ୍ୱ ପରିବେଶ ଦିବସର ମହତ୍ୱ ଭଲ ଭାବରେ ବୁଝିବା ଦରକାର। ବିଶେଷକରି ଆଜିର ଯୁବ ସମାଜ ପରିବେଶ ସୁରକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ନେବା ଆବଶ୍ୟକ। ଚଳିତ ବର୍ଷ ପରିବେଶ ଦିବସର ଥିମ୍ ରହିଛି 'ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା'। ପ୍ଲାଷ୍ଟିକ ପାଇଁ ମାଟି, ନଦୀ, ନାଳ ସବୁକିଛି ପ୍ରଦୂଷିତ ହେଉଛି। ପ୍ଲାଷ୍ଟିକ୍‌ଜନିତ ପ୍ରଦୂଷଣ ମାରାତ୍ମକ ରୋଗ ଭଳି ନିଜର କାୟା ବିସ୍ତାର କରିବାରେ ଲାଗିଛି। ଏହା ଉପରେ ରୋକ୍ ଲଗାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଗେଇ ଆସିବାକୁ ପଡିବ। କେବଳ ଜୁନ୍ ୫ ନୁହେଁ, ସବୁଦିନ ପରିବେଶ ସୁରକ୍ଷା ଉପରେ ଦୃଷ୍ଟି ଦେଇ ଗଛ ଲଗାଇବା ଓ ତାହାର ଯତ୍ନ ନେବା ନିତାନ୍ତ ଆବଶ୍ୟକ।

**-ପ୍ରିୟବ୍ରତ ପଣ୍ଡା, ପରିବେଶବିତ୍**

# ନୀରୋଗ ଶରୀର ଓ ସୁସ୍ଥ ପରିବେଶ

ଆମ ଦେଶର ପାରମ୍ପରିକ ରୀତିନୀତି ଅନୁସାରେ ବର୍ଷକ ୬ ଋତୁ ବୋଲି ବିବେଚନା କରାଯାଇଥାଏ। ଋତୁ ଅନୁଯାୟୀ ମନୁଷ୍ୟ ଶରୀରରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ। ବର୍ତ୍ତମାନ ସମଗ୍ର ବିଶ୍ୱରେ ପରିବେଶ ପ୍ରଦୂଷଣ ସ୍ୱାସ୍ଥ୍ୟ ପାଇଁ ସତର୍କଘଣ୍ଟି ସାଜିଛି। ଜଙ୍ଗଲ ଧ୍ୱଂସ କରିବା, ବୃକ୍ଷରୋପଣ ନ କରିବା, ସବୁଜ ବନାନିକୁ କାଟି ନଷ୍ଟ କରିବା ଦ୍ୱାରା ଜଳବାୟୁରେ ଅମ୍ଳଜାନ ପରିମାଣ ହ୍ରାସ ପାଉଛି। ଅପରପକ୍ଷେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ଦିନକୁ ଦିନ ବଢ଼ି ଚାଲିଛି। ବିଜ୍ଞାନ ମତାନୁଯାୟୀ ମାନବ ଜାତି ପୃଥିବୀ ପୃଷ୍ଠରେ ତିଷ୍ଠି ରହିବା ପାଇଁ ସୁସ୍ଥ ପରିବେଶର ଆବଶ୍ୟକତା ରହିଛି। ତେଣୁ ପରିବେଶକୁ କିପରି ପ୍ରଦୂଷଣମୁକ୍ତ କରାଯାଇପାରିବ, ସେ ନେଇ ଚେଷ୍ଟା କରାଯିବା ଜରୁରୀ। ଏ ନେଇ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଜୁନ୍ ୫ ତାରିଖକୁ 'ବିଶ୍ୱ ପରିବେଶ ଦିବସ' ଭାବରେ ପାଳନ କରାଯାଇଥାଏ।

ଆଜିର ମନୁଷ୍ୟ ନିଜର କ୍ଷଣସ୍ଥାୟୀ ଉପଯୋଗିତାକୁ ଗୁରୁତ୍ୱ ଦେଇ, ଦୀର୍ଘବର୍ଷଧରି ବଣଜଙ୍ଗଲରେ ବଞ୍ଚି ରହିଥିବା ବିଶାଳକାୟ ବୃକ୍ଷଗୁଡ଼ିକୁ କାଟି ସଫା କରିଦେଉଛି। ନିଜର ସୁବିଧା ପାଇଁ ଜଙ୍ଗଲରେ ଅଗ୍ନି ସଂଯୋଗ କରିବା ହେତୁ ବହୁମୂଲ୍ୟ ପ୍ରାକୃତିକ ସମ୍ପଦ ଅଳ୍ପ ସମୟ ମଧ୍ୟରେ ଜଳିପୋଡି ପାଉଁଶ ହେଇଯାଉଛି। ଏହାଦ୍ୱାରା ବଣଜଙ୍ଗଲରେ ବାସ କରୁଥିବା ବାଘ, ଭାଲୁ, ବାରହା, ହାତୀ, ସର୍ପ ଆଦି ବିଭିନ୍ନ ବନ୍ୟଜନ୍ତୁ ସମୂହ ଗ୍ରାମାଭିମୁଖୀ ହେଉଛନ୍ତି। ସେମାନଙ୍କ ଆକ୍ରମଣରେ ଧନଜୀବନ ହାନି ହେଉଛି।

ପ୍ରକୃତି ଓ ପରିବେଶ ଅସନ୍ତୁଳିତ ରହିଲେ ତାହା ପ୍ରାଣିଜଗତ ପାଇଁ କ୍ଷତିକାରକ। ତେଣୁ ସୁସ୍ଥ ଓ ଦୀର୍ଘାୟୁ ପାଇଁ ଉତ୍ତମ ପରିବେଶ ନିହାତି ଜରୁରୀ। ଏହାର ଆଶୁ ପ୍ରତିକାର ନିମନ୍ତେ ଆମର ବାସଗୃହ ତଥା ପାରିପାର୍ଶ୍ୱିକ ସ୍ଥାନରେ ବୃକ୍ଷରୋପଣର ଆବଶ୍ୟକତା ରହିଛି।

**- ଡା. ବସନ୍ତ କୁମାର ଷଡ଼ଙ୍ଗୀ,**
ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି,
ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭






















See Career Appointment on every Wednesday & Saturday

> ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି– ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। **–ଶ୍ରୀଅରବିନ୍ଦ**



# ଦୃଷ୍ଟି ଏପଟସେପଟ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମାର୍ଚ୍ଚ ୨୦୨୨ରେ ନ୍ୟାଶନାଲ ଅଟୋମେଟିକ୍ ଟ୍ରେନ୍ ପ୍ରୋଟେକ୍ଶନ (ଏନ୍ଏଟିପି) ବା କବଚ କାର୍ଯ୍ୟକାରୀ ହେବା ଅବସରରେ କହିଥିଲେ, ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ବ୍ୟବସ୍ଥା ରେଳ ସୁରକ୍ଷା କ୍ଷେତ୍ରରେ ଅପୂର୍ବ ଉନ୍ନତି ଆଣିବ। ଦକ୍ଷିଣ କେନ୍ଦ୍ରୀୟ ରେଳପଥ (ଏସ୍ସିଆର୍) ସିକନ୍ଦରାବାଦ ଡିଭିଜନର ଭିକରାବାଦ ସେକ୍ସନ ଦେଇ ଟ୍ରେନ୍ରେ ମନ୍ତ୍ରୀ ଗଲା ବେଳେ ଏହି ବ୍ୟବସ୍ଥାର ସଫଳତା ବିଷୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ, କବଚକୁ ଏଭଳି ଡିଜାଇନ୍ କରାଯାଇଛି ଯେଉଁଥିରେ ଗୋଟେ ଟ୍ରେନ୍ ରେଳପଥ ଉପରେ ଯାଉଥିବା ବେଳେ ସେହି ସମାନ ଟ୍ରାକ୍ରେ ଆଉ ଗୋଟେ ରେଳ ଆସୁଥିବା ଦେଖାଯିବା ମାତ୍ରେ ଉଭୟେ ଆପେ ଆପେ ଯେଝା ସ୍ଥାନରେ ରହିଯିବେ। ଏପରି କି କୌଣସି ସ୍ଥାନରେ ମନୁଷ୍ୟକୃତ ତ୍ରୁଟି ଯୋଗୁ ଯଦି ଗୋଟେ ଟ୍ରେନ୍ ରେଡ୍ ସିଗ୍ନାଲକୁ ନ ମାନି ଆଗକୁ ଚାଲିଯାଉଥିବ ସେତେବେଳେ ଡିଜିଟାଲ ସିଷ୍ଟମ୍ର ନିର୍ଦ୍ଦେଶ ଅନୁଯାୟୀ ତାହା ସେହିଠାରେ ଅଟକିଯିବ। ଯେଉଁଭଳି ଭାବେ କବଚ ବିଷୟରେ ବର୍ଣ୍ଣନା କରାଯାଇଥିଲା ତାହା କାନକୁ ଭଲ ଶୁଭିଥିଲା। ମନ୍ତ୍ରୀ ସେତେବେଳେ ଆହୁରି କହିଥିଲେ ଯେ, ଏହି ବ୍ୟବସ୍ଥା ଭାରତୀୟ ରେଳରେ ବ୍ୟବହାର କରାଯିବା ସହିତ ଆଗାମୀ ଦିନରେ ବିଶ୍ୱକୁ ତାହା ରପ୍ତାନି କରାଯିବ। କିନ୍ତୁ ଭାଗ୍ୟ ଯେତେବେଳେ ଖରାପ ପଡ଼େ, ଅଶ୍ୱିନୀ ବୈଷ୍ଣବ ରାଜ୍ୟ ସଭାକୁ ମନୋନୀତ ହୋଇ ଯାଇଥିବା ଓଡ଼ିଶାରେ ତାଙ୍କ ଅସତ୍ୟ ବାଣୀ ଧରାପଡ଼ିଛି। କୁହାଯାଇପାରେ ଯେ, ଗ୍ଲୋବାଲ ପୋଜିଶନିଂ ସିଷ୍ଟମ (ଜିପିଏସ୍) ଉପରେ ଆଧାରିତ କବଚ କୌଣସି ଭାବେ ଏକ ସଫଳ ବ୍ୟବସ୍ଥା ନୁହେଁ। ମୁଖ୍ୟ ରେଳ ଲାଇନ୍ଗୁଡ଼ିକରେ ଏପର୍ଯ୍ୟନ୍ତ ଖଞ୍ଜାଯାଇ ନ ଥିବାରୁ ଏହାର କାର୍ଯ୍ୟକାରିତା ସମ୍ପର୍କରେ କୌଣସି ପ୍ରମାଣ ମିଳିନାହିଁ। କିନ୍ତୁ ଆଜିର ସରକାର ବାକ୍-ସ୍ୱାଧୀନତା ପରିବର୍ତ୍ତେ ବାକ୍-ବାଚଳାମିରେ ବହୁ ଆଗରେ ଅଛନ୍ତି ବୋଲି ଅଶ୍ୱିନୀ ପ୍ରମାଣ କରିଦେଇଛନ୍ତି। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରୁ ବ୍ୟବସାୟୀ ଓ ସେଥିରୁ ରାଜନୀତିକୁ ଲମ୍ଫ ପ୍ରଦାନ କରିଥିବା ରେଳମନ୍ତ୍ରୀ ତାଙ୍କ କାର୍ଯ୍ୟରେ ଧ୍ୟାନ ଦେଉଥିବା ଭଳି କୌଣସି ପ୍ରମାଣ ମିଳିନାହିଁ। ଭାରତରେ ସମସ୍ତେ ବୁଝିସାରିଲେଣି ଯେ ଗୋଟିଏ ସମସ୍ୟାକୁ ସମାଧାନ କରିବା ପୂର୍ବରୁ ଅନ୍ୟ ଗୋଟିଏ କାଳ୍ପନିକ ବୃହତ୍ ସମସ୍ୟା ସୃଷ୍ଟି କରି ଜନସାଧାରଣଙ୍କ ଦୃଷ୍ଟି ବାସ୍ତବତାଠାରୁ ଦୂରେଇ ନେବାରେ ଆଜିର ସରକାର ଧୁରନ୍ଧର।

ଜୁନ୍ ୨ରେ ବାଲେଶ୍ୱର ବାହାନଗାଠାରେ ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ, ଗୋଟିଏ ମାଲବାହୀ ଟ୍ରେନ୍ ଏବଂ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ ମଧ୍ୟରେ ହୋଇଥିବା ଦୁର୍ଘଟଣା ଦେଶବାସୀଙ୍କୁ ମର୍ମାହତ କରିଦେଇଛି। କିନ୍ତୁ ଏଭଳି ଏକ ଦୁଃଖଦାୟକ ଘଟଣାରେ ମଧ୍ୟ ରାଜନୀତି କରିବାକୁ ଶାସକ ଦଳର ସମର୍ଥକମାନେ ପଛାଉନାହାନ୍ତି। ଉଦାହରଣ ସ୍ୱରୂପ, ଦୁର୍ଘଟଣା ସ୍ଥାନଠାରୁ ଅଳ୍ପ ଦୂରରେ ଥିବା ଏକ ଧଳା କୋଠାକୁ ଇଙ୍ଗିତ କରି ଏହି ବ୍ୟକ୍ତିମାନେ ସାମାଜିକ ଗଣମାଧ୍ୟମରେ କହିବାକୁ ଆରମ୍ଭ କରିଛନ୍ତି ଯେ ତାହା ଏକ ମସ୍ଜିଦ୍ ଏବଂ ଏହି ଦୁର୍ଘଟଣା ଶୁକ୍ରବାର ଘଟିଥିବାରୁ ସେଥିରେ ମୁସଲମାନ ସମ୍ପ୍ରଦାୟର ଆତଙ୍କବାଦୀ ହାତ ଥାଇପାରେ। ପରବର୍ତ୍ତୀ ସମୟରେ ଭିନ୍ନ ସୂତ୍ରରୁ ଜଣାପଡ଼ିଛି ଯେ, ସେହି କୋଠା ଏକ ମସ୍ଜିଦ୍ ନୁହେଁ। ଇତିମଧ୍ୟରେ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏହି ଦୁର୍ଘଟଣାର ସିବିଆଇ ତଦନ୍ତ କରିବା ଲାଗି ସୁପାରିସ କରିଥିବା ରେଳମନ୍ତ୍ରୀ ୪ ଜୁନ୍ରେ ପ୍ରକାଶ କରିଛନ୍ତି। ଏହି ତଦନ୍ତକାରୀ ସଂସ୍ଥା ସରକାରୀ ନିର୍ଦ୍ଦେଶରେ ପରିଚାଳିତ ହେଉଥିବାରୁ ରେଳ ମନ୍ତ୍ରଣାଳୟ ଯାହା କହିବ ହୁଏତ ସେହି ଅନୁଯାୟୀ ରିପୋର୍ଟ ପ୍ରସ୍ତୁତ ହେବା ଥୟ। ତେବେ ସିବିଆଇକୁ ତଦନ୍ତଭାର ଦେବା ପଛରେ ଆଳ ରହୁଥାଇପାରେ ଯେ ସରକାର ଏହି ଦୁର୍ଘଟଣାରୁ ନିଜ ହାତ ଧୋଇଦେବା ପାଇଁ ଅନ୍ତର୍ଘାତୀ କାର୍ଯ୍ୟ ଉପରେ ଦୋଷ ଦେବାକୁ ଚେଷ୍ଟା କରୁଥାଇପାରନ୍ତି। କିନ୍ତୁ ସେଥିରୁ ମଧ୍ୟ ଆଜିର ସରକାରଙ୍କୁ ମୁକ୍ତି ମିଳିବ ନାହିଁ। ଅନେକ ଶହ ମୃତ ବ୍ୟକ୍ତିଙ୍କ ପରିବାର ସହିତ ଏଭଳି ରାଜନୀତି ଖେଳିବା କେବେ ହେଲେ କ୍ଷମଣୀୟ ହେବ ନାହିଁ। ନିଜର ଦାୟିତ୍ୱ ତୁଲାଇବାରେ ସମ୍ପୂର୍ଣ୍ଣ ଅସଫଳତା ପ୍ରଦର୍ଶନ କରିଥିବା ପ୍ରତ୍ୟେକ ବ୍ୟକ୍ତି, ମନ୍ତ୍ରୀଙ୍କଠାରୁ ଆରମ୍ଭକରି ଡିଭିଜନାଲ ମ୍ୟାନେଜର ପର୍ଯ୍ୟନ୍ତ, ଦାୟୀ ହେବା ସହିତ ଦଣ୍ଡିତ ହେବା ଆବଶ୍ୟକ। ନିଜର ଦୋଷକୁ ଲୁଚାଇବାକୁ ଯାଇ ଅନ୍ତର୍ଘାତୀ କାର୍ଯ୍ୟ ହୋଇଥାଇପାରେ ବୋଲି ଯେଉଁ ପ୍ରଚାର ସୋସିଆଲ ମିଡିଆରେ ଦୁର୍ଘଟଣାର ୨୪ ଘଣ୍ଟା ମଧ୍ୟରେ ଆରମ୍ଭ ହୋଇଗଲା ସେଥିରୁ ଅତ୍ୟନ୍ତ ଦୁଷ୍ଟ ଚରିତ୍ର ପଦାରେ ପଡୁଛି। ଜନସାଧାରଣଙ୍କ ଦୃଷ୍ଟିକୁ ବାସ୍ତବ ସମସ୍ୟାଠାରୁ ସର୍ବଦା ଦୂରେଇ ରଖିବାର ପ୍ରଚେଷ୍ଟାରେ ଏହି ସରକାର ସବୁଠାରୁ ଆଗୁଆ। ହୁଏତ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ନିରୀହ ଯାତ୍ରୀମାନଙ୍କ ଆତ୍ମା ଏଥର ସେଭଳି ପୁରୁଣା ଚାଲାକିରୁ ଖସିଯିବାର ସୁଯୋଗ ଦେବେ ନାହିଁ।

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 2 | | | 4 | | | |
| | 5 | 1 | | | 3 | | | |
| | | | | 6 | | 8 | 9 | |
| | | | | | | | 2 | 5 |
| | | | 5 | | | 1 | | 4 |
| 7 | | | | | | | 6 | |
| | | | | | | | 4 | |
| | | | | 3 | 6 | | | 7 |
| 3 | 9 | 8 | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 1 | 4 | 5 | 9 | 3 | 8 | 6 |
| 3 | 8 | 5 | 2 | 7 | 6 | 1 | 4 | 9 |
| 9 | 6 | 4 | 3 | 8 | 1 | 5 | 2 | 7 |
| 6 | 7 | 3 | 8 | 4 | 5 | 9 | 1 | 2 |
| 2 | 1 | 8 | 9 | 3 | 7 | 6 | 5 | 4 |
| 5 | 4 | 9 | 1 | 6 | 2 | 8 | 7 | 3 |
| 8 | 3 | 2 | 5 | 9 | 4 | 7 | 6 | 1 |
| 1 | 5 | 7 | 6 | 2 | 3 | 4 | 9 | 8 |
| 4 | 9 | 6 | 7 | 1 | 8 | 2 | 3 | 5 |

ଗତକାଲିର ଉତ୍ତର

# ପ୍ଲାଷ୍ଟିକ୍କୁ ବାଏ ବାଏ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ପ୍ଲାଷ୍ଟିକ୍ର ବ୍ୟାପକ ତଥା ଅନିୟନ୍ତ୍ରିତ ବ୍ୟବହାର ସମଗ୍ର ଗ୍ରହକୁ ନକାରାତ୍ମକ ଭାବେ ପ୍ରଭାବିତ କରିଚାଲିଛି। ପୃଥିବୀର କୋଣାନୁକୋଣକୁ ଏସବୁ ପ୍ରଦୂଷିତ କରୁଛି। ଚର୍ତୁର୍ଦ୍ଦିଗରେ ଦୃଶ୍ୟମାନ ହେଉଥିବା ପରିତ୍ୟକ୍ତ ପଲିଥିନ ବ୍ୟାଗ୍, ପାଣି ବୋତଲ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ପଦାର୍ଥ ପରିବେଶରେ ବ୍ୟାପକ ପ୍ରଦୂଷଣ ଘଟାଉଛି। ପ୍ଲାଷ୍ଟିକ୍ ଅଣୁଜୀବମାନଙ୍କ ଦ୍ୱାରା ବିଘଟିତ ହୁଏ ନାହିଁ ଏବଂ ଦୀର୍ଘ ସମୟ ଧରି ପରିବେଶରେ ଗଚ୍ଛିତ ରହେ। ବିଶ୍ୱରେ ବାର୍ଷିକ ପଚାଶ ହଜାର କୋଟିରୁ ଅଧିକ ସଂଖ୍ୟାରେ ପଲିଥିନ ବ୍ୟାଗ୍ ବ୍ୟବହୃତ ହେଉଛି, ଯାହା ପ୍ରାୟତଃ ଥରେ ମାତ୍ର ବ୍ୟବହାର ପରେ ପରିବେଶରୁ ବର୍ଜିତ ହୋଇଥାଏ। ପ୍ରତି ମିନିଟରେ ସମ୍ପ୍ରତି ଏକ ନିୟୁତ ପ୍ଲାଷ୍ଟିକ୍ ବୋତଲ ବିକ୍ରି ହେଉଛି। ସମଗ୍ର ଗ୍ରହରେ ଏବେ ବର୍ଷକୁ ୪୩୦ ନିୟୁତ ଟନ୍ ପ୍ଲାଷ୍ଟିକ୍ ଉତ୍ପାଦିତ ହେଉଛି; ଏହାର ଦୁଇ ତୃତୀୟାଂଶ ଉତ୍ପାଦ ସ୍ୱଳ୍ପକାଳ ପାଇଁ ବ୍ୟବହାରରେ ରହେ ବା ଏକକ ବ୍ୟବହୃତ ପ୍ଲାଷ୍ଟିକ୍, ଯାହା ଖୁବ୍ଶୀଘ୍ର ବର୍ଜ୍ୟ ପଦାର୍ଥ ରୂପେ ପରିବେଶକୁ ନିଷ୍କାସିତ ହୁଏ।

ବୈଜ୍ଞାନିକ ଗବେଷଣା ଦର୍ଶାଏ ଯେ, ସ୍ଥଳୀୟ ଓ ଜଳୀୟ ପରିସଂସ୍ଥାରେ ବିଭିନ୍ନ ଚାପର ବଶବର୍ତ୍ତୀ ହୋଇ ବର୍ଜିତ ପ୍ଲାଷ୍ଟିକ୍ରୁ ୫ ମିମିରୁ କ୍ଷୁଦ୍ର ଆକାରର ମାଇକ୍ରୋପ୍ଲାଷ୍ଟିକ୍ ଖଣ୍ଡମାନ ଏବଂ ସେହିପରି କ୍ଷୁଦ୍ରାତିକ୍ଷୁଦ୍ର ନାନୋପ୍ଲାଷ୍ଟିକ୍ ମଧ୍ୟ ସୃଷ୍ଟି ହୁଏ, ଯାହା ନିଃଶ୍ୱାସ, ପାନୀୟ ଏବଂ ଖାଦ୍ୟ ମାଧ୍ୟମରେ ଆମ ଅଗୋଚରରେ ଶରୀରରେ ପ୍ରବେଶ କରନ୍ତି। ପ୍ଲାଷ୍ଟିକ୍ ପ୍ରସ୍ତୁତିରେ ବ୍ୟବହୃତ ବେଞ୍ଜିନ ଓ ବିସ୍ଫେନଲ- ଏପରି ବିଷାକ୍ତ ପଦାର୍ଥ ତଥା ମାଇକ୍ରୋପ୍ଲାଷ୍ଟିକ୍ ଓ ନାନୋପ୍ଲାଷ୍ଟିକ୍ ଜୀବମାନଙ୍କ ଶରୀରକୁ ପ୍ରବେଶ କରି କ୍ୟାନ୍ସର୍, ହର୍ମୋନ୍ଜନିତ ବିଘ୍ନ, ଜନ୍ମଗତ ତ୍ରୁଟି, ରୋଗ ପ୍ରତିରୋଧକ ଶକ୍ତିରେ ବ୍ୟାଘାତ ଏବଂ ଅନ୍ୟାନ୍ୟ ବିବିଧ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିର କାରଣ ହୁଅନ୍ତି। ପ୍ଲାଷ୍ଟିକ୍ କଣିକା ମଣିଷଙ୍କ ରକ୍ତରେ ଓ କୋଷମାନଙ୍କରେ ଉପଲବ୍ଧ ହେଉଛି ଏବଂ ମାତୃ କ୍ଷୀରରେ ଏହାର ଉପସ୍ଥିତିକୁ ନିକଟରେ ଏକ ଗବେଷଣାଲବ୍ଧ ତଥ୍ୟ ନିଶ୍ଚିତ କରିଛି। ୨୦୨୧ର ଏକ ଅଧ୍ୟୟନ ଅନୁଯାୟୀ, ପ୍ରସ୍ତୁତ ଖାଦ୍ୟ ଏବଂ ପାନୀୟର ବହନ ନିମନ୍ତେ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀ ସମ୍ପ୍ରତି ବିଶ୍ୱ ସମୁଦ୍ରମାନଙ୍କରେ ଥିବା ଆବର୍ଜନାର ଏକ ପ୍ରମୁଖ ଅଂଶ ପାଲଟିଛି।

ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍ଇପି)ର ରିପୋର୍ଟ ପ୍ରକାଶ କରିଛି ଯେ, ୨୦୪୦ ସୁଦ୍ଧା ବିଶ୍ୱ ପ୍ଲାଷ୍ଟିକ୍ ପ୍ରଦୂଷଣରେ ୮୦% ହ୍ରାସ ଘଟାଇବା ସମ୍ଭବ ହେବ। କିନ୍ତୁ ଏଥିନିମନ୍ତେ କେତେକ ପ୍ରମୁଖ ପରିବର୍ତ୍ତନର ଆବଶ୍ୟକତା ରହିଛି, ଯାହା ସବୁ ବ୍ୟାବହାରିକ ଏବଂ ସୁଲଭ ପ୍ରକ୍ରିୟା ଦ୍ୱାରା ସମ୍ଭବ ହୋଇପାରିବ। ରିପୋର୍ଟ ଅନୁଯାୟୀ, ପ୍ରଥମ ପଦକ୍ଷେପ ହେଉଛି ଅତ୍ୟଧିକ ଆବୃତ କରିବା (ପ୍ୟାକେଜିଂ) ପରି ଅନାବଶ୍ୟକ ପ୍ଲାଷ୍ଟିକ୍ ବ୍ୟବହାରକୁ ଦୂର କରିବା। ପରବର୍ତ୍ତୀ ପଦକ୍ଷେପଗୁଡ଼ିକ ହେଉଛି ପ୍ଲାଷ୍ଟିକର ପୁନଃ ବ୍ୟବହାରକୁ ପ୍ରୋତ୍ସାହିତ କରିବା (ଯେପରିକି ରିଫିଲଯୋଗ୍ୟ ବୋତଲ), ପୁନଃଚକ୍ରଣରେ ବୃଦ୍ଧି ଘଟାଇବା ଏବଂ ପ୍ଲାଷ୍ଟିକ୍ ବଦଳରେ ସବୁଜ ବା ପରିବେଶଧର୍ମୀ ବିକଳ୍ପର ବ୍ୟବହାରକୁ ପ୍ରସାରିତ କରିବା। ୟୁଏନ୍ଇପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଙ୍ଗର୍ ଆଣ୍ଡରସେନ ବ୍ୟକ୍ତ କରିଛନ୍ତି ଯେ ପ୍ଲାଷ୍ଟିକ୍ ଉତ୍ପାଦନ, ବ୍ୟବହାର ଏବଂ ବିସର୍ଜନ ପ୍ରକ୍ରିୟା ପରିସଂସ୍ଥାକୁ ପ୍ରଦୂଷିତ କରୁଛି, ମାନବ ସ୍ୱାସ୍ଥ୍ୟ ନିମନ୍ତେ ବିପଦ ସୃଷ୍ଟି କରୁଛି ଏବଂ ଜଳବାୟୁ ପରିବର୍ତ୍ତନରେ ସହାୟକ ହେଉଛି। ତେବେ ଉପଯୁକ୍ତ ସରକାରୀ ନୀତି ଏବଂ ପ୍ଲାଷ୍ଟିକ୍ ଶିଳ୍ପରେ ସଂଘଟିତ ପରିବର୍ତ୍ତନର ପ୍ରଭାବରେ ୨୦୪୦ ବେଳକୁ ପ୍ଲାଷ୍ଟିକ୍ ପ୍ରଦୂଷଣ ବାର୍ଷିକ ପ୍ରାୟ ୪୦ ନିୟୁତ ଟନ୍ ହ୍ରାସ ପାଇଯିବ; ଅନ୍ୟଥା, ଏସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଅନୁପସ୍ଥିତିରେ ଏହା ୨୨୭ ନିୟୁତ ଟନ୍ରେ ପହଞ୍ଚିଯିବ। ଏହି ରିପୋର୍ଟ ପ୍ରକାଶ କରିଛି ଯେ, ଏପରି ସକାରାତ୍ମକ ପରିବର୍ତ୍ତନ ପ୍ଲାଷ୍ଟିକ ଦ୍ୱାରା ସ୍ୱାସ୍ଥ୍ୟ, ଜଳବାୟୁ ଏବଂ ପରିବେଶରେ ଘଟୁଥିବା କ୍ଷତିକୁ ହ୍ରାସ କରି ବର୍ତ୍ତମାନ ଏବଂ ୨୦୪୦ ମଧ୍ୟରେ ତିନି ଟ୍ରିଲିୟନ ଡଲାର ମୂଲ୍ୟର ହିତ ସାଧନ କରିବ। ଏଥିରେ ବିଭିନ୍ନ ଅର୍ଥନୈତିକ ଏବଂ ବ୍ୟବସାୟିକ ମଡେଲ ସବୁକୁ ପରୀକ୍ଷା କରାଯାଇଛି, ଯାହା ବିଶ୍ୱରେ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ପ୍ରତିହତ କରିବା, ଏକ ବୃତ୍ତାକାର ଅର୍ଥନୀତି ସୃଷ୍ଟି କରିବା ଏବଂ ପ୍ଲାଷ୍ଟିକ୍ ଅର୍ଥନୀତିର ନକାରାତ୍ମକ ପ୍ରଭାବକୁ ସମାଧାନ କରିବାରେ ସହାୟକ ହେବ।



ପ୍ଲାଷ୍ଟିକ୍ ପ୍ରଦୂଷଣଜନିତ କାରଣଗୁଡ଼ିକର ସମାଧାନ ନିମନ୍ତେ ଏକ ପଦ୍ଧତିଗତ ପରିବର୍ତ୍ତନର ଆବଶ୍ୟକତା ରହିଛି, ଯାହା ସମସ୍ୟା ସୃଷ୍ଟିକାରୀ ଏବଂ ଅନାବଶ୍ୟକ ପ୍ଲାଷ୍ଟିକ୍ ବ୍ୟବହାରକୁ ହ୍ରାସ କରିବା ଦିଗରେ ପ୍ରୟାସ ଅବ୍ୟାହତ ରଖିବ। ତିନୋଟି ମୁଖ୍ୟ ପରିବର୍ତ୍ତନକୁ ତ୍ୱରାନ୍ୱିତ କରି ଏହା ହାସଲ କରାଯାଇ ପାରିବ- ପ୍ଲାଷ୍ଟିକ୍ ପୁନଃ ବ୍ୟବହାର ଓ ପୁନଃଚକ୍ରଣ, ନୂତନ ଦୃଷ୍ଟିଭଙ୍ଗୀରେ ସମସ୍ୟାର ବିଚାର ଏବଂ ବିବିଧ ବିକଳ୍ପର ଅନୁସନ୍ଧାନ। ଏହା ସହିତ ଗ୍ରହରେ ପୂର୍ବରୁ ଗଚ୍ଛିତ ବିଶାଳ ପରିମାଣର ବର୍ଜିତ ପ୍ଲାଷ୍ଟିକ୍ ନିଷ୍କାସନ ନିମନ୍ତେ ପଦକ୍ଷେପ ଅପରିହାର୍ଯ୍ୟ। ତେବେ ବିଶ୍ୱସ୍ତରରେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ଏବଂ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ଶେଷ କରିବାକୁ ମାର୍ଚ୍ଚ ୨୦୨୨ ସୁଦ୍ଧା ୧୯୩ଟି ରାଷ୍ଟ୍ର ସମ୍ମତି ପ୍ରଦାନ କରିଛନ୍ତି ଏବଂ ୟୁଏନ୍ଇପି ଆନୁକୂଲ୍ୟରେ ୨୦୨୪ ସୁଦ୍ଧା ଏକ ଆଇନ ଆଧାରିତ, ବାଧ୍ୟତାମୂଳକ ଚୁକ୍ତିନାମା କାର୍ଯ୍ୟକାରୀ ହେବା ନିମନ୍ତେ ପ୍ରସ୍ତୁତି ଚାଲିଛି। ବର୍ତ୍ତମାନର ଧାରା ଅବ୍ୟାହତ ରହିଲେ ୨୦୬୦ ସୁଦ୍ଧା ପ୍ଲାଷ୍ଟିକ୍ ଉତ୍ପାଦନ ତ୍ରିଗୁଣିତ ହୋଇଯିବ। ଏପରି ପୃଷ୍ଠଭୂମିରେ ଏକ ବୃତ୍ତାକାର (ସର୍କୁଲାର୍) ପଦ୍ଧତିର ଅବଲମ୍ବନ କରି ପ୍ଲାଷ୍ଟିକ୍ର ପୁନଃ ବ୍ୟବହାର ଓ ପୁନଃଚକ୍ରଣ ମାଧ୍ୟମରେ ଏହି ବିପଦକୁ ନାଟକୀୟ ଭାବରେ ନିୟନ୍ତ୍ରଣ କରାଯାଇପାରିବ, ଯଦ୍ୱାରା ୨୦୪୦ ସୁଦ୍ଧା ପ୍ଲାଷ୍ଟିକ୍ ପ୍ରଦୂଷଣରେ ୩୦% ହ୍ରାସ ଘଟାଇବା ସମ୍ଭବପର ହେବ। ଏହା ପ୍ଲାଷ୍ଟିକ୍କୁ ପ୍ରାକୃତିକ ପରିସଂସ୍ଥା, ଆମ ଶରୀର ତଥା ଅର୍ଥନୀତିରୁ ଦୂରରେ ରଖି ପ୍ରଦୂଷଣର ପ୍ରଭାବକୁ ପ୍ରତିହତ କରିବ ଏବଂ ଅର୍ଥ ମଧ୍ୟ ସଞ୍ଚିତ ହେବ। ଅନ୍ୟପକ୍ଷରେ ପ୍ରଚଳିତ ପ୍ଲାଷ୍ଟିକ୍ ବିକଳ୍ପ ରୂପେ ଉଦ୍ଭିଦ ଓ ପ୍ରାଣୀ ଉତ୍ସରୁ ପ୍ରସ୍ତୁତ ବିଘଟନକ୍ଷମ ଜୈବପ୍ଲାଷ୍ଟିକ ଅଧିକ ପ୍ରସାରିତ ହେବା ସହ ଏସବୁ କ୍ଷେତ୍ରରେ ଯଥେଷ୍ଟ ନୂତନ କର୍ମନିଯୁକ୍ତି ସୃଷ୍ଟି ହେବ। ନୂତନ ଭାବେ ପ୍ରସ୍ତୁତ ସଂଶ୍ଲେଷିତ ପ୍ଲାଷ୍ଟିକ୍ ଉପରେ ଟ୍ୟାକ୍ସ ବୃଦ୍ଧି କରିବା ଏବଂ ଏଥିନିମନ୍ତେ ବ୍ୟବହୃତ ଜୀବାଶ୍ମ ଇନ୍ଧନ (ପେଟ୍ରୋଲିଅମ) ଉପରେ ରିହାତି ହଟାଇବା ନୀତି ପ୍ରୟୋଗ ଦ୍ୱାରା ନୂତନ ପ୍ଲାଷ୍ଟିକ୍ ଉତ୍ପାଦନ ତୁଳନାରେ ପୁନଃ ବ୍ୟବହାରକୁ ଅର୍ଥନୈତିକ ଦୃଷ୍ଟିରୁ ଅଧିକ ଆକର୍ଷଣୀୟ କରି ଏହାକୁ ପ୍ରୋତ୍ସାହିତ କରାଯାଇପାରିବ।

ଏବେ ସମୟ ଉପନୀତ ହୋଇଛି ଯେତେବେଳେ ବର୍ଜ୍ୟ ପଦାର୍ଥକୁ ସମ୍ପଦରେ ପରିଣତ କରିବା ଏବଂ 'ବର୍ଜ୍ୟ ସୃଷ୍ଟିକାରୀ ଅର୍ଥନୀତି'କୁ ପରିବର୍ତ୍ତିତ କରି ଏକ ପୁନଃ 'ବ୍ୟବହାରକାରୀ ସମାଜ' ଗଠନ କରିବା, ଯାହା ପ୍ଲାଷ୍ଟିକ୍ ସହ ଅନ୍ୟାନ୍ୟ ପ୍ରଦୂଷଣରେ ହ୍ରାସ ଘଟାଇବା ସହ ସମ୍ବଳ ସଂରକ୍ଷଣରେ ସହାୟକ ହେବ। ଜାତିସଂଘ ରିପୋର୍ଟ ଅନୁଯାୟୀ, ଆସନ୍ତା ୨୦ ବର୍ଷ ମଧ୍ୟରେ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ୮୦% ହ୍ରାସ କରାଯିବା ଦ୍ୱାରା ପ୍ରତିବର୍ଷ ଅଙ୍ଗାରକାମ୍ଳ ନିର୍ଗମନରେ ମଧ୍ୟ ୫୦୦ ନିୟୁତ ଟନ୍ ହ୍ରାସ ଘଟିବ, ଯାହା ବିଶ୍ୱ ତାପମାତ୍ରା ବୃଦ୍ଧି ରୋକିବାରେ ସହାୟକ ହେବ। ଏପରି ପରିବର୍ତ୍ତନ ୨୦୪୦ ସୁଦ୍ଧା ୭ ଲକ୍ଷ କର୍ମ ନିଯୁକ୍ତି ବୃଦ୍ଧିର କାରଣ ହେବ, ଯାହା ମୁଖ୍ୟତଃ ସ୍ୱଳ୍ପ ଆୟକାରୀ ରାଷ୍ଟ୍ରମାନଙ୍କରେ ଘଟିବ। ଏହା ସତ୍ୟର ଅପଳାପ ଯେ ପ୍ଲାଷ୍ଟିକ୍ର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିହେବ, କାରଣ ବହୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହା ଦୀର୍ଘ ସମୟ ନିମନ୍ତେ ବ୍ୟବହୃତ ହେଉଛି। କିନ୍ତୁ ମୁଖ୍ୟ ଶତ୍ରୁ ହେଉଛି ଏକକ ବ୍ୟବହୃତ ପ୍ଲାଷ୍ଟିକ୍, ଯାହାର ବ୍ୟବହାରକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଷିଦ୍ଧ କରିଥିଲେ ସୁଦ୍ଧା ଏହା ପୂର୍ବବତ୍ ଚାଲୁରହିଛି। ଏସବୁକୁ ଯେତେ ପରିମାଣରେ ସମ୍ଭବ ସଙ୍କୁଚିତ କରିବା ଏବଂ ପ୍ଲାଷ୍ଟିକ୍ ପୁନଃ ବ୍ୟବହାର ଓ ପୁନଃ ଚକ୍ରଣରେ ଶତ ପ୍ରତିଶତ ସାଫଲ୍ୟ ଅର୍ଜନ ନିମନ୍ତେ ପ୍ରୟାସ ହେବା ବାଞ୍ଛନୀୟ। ଆଜି ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଜାତିସଂଘ ମନୋନୀତ ବିଷୟବସ୍ତୁ 'ପ୍ଲାଷ୍ଟିକ୍ ପ୍ରଦୂଷଣକୁ ପ୍ରତିହତ କର'କୁ ଗ୍ରହଣ କରି ପ୍ଲାଷ୍ଟିକ୍ର ଅନାବଶ୍ୟକ ବ୍ୟବହାରକୁ ନିଷିଦ୍ଧ କରିବା ଆମ ବିଜ୍ଞତାର ପରିଚାୟକ ହେବ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

# କ୍ୱାଣ୍ଟମ କମ୍ପ୍ୟୁଟର



ଡ.ନରେନ୍ଦ୍ର ସେଠୀ

ପାଷାଣ ଯୁଗରେ ମୁନିଆ ପଥରକୁ ବ୍ୟବହାର କରି ପେଟ ପୋଷୁଥିବା ମଣିଷ କେବେ ଭାବି ନ ଥିବ ଯେ ଦିନେ ସେ ଏତେ ବୁଦ୍ଧିମାନ ହୋଇ ସମଗ୍ର ବିଶ୍ୱ ଉପରେ ନିଜ ଆଧିପତ୍ୟ ବିସ୍ତାର କରିବ। ବିଶ୍ୱର ସବୁ ବିଶାଳ, ଶକ୍ତିଶାଳୀ, ବିପଜ୍ଜନକ ଓ ଦୁର୍ଗମ ଜିନିଷ ଉପରେ ନିଜର ବିଜୟ କରିସାରି ମଣିଷ ଏବେ ଅଣୁ ପରମାଣୁ ଭଳି ଅଦୃଶ୍ୟ ଛୋଟ ଜିନିଷ ଭିତରେ ନିହିତ ବିଶାଳ ଶକ୍ତି ଓ ଦକ୍ଷତା ଉପରେ ନିୟନ୍ତ୍ରଣ କରିବାକୁ ଯାଉଛି। ଏପରି କି ବିଜ୍ଞାନ ବଳରେ ମଣିଷ ପରମାଣୁର ବିଖଣ୍ଡନରେ ନିର୍ଗତ ଅସୁମାରୀ ଶକ୍ତିକୁ ନିଜ ବ୍ୟବହାରରେ ଲଗେଇବାରେ ସକ୍ଷମ ହୋଇଛି। ସେହିପରି ପଦାର୍ଥ ବିଜ୍ଞାନର ଏକ ସଦ୍ୟତମ ଶାଖା ଭାବରେ କ୍ୱାଣ୍ଟମ ପ୍ରାଦ୍ୟୋଗିକ ସୂକ୍ଷ୍ମ ସ୍ତରରେ ଶକ୍ତି ଓ ପଦାର୍ଥର ବ୍ୟବହାରକୁ ଅଧ୍ୟୟନ କରେ, ଯେଉଁଠି ଗତାନୁଗତିକ ବିଜ୍ଞାନର ନିୟମ ନ ଥାଏ। ଏହି ତତ୍ତ୍ୱକୁ ଆଧାର କରି ଏବେ ବିଜ୍ଞାନ ଜଗତରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି।

ସାଧାରଣତଃ କମ୍ପ୍ୟୁଟରଗୁଡ଼ିକ ଟ୍ରାଞ୍ଜିଷ୍ଟର ଚାଳିତ ହୋଇଥିବା ବେଳେ ଏହା ଏବେ କ୍ୱାଣ୍ଟମ କମ୍ପ୍ୟୁଟରରେ ବଦଳିଯିବ, ଯାହା ସୂକ୍ଷ୍ମ ସ୍ତରରେ ପରମାଣୁ ଚାଳିତ ହେବ। ଫଳରେ ସାଧାରଣ କମ୍ପ୍ୟୁଟରର ଥିବା ସ୍ମରଣ କ୍ଷମତା, ଯାହା ବିଟ ଉପରେ ଆଧାରିତ ଥିଲା ଓ ଏହା ବାଇନାରି ପଦ୍ଧତିରେ କାମ କରୁଥିଲା। ଅର୍ଥାତ୍ ଯଦି ଟ୍ରାଞ୍ଜିଷ୍ଟର ମଧ୍ୟରେ ସିଗ୍ନାଲ ଗଲା ତାହାହେଲେ ଏହାକୁ ୧ ଓ ସିଗ୍ନାଲ ନ ଗଲେ ତାକୁ ୦ ବିଟ ଭାବରେ ଇଙ୍ଗିତ କରି ଏହା କାର୍ଯ୍ୟ କରିଥାଏ। କିନ୍ତୁ କମ୍ପ୍ୟୁଟରକୁ ଆହୁରି କାର୍ଯ୍ୟକ୍ଷମ କରିବା ପାଇଁ ଏହି ଟ୍ରାଞ୍ଜିଷ୍ଟର ଭିତରେ ଅଧିକ ଡାଟା ରଖିବାକୁ ହେବ। ତେବେ କିଛି ବର୍ଷ ପର୍ଯ୍ୟନ୍ତ ଟ୍ରାଞ୍ଜିଷ୍ଟରଗୁଡ଼ିକ ମଧ୍ୟ ଆଧୁନିକ ହୋଇ ସାତ ନାନୋମିଟର ପର୍ଯ୍ୟନ୍ତ ଛୋଟ ଆକାର ଭିତରେ ଅନେକ ଡାଟା ରଖିବାକୁ ସକ୍ଷମ ହେଲା। ତେବେ କମ୍ପ୍ୟୁଟରକୁ ଆହୁରି କାର୍ଯ୍ୟକ୍ଷମ କରିବାକୁ ହେଲେ ଆମକୁ ଏପରି ଅନେକ ଟ୍ରାଞ୍ଜିଷ୍ଟର ଲଗେଇବାକୁ ହେବ କିମ୍ବା କମ୍ପ୍ୟୁଟରର ଆକାର ବଡ଼ କରିବାକୁ ହେବ, ଯାହା ଏକ ସମସ୍ୟା। ଯେହେତୁ ଆଜିର କମ୍ପ୍ୟୁଟରଗୁଡ଼ିକ ବାଇନାରି ପଦ୍ଧତିରେ କାମ କରନ୍ତି ଏମାନେ ବଡ଼ ବଡ଼ ଗାଣିତିକ ସମସ୍ୟାଗୁଡ଼ିକ ସହଜରେ ସାମ୍ନା କରିପାରିବେ ନାହିଁ। ଏପରିକି ଆଜିର ଆଧୁନିକ ସୁପର କମ୍ପ୍ୟୁଟର ମଧ୍ୟ ଜଟିଳ ଜୀବନ ରକ୍ଷା ଔଷଧର ସୂତ୍ର ଓ ପ୍ରସ୍ତୁତ ପ୍ରଣାଳୀରେ ବ୍ୟବହୃତ ଗାଣିତିକ ମଡେଲକୁ ଶୁଝାଇପାରେନି। ଏହିସବୁ କମ୍ପ୍ୟୁଟରଗୁଡ଼ିକୁ ଏପରି ସମସ୍ୟା ଶୁଝାଇବା ପାଇଁ ହଜାରେ ବର୍ଷ ଲାଗିପାରେ। ଅର୍ଥାତ୍ ବାଇନାରି କମ୍ପ୍ୟୁଟର ସହଜରେ ମଣିଷର ନକଲ କରିପାରେନି। ଏହା କିନ୍ତୁ କ୍ୱାଣ୍ଟମ କମ୍ପ୍ୟୁଟର ସାହାଯ୍ୟରେ ସମ୍ଭବ।

କ୍ୱାଣ୍ଟମ କମ୍ପ୍ୟୁଟରରେ ଇଲେକ୍ଟ୍ରୋନର ନିମ୍ନ ବା



ଉଚ୍ଚ ଶକ୍ତି ଅବସ୍ଥାର ସ୍ଥିତିକୁ ନେଇ ଡାଟା ସଂରକ୍ଷଣ ହେଉଥିବାରୁ ଏହା ପ୍ରଚଣ୍ଡ ଶକ୍ତିଶାଳୀ ହୋଇ ପାରିଛି। କ୍ୱାଣ୍ଟମ କମ୍ପ୍ୟୁଟରରେ ପାରମ୍ପରିକ ବିଟ ବଦଳିଯାଇ କ୍ୱାଏମ ବିଟ ହେଇଯିବ। ଏହା ଦ୍ୱାରା ନୂତନ ରୂପରେ ଯେଉଁ କ୍ୱାଣ୍ଟମ କମ୍ପ୍ୟୁଟର ପଦାର୍ପଣ କରିବ ତା'ର କାର୍ଯ୍ୟକ୍ଷମତା ଏବେକାର କମ୍ପ୍ୟୁଟର ଅପେକ୍ଷା ବହୁଗୁଣିତ ହୋଇଯିବ। ଏହା ଛଡା ଏହି କ୍ୱାଣ୍ଟମ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଏହାର ସୁରକ୍ଷା ବ୍ୟବସ୍ଥା ଖୁବ୍ ଶକ୍ତିଶାଳୀ ହେବ ଓ ଏହାକୁ ସହଜରେ ହ୍ୟାକ୍ କରିହେବ ନାହିଁ। କ୍ୱାଣ୍ଟମ ସୂଚନାତନ୍ତ୍ର ଦୁଇଟି ଅଲଗା ଜାଗା ବା ବ୍ୟକ୍ତି ଭିତରେ ଯୋଗାଯୋଗ କରିବାର ସବୁଠୁ ସୁରକ୍ଷିତ ଉପାୟ, କାରଣ ସହଜରେ ଏହାର କୋଡ୍କୁ ଅନ୍ୟ କେହି ବୁଝିପାରିବେ ନାହିଁ ଓ କେହି ବାହ୍ୟ ବ୍ୟକ୍ତି ବା ସଂସ୍ଥା ଏହାକୁ ପଢିବାକୁ ଚେଷ୍ଟା କଲେ ତାହା ସଙ୍ଗେ ସଙ୍ଗେ ନିଜକୁ ବଦଳେଇ ଦେବ। ଏହି ବିଚକ୍ଷଣ କ୍ୱାଣ୍ଟମ କମ୍ପ୍ୟୁଟର ଜରିଆରେ ଅତି ଆଧୁନିକ ସେନ୍ସର ନିର୍ମାଣ କରାଯାଇପାରିବ, ଯାହା ଅତି ସୂକ୍ଷ୍ମ ମାତ୍ରାରେ ତାପମାତ୍ରା, ଚୁମ୍ବକୀୟ କ୍ଷେତ୍ର, ମାଧ୍ୟାକର୍ଷଣ ତରଙ୍ଗଗୁଡ଼ିକୁ ଖୁବ୍ ଠିକ୍ ଭାବେ ମାପି ପାରିବ। ଏଣୁ କ୍ୱାଣ୍ଟମ କମ୍ପ୍ୟୁଟରଗୁଡ଼ିକ ମହାକାଶ ବିଜ୍ଞାନ ଓ ଜ୍ୟୋତିର୍ବିଜ୍ଞାନରେ ପ୍ରଚୁର ମାତ୍ରାରେ ବ୍ୟବହାର ହେବ। ଏହା ଦ୍ୱାରା ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଦୃଢ଼ୀକରଣ ହେବ ଓ ଡିଜିଟାଲ ନେଣଦେଣ ସୁରକ୍ଷିତ ଭାବରେ ହୋଇପାରିବ। କ୍ୱାଣ୍ଟମ ବିଜ୍ଞାନ ବଳରେ ଆହୁରି ଠିକ୍ ଭାବରେ ପାଣିପାଗର ସୂଚନା, କୃତ୍ରିମ ବୁଦ୍ଧିମତ୍ତା ଇତ୍ୟାଦି କ୍ଷେତ୍ରରେ ପ୍ରୟୋଗ ହେବ। କ୍ୱାଣ୍ଟମ ବିଜ୍ଞାନ ବର୍ତ୍ତମାନର ବ୍ୟବହୃତ ବ୍ୟାଟେରିଗୁଡ଼ିକର କାର୍ଯ୍ୟକାରିତା ପ୍ରଚୁର ପରିମାଣରେ ବୃଦ୍ଧି କରାଇବାରେ ସକ୍ଷମ ହେବ। ଏପରି କି ଟ୍ରାଫିକ୍ ପରିଚାଳନା, ଉନ୍ନତ ଔଷଧ ପ୍ରସ୍ତୁତ ପାଇଁ ମଧ୍ୟ ଏହି ବିଚକ୍ଷଣ ବିଜ୍ଞାନର ଉପଯୋଗିତା ହେବ। ଏଣୁ ଅନେକ ଦେଶ ଏବେଠୁ ଏହି ଦିଗରେ କାମ କରିବା ଆରମ୍ଭ କଲେଣି। ଆମେରିକା, ଚାଇନା, ଇସ୍ରାଏଲ, ରୁଷିଆ, ସିଙ୍ଗାପୁର, ଫ୍ରାନ୍ସ, କାନାଡା, ଜର୍ମାନୀ ଓ ଦକ୍ଷିଣ କୋରିଆ ଭଳି ଦେଶଗୁଡ଼ିକ ଏହି ଦିଗରେ ଅଗ୍ରଣୀ ସ୍ଥାନରେ ଅଛନ୍ତି। ଯେହେତୁ ଭାରତ ସଫ୍ଟୱେର କ୍ଷେତ୍ରରେ ବିଶ୍ୱରେ ଅଗ୍ରଣୀ ସ୍ଥାନ ଅଧିକାର କରିଛି ଓ ଭାରତର ସଫ୍ଟୱେର ବିଜ୍ଞାନୀମାନେ ବିଶ୍ୱରେ ନିଜର ସକ୍ଷମତା ପ୍ରମାଣିତ କରିସାରିଛନ୍ତି, ସେଇଥିପାଇଁ ଭାରତ ନିଜସ୍ୱ ସ୍ୱଦେଶୀ ଜ୍ଞାନକୌଶଳରେ ଏହି କ୍ୱାଣ୍ଟମ କମ୍ପ୍ୟୁଟର ନିର୍ମାଣ କରିବାକୁ ଅଗ୍ରସର ହୋଇଛି। ଏଥିପାଇଁ ଭାରତ ସରକାର ଗତ କିଛିଦିନ ତଳେ ୬ ହଜାର କୋଟି ଟଙ୍କାର ଜାତୀୟ କ୍ୱାଣ୍ଟମ ମିଶନ ଘୋଷଣା କରିଛନ୍ତି। ଏହା ଭାରତର ଏକମାତ୍ର ବୈଜ୍ଞାନିକ ମିଶନ, ଯେଉଁଥିରେ ଭାରତର ବିଜ୍ଞାନୀମାନେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ଟିକିନିକି ସବୁ ସରଞ୍ଜାମ ନିଜେ ପ୍ରସ୍ତୁତ କରିବେ। ଏହା ବିଶ୍ୱରେ ଭାରତର ବୈଜ୍ଞାନିକ ଉତ୍କୃଷ୍ଟତା ପ୍ରତିପାଦନ କରିବାର ଏକ ସୁନେହେରା ଅବସର ହେବ ନିଶ୍ଚୟ।

**ମୋ:୭୦୦୪୦୬୮୧୧୦**

## ଏଇ ଭାରତରେ

ଦାଦନ ଶ୍ରମିକଙ୍କ ଦୟନୀୟ ଜୀବନରେ ଯବନିକା ଆଣି ନୂଆ ଜୀବନ ଜିଇଁବାରେ ସାହାଯ୍ୟ କରୁଛନ୍ତି ଆଇଏଏସ୍ ଅଧିକାରୀ ଆଲ୍ବି ଜନ୍ ଭର୍ଗିସ। ସେ ତାମିଲନାଡୁର ଗ୍ରାମୀଣ ଅଞ୍ଚଳରୁ ଶତାଧିକ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି ସେମାନଙ୍କୁ ଅଧିକ ରୋଜଗାର ଓ ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ଅଧିକାର ଦେଇପାରିଛନ୍ତି। ଉଦ୍ଧାର କରାଯାଇଥିବା ଶ୍ରମିକମାନଙ୍କ ମଧ୍ୟରୁ ବି ଅନେକ ନିଜସ୍ୱ ଇଟାଭାଟି କରି ଅନ୍ୟ ଶ୍ରମିକଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ସୁଯୋଗ ସୃଷ୍ଟି କରିଛନ୍ତି। ତେବେ ଭର୍ଗିସ ଭାରତର ଦ୍ୱିତୀୟ ସଂଖ୍ୟାଧିକ ଦାଦନ ଶ୍ରମିକ ରାଜ୍ୟ ଭାବେ ପରିଚିତ ତାମିଲନାଡୁର ଥିରୁଭାଲୁର ଜିଲାପାଳ ଭାବେ ୪୦୦ ଦାଦନଙ୍କୁ ଉଦ୍ଧାର କରି ଜୀବିକା ଯୋଗାଇଛନ୍ତି। ଏଥିପାଇଁ ସେ 'ସିରାଗୁଗାଲ ବ୍ରିକ୍ସ' ନାମକ ଏକ ଗୋଷ୍ଠିଭିତ୍ତିକ ଇଟାଭାଟି କରି ସେଥିରେ ଏମାନଙ୍କୁ ନିଯୁକ୍ତ କରିଛନ୍ତି। ସେମାନଙ୍କ ପିଲାମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି। ଏତଦ୍ବ୍ୟତୀତ ଭାଟିରେ ଶ୍ରମିକମାନେ ସ୍ୱାଧୀନ ଭାବେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ରୋଜଗାର ନିଶ୍ଚିତ ହୋଇଛି ଓ ସେମାନେ ସାମାଜିକ ସ୍ରୋତରେ ନିଜକୁ ସାମିଲ କରିପାରୁଛନ୍ତି ବୋଲି କହନ୍ତି ଭର୍ଗିସ।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଜୁନ୍ ୧୯୯୮**

- ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆନା.ଡି.ଏମ୍.କେ. ନେତ୍ରୀ ଜୟଲଳିତାଙ୍କର ସମସ୍ତ ସ୍ଥାବର ସମ୍ପତ୍ତି ବ୍ୟାଜାପ୍ତି ପାଇଁ ରାଜ୍ୟ ସରକାର କୋର୍ଟର ଅନୁମତି ଲୋଡ଼ିଛନ୍ତି।
- ନିଜ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସାଂସଦ ପାଣ୍ଠି ପରିମାଣ ୨ କୋଟି ଟଙ୍କାକୁ ବୃଦ୍ଧି କରିବା ନେଇ ସରକାରଙ୍କ ପ୍ରସ୍ତାବ।
- ରୋହତକସ୍ଥିତ ଫାର୍ମ ହରିୟାଣା ଟେଲିକମ ଲିଃକୁ ୩୦ କୋଟିର କେବୁଲ ଯୋଗାଣ ଚୁକ୍ତି ଲାଗି ଅନୁକମ୍ପା ଦେଖାଇଥିବା ଅଭିଯୋଗରେ ପୂର୍ବତନ ଯୋଗାଯୋଗ ମନ୍ତ୍ରୀ ସୁଖରାମଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲା ରୁଜୁ।

# ପାଠକ ଶ୍ରେଷ୍ଠ ବିଚାରକ

## ଜଙ୍ଗଲ କ୍ଷୟରେ ଭାରତ ଦ୍ୱିତୀୟ

ମହାଶୟ,

ଇଂଲଣ୍ଡସ୍ଥିତ ସଂସ୍ଥା ୟୁଟିଲିଟି ବିଡରର ସଦ୍ୟ ତଥ୍ୟ ଅନୁସାରେ ୨୦୧୫ରୁ ୨୦୨୦ ମସିହା ମଧ୍ୟରେ ଭାରତରେ ୬ଲକ୍ଷ ୬୮,୦୦୦ ହେକ୍ଟର ଜଙ୍ଗଲ କ୍ଷୟ ହୋଇଛି। ଭାରତରେ ଜଙ୍ଗଲ କ୍ଷୟ ଉଦ୍ବେଗଜନକ। ଜଙ୍ଗଲ କ୍ଷୟରେ ଭାରତ ବ୍ରାଜିଲ ପରେ ବିଶ୍ୱରେ ଦ୍ୱିତୀୟ। ଏହି ତଥ୍ୟ ସତ୍ୟ ହୋଇଥିଲେ ସାଂଘାତିକ। କାରଣ ଏହା ଦେଶବାସୀଙ୍କର ଜୀବନ ମରଣ ସମସ୍ୟା। ୨୦୨୨ରେ ତାପମାତ୍ରା ଆମ ଦେଶରେ ୧୨୨ ବର୍ଷର ରେକର୍ଡ ଭଙ୍ଗ କରିଥିଲା। ଏହାଛଡ଼ା, ଚଳିତ ବର୍ଷ ଏପ୍ରିଲ୍ ୧୩ରେ ଘନ ଜଙ୍ଗଲ ପରିବେଷ୍ଟିତ ଓ ଶିମିଳିପାଳ ଜାତୀୟ ଉଦ୍ୟାନକୁ ଧାରଣ କରିଥିବା ଓଡ଼ିଶାର ବାରିପଦା ସହର ବିଶ୍ୱର ସବୁଠାରୁ ଉତ୍ତପ୍ତ ସହର ଭାବେ ଏହାର ତାପମାତ୍ରା ୪୩.୫ ଡିଗ୍ରୀ ସେଲ୍ସିୟସ ହୋଇଥିଲା। ଏହି ଦୁଇଟି ଘଟଣାରୁ ଜଙ୍ଗଲ କ୍ଷୟ ସଂକ୍ରାନ୍ତୀୟ ତଥ୍ୟରେ ସତ୍ୟତା ଥିବା ଅନୁଭବ କରାଯାଉଛି। ଏହି ତଥ୍ୟକୁ ସତ୍ୟ ବୋଲି ଗ୍ରହଣ କରାଗଲେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ପ୍ରତିବର୍ଷ ଦେଶରେ ଜଙ୍ଗଲ ପରିମାଣ ବୃଦ୍ଧି ପାଉଥିବାର ଯେଉଁ ପରିସଂଖ୍ୟାନ ହେଉଛନ୍ତି ତାହାର ସତ୍ୟାସତ୍ୟ ଉପରେ ସନ୍ଦେହ ସୃଷ୍ଟି ହେଉଛି। ତେବେ ଏପରି ସଙ୍କଟରୁ ମୁକ୍ତି ପାଇବା ପାଇଁ ହେଲେ ବ୍ୟାପକ ଚାରା ରୋପଣ ଓ ଜଙ୍ଗଲ ସୁରକ୍ଷାର ବିନା ଅନ୍ୟ ଉପାୟ ନାହିଁ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ଜଗତ୍ସିଂହପୁର**

## ଚିରନ୍ତନୀ

ଅବୋଧ ଜୀବନ-ପଥେ
ସମଦୁଃଖୀ ସାଥୀ ଅଗଣିତ,
ନାହିଁ ରୂପ ନାହିଁ ଚିହ୍ନ !
ସବୁ ଆଜି ପାସୋରିବା ଗୀତ !
(ଜଡ଼-ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







ବାହାନଗାଠାରେ ଦୁର୍ଘଟଣାଗ୍ରସ୍ତ ରେଳ ଲାଇନ୍‌କୁ ସଜଡ଼ା ଯାଉଛି।



ଟ୍ରେନ୍ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କୁ ଚିହ୍ନଟ ପାଇଁ ମୃତଦେହ ଧରି ଭୁବନେଶ୍ୱର ଏମ୍ସରେ ପହଞ୍ଚିଥିବା ଆମ୍ବୁଲାନ୍ସ ଧାଡ଼ିରେ ରହିଛି।

# ବୋର୍ଡ କହିଲା କେମିତି ହେଲା ଦୁର୍ଘଟଣା

## ଘଣ୍ଟା ପ୍ରତି ସ୍ପିଡ୍ ଥିଲା କରମଣ୍ଡଳ ୧୨୮ କି.ମି. ଓ ଯଶବନ୍ତପୁର ଏକ୍ସପ୍ରେସ୍ ୧୨୬ କି.ମି.

**ବାଲେଶ୍ୱର ଅଫିସ, ୪।୬**

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଘଟିଯାଇଥିବା ଭୟଙ୍କର ରେଳ ଦୁର୍ଘଟଣାକୁ ନେଇ ରେଲୱେ ବୋର୍ଡ ତରଫରୁ ବିସ୍ତୃତ ତଥ୍ୟ ଦିଆଯାଇଛି। କେମିତି ଦୁର୍ଘଟଣା ଘଟିଲା, କେଉଁ ଟ୍ରେନ୍ କେତେ ସ୍ପିଡ୍‌ରେ ଥିଲା, ଏହାର କାରଣ କ'ଣ ସେନେଇ ରେଲୱେ ବୋର୍ଡର ସଦସ୍ୟ ଜୟା ବର୍ମା ରବିବାର ଏକ ଖବରଦାତା ସମ୍ମିଳନୀରେ ତଥ୍ୟ ଦେଇଛନ୍ତି।

ଜୟା ବର୍ମା କହିଛନ୍ତି ଯେ, କେବଳ କରମଣ୍ଡଳ ଏକ୍ସପ୍ରେସ୍ ଦୁର୍ଘଟଣାର ଶିକାର ହୋଇଥିଲା। ସିଗନାଲ୍‌ରେ ତ୍ରୁଟି ରହିଥିବାରୁ ଏତେ ବଡ଼ ଦୁର୍ଘଟଣା ଘଟିଯାଇଛି। ୨୦ ମିନିଟ ଭିତରେ ପହଞ୍ଚିଥିଲେ ଉଦ୍ଧାରକାରୀ ଦଳ। ସର୍ବପ୍ରଥମେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ କରାଯାଇଥିଲା। ଏହାପରେ ମରାମତି ପ୍ରକ୍ରିୟା ଆରମ୍ଭ କରାଗଲା। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୩୬ଘଣ୍ଟା ହେବ ଘଟଣାସ୍ଥଳରେ ରହି ସବୁ ପ୍ରକାର ଅପରେଶନ ଏବଂ ଉଦ୍ଧାର କାର୍ଯ୍ୟ ସମୀକ୍ଷା କରୁଛନ୍ତି।

ରେଲୱେ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଜୁନ୍ ୨ ତାରିଖ ସନ୍ଧ୍ୟାରେ ବାହାନଗା ଷ୍ଟେଶନ ଦେଇ ୨ଟି ଏକ୍ସପ୍ରେସ୍ ଟ୍ରେନ ଭିନ୍ନ ଭିନ୍ନ ଦିଗରେ ଯିବାର ଥିଲା। ଷ୍ଟେଶନରେ ୨ଟି ମେନ୍‌ଲାଇନ୍ ରହିଛି, ଯେଉଁଥିରେ ଟ୍ରେନ୍ ବିନା ଷ୍ଟପେଜ୍‌ରେ ଗତି କରିଥାଏ। ଉଭୟ ମେନ୍‌ଲାଇନ୍‌ର ପାର୍ଶ୍ୱରେ ୨ଟି ଲୁପ୍ ଲାଇନ୍ ରହିଛି, ଯେଉଁଠାରେ ଟ୍ରେନ୍‌କୁ ଅଟକାଯାଏ। ଲୁପ୍ ଲାଇନ୍‌ରେ ୨ଟି ମାଲଗାଡ଼ି ଛିଡ଼ା ହୋଇଥିଲା। ଯଦ୍ୱାରା ମେନ୍ ଲାଇନରେ ବିନା ଷ୍ଟପେଜ୍‌ର ଟ୍ରେନ୍ ଯାଇପାରିବ। ଚେନ୍ନାଇରୁ କୋଲକାତା ଅଭିମୁଖେ ଯଶଓ୍ୱନ୍ତପୁର ଏକ୍ସପ୍ରେସ୍ ଗତି କରୁଥିଲା। ଏହି ଟ୍ରେନ କରମଣ୍ଡଳର କିଛି ସେକେଣ୍ଡ ପୂର୍ବରୁ ଆସୁଥିଲା। ବିପରୀତ ଦିଗରୁ କରମଣ୍ଡଳ ଏକ୍ସପ୍ରେସ୍ ଶାଲିମାର ଷ୍ଟେଶନରୁ ଚେନ୍ନାଇ ଅଭିମୁଖେ ଯାତ୍ରା କରୁଥିଲା। ଏଥିପାଇଁ ଗ୍ରୀନ ସିଗନାଲ ରହିଥିଲା ଏବଂ ସବୁ କିଛି ଠିକ୍ ଥିଲା। ଟ୍ରେନ ଓଭରସ୍ପିଡ୍ ନ ଥିଲା ଏବଂ ଲୋକୋ ପାଇଲଟ୍‌ଙ୍କୁ ସବୁଜ ସଙ୍କେତ ଦେଖାଯାଉଥିଲା, ଏଥିପାଇଁ ଟ୍ରେନ ସିଧା ଯିବାର ଥିଲା। ସବୁଜ ସଙ୍କେତ ଅର୍ଥ ଡ୍ରାଇଭରଙ୍କୁ ନିଜର ନିର୍ଦ୍ଧାରିତ ସ୍ପିଡ୍ ଅନୁସାରେ ବିନା ଷ୍ଟପେଜ୍‌ରେ ଗତି କରିବାର ଥିଲା। ତେଣୁ କରମଣ୍ଡଳ ଘଣ୍ଟା ପ୍ରତି ୧୨୮ କି.ମି. ବେଗରେ ଗତି କରୁଥିଲା। ବିପରୀତ ଦିଗରୁ ଆସୁଥିବା ଯଶଓ୍ୱନ୍ତପୁର ଏକ୍ସପ୍ରେସ୍ ମଧ୍ୟ ଘଣ୍ଟା ପ୍ରତି ୧୨୬ କି.ମି. ବେଗରେ ଯାତ୍ରା କରୁଥିଲା। ଲୋକୋ ପାଇଲଟ୍‌ଙ୍କୁ ସବୁଜ ସଙ୍କେତ ଦେଖାଯାଉଥିବାରୁ ଯଶଓ୍ୱନ୍ତପୁର ଏକ୍ସପ୍ରେସ୍‌କୁ ସିଧା ଯିବାର ଥିଲା। ହେଲେ କରମଣ୍ଡଳ ଏକ୍ସପ୍ରେସ୍ ପ୍ରଥମେ ମାଲଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ଏହାର ବଗି ଲାଇନଚ୍ୟୁତ୍ ହୋଇ ଅନ୍ୟ ଲାଇନକୁ ଚାଲିଯାଇଥିଲା। ଠିକ୍ ଏହି ସମୟରେ ଅନ୍ୟ ଲାଇନ୍‌ରେ ଗତି କରୁଥିବା ଯଶଓ୍ୱନ୍ତପୁର ଏକ୍ସପ୍ରେସ୍‌ର ଶେଷ ୨ଟି ବଗି ସହ ଦୁର୍ଘଟଣାଗ୍ରସ୍ତ କରମଣ୍ଡଳ ଏକ୍ସପ୍ରେସ୍‌ର ବଗି ଯାଇ ଧକ୍କା ହୋଇଥିଲା।

ପ୍ରାରମ୍ଭିକ ତଦନ୍ତ ପରେ ଯେଉଁ କାରଣ ସାମ୍ନାକୁ ଆସୁଛି, ସେଥିରେ ସିଗ୍‌ନାଲରେ ତ୍ରୁଟି ଦେଖିବାକୁ ମିଳିଛି। ରେଲୱେ ସେଫଟି କମିଶନରଙ୍କ ନିରୀକ୍ଷଣରେ ତଦନ୍ତ ଚାଲିଛି। ତେଣୁ ତଦନ୍ତ ନ ସରିବା ଯାଏ ବିଶେଷ କିଛି କୁହାଯାଇପାରିବ ନାହିଁ। କେବଳ କରମଣ୍ଡଳ ଏକ୍ସପ୍ରେସ୍ ହିଁ ଦୁର୍ଘଟଣାର ଶିକାର ହୋଇଛି, ଏହାକୁ ସମସ୍ତେ ବୁଝିବା ଉଚିତ୍। ଏହା କହିବା ଭୁଲ୍ ହେବ ଯେ ଏକାଧିକ ଟ୍ରେନ ମଧ୍ୟରେ ଧକ୍କା ହୋଇଛି। ତେବେ କେଉଁ କାରଣରୁ କରମଣ୍ଡଳ ଦୁର୍ଘଟଣାର ଶିକାର ହେଲା ଏହାର ତଦନ୍ତ ଜାରି ରହିଛି। କରମଣ୍ଡଳ ଏକ୍ସପ୍ରେସ୍ ବହୁତ ସୁରକ୍ଷିତ ଟ୍ରେନ ଏବଂ ସାଧାରଣତଃ ଏହା ଓଲଟେ ନାହିଁ। ଏହି ଘଟଣାରେ ଟ୍ରେନ ଯେଉଁ ସ୍ପିଡରେ ମାଲଗାଡ଼ିକୁ ଧକ୍କା ଦେଲା, ଦୁନିଆର ଏମିତି କୌଣସି ଟେକ୍ନୋଲୋଜି ନାହିଁ ଯିଏ ଏହାର ପ୍ରଭାବକୁ ଏଡ଼ାଇ ଦେଇପାରିବ। ଲୁହାପଥରରେ ମାଲଗାଡ଼ି ଭର୍ତ୍ତି ଥିବାରୁ ଟ୍ରେନ ଲାଇନ୍‌ରେ ଦୃଢ଼ ଭାବେ ଛିଡ଼ା ରହିଥିଲା। ଏହାର ସମସ୍ତ ଭାର କରମଣ୍ଡଳ ଏକ୍ସପ୍ରେସ ଉପରେ ପଡ଼ିଥିଲା। ମାଲଗାଡ଼ି ସହ ଧକ୍କା ହେବା କାରଣରୁ କରମଣ୍ଡଳ ଏକ୍ସପ୍ରେସର ବଗି ଲାଇନଚ୍ୟୁତ ହୋଇ ଏପଟସେପଟ୍ ଛିଟିକି ପଡ଼ିଥିଲା। କିଛି ବଗି ଡାଉନ ଲାଇନ୍‌ରେ ଯାଉଥିବା ଯଶଓ୍ୱନ୍ତପୁର ଏକ୍ସପ୍ରେସ୍‌ର ଶେଷ କିଛି ବଗି ସହ ମାଡ଼ ହୋଇଥିଲା। ଆଉ ଯଶଓ୍ୱନ୍ତପୁରର ବଗି ଲାଇନଚ୍ୟୁତ୍ ହୋଇଥିଲା। ଫଳରେ ଏତେ ବଡ଼ ଦୁର୍ଘଟଣା ଘଟିଗଲା ବୋଲି ରେଲୱେ ବୋର୍ଡ ତରଫରୁ କୁହାଯାଇଛି।

## ମୁଖ୍ୟମନ୍ତ୍ରୀ ଘୋଷଣା କଲେ ଅନୁକମ୍ପା ରାଶି

### ମୃତକଙ୍କ ପରିବାରକୁ ୫ ଲକ୍ଷ, ଗୁରୁତରଙ୍କୁ ଲକ୍ଷେ ଟଙ୍କା

**ଭୁବନେଶ୍ୱର, ୪।୬(ବ୍ୟୁରୋ):** ବାଲେଶ୍ୱର ବାହାନଗା ଷ୍ଟେଶନ ନିକଟରେ ଟ୍ରେନ ଦୁର୍ଘଟଣାରେ ମୃତାହତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ଓଡ଼ିଶାର ମୃତ ଯାତ୍ରୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଏବଂ ଗୁରୁତରଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଅର୍ଥରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଦିଆଯିବ। ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆହତ ରୋଗୀଙ୍କୁ ବାଲେଶ୍ୱରରୁ ଭୁବନେଶ୍ୱର ମଧ୍ୟରେ ବିଭିନ୍ନ ସରକାରୀ ଏବଂ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି, ଗୁରୁତର ଯାତ୍ରୀଙ୍କୁ ୨ଲକ୍ଷ ଟଙ୍କା ଓ ସାମାନ୍ୟ ଆହତଙ୍କୁ ୫୦ହଜାର ଟଙ୍କା ଦେବା ନେଇ ଘୋଷଣା କରିଥିଲେ। ଅନୁରୂପ ଭାବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ରାଜ୍ୟର ମୃତକଙ୍କ ପାଇଁ ୫ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ ମଧ୍ୟ ମୃତାହତଙ୍କ ପାଇଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

## ତଦନ୍ତ କମିଶନ ଗଠନ ହେଉ: ସୁପ୍ରିମକୋର୍ଟରେ ପିଆଇଏଲ୍

**ନୂଆଦିଲ୍ଲୀ,୪।୬**

ଓଡ଼ିଶାର ବାଲେଶ୍ୱର ଜିଲା ବାହାନଗା ବଜାର ଷ୍ଟେଶନରେ ୨୭୫ ଯାତ୍ରୀଙ୍କ ଜୀବନ ନେଇଥିବା ଟ୍ରେନ୍ ଦୁର୍ଘଟଣା ପଛର ପ୍ରକୃତ କାରଣ ଖୋଜିବା ପାଇଁ ସର୍ବୋଚ୍ଚ ଅଦାଲତର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ତଦନ୍ତ କମିଶନ ଗଠନ ସକାଶେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ସମ୍ପୃକ୍ତ କମିଶନ ୨ ମାସ ମଧ୍ୟରେ ତଦନ୍ତ ଶେଷ କରିବା ଉଚିତ ବୋଲି ଆଇନଜୀବୀ ବିଶାଲ ତିୱାରୀ ଉକ୍ତ ଆବେଦନରେ ଉଲ୍ଲେଖ କରିଛନ୍ତି।

ସୁପ୍ରିମକୋର୍ଟରୁ ଅବସର ନେଇଥିବା ଜଣେ ବିଚାରପତିଙ୍କ ଅଧ୍ୟକ୍ଷତାରେ ତୁରନ୍ତ ଏକ ତଦନ୍ତ କମିଶନ ଗଠନ ଲାଗି ଶୀର୍ଷ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ଉକ୍ତ କମିଶନରେ ବିଶେଷଜ୍ଞମାନଙ୍କୁ ସଦସ୍ୟ ରୂପେ ରଖାଯାଉ। ସେମାନେ ରେଲୱେ ସିଷ୍ଟମ୍‌ର ରିସ୍କ ଓ ସୁରକ୍ଷା ମାପଦଣ୍ଡକୁ ବିଶ୍ଳେଷଣ ତଥା ସମୀକ୍ଷା କରି ବ୍ୟବସ୍ଥିତ ନିରାପତ୍ତା ନିମନ୍ତେ ଆବଶ୍ୟକ ପରିବର୍ତ୍ତନର ପ୍ରସ୍ତାବ ଦେବେ। ରେଲୱେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ତଦନ୍ତ କମିଶନ ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିବେ ବୋଲି ଆବେଦନକାରୀ ତିୱାରୀ ଏଥିରେ ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଅଟୋମେଟିକ୍ ଟ୍ରେନ୍ ପ୍ରୋଟେକ୍ସନ (ଏଟିପି) ସିଷ୍ଟମ୍ 'କବଚ'କୁ କାର୍ଯ୍ୟକାରୀ କରା ନ ଯିବାରୁ ଏତେବଡ଼ ଦୁର୍ଘଟଣା ଘଟିଲା। ଏହା ହେଉଛି କର୍ତ୍ତବ୍ୟରେ ରେଳ କର୍ତ୍ତୃପକ୍ଷଙ୍କ ଅବହେଳା। ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ନାଗରିକଙ୍କ ଜୀବନଧାରଣ ଅଧିକାର ରହିଛି। ଟ୍ରେନ୍ ଦୁର୍ଘଟଣା ଏଡ଼ାଇ ଏହାକୁ ସୁନିଶ୍ଚିତ କରିବା ଲାଗି ସୁରକ୍ଷାତ୍ମକ ପଦକ୍ଷେପ ନିଆଯିବା ଆବଶ୍ୟକ। ଯଥାସମ୍ଭବ ପ୍ରତ୍ୟେକ ଟ୍ରେନ୍‌ରେ କବଚ ବ୍ୟବହାର କରାଯାଉ ବୋଲି ତିୱାରୀ ଉକ୍ତ ପିଆଇଏଲ୍‌ରେ ଉଲ୍ଲେଖ କରିଛନ୍ତି।



## ସ୍ଥିତି ସମୀକ୍ଷା କଲେ ମାଣ୍ଡବ୍ୟ | ଦିଲ୍ଲୀ, ରାୟପୁରରୁ ଆସିଛନ୍ତି ସ୍ୱତନ୍ତ୍ର ଡାକ୍ତରୀ ଟିମ୍: କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର (ବ୍ୟୁରୋ)/କଟକ ଅଫିସ, ୪।୬**

ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ଗୁରୁତର ଯାତ୍ରୀଙ୍କ ଚିକିତ୍ସା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ସହ ସ୍ୱତନ୍ତ୍ର ଡାକ୍ତରୀ ଦଳ ଦିଲ୍ଲୀରୁ ଭୁବନେଶ୍ୱର ଆସିଛନ୍ତି। ଏହି ବିଶେଷଜ୍ଞ ଦଳ ବିଭିନ୍ନ ମେଡିକାଲକୁ ଯାଇ ଚିକିତ୍ସା କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିବା ଲାଗି ଓଡ଼ିଶା ଆସିଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ରବିବାର ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ରୋଗୀଙ୍କୁ ଭେଟିବା ପରେ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍ସ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଛନ୍ତି।

ଏମ୍ସ ନିର୍ଦ୍ଦେଶକଙ୍କୁ ଭେଟି ସ୍ଥିତି ସମୀକ୍ଷା ପରେ ସୂଚନା ଦେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ବାହାନଗା ରେଳ ଦୁର୍ଘଟଣାରେ ହଜାରେରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଅଛନ୍ତି। ସେମାନଙ୍କ ଲାଗି ସ୍ୱତନ୍ତ୍ର ଚିକିତ୍ସାର ଆବଶ୍ୟକତା ଅଛି। ଏଥିପାଇଁ ଦିଲ୍ଲୀ ଏମ୍ସ ନେତୃତ୍ୱରେ ରାମ ମନୋହର ଲୋହିୟା (ଆର୍‌ଏମ୍‌ଏଲ୍) ହସ୍ପିଟାଲ ଓ ଲେଡି ହରଦିଙ୍ଗେ ମେଡିକାଲ କଲେଜର ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ସ୍ୱତନ୍ତ୍ର ଡାକ୍ତରୀ ଦଳ ଅତ୍ୟାଧୁନିକ ଯନ୍ତ୍ରପାତି, ମେଡିସିନ ସହ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ଏମ୍ସ ଆସିଛନ୍ତି। ଏହା ରୋଗୀଙ୍କ ଅପରେଶନ ଓ ଚିକିତ୍ସାରେ ସହାୟକ ହେବ। କେଉଁ ସବୁ ହସ୍‌ପିଟାଲରେ ଆହତଙ୍କ ଚିକିତ୍ସା ଚାଲିଛି, ତା'ର ସମୀକ୍ଷା କରାଯାଇଛି। ଚିକିତ୍ସିତ ହେଉଥିବା ଆହତଙ୍କୁ କେଉଁ ପ୍ରକାର ଚିକିତ୍ସା ଆବଶ୍ୟକ ରହିଛି, କେଉଁ ବିଶେଷଜ୍ଞ ଡାକ୍ତର କେଉଁ ମେଡିକାଲ ଯିବେ ସେ ନେଇ ଏକ ପ୍ଲାନ ପ୍ରସ୍ତୁତ କରାଯାଇଛି। ବିଶେଷଜ୍ଞ ଡାକ୍ତର ଦଳ ସେହି ମେଡିକାଲରେ ପହଞ୍ଚି ଆହତଙ୍କ ଉପଯୁକ୍ତ ଚିକିତ୍ସା କରିବେ। ଫଳରେ ଅନେକ ଜୀବନ ବଞ୍ଚିବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଭୁବନେଶ୍ୱର ଏମ୍ସରେ ଆହତଙ୍କୁ ଭେଟି କ୍ୟାପିଟାଲ ହସ୍ପିଟାଲ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ଏହାପରେ ସେ କଟକ ବଡ଼ ମେଡିକାଲକୁ ଯାଇ ଚିକିତ୍ସିତ ହେଉଥିବା ଦୁର୍ଘଟଣାଗ୍ରସ୍ତଙ୍କୁ ଭେଟି ସେମାନଙ୍କୁ କିପରି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି, ତା'ର ସମୀକ୍ଷା କରିଥିଲେ। ସେମାନଙ୍କୁ ଯେପରି ଉନ୍ନତମାନର ଚିକିତ୍ସା ମିଳିପାରିବ, ସେନେଇ ଡାକ୍ତରୀ ଟିମ୍ ସହିତ ଆଲୋଚନା ମଧ୍ୟ କରିଛନ୍ତି। ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ରାୟପୁରରୁ ୧୦ ଜଣିଆ ଟିମ୍ ଆସୁଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ କଟକ ଏସ୍‌ସିବି ମେଡିକାଲ କଲେଜରେ ରୋଗୀଙ୍କୁ ଭେଟିଛନ୍ତି। ସେଠାରୁ ୩ କେନ୍ଦ୍ରମନ୍ତ୍ରୀ ରେଲୱେ ଗେଷ୍ଟହାଉସ୍ ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ ବୋଲି ଜଣାପଡ଼ିଛି।

**BAJAJ ALLIANZ GENERAL INSURANCE COMPANY LIMITED**
IRDA Reg. No. 113 | BAGIC CIN - U66010PN2000PLC015329
Regd. Office: Bajaj Allianz House, Airport Road, Yerawada, Pune-411006.
Tel.: 1800-209-5858 Fax: 020-30512246

**PUBLIC NOTICE**

**IN THE HIGH COURT OF ODISHA**
**M.A.C.A No. 360/2021**
*Between:*
**The Manager Claim, Bajaj Allianz GIC Ltd......Appellant**
*Vs.*
**Smt. Mariyam Raita & Others....... Respondents**

To

R-6 Bipin Uday Singh, S/O, Mukunda Udaya Singh of village:

Kuhudi, PIN- 752027, PS: Tangi, Dist: Khurda, Owner of vehicle OD-02-G-5103

Take notice that the above Miscellaneous Appeal has been presented in this court by Mr. G.P. Dutta, advocate against the award by the Learned IIIrd MACT-Cum-Addl. District Judge, Bhanjanagar, Dist: Ganjam in MAC Case No.47 of 2014

The Appeal notice on you could not be served in spite of several attempts. You are herby directed to appear before the Hon'ble Court at 10.30 A.M. on 26.06.23 in person or through your pleader or by law authorized to act for you in this appel an in case of failure to appear on the date and time fixed it will be heard and decided exparte on your absence according to law.

By order of this Court
**High Court of Orissa.**

For and on behalf of
**Bajaj Allianz General Insurance Co. Ltd.**

## ଭଗବାନଙ୍କ ଦୟାରୁ ଦ୍ୱିତୀୟ ଜନ୍ମ ମିଳିଲା

**ଭୁବନେଶ୍ୱର,୪।୬(ବ୍ୟୁରୋ)**

କଥାରେ ଅଛି ରଖେ ହରି ତ ମାରେ କିଏ। କାଳର କରାଳ ରୂପ ଯେତେ ହେଉ ନା କାହିଁକି ନିଜେ ବଞ୍ଚିବା ସହ ନିଜ ପରିବାରବର୍ଗ ଓ ଦୁର୍ଘଟଣାଗ୍ରସ୍ତ ଯାତ୍ରୀଙ୍କୁ ବଞ୍ଚାଇଛନ୍ତି ବିହାର ପାଟଣା ଅଞ୍ଚଳର ଯୁବକ ଅଟଳ। ଶୁକ୍ରବାର ସନ୍ଧ୍ୟାରେ ବାଲେଶ୍ୱର ବାହାନଗାରେ ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ଅନେକଙ୍କ ପରିବାର ଛାରଖାର ହୋଇଥିବାବେଳେ ପାଟଣାର ଯୁବକ ଅଟଳ ଦୁର୍ଘଟଣାଗ୍ରସ୍ତ ହୋଇ ମଧ୍ୟ ନିଜ ଜୀବନକୁ ବାଜିରେ ଲଗାଇ ସହଯାତ୍ରୀଙ୍କୁ ଉଦ୍ଧାର କାର୍ଯ୍ୟରେ ଲାଗିପଡିଥିଲେ। ତେବେ ଅଟଳଙ୍କ କହିବା ଅନୁଯାୟୀ, ସେ ଓ ତାଙ୍କ ପରିବାର ଲୋକ ନିଜ ଝିଅର ଚିକିତ୍ସା ଲାଗି କରମଣ୍ଡଳରେ ଚେନ୍ନାଇ ଅଭିମୁଖେ ଯାତ୍ରା କରୁଥିଲେ। ଦୁର୍ଭାଗ୍ୟବଶତଃ ଟ୍ରେନ୍‌ଟି ବାହାନଗା ପାଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଟଳଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏହା ସତ୍ତ୍ୱେ ସେ ତାଙ୍କ ପରିବାର ସହ ଅନ୍ୟ ଲୋକଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଏଥିସହ



ନିଜେ ମଧ୍ୟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ସେ ଓ ତାଙ୍କ ପରିବାର ଲୋକେ ରବିବାର ପୂର୍ବତଟ ରେଳପଥର ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଭଦ୍ରକରୁ ଚେନ୍ନାଇ ଅଭିମୁଖେ ଯାତ୍ରା କରିଛନ୍ତି। ଯିବାବେଳେ ଭଗବାନଙ୍କ ଦୟାରୁ ତାଙ୍କୁ ଦ୍ୱିତୀୟ ଜନ୍ମ ମିଳିଲା ବୋଲି ଅଟଳ କହିଛନ୍ତି। ଚିକିତ୍ସା ପରେ ତୁରନ୍ତ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିବାରୁ ରେଳ ବିଭାଗକୁ ସେ ଧନ୍ୟବାଦ ଦେଇଛନ୍ତି।

## ସାନପୁଅ ମିଳିଲା, ବଡ଼ପୁଅ ନିଖୋଜ

### ମୋବାଇଲରେ ଫଟୋ ଦେଖାଇ ଖୋଜୁଛନ୍ତି ବାପା

**ଭଦ୍ରକ ଅଫିସ,୪।୬**

ସାନପୁଅ ସୋର ଡାକ୍ତରଖାନାରୁ ମିଳିଲା। ବଡ଼ପୁଅକୁ ସୋର, ବାଲେଶ୍ୱର, କଟକ, ଭଦ୍ରକର ବିଭିନ୍ନ ମେଡିକାଲରେ ଖୋଜିବା ପରେ ମଧ୍ୟ ତା'ର କୌଣସି ଠିକଣା ମିଳୁନି ବୋଲି କୋହଭରା କଣ୍ଠରେ କହିଛନ୍ତି ବିହାର ମୋତିହାରିର ଅଲ୍ଲୀ ହୁସେନ। ତାଙ୍କ ପୁଅକୁ ଖୋଜି ଖୋଜି ସେ ରବିବାର ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ମୋବାଇଲରେ ତାଙ୍କ ବଡ଼ପୁଅର ଫଟୋ ଦେଖାଇ ଲୋକଙ୍କୁ ପଚାରି ଚାଲିଥିଲେ। ତାଙ୍କ ବଡ଼ପୁଅ ଏକଦିଲ୍ ମହମ୍ମଦ ଓ ସାନପୁଅ ରାଜ୍ ମହମ୍ମଦ କାମ କରିବା ପାଇଁ କରମଣ୍ଡଳରେ ଚେନ୍ନାଇ ଯାଉଥିଲେ। ବାହାନଗାରେ ଟ୍ରେନ୍ ଦୁର୍ଘଟଣା ଶୁଣିବା ପରେ ପରଦିନ ଦୁଇପୁଅଙ୍କୁ ଖୋଜିବାକୁ ସେ ବାଲେଶ୍ୱରରେ ପହଞ୍ଚିଥିଲେ। ସୋର ମେଡିକାଲରେ ଚିକିତ୍ସା ପରେ ସୁସ୍ଥ ଥିବା ସାନପୁଅକୁ ପାଇଥିବା ବେଳେ ବଡ଼ପୁଅ ମୃତ କିମ୍ବା ଜୀବିତ ତା'ର କୌଣସି ସନ୍ଧାନ ଏପର୍ଯ୍ୟନ୍ତ ପାଇ ନ ଥିବା ଅଲ୍ଲୀ ହୁସେନ ଲୁହ ଛଳ ଛଳ ଆଖିରେ କହିଥିଲେ।



ବିହାରର ଅଲ୍ଲୀ ହୁସେନ ମୋବାଇଲରେ ତାଙ୍କ ପୁଅ ଫଟୋ ଦେଖାଉଛନ୍ତି।

NATION TAX MARKET

Ph: 0674-258 9935, 258 8672.
Fax: 0674-258 9938,
E-mail. ccbbsr@rediffmail.com/
ccu-exbbr@nic.in

मुख्य आयुक्त का कार्यालय, जीएसटी,केंद्रीय उत्पाद एवं सीमा शुल्क, भुवनेश्वर जोन
OFFICE OF THE CHIEF COMMISSIONER, GST, CX & CUSTOMS, BHUBANESWAR ZONE
केंद्रीय राजस्व भवन, राजस्व विहार, भुवनेश्वर – 751007, ओड़िशा
C.R. BUILDING, RAJASWA VIHAR, BHUBANESWAR-751007, ODISHA

**NOTICE**

Applications are invited from experienced legal practitioners for drawal of a Regular Panel of Standing Counsels (06 Senior Standing Counsels and 03 Junior Standing Counsels) for handling litigations matter related to indirect taxation before the Hon'ble High Court of Orissa and other fora. The details regarding eligibility criteria & other terms and conditions governing the appointment of Standing Counsels shall be are as per the Central Board of Indirect Taxes and Customs Letter F.No.278A/43/2007-Legal dated 05.12.2007 and F.No. 278A/50/2011-Legal dated 14.09.2012 which is available in the link given below-

**www.cbic.gov.in/resources//htdocs-cbec/standing-counsels-guidelines.pdf**

The applicants must be registered as an advocate with Orissa High Court and having requisite experience in handling GST, Customs, Central Excise & Service Tax matters and other emerging areas in Anti-profiteering, NCLT, NCLAT etc., may apply in the prescribed proforma A or A-1 by hand or speed /registered post in a sealed cover addressed to **Shri Susanta Kumar Mishra, Joint Commissioner (Law), Office of the Chief Commissioner, Central GST, Central Excise & Customs, C.R. Building, Rajaswa Vihar, Bhubaneswar, Odisha- 751007**, so as to reach on or before **05.07.2023**. The applicants who submit application by hand / in person can collect dated acknowledgement at the time of submission of the application.

Applications received after **18.00 hrs. of 05.07.2023** shall not be entertained. The short listed candidates will be called for a interview, on a specified date / time which will be intimated in due course. The envelope containing the application along with copies or all the requisite documents should be clearly superscribed as "**Application for the Post of Senior / Junior Standing Counsel**".

**Sd./- (Susanta Kumar Mishra)**
**Joint Commissioner (Law-CCO)**
**CGST, Central Excise & Customs**
**Bhubaneswar Zone, Bhubaneswar**

## କେନାଲରୁ ଅଚିହ୍ନା ମୃତଦେହ ଜବତ

**ମଙ୍ଗୁଳି-ଜଗତପୁର,(ଡି.ଏନ୍.ଏ.):** ଜଗତପୁର ଥାନା ଅଧୀନ ମଧୁବାବୁ ଛକ ନିକଟ କେନ୍ଦ୍ରାପଡ଼ା କେନାଲରୁ ରବିବାର ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ଏକ ନୀଳ ରଙ୍ଗର ଗଞ୍ଜି ପିନ୍ଧିଥିବାବେଳେ ବୟସ ପ୍ରାୟ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ସନ୍ଧ୍ୟାରେ ମୃତଦେହ ଭାସୁଥିବା ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇ ତଦନ୍ତ ଜାରି ରଖିଛି।

# ୯୦ ଦଶକର ରୋମାନ୍ସ ସତେଜ



ପଦ୍ମଶ୍ରୀ କୁମାର ସାନୁ

## ଟିମ୍ ଇନ୍‌ଫ୍ରାକନ୍ ପକ୍ଷରୁ ସାଉଣ୍ଡ୍ ଅଫ୍ ସୋଲ୍

ଭୁବନେଶ୍ୱର,୪।୬(ବ୍ୟୁରୋ)

ଦୋ ଦିଲ୍ ମିଲ୍ ରହି ହେ...। ୯୦ଦଶକର ଏହି ସୁପରହିଟ୍ ଗୀତରୁ ଆରମ୍ଭ ହୋଇଥିଲା ବଲିଉଡ୍‌ର ପ୍ରସିଦ୍ଧ କଣ୍ଠଶିଳ୍ପୀ ପଦ୍ମଶ୍ରୀ କୁମାର ସାନୁଙ୍କ ଲାଇଭ୍ କନ୍‌ସର୍ଟ 'ସାଉଣ୍ଡ୍ ଅଫ୍ ସୋଲ୍'। କାର୍ଯ୍ୟକ୍ରମ ଆରମ୍ଭରୁ ବାଦ୍ୟ ସଙ୍ଗୀତରୁ ଦର୍ଶକ ଠଉରାଇ ନେଇଥିଲେ ମଞ୍ଚକୁ କିଏ ଆସୁଛନ୍ତି। ଆଉ ତାଳି, ହୁଇସିଲ୍‌ରେ ସ୍ୱାଗତ ଜଣାଇଥିଲେ ଅତିପ୍ରିୟ ସାନୁ ଦାଦାଙ୍କୁ। ପ୍ରଥମ ଗୀତ ପରେ ଜୟ ଜଗନ୍ନାଥ କହି ଲୋକଙ୍କ ପାଖେ ନିଜର କଥା ରଖିଥିଲେ। ବହୁତ ଦିନ ପରେ ଆସିଥିବାରୁ ନିଜର ଖୁସି ଅଭିବ୍ୟକ୍ତି କରି ଶ୍ରୋତାଙ୍କ ପାଖେ ଏକ ସର୍ତ୍ତ ବାଢ଼ିଥିଲେ। ଚିଲାଚିଲି, ତାଳି ଓ ହୁଇସିଲ ଲାଗି ରହିଲେ ଜବରଦସ୍ତ ଗୀତ ପରିବେଷଣ କରିବେ ବୋଲି କହିଥିଲେ କୁମାର ସାନୁ। ଆଉ ଏହା ପରେ ଆରମ୍ଭ କରିଦେଇଥିଲେ ଗୋଟିଏ ପରେ ଗୋଟିଏ ହିଟ୍ ଗୀତ। ଆଗରେ ବସିଥିଲେ ୯୦ଦଶକରେ କଲେଜରେ ପଢୁଥିବା ବୟସ୍କ ଶ୍ରୋତା। ସେମାନଙ୍କ କଲେଜ ଦିନକୁ ମନେ ପକାଇ ଦେବାକୁ ସେ ୯୦ଦଶକର ରୋମାନ୍ସ ରିକ୍ରିଏଶନ କରିଥିଲେ। ଆଉ ଏହାପୂର୍ବରୁ କହି ଦେଇଥିଲେ ପୁରୁଣା କଥା ମନେ ପକାଇ ମୁହଁରେ ଏକ୍ସପ୍ରେସନ କେହି ବଦଳାଇବ ନାହିଁ। ନ ହେଲେ ପାଖରେ ବସିଥିବା ସ୍ତ୍ରୀଙ୍କ ପାଖରୁ ଘରକୁ ଗଲେ ଝାଡୁ ମାଡ଼ ଖାଇବାକୁ ପଡ଼ିବ। ମନରେ ଉତ୍କଣ୍ଠା ଆଉ ଉନ୍ମାଦନା ଭରିଦେବା ଭଳି ଏଭଳି କଥା କହି କହି କୁମାର ସାନୁଙ୍କ କଣ୍ଠରୁ ବାହାରି ଆସିଥିଲା ୯୦ଦଶକର ହିଟ୍ ଗୀତ। ସାନ୍‌ସୋ କି ଜରୁରତ୍ ହେ ଜେସେ ଜିନ୍ଦେଗୀ କେ ଲିୟେ...., ଧୀରେ ଧୀରେ ସେ ମେରି ଜିନ୍ଦେଗୀ ମେ ଆନା.., ତୁମ୍ ଦିଲ୍ କି ଧଡ଼କନ୍ ମେ ରେହେତି ହୋ.., ଇସ୍ ତରହା ଆଶିକ୍ କା ଅସର ଛୋଡ୍ ଜାଉଙ୍ଗା.., ଦିଲ୍ କା ଆଲାମ୍ ମେ କ୍ୟା ବତାଉଁ ଜରା.., ଲେଡ୍‌କି ଆଖ୍ ମାରେ.., ୟେ କାଲି କାଲି ଆଖେ.., ଜବ୍ କୋଇ ବାତି ବିଗଡ଼ ଜାଏ... ଭଳି ରୋମାଣ୍ଟିକ୍ ଗୀତ ମାଧ୍ୟମରେ ସେ ଶ୍ରୋତାଙ୍କ ମନରେ ଭରିଦେଇଥିଲେ ଅସରନ୍ତି ରୋମାନ୍ସ।

ଟିମ୍ ଇନ୍‌ଫ୍ରାକନ୍ ପକ୍ଷରୁ ଭୁବନେଶ୍ୱରସ୍ଥିତତ ଉତ୍କଳ ମଣ୍ଡପଠାରେ ରବିବାର ହୋଇଥିଲା କୁମାର ସାନୁଙ୍କ ଏହି ଲାଇଭ୍ କନ୍‌ସର୍ଟ। ସନ୍ଧ୍ୟାର ଧିମା ଧିମା ପବନ ସହ ଏକ ଅନନ୍ୟ ବାତାବରଣ ସୃଷ୍ଟି କରିଥିଲା ଏହି ନିଆରା କାର୍ଯ୍ୟକ୍ରମ। ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ଟିମ୍‌ର ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ଥିଲେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'।



କୁମାର ସାନୁଙ୍କ ସହଯୋଗୀ କଣ୍ଠଶିଳ୍ପୀ ସର୍ନାଲି ଓ ବିପ୍ଳବ ସଙ୍ଗୀତ ପରିବେଷଣ କରୁଛନ୍ତି।

## ମନକୁ ତୋର ଚୋରେଇ ନେଲି...

ଓଡ଼ିଶାକୁ ଆସି ଓଡ଼ିଆରେ ଗୀତ ଗାଇ ଓଡ଼ିଆଙ୍କ ଆଉ ଟିକେ ନିକଟତର ହୋଇଥିଲେ କୁମାର ସାନୁ। ଲୋକପ୍ରିୟ ଓଡ଼ିଆ ଗୀତ 'ମନକୁ ମୋର ଚୋରାଇ ନେଲି, ତୋତେ ବି ଚୋରେଇ ନେବି...' ଗୀତରେ ସେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। କେବଳ ଓଡ଼ିଆ ଗୀତ ନୁହେଁ, ମଞ୍ଚକୁ ଆସିବା ପରଠାରୁ ହିଁ ଦର୍ଶକଙ୍କ ମନ ପସନ୍ଦର ଗୀତ ଗାଇ ସମସ୍ତଙ୍କୁ ନିଜ ପ୍ରତି ଆକର୍ଷିତ କରିଥିଲେ। କେବଳ ୯୦ ଦଶକର ଲୋକ ନୁହେଁ, ଯୁବବର୍ଗର ଶ୍ରୋତାଙ୍କ ସମାଗମ ବେଶ୍ ଅଧିକ ଥିଲା। ସେମାନଙ୍କ ତାଳି, ହୁଇସିଲରେ କମ୍ପି ଉଠୁଥିଲା ପରିବେଶ। କୁମାର ସାନୁଙ୍କ ପୂର୍ବରୁ ତାଙ୍କର କୋ ସିଙ୍ଗରମାନେ ମଧ୍ୟ ଗୀତ ପରବେଷଣ କରିଥିଲେ। ଗାୟକ ବିପ୍ଳବ ଚକ୍ରବର୍ତ୍ତୀ ଏକ ହସିନା ଥି ଏକ ଦିୱାନା ଥା.., ବଚନା ୟେ ହସିନୋ ଆଦି ଗୀତ ଗାଇଥିଲେ। ସେହିପରି ଅନ୍ୟଜଣେ କୋ ସିଙ୍ଗର ସର୍ନାଲି ମଧ୍ୟ ଲଗା ଯା ଗଲେ.., ମେରେ ରସ୍କେ କମର ..ଗୀତ ଦର୍ଶକଙ୍କ ପାଖେ ଉପସ୍ଥାପିତ କରିଥିଲେ। ଉଭୟଙ୍କ ଗୀତ ଶ୍ରୋତାଙ୍କ ମନକୁ ଛୁଇଁଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ବିଶ୍ୱ ପରିବେଶ ଦିବସ ପାଳନ, ଖଣ୍ଡଗିରି, ସକାଳ ୮ଟା।
- ପ୍ରେରଣା ପକ୍ଷରୁ ଆନ୍ତର୍ଜାତିକ ଯୁବ ସବୁଜ ମହୋତ୍ସବ ଓ ଏକଲକ୍ଷ ଟଙ୍କାର ଗ୍ରୀନମ୍ୟାନ ସମ୍ମାନ ପ୍ରଦାନ ପର୍ବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ସଂଭାବନାର ବିଶ୍ୱ ପରିବେଶ ଦିବସ ଆଲୋଚନାଚକ୍ର, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଭାଷା ସୁରକ୍ଷା ସମ୍ମିଳନୀର ମୁଖପତ୍ର 'ଭାଷା ସୁରକ୍ଷା'ର ତୃତୀୟ ସଂଖ୍ୟାର ଉନ୍ମୋଚନ ଉତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।
- ଲାବଣ୍ୟ ଥିଏଟରର ୩୩ତମ ନାଟକ 'ଟାଟୁବାଲି', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

କଟକ
- ଓଡ଼ିଶା ପ୍ରୋଜେକ୍ଟ ଆଣ୍ଡ ମାର୍କେଟିଂ ଡେଭେଲପମେଣ୍ଟ ସେଣ୍ଟର ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ, ସରକାରୀ ଆଇଟିଆଇ ସମ୍ମିଳନୀ କକ୍ଷ, ଖପୁରିଆ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କଟକ ଜିଲା ଶାଖା ପକ୍ଷରୁ ଇଂ. ରାଜେନ୍ଦ୍ର ରାଉତଙ୍କ ୪୧ତମ ସ୍ମରଣ ସଭା, ମାଛୁଆବଜାରସ୍ଥିତ ସମିତି କାର୍ଯ୍ୟାଳୟ ପରିସର, ସନ୍ଧ୍ୟା ୬ଟା ୩୦।

## ୨ ଝିଅଙ୍କ ବ୍ରତଘର କରି ଚର୍ଚ୍ଚାରେ ପ୍ରବାସୀ ଓଡ଼ିଆ

ଭୁବନେଶ୍ୱର,୪।୬(ବ୍ୟୁରୋ)

ସାଧାରଣତଃ ପୁଅଙ୍କର ବ୍ରତଘର ହୋଇଥାଏ। ମାତ୍ର ଝିଅଙ୍କ ବ୍ରତଘର କରି ଚର୍ଚ୍ଚାକୁ ଆସିଛନ୍ତି ପ୍ରବାସୀ ଓଡ଼ିଆ ଦମ୍ପତି। ରବିବାର ଭୁବନେଶ୍ୱରର ଏକ ହୋଟେଲରେ ଦେଖିବାକୁ ମିଳିଥିଲା ଏମିତି ଏକ ନିଆରା କାର୍ଯ୍ୟକ୍ରମ। ବାଲେଶ୍ୱରର ଗୁରୁସୋମ ରଥ ତାଙ୍କ ପୁଅ ଓ ୨ଝିଅଙ୍କର ବ୍ରତଘର କରାଇଛନ୍ତି। ତାହାପୁଣି ସମସ୍ତ ରୀତିନୀତି ସହ। ସେ ତାଙ୍କ ସ୍ତ୍ରୀ ଜେନିକ୍ ରଥ ଓ ପିଲାଙ୍କ ସହ ଆମେରିକାରେ ରହୁଛନ୍ତି। ଉଭୟ ସେଠାରେ ଆଇଟି କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟରତ। ୭ବର୍ଷୀୟ ପୁତ୍ର ଗୁରୁଜୋଶ୍ ରଥ, ୧୭ବର୍ଷୀୟ କନ୍ୟା ଡାନିଏଲ ଓ ୮ବର୍ଷୀୟା ଆନିକାଙ୍କର ଏହି ବ୍ରତଘରରେ ସମସ୍ତ କର୍ମ ସମାନ ଭାବେ ହୋଇଛି। ଏ ନେଇ ଗୁରୁସୋମ କହିଛନ୍ତି, ବେଦ ହିସାବରେ ମୁଁ ଏହି କର୍ମ କରିଛି। ଲୋକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ପୁରାଣରେ ନ ଥାଇ ପାରେ। କିନ୍ତୁ ବେଦ ହିସାବରେ ବ୍ରାହ୍ମଣ ନ ହୋଇଥିବା ଲୋକର ମଧ୍ୟ ବ୍ରତଘର ହୋଇପାରିବ। ପୌରାଣିକ ଦୃଷ୍ଟିରୁ ଦେଖିଲେ ନାନା ମୁନିଙ୍କର ନାନା ମତ ଭଳି ବହୁତ କିଛି ରୀତିନୀତି ତିଆରି ହୋଇଯାଇଛି। ବ୍ରାହ୍ମଣମାନେ ଅନେକ ପରମ୍ପରା ସୃଷ୍ଟି କରିଛନ୍ତି। ତେଣୁ ବେଦକୁ ଦୃଷ୍ଟିରେ ରଖି ମୁଁ ମୋ ପୁଅ ସହ ୨ଝିଅଙ୍କର ବ୍ରତଘର କରାଇଛି।



## ରଥଯାତ୍ରା ପାଇଁ ସ୍ୱତନ୍ତ୍ର ମୋ ବସ୍ ସେବାର ଶୁଭାରମ୍ଭ

ଭୁବନେଶ୍ୱର, ୪।୬ (ବ୍ୟୁରୋ)

ରଥଯାତ୍ରା ପରିପ୍ରେକ୍ଷୀରେ ନାଗରିକ ଓ ପର୍ଯ୍ୟଟକଙ୍କ ଆବଶ୍ୟକତା ପୂରଣ କରିବା ଲାଗି କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ସ୍ୱତନ୍ତ୍ର ମୋ ବସ୍ ସେବାର ଶୁଭାରମ୍ଭ କରାଯାଇଛି। ଦୁଇଟି ରୁଟ୍ ନଂ.୭: ମାଷ୍ଟର କ୍ୟାଣ୍ଟିନ୍‌ରୁ ବ୍ରହ୍ମଗିରି ଓ ରୁଟ୍ ନଂ.୮: ବରମୁଣ୍ଡାରୁ ବ୍ରହ୍ମଗିରିକୁ ସ୍ୱତନ୍ତ୍ର ମୋ ବସ୍ ଚଳାଚଳ କରିବ। ରଥଯାତ୍ରାକୁ ନେଇ ରହିଥିବା ଧାର୍ମିକ ଗୁରୁତ୍ୱ ଏବଂ ଏଥିପାଇଁ ଗମନାଗମନ ଆବଶ୍ୟକତା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଣସର ସମୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ରହ୍ମଗିରିକୁ ଏକ ଉତ୍ସର୍ଗୀକୃତ ସାର୍ବଜନୀନ ପରିବହନ ସୁବିଧା ପ୍ରଦାନ କରାଯିବ। ଏହି ସେବା ସୋମବାର ୫ ତାରିଖ ପରଠାରୁ ଆରମ୍ଭ ହେବ। ଏହା ପ୍ରମୁଖ ସ୍ଥାନ ଦେଇ ଗତି କରିବା ସହ ସର୍ବାଧିକ ଯାତ୍ରୀଙ୍କ ପାଖରେ ପହଞ୍ଚିବାକୁ ସୁନିଶ୍ଚିତ କରିବ ବୋଲି ସୂଚନା ଦିଆଯାଇଛି। ଅଧିକ ବିବରଣୀ ଜାଣିବା ଲାଗି କ୍ରୁଟ୍‌ର ଅଫିସିଆଲ ସୋସିଆଲ ମିଡିଆ ହାଣ୍ଡେଲ୍‌କୁ ଯିବାକୁ ପରାମର୍ଶ ଦିଆଯାଇଛି।

## ସିଙ୍ଗାପୁର ଭାରତର ୮ମ ବାଣିଜ୍ୟିକ ବନ୍ଧୁ

- ଭୁବନେଶ୍ୱର-ସିଙ୍ଗାପୁର ବିମାନ ସେବା ଦକ୍ଷିଣ ପୂର୍ବ ଏସିଆକୁ ଯୋଡିବ: ମୁଖ୍ୟମନ୍ତ୍ରୀ
- ଟ୍ରେନ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରବାସୀ ଓଡ଼ିଆ

ଭୁବନେଶ୍ୱର, ୪।୬ (ବ୍ୟୁରୋ)

ଜୁନ୍ ୩ ଶନିବାରଠାରୁ ଭୁବନେଶ୍ୱରରୁ ସିଙ୍ଗାପୁରକୁ ସିଧାସଳଖ ବିମାନ ସେବା ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଫିକି ସହଯୋଗରେ ସିଙ୍ଗାପୁର ଓ ମାଲେସିଆରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ଏକ ଭାବବିନିମୟ କାର୍ଯ୍ୟକ୍ରମ ରବିବାର ସିଙ୍ଗାପୁରସ୍ଥିତ ଫେୟାରମଣ୍ଟ ହୋଟେଲଠାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସିଙ୍ଗାପୁରରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ପି. କୁମାରନ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡିଶା ଓ ସିଙ୍ଗାପୁର ମଧ୍ୟରେ ବିମାନ ଚଳାଚଳ କରିବାରେ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ସିଙ୍ଗାପୁର ଭାରତର ୮ମ ବାଣିଜ୍ୟିକ ବନ୍ଧୁ। ଦୁଇ ଦେଶ ମଧ୍ୟରେ ହେଉଥିବା ବାଣିଜ୍ୟିକ କାରବାର ବିଶ୍ୱ ବାଣିଜ୍ୟର ୩.୮%। ସିଙ୍ଗାପୁରରେ ଭାରତର ପ୍ରାୟ ୮ଶହ ଓ ଭାରତରେ ସିଙ୍ଗାପୁରର ପ୍ରାୟ ୪୫୦ ଉଦ୍ୟୋଗପତି ଏହି କାରବାରକୁ ପରିଚାଳନା କରୁଛନ୍ତି। ଭୁବନେଶ୍ୱରରୁ ସିଙ୍ଗାପୁର ପ୍ରତ୍ୟକ୍ଷ ବିମାନ ଚଳାଚଳ ପର୍ଯ୍ୟଟନ ବିକାଶ ସହ ଗମନାଗମନ କ୍ଷେତ୍ରରେ ବେଶ ସହାୟକ ହେବ ବୋଲି କୁମାରନ୍ କହିଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ବାର୍ତ୍ତା ମାଧ୍ୟମରେ ପ୍ରବାସୀ ଓଡ଼ିଆଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରତ୍ୟକ୍ଷ ବିମାନ ସେବା ଦ୍ୱାରା ଦକ୍ଷିଣ ପୂର୍ବ ଏସିଆ ସହ ସମ୍ପର୍କ ଦୃଢ ହେବ ବୋଲି କହିଥିଲେ। ଏଥିସହ ସିଙ୍ଗାପୁରରେ ବସବାସ କରୁଥିବା ଓଡ଼ିଆମାନଙ୍କ ବହୁଦିନର ଆଶା ଏବେ ପୂରଣ ହୋଇଛି ବୋଲି କହିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବୃଦ୍ଧି ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଯୋଗୁ ଓଡିଶା ଦେଶରେ ପ୍ରମୁଖ ସ୍ଥାନ ଅଧିକାର କରିଛି ବୋଲି କହିଥିଲେ। ସ୍କିଲ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀଛାତ୍ର ନିଯୁକ୍ତି ସୁଯୋଗ ପାଇପାରୁଛନ୍ତି। ଷ୍ଟିଲ ଓ ମାଙ୍ଗାନିଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି। ସିଙ୍ଗାପୁରରେ ରହୁଥିବା ପ୍ରତ୍ୟେକ ଓଡ଼ିଆ ଆମ ପାଇଁ ଜଣେ ଜଣେ ଆମ୍ବାସାଡାର ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ଯୋଗଦେଇ କହିଲେ, ଓଡ଼ିଶା ସ୍ୱାସ୍ଥ୍ୟ ଓ ଶିକ୍ଷାକ୍ଷେତ୍ରରେ ବ୍ୟାପକ ବିକାଶ କରିଛି। ପୂର୍ବରୁ ୩ଟି ମେଡିକାଲ କଲେଜ ଥିବାବେଳେ ଏବେ ତାହା ୧୩ରେ ପହଞ୍ଚିଛି। ବିପର୍ଯ୍ୟୟକୁ ସଫଳ ଭାବେ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି। ପୁଞ୍ଜି ନିବେଶରେ ଦେଶର ଦ୍ୱିତୀୟ ପସନ୍ଦଯୋଗ୍ୟ ରାଜ୍ୟ ପାଲଟିଛି। ଗତବର୍ଷ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ୭.୮୨% ରହିଥିବାବେଳେ ଏବେ ଦ୍ରୁତତମ ଆର୍ଥିକ ଅଭିବୃଦ୍ଧି ରାଜ୍ୟ ପାଲଟିଥିବା କୁମାର କହିଥିଲେ। କାର୍ଯ୍ୟକ୍ରମକୁ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ ପରିଚାଳନା କରିଥିବାବେଳେ ସିଙ୍ଗାପୁର ଓଡ଼ିଆ ସମାଜ ସଭାପତି ଆଲୋକ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ମାଲେସିଆ ଓଡ଼ିଆ ସମାଜ ସଭାପତି ଏକାମ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଓଡ଼ିଶାର ୯ଜଣ ବିଧାୟିକା ବିଧାୟକ, କଟକ, ଭୁବନେଶର ଓ ବ୍ରହ୍ମପୁର ମେୟର, ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ, ମିଶନ ଶକ୍ତି ମହିଳା, ଅଙ୍ଗନୱାଡି କର୍ମୀ, ସ୍କିଲ ଇନ୍ ଓଡ଼ିଶା ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ସିଙ୍ଗାପୁରରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ପି. କୁମାରନ୍, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଓ ଅନ୍ୟ ଅତିଥିମାନେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରୁଦ୍ରପ୍ରତାପ



@ କିରଣ



@ ସୁଧାଂଶୁ



@ ଶକ୍ତିସାଗର



@ ମଣ୍ଟୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ନିସ୍‌ରେ ଆରମ୍ଭ ହେବ ବିଟେକ୍ ଓ ଡିପ୍ଲୋମା ଇଞ୍ଜିନିୟରିଂ ଶିକ୍ଷା

ଭୁବନେଶ୍ୱର,୪।୬(ବ୍ୟୁରୋ)

ନିସ୍ ଶିକ୍ଷାନୁଷ୍ଠାନରେ ବିଟେକ୍ ଓ ଡିପ୍ଲୋମା ଇଞ୍ଜିନିୟରିଂ ଶିକ୍ଷା ଆରମ୍ଭ ହେବ। ଏନେଇ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସୁଭାଷ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଅଲ୍ ଇଣ୍ଡିଆ କାଉନ୍‌ସିଲ ଅଫ୍ ଟେକ୍ନିକାଲ ଏଜୁକେଶନ(ଏଆଇସିଟିଇ), ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ରାଜ୍ୟ ଏସ୍‌ସିଟିଇଭିଟି ଦ୍ୱାରା ଅନୁମୋଦିତ ଏହି ଉଚ୍ଚ ଶିକ୍ଷାନୁଷ୍ଠାନରେ ଚଳିତ ଶିକ୍ଷାବର୍ଷରୁ ବିଟେକ୍, ଲାଟେରାଲ ବିଟେକ୍, ଡିପ୍ଲୋମା ଓ ଲାଟେରାଲ ଡିପ୍ଲୋମାରେ ଛାତ୍ରୀଛାତ୍ର ଶିକ୍ଷାଲାଭ କରିପାରିବେ ବୋଲି ସେ କହିଛନ୍ତି।

ସୂଚନା ଥାଉକି, ନିସ୍ ଶିକ୍ଷାନୁଷ୍ଠାନ ରାଜ୍ୟର ବୃତ୍ତିଗତ ଶିକ୍ଷାଆନ୍ଦୋଳନର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ। ୨୪ ବର୍ଷ ଧରି ଏହି ଶିକ୍ଷାନୁଷ୍ଠାନ ନିଯୁକ୍ତି ଭିତ୍ତିକ ଶିକ୍ଷାଦାନ ସହ ନିଯୁକ୍ତି ସୁଯୋଗ ପ୍ରଦାନ କରୁଛି। ଦୀର୍ଘ ୧୫ବର୍ଷ ଧରି ସାରସ୍ୱତ ଏଜୁକେଶନାଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଯାନ୍ତ୍ରିକ ବିଦ୍ୟାଳୟ ଅଧିଗ୍ରହଣ ପରିପ୍ରେକ୍ଷୀରେ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଛତାବରଠାରେ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ନାମିତ ଏକ ଅତ୍ୟାଧୁନିକ ଯାନ୍ତ୍ରିକ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି।



ପୁରୀ ଶ୍ରୀମନ୍ଦିର ସ୍ନାନବେଦିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।



ଗୋପାଳତୀର୍ଥ ମଠରୁ ମହାପ୍ରଭୁଙ୍କ ହାତୀବେଶ ନିଆଯାଉଛି।



ସ୍ନାନଜଳ ନେବା ପାଇଁ ଆତୁର ଭକ୍ତ।

# ସ୍ନାନବେଦିରେ ଚତୁର୍ଦ୍ଧାମୂର୍ତ୍ତି



ଅବକାଶ ବେଶରେ ତିନିଠାକୁର।



ଶ୍ରୀମନ୍ଦିର ସମ୍ମୁଖରେ ନୃତ୍ୟଶିଳ୍ପୀଙ୍କ ନୃତ୍ୟ ପରିବେଷଣ।

## ଭକ୍ତିଭାବ ଆଗରେ ଫିକା ପଡ଼ିଲା ଖରାତାତି

*ପୁରୀ ଅଫିସ, ୪।୬:ସ୍ନାନପୂର୍ଣ୍ଣିମା ଅବସରରେ ରବିବାର ପୁରୀ ଶ୍ରୀମନ୍ଦିର ସ୍ନାନବେଦିରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରିବା ସହ ହାତୀବେଶରେ ଦର୍ଶନ ଦେଇଛନ୍ତି। ତେବେ ପ୍ରବଳ ଖରାତାତି ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ହେଉଥିଲେ ବି ତାହାକୁ ଭକ୍ତ ଖାତିର କରି ନ ଥିଲେ। ଭକ୍ତଙ୍କ ଭକ୍ତିଭାବ ଆଗରେ ଖରାତାତି ଫିକା ପଡ଼ିଲା। ପ୍ରବଳ ଖରାରେ ବଡ଼ଦାଣ୍ଡରେ ଭକ୍ତମାନେ ଘଣ୍ଟାଘଣ୍ଟା ଛିଡ଼ାହୋଇ ମହାପ୍ରଭୁଙ୍କ ଦୁର୍ଲଭ ହାତୀବେଶ ଦର୍ଶନ କରିବା ସହ ନୃତ୍ୟ, ଗୀତ ଓ ସଂକୀର୍ତ୍ତନ ପ୍ରଭୃତି ମାଧ୍ୟମରେ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ।*

### ରଥ, ସ୍ନାନବେଦି ଆଗରେ ସେଲ୍ଫି ନେଲେ

ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିବା ଅନେକ ଭକ୍ତ ବଡ଼ଦାଣ୍ଡରେ ଠିଆ ହୋଇ ସେଲ୍ଫି ନେଉଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ଯୁବତୀ ଯୁବକମାନେ ଏହି ଦିନଟିକୁ ମନେ ରଖିବା ପାଇଁ ମନ୍ଦିର ଏବଂ ସ୍ନାନବେଦି ସହ ସେଲ୍ଫି ନେଇଥିଲେ। କେହି ପରିବାର ସହିତ ତ କିଏ ସାଙ୍ଗ ସାଥୀଙ୍କ ସହ ସେଲ୍ଫି ନେବାକୁ ଭୁଲୁ ନ ଥିଲେ। ଅନେକ ଶ୍ରଦ୍ଧାଳୁ ରଥ ସହ ସେଲ୍ଫି ନେଉଥିବା ମଧ୍ୟ ଦେଖିବାକୁ ମିଳିଥିଲା।

### ପ୍ରଶାସନ ପକ୍ଷରୁ ସୁରକ୍ଷା ଓ ପାର୍କିଂ ବ୍ୟବସ୍ଥା

ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯିବା ସହ ୬୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଓ ପଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୩ କମାଣ୍ଡାଣ୍ଟ, ୧୨ ଅତିରିକ୍ତ ଏସ୍‌ପି, ୨୨ ଡିଏସ୍‌ପି, ୫୯ ଇନ୍ସପେକ୍ଟର, ୨୯୧ ସବ୍‌ଇନ୍ସପେକ୍ଟର, ୪୧ ହାବିଲଦାର, ୧୨ ଟ୍ରାଫିକ ହାବିଲଦାର, ୩୩୧ କନ୍‌ଷ୍ଟେବଲ୍, ୪୮ ଟ୍ରାଫିକ କନ୍‌ଷ୍ଟେବଲ୍, ୫୪୪ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିଥିଲେ। ଶୃଙ୍ଖଳିତ ଦର୍ଶନ ନିମନ୍ତେ ବ୍ୟାରିକେଡ୍ କରାଯାଇଥିଲା। ସେହିପରି ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା ହୋଇଥିଲା। ବାଇକ ରଖିବା ପାଇଁ ମରିଚିକୋଟଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ସେଠାରେ ଗାଡ଼ି ରଖି ସେଠାରୁ ଚାଲି ଚାଲି ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ। ଚାରିଚକିଆ ଯାନ ରଖିବା ପାଇଁ ପ୍ରଶାସନ ପକ୍ଷରୁ ୭ଟି ସ୍ଥାନରେ ବ୍ୟବସ୍ଥା କରାଯାଇଥିଲା। ଗରମରୁ ଆଶ୍ୱସ୍ତି ଦେବା ନିମନ୍ତେ ଭକ୍ତଙ୍କ ଉପରେ ଅଗ୍ନିଶମ ବାହିନୀ ପକ୍ଷରୁ ପାଣି ସିଞ୍ଚନ କରାଯାଇଥିଲା।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେବା ପ୍ରଦାନ

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଟଙ୍କ ତୋରାଣି, ଲେମ୍ବୁ ସରବତ, ପାଣି ବୋତଲ, ଦହି ପାଣି ବଣ୍ଟନ କରାଯାଇଥିଲା। ସେହିପରି ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପକ୍ଷରୁ ୬୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦେଇଥିଲେ। ପାଣି ସିଞ୍ଚନ, ଟ୍ରାଫିକ ନିୟନ୍ତ୍ରଣ, ପୋଲିସକୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ମଧ୍ୟ କରିଥିଲେ। ରେଡ୍‌କ୍ରସ୍ ପକ୍ଷରୁ ୪୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଶ୍ରୀମନ୍ଦିର ନିକଟରେ ସେବା ଯୋଗାଇଥିଲେ। ଶ୍ରଦ୍ଧାଳୁଙ୍କୁ ପ୍ରାଥମିକ ଚିକିତ୍ସା ସେବା ଯୋଗାଇଦେବା ସହ ପାଣି ବଣ୍ଟନ, ପାଣି ସିଞ୍ଚନ ସହ ହଜିଯାଇଥିବା ଶ୍ରଦ୍ଧାଳୁଙ୍କୁ ଖୋଜିଆଣି ତାଙ୍କ ପରିବାର ଲୋକଙ୍କ ନିକଟରେ ପହଞ୍ଚାଇବା ଭଳି କାର୍ଯ୍ୟ କରିଥିଲେ। ହୋପ୍ ଇଜ୍ ଲାଇଫ୍, ହାପିନେସ୍ ଫାଉଣ୍ଡେଶନ, ଊର୍ଜାବାନ ଓଡ଼ିଶା ପରି ବହୁ ସାମାଜିକ ଅନୁଷ୍ଠାନ ପକ୍ଷରୁ ଭକ୍ତକୁ ପାଣି ଓ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଥିଲା।

### ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼

ସ୍ନାନଯାତ୍ରା ଅବସରରେ ବଡ଼ଦାଣ୍ଡ ସମେତ ବେଳାଭୂମି ଲୋକାରଣ୍ୟ ହୋଇ ଉଠିଥିଲା। ମହାପ୍ରଭୁଙ୍କ ଦର୍ଶନ ସାରି ଅନେକ ଶ୍ରଦ୍ଧାଳୁ ବେଳାଭୂମିର ମଜା ନେବା ପାଇଁ ସମୁଦ୍ରକୂଳକୁ ଯାଇଥିଲେ। ଅନେକ ବ୍ୟକ୍ତି ସମୁଦ୍ରରେ ଗାଧୋଉଥିବା ଦେଖିବାକୁ ମିଳିଥିଲା। ସମୁଦ୍ରରେ କୌଣସି ଅଘଟଣକୁ ଏଡ଼ାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ଲାଇଫଗାର୍ଡ, ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ମୁତୟନ ରହିଥିଲେ। ତେବେ ଜୁଆର ମାଡ଼ରେ ଅନେକ ପର୍ଯ୍ୟଟକ ଆହତ ହୋଇଥିବାବେଳେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।



### ଟ୍ରେନ୍ ଦୁର୍ଘଟଣା କାରଣରୁ ଭକ୍ତଙ୍କ ସଂଖ୍ୟା କମିଲା

ବାଲେଶ୍ୱର ଜିଲାର ବାହାନଗା ଷ୍ଟେଶନରେ ହୋଇଥିବା ଟ୍ରେନ୍ ଦୁର୍ଘଟଣାର ପ୍ରଭାବ ପରିଲକ୍ଷିତ ହୋଇଛି। କୋଲକତାରୁ ପୁରୀକୁ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇ ପାରି ନ ଥିବାରୁ ଅନେକ ବଙ୍ଗୀୟ ଭକ୍ତ ପୁରୀ ଆସିପାରିନାହାନ୍ତି। ତେଣୁ ଚଳିତ ବର୍ଷ ମହାପ୍ରଭୁଙ୍କ ସ୍ନାନଯାତ୍ରାରେ ବଙ୍ଗୀୟ ପର୍ଯ୍ୟଟକଙ୍କ ସଂଖ୍ୟା କମ୍ ରହିଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ସ୍ନାନଯାତ୍ରାରେ ସାମିଲ ହେବା ପାଇଁ ରୁମ ବୁକ୍ କରିଥିବା ଅନେକ ବଙ୍ଗୀୟ ଭକ୍ତ ରୁମ୍ ବାତିଲ କରିଥିବା ଜଣାପଡ଼ିଛି।



ଖୋର୍ଦ୍ଧା ଜାଗୁଳିପାଟଣା ସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣ ବିଗ୍ରହ)ଙ୍କୁ ସ୍ନାନ କରାଯାଉଛି।

## ଆଜିଠୁ ଅଲାରନାଥଙ୍କ ଦର୍ଶନ

**ବ୍ରହ୍ମଗିରି,୪।୬(ଡି.ଏନ୍.ଏ.):** ପୁରୀ ଧାମରେ ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ସ୍ନାନପୂର୍ଣ୍ଣମୀରେ ୧୦୮ କଳସ ଜଳରେ ସ୍ନାନ କରିବା ପରେ ଅଣସର ପିଣ୍ଡିରେ ବିଜେ କରିଛନ୍ତି। ଏହି ସମୟରେ ରତ୍ନବେଦୀରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଭକ୍ତମାନେ ଦର୍ଶନ କରିପାରି ନ ଥାନ୍ତି। ଫଳରେ ଶ୍ରୀଜୀଉଙ୍କ ଆଉ ଏକ ଲୀଳାକ୍ଷେତ୍ର ବ୍ରହ୍ମଗିରି ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଚଳଚଞ୍ଚଳ ହୋଇଥାଏ। ଦାରୁବିଗ୍ରହଙ୍କ ବଦଳରେ ଶ୍ରଦ୍ଧାଳୁମାନେ ଶିଳାନାରାୟଣ ଅଲାରନାଥଙ୍କୁ ଦର୍ଶନ କରି ସମଫଳ ପ୍ରାପ୍ତ ହୋଇଥାନ୍ତି। ତେଣୁ ସୋମବାର ଠାରୁ ୧୪ଦିନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କୁ ଦର୍ଶନ କରିପାରିବେ। ଠାକୁରଙ୍କୁ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହ ବୃଦ୍ଧାବୃଦ୍ଧଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ସ୍ଥାନୀୟ ପ୍ରଶାସନ ଓ ମନ୍ଦିର କମିଟି ପକ୍ଷରୁ କୁହାଯାଇଛି।



ଅନନ୍ତ ବାସୁଦେବ



ମା'ଭୁବନେଶ୍ୱରୀ



ଅନନ୍ତ ନାରାୟଣ

## ଆଜିଠୁ ଶ୍ରୀମନ୍ଦିରେ ପଟିଦିଅଁ ଦର୍ଶନ

ପୁରୀ ଅଫିସ, ୪।୬:ଶ୍ରୀମନ୍ଦିରରେ ସୋମବାରଠାରୁ ପଟିଦିଅଁ ପୂଜା ଆରମ୍ଭ ହେବ। ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅନନ୍ତ ନାରାୟଣ, ବଳଭଦ୍ରଙ୍କ ବାଡ଼ରେ ଅନନ୍ତ ବାସୁଦେବ ଏବଂ ସୁଭଦ୍ରାଙ୍କ ବାଡ଼ରେ ମା'ଭୁବନେଶ୍ୱରୀଙ୍କ ପଟିଦିଅଁ ପୂଜା ପାଇବେ। ଭକ୍ତମାନେ ପଟିଦିଅଁ ଦର୍ଶନ କରିପାରିବେ।







ଦେବସ୍ନାନ ପୂର୍ଣ୍ଣିମା ଅବସରରେ ରବିବାର କଟକ ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ, କାଜିବଜାର ଜଗନ୍ନାଥବଲ୍ଲଭ ମଠରେ ଶ୍ରୀଜୀଉଙ୍କ ଗଜାନନ ବେଶ।

# ଭର୍ଷ୍ଟାପେନ୍ ଜିତିଲେ ସ୍ପାନିଶ ଗ୍ରାଁ ପ୍ରି

**ମଣ୍ଟମେଲୋ (ସ୍ପେନ), ୪।୬ (ଏପି)**


ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ୍।

ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ସ୍ପାନିଶ ଫର୍ମୁଲା ୱାନ୍ ମୋଟର ରେସ୍ ଜିତିଛନ୍ତି। ଏଥିସହିତ ଫର୍ମୁଲା ୱାନ ଚାମ୍ପିୟନଶିପ୍‌ରେ ସେ ତାଙ୍କ ସ୍ଥିତିକୁ ଆହୁରି ସୁଦୃଢ଼ କରିନେଇଛନ୍ତି। ଗତ ଦୁଇଥର ଚାମ୍ପିୟନ ପ୍ରଥମ ଟର୍ନରେ ଫେରାରିର କାର୍ଲୋସ ସେଞ୍ଜ୍‌ଙ୍କୁ ପରାସ୍ତ କରିବା ପରେ ସର୍କିଟ୍ ଡି' ବାର୍ସିଲୋନା-କାଟାଲୁନ୍ୟାରେ ତାଙ୍କୁ ଅନ୍ୟ କେହି ଚ୍ୟାଲେଞ୍ଜ ଦେଇ ପାରି ନ ଥିଲେ। ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ଦ୍ୱିତୀୟ ହୋଇଥିଲେ। ସାଥୀ ଡ୍ରାଇଭର ଜର୍ଜ ରସେଲ ୩ୟ ସ୍ଥାନ ଅଧିକାର କରିଥିଲେ। ଏହି ସିଜନରେ ଭର୍ଷ୍ଟାପେନ୍ ୭ଟି ରେସ୍‌ରୁ ୫ଟିରେ ବିଜୟ ଲାଭ କରିଛନ୍ତି। ପୁନଶ୍ଚ ଏହା ହେଉଛି ତାଙ୍କ କ୍ୟାରିୟରର ୪୦ତମ ଏବଂ ବାର୍ସିଲୋନାରେ ତୃତୀୟ ବିଜୟ। ମୋନାକୋଠାରେ ଭର୍ଷ୍ଟାପେନ୍ ତାଙ୍କ ୩୯ତମ ବିଜୟ ସହ ରେଡ୍‌ବୁଲ୍ ପାଇଁ ଏକ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହିକ୍ରମରେ ସେ ସେବାଷ୍ଟିଆନ ଭେଟେଲ (୩୮)ଙ୍କ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଚଳିତବର୍ଷ ଅନ୍ୟ ଦୁଇଟି ରେସ୍ ଜିତିଥିବା ଭର୍ଷ୍ଟାପେନ୍‌ଙ୍କ ରେଡ୍‌ବୁଲ୍ ଟିମ୍‌ମେଟ ସର୍ଗିଓ ପେରେଜ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ନେଦରଲାଣ୍ଡ୍ସ ଡ୍ରାଇଭର ଚାମ୍ପିୟନଶିପ୍ ଷ୍ଟାଣ୍ଡିଂରେ ବର୍ତ୍ତମାନ ପେରେଜଙ୍କଠାରୁ ୫୫ପଏଣ୍ଟ ଅଗ୍ରଣୀ ରହିଛନ୍ତି। ଅନ୍ୟପକ୍ଷରେ କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ଲାନ୍ସ ଷ୍ଟ୍ରୋଲ୍ (ଆଷ୍ଟନ ମାର୍ଟିନ), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ) ଏଷ୍ଟିବାନ ଓକନ (ଅଲ୍‌ପାଇନ), ଝୋ ଗୁଆନ୍ୟୁ (ଆଲ୍‌ଫା ରୋମିଓ), ଓ ପିଏରେ ଗାସ୍‌ଲି (ଅଲପାଇନ୍) ପ୍ରମୁଖ ରବିବାର ରେସ୍‌ରେ ଯଥାକ୍ରମେ ୫ମରୁ ୧୦ମ ସ୍ଥାନରେ ରହିଥିଲେ।

# ରାଜ୍ୟସ୍ତରୀୟ ସନ୍ତରଣ ଚାମ୍ପିୟନଶିପ୍ ଆରମ୍ଭ

**ଭୁବନେଶ୍ୱର, ୪।୬(ସ୍ପୋର୍ଟ୍ସ ବ୍ୟୁରୋ)**



ପ୍ରଥମ ଦିବସରେ ଡାଇଭ୍ ମାରିବା ଅବସରରେ ସନ୍ତରଣକାରୀମାନେ।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଥିବା ବିଜୁ ପଟ୍ଟନାୟକ ମିଙ୍ଗ ପୁଲ୍ କମ୍ପ୍ଲେକ୍ସରେ ଉଦ୍‌ଘାଟିତ ହୋଇଛି ୬୩ ତମ ରାଜ୍ୟସ୍ତରୀୟ ସନ୍ତରଣ ଚାମ୍ପିୟନଶିପ୍। ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା କାରଣରୁ ରାଜ୍ୟରେ ଶୋକର ମାହୋଲ ରହିଥିବାରୁ ଏକ ନିରାଡମ୍ବର ଭାବରେ ଉଦ୍‌ଘାଟନୀ ଉତ୍ସବ ପାଳନ କରାଯାଇଥିଲା। ଏହା ସହିତ ସମସ୍ତ ମୃତକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟର ନୀରବ ପ୍ରାର୍ଥନା ମଧ୍ୟ କରାଯାଇଥିଲା। କ୍ରୀଡା ଓ ଯୁବ ସେବା ବ୍ୟାପାର ବିଭାଗ ଯୁଗ୍ମ ସଚିବ ରଞ୍ଜିତ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ ଓ ସାଧାରଣ ସମ୍ପାଦିକା ଗୋଲାପମଣି ମହନ୍ତ ଯୋଗ ଦେଇଥିଲେ। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଜୁନିୟର, ସବ୍ ଜୁନିୟର ଓ ସିନିୟର ବର୍ଗରେ ବିଭିନ୍ନ ସନ୍ତରଣ ପ୍ରତିଯୋଗିତା ହେବ। ଏଥିରେ ବିଜୟୀ ଖେଳାଳିମାନେ ଜାତୀୟ ଚାମ୍ପିୟନଶିପ୍ ୨୦୨୩ରେ ଅଂଶଗ୍ରହଣ କରିବେ। ୧୫ ଜିଲାର ୩୦୦ ପ୍ରତିଯୋଗୀ ସାମିଲ ହୋଇଥିବା ବେଳେ ଏହା ମଧ୍ୟରେ ୯୫ ମହିଳା ଅଛନ୍ତି। ସୁରକ୍ଷା ପାଇଁ ଡାକ୍ତର ଓ ଅଗ୍ନିଶମ ଗାଡ଼ିର ବ୍ୟବସ୍ଥା ରହିଥିବା ବେଳେ ୪୦ ଜଣ ବୈଷୟିକ ଅଫିସର ନିଯୁକ୍ତ ହୋଇଛନ୍ତି।

# ପ୍ରତ୍ୟାଶା, ଆୟୁଷ ଅଗ୍ରଣୀ


ପଞ୍ଚମ ରାଉଣ୍ଡ୍ ଖେଳ ଅବସରରେ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୪।୬ (କ୍ରୀଡ଼ା ପ୍ରତିନିଧି)**

ଟ୍ରିପଲ 'ସି' ଚେସ୍ କ୍ଲବ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା କମଳାକାନ୍ତ ବିଷୋଇ ସ୍ମାରକୀ ୧୩ ବର୍ଷରୁ କମ୍ ବାଳିକା ଚେସ୍‌ରେ ରବିବାର ୫ମ ରାଉଣ୍ଡ ଖେଳ ଶେଷ ହୋଇଛି। ୫ ରାଉଣ୍ଡ ଖେଳ ଶେଷସୁଦ୍ଧା ପ୍ରତ୍ୟାଶା ଜେନା ବାଳିକା ଓ ଆୟୁଷ ଆର୍ଯ୍ୟନ ମହାପାତ୍ର ବାଳକ ବିଭାଗରେ ଅଗ୍ରଣୀ ହାସଲ କରିଛନ୍ତି। ବାଳିକା ବିଭାଗରେ ପ୍ରତ୍ୟାଶା ଓ ସନ୍ଦିପା ପ୍ରିୟଦର୍ଶିନୀ ସାହୁ ୫ ପଏଣ୍ଟ ଲେଖାଏ ପାଇଛନ୍ତି। ତୃତୀୟ ସ୍ଥାନରେ ଅଛନ୍ତି ଈଶାନି ଦାସ (୪.୫)। ସେହିପରି ବାଳକ ବିଭାଗରେ ଆୟୁଷଙ୍କ ସମେତ ତନ୍ମୟ ତଲିନ ବେହେରା, ଆର୍ଯ୍ୟନ ବେହେରା ଓ ପ୍ରତ୍ୟୁଷ ନାୟକ ୫ ପଏଣ୍ଟ ଲେଖାଏ ପାଇଛନ୍ତି।

# ଭାରତକୁ ୨ସ୍ୱର୍ଣ୍ଣ

**ଇଚିଅନ୍ (କୋରିଆ), ୪।୬ (ପି.ଟି.)**

ଏଠାରେ ଚାଲିଥିବା ୨୦ ବର୍ଷରୁ କମ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ରବିବାର ଭାରତ ୨ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତର ଉଦୀୟମାନ ଆଥ୍‌ଲେଟ ରେଜୋନା ମଲିକ ହୀନା ଓ ଭରତପ୍ରୀତ ସିଂ ଯଥାକ୍ରମେ ମହିଳା ୪୦୦ ମିଟର ରେସ୍ ଓ ପୁରୁଷ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ହୀନା ୫୩.୩୧ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ଜିତିଥିଲେ। ତେବେ ଏହା ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୫୩.୨୨ ସେକେଣ୍ଡଠାରୁ କମ୍ ରହିଥିଲା। ଏପ୍ରିଲରେ ତାସକେଣ୍ଟଠାରେ ସେ ୧୮ ବର୍ଷରୁ କମ୍ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।

# ପ୍ରମୋଦ ସଭାପତି, ମାର୍କଣ୍ଡ ସମ୍ପାଦକ


ଓଡ଼ିଶା ପାରା ପ୍ଲେୟର୍ସ ଫୋରମର ମନୋନୀତ ନୂଆ କର୍ମକର୍ତ୍ତା।

**ଭୁବନେଶ୍ୱର, ୪।୬ (କ୍ରୀଡ଼ା ପ୍ରତିନିଧି)**

**ଓଡ଼ିଶା ପାରା ପ୍ଲେୟର୍ସ ଫୋରମର ନୂଆ କର୍ମକର୍ତ୍ତା**

ପାରା ପ୍ଲେୟର୍ସ ଫୋରମ୍‌ର ବୈଠକ ରବିବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଫୋରମ କିପରି ଆଗାମୀ ଦିନରେ ପାରା ସ୍ପୋର୍ଟ୍ସ ସଂଘ ଓ ଓଡ଼ିଶା କ୍ରୀଡା ବିଭାଗ ସହିତ ମିଶି ତୃଣମୂଳ ସ୍ତରରୁ ଅଧିକ କ୍ରୀଡ଼ାବିତ୍ ବାହାର କରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଫୋରମର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଖେଳରତ୍ନ ପୁରସ୍କାର ବିଜେତା ପ୍ରମୋଦ ଭଗତ ସଭାପତି ଏବଂ ପାରା ଅଲିମ୍ପିଆନ ମାର୍କଣ୍ଡ ରେଡ୍ଡୀ ସମ୍ପାଦକ ମନୋନୀତ ହୋଇଥିଲେ।

**ମନୋନୀତ କର୍ମକର୍ତ୍ତା:** ସଭାପତି-ପ୍ରମୋଦ ଭଗତ, ସମ୍ପାଦକ ସମ୍ପାଦକ-ମାର୍କଣ୍ଡ ରେଡ୍ଡୀ, ଉପ ସଭାପତି-ଜି ଦିଲେଶ୍ୱର ରାଓ, ଅମରେନ୍ଦ୍ର ବେହେରା, ସୁଶାନ୍ତ କୁମାର ମଲିକ, ଦୀପ ରଞ୍ଜନ ବିଶୋଇ, ରାଖାଲ୍ କୁମାର ସେଠୀ, ଜୟନ୍ତୀ ବେହେରା, ଯୁଗ୍ମ ସମ୍ପାଦକ-ପଙ୍କଜ ଭୁଏ, ପ୍ରଭାକର ବେହେରା,ବଙ୍କିମ୍ ଚନ୍ଦ୍ର ମହାନ୍ତ, ଦେବାମୃତ ସାହୁ, ସୁନିଲ୍ ପ୍ରଧାନ, କୋଷାଧ୍ୟକ୍ଷ-ପୁନିଲ କୁମାର ମାନସିଂହ, ସହାୟକ କୋଷାଧ୍ୟକ୍ଷ-ଅମିୟ ରଞ୍ଜନ ତ୍ରିପାଠୀ, ସୁପ୍ରିୟା ବିଶ୍ୱାସ।

# ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଲେ ଅଭିନବ-ଗୌତମୀ

**ସୁଲ୍ (ଜର୍ମାନୀ), ୪।୬ (ପି.ଟି.)**

**ଜୁନିୟର ଶୁଟିଂ ବିଶ୍ୱକପ୍**

ଭାରତୀୟ ଶୁଟର ଗୌତମୀ ଭାନୋଟ ଓ ଅଭିନବ ଶ' ଯୋଡ଼ି ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ଶୁଟିଂ ବିଶ୍ୱକପ୍ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସ୍ୱର୍ଣ୍ଣ ପଦକ ମୁକାବିଲାରେ ଭାରତୀୟ ଯୋଡ଼ି ମୋଟ ୧୭ ଶଟ୍ କରିଥିଲେ। ଫ୍ରାନ୍ସର ଓସେନି ମୁଲର ଓ ରୋମେନ ଅଫରେର୍ ଯୋଡ଼ି ଏଗ୍ରିଗେଟ୍ ସ୍କୋର ୭ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ଇଟାଲୀର ଆନା ସ୍କିଆଭୋନ ଓ ଲୁକା ସ୍ୱାରବତୀ (୧୩)ଙ୍କ ବିପକ୍ଷ ବ୍ରୋଞ୍ଜ ପଦକ ମୁକାବିଲାରେ ନରୱେର ପର୍ନିଲ ନୋର୍ ଓଲ୍ ଓ ଜେନ୍ସ ଓଲ୍ସରଡ୍ ଓଷ୍ଟେଲି ୧୭ ସ୍କୋର କରି ବ୍ରୋଞ୍ଜ ପଦକ ପାଇଛନ୍ତି। ମିକ୍ସଡ ରାଇଫଲ ଇଭେଣ୍ଟରେ ଭାରତର ଅନ୍ୟ ଯୋଡ଼ି ସ୍ୱାତୀ ଚୌଧାରୀ ଓ ସଲିମ କ୍ୱାଲିଫିକେଶନରେ ମୋଟ ୬୨୪.୩ ସ୍କୋର ସହ ୭ମ ସ୍ଥାନରେ ରହିଥିଲେ। ଗୌତମୀ ଭାନୋଟ ଓ ଅଭିନବ ଯୋଡ଼ି କ୍ୱାଲିଫିକେଶନରେ ୬୨୮.୩ ସ୍କୋର କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ଶନିବାର ବ୍ୟକ୍ତିଗତ ଏୟାର ପିସ୍ତଲ ଫାଇନାଲରେ ବିଜୟ ହାସଲ କରି ସ୍ୱର୍ଣ୍ଣ ଜିତିଥିବା ସାଇନ୍ୟମ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ପ୍ରତିଯୋଗିତାରେ ଅଭିନବ ଚୌଧାରୀଙ୍କୁ ସାଥୀ କରି ୧୨ ଶଟ୍ ସହ ରୌପ୍ୟ ପଦକ ଲାଭ କରିଛନ୍ତି। ଜୁରି କିମ୍ ଓ କାନ୍‌ଘିନ୍ କିମ୍ ୧୬ ଶଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତର ସୁରୁଚି ଇନ୍ଦର ସିଂ ଓ ଶୁଭମ ବିସ୍‌ଲା ୧୬ ସ୍କୋର ସହ ଏକ ବ୍ରୋଞ୍ଜ ପଦକ ପାଇଛନ୍ତି।

## ଜାତୀୟ/ଅନ୍ତର୍ଜାତୀୟ ଖବର

# ଧାର୍ଯ୍ୟ ସମୟରେ କେରଳ ଛୁଇଁଲାନି ମୌସୁମୀ



**୩/୪ ଦିନ ବିଳମ୍ବ ହୋଇପାରେ**

**ନୂଆଦିଲ୍ଲୀ, ୪।୬**

ଦକ୍ଷିଣ-ପଶ୍ଚିମ ମୌସୁମୀ ଜୁନ୍ ୪ରେ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଥିଲା। ତେବେ ରବିବାର ମୌସୁମୀ କେରଳରେ ପହଞ୍ଚିପାରି ନାହିଁ। ଏହା ଆଉ ୩/୪ ଦିନ ବିଳମ୍ବ ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି। ସାଧାରଣତଃ ଜୁନ୍ ୧ରେ ମୌସୁମୀ କେରଳ ଛୁଉଁଥିବାବେଳେ ଏଥର ସପ୍ତାହେ ବିଳମ୍ବ ହେବାକୁ ଯାଉଛି। ଦକ୍ଷିଣ ଆରବ ସାଗର ଉପରେ ପଶ୍ଚିମା ବାୟୁ ପ୍ରବାହ ବଢ଼ିବା ଲାଗି ଅନୁକୂଳ ସ୍ଥିତି ସୃଷ୍ଟି ହୋଇଛି। ଏହି ବାୟୁର ଗଭୀରତା ଧୀରେ ଧୀରେ ବଢ଼ୁଥିବାବେଳେ ରବିବାର ଏହା ସମୁଦ୍ର ସ୍ତରରୁ ୨.୧ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ପହଞ୍ଚିଥିବା ଆଇଏମ୍‌ଡି କହିଛି। ମୌସୁମୀ ପହଞ୍ଚିବାରେ ବିଳମ୍ବ ଖରିଫ ବୁଣାବୁଣି ଏବଂ ମୋଟ ବୃଷ୍ଟିପାତକୁ ପ୍ରଭାବିତ କରି ନ ପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଗତବର୍ଷ ମେ' ୨୯ରେ ମୌସୁମୀ କେରଳ ଛୁଇଁଥିଲା।

## ଟିଭି, ରେଡିଓରେ ଖରାପ ପାଣିପାଗ ସତର୍କ ସୂଚନା ଶୀଘ୍ର ମିଳିବ

ଟେଲିଭିଜନ ପରଦାରେ ଆଗାମୀ ଖରାପ ପାଣିପାଗ ସମ୍ପର୍କରେ ଶୀଘ୍ର ସତର୍କ ସୂଚନା ମିଳିବ। ଏପରି କି ରେଡିଓରେ ଗୀତ ବାଜୁଥିଲେ ତାକୁ ଅଟକାଇ ପାଣିପାଗ ଉପରେ ଲୋକଙ୍କୁ ସତର୍କ କରାଯିବ। ଅତ୍ୟଧିକ ବର୍ଷା, ଘଡ଼ଘଡ଼ି ଓ ଗ୍ରୀଷ୍ମ ପ୍ରବାହ ସମ୍ପର୍କିତ ଟେକ୍ସ ମେସେଜ୍ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପକ୍ଷରୁ ନିକଟରେ ମୋବାଇଲ ଫୋନ୍‌ଗୁଡ଼ିକୁ ପଠାଯିବା ଆରମ୍ଭ ହୋଇଛି। ଏନ୍‌ଡିଏମ୍‌ଏ ଏବେ ଟିଭି, ରେଡିଓ ଏବଂ ଅନ୍ୟ ମାଧ୍ୟମଗୁଡ଼ିକୁ ଏଭଳି ମେସେଜ୍ ପଠାଇବାକୁ ଯୋଜନା କରୁଛନ୍ତି। ଟେକ୍ସଟ୍-ଭିତ୍ତିକ ଏହି ସିଷ୍ଟମ୍ ଉକ୍ତ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ। ଦ୍ୱିତୀୟ ପର୍ଯ୍ୟାୟରେ ଟିଭି, ରେଡିଓ ଏବଂ ଅନ୍ୟ ମାଧ୍ୟମଗୁଡ଼ିକରେ ଚଳିତବର୍ଷ ଶେଷ ସୁଦ୍ଧା ଏହା କାର୍ଯ୍ୟକାରୀ କରାଯିବ। ନାଗରିକମାନେ ଯେପରି ଖରାପ ପାଣିପାଗ ସମ୍ପର୍କରେ ତତ୍କାଳ ସୂଚନା ପାଇ ଆଗୁଆ ପ୍ରସ୍ତୁତ ହୋଇପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହାକୁ ବିଶ୍ୱର ସର୍ବବୃହତ୍ 'କମନ୍ ଅଲର୍ଟିଂ ପ୍ରୋଟୋକଲ' ବୋଲି ଏନ୍‌ଡିଏମ୍‌ଏ ପକ୍ଷରୁ କୁହାଯାଇଛି।

# ବିବାହ ରାତିରେ ନବଦମ୍ପତିଙ୍କ ହୃଦ୍‌ଘାତରେ ମୃତ୍ୟୁ

**ନୂଆଦିଲ୍ଲୀ, ୪।୬**

ଉତ୍ତରପ୍ରଦେଶର ବାହରିଚ୍ ଜିଲାରେ ବିବାହ ରାତିରେ ନବଦମ୍ପତିଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ଘଟିଛି। ଉଭୟଙ୍କ ମୃତ୍ୟୁ ହୃଦ୍‌ଘାତଜନିତ ବୋଲି ବ୍ୟବଚ୍ଛେଦ ରିପୋର୍ଟରେ କୁହାଯାଇଛି। ଖବର ଅନୁଯାୟୀ ମେ' ୩୦ରେ ପ୍ରତାପ ଯାଦବ(୨୨) ପୁଷ୍ପା(୨୦)ଙ୍କୁ ବିବାହ କରିଥିଲେ। ଉଭୟ ବିବାହ ପରେ ସେମାନଙ୍କ ପ୍ରକୋଷ୍ଠକୁ ଯାଇଥିବାବେଳେ ପରଦିନ ସକାଳେ ସେମାନଙ୍କ ମୃତଦେହ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ ସେମାନଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଏସ୍‌ପି ପ୍ରଶାନ୍ତ ବର୍ମା କହିଛନ୍ତି। ଉଭୟଙ୍କୁ ଗାଁ ଶ୍ମଶାନରେ ଗୋଟିଏ ଜୁଇରେ ଦାହ କରାଯାଇଛି।

# ଅଭିନେତ୍ରୀ ସୁଲୋଚନାଙ୍କ ପରଲୋକ

**ମୁମ୍ବାଇ, ୪।୬**


ସୁଲୋଚନା ଲାଟ୍‌କର

'ଗୋରା ଔର କାଲା', 'ସମ୍ପୂର୍ଣ୍ଣ ରାମାୟଣ', 'କଟି ପତଙ୍ଗ', 'ମେରେ ଜୀବନ ସାଥୀ' ଭଳି ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ବର୍ଷୀୟାନ ଅଭିନେତ୍ରୀ ସୁଲୋଚନା ଲାଟ୍‌କରଙ୍କର ରବିବାର ସନ୍ଧ୍ୟାରେ ମୁମ୍ବାଇ ଦାଦରସ୍ଥିତ ଶୁଶ୍ରୂଷା ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୪ ବର୍ଷ ହୋଇଥିଲା। ସେ ଶ୍ୱାସକ୍ରିୟା ସମସ୍ୟା ସମେତ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଶନିବାର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ୧୯୨୮ ଜୁଲାଇ ୩୦ରେ କର୍ଣ୍ଣାଟକରେ ଜନ୍ମିତ ସୁଲୋଚନା ୧୯୪୬ରେ ଜଣେ ଅଭିନେତ୍ରୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ସେ ହିନ୍ଦୀ ସିନେମା ବ୍ୟତୀତ ୨୫୦ରୁ ଊର୍ଦ୍ଧ୍ୱ ମରାଠୀ ସିନେମାରେ ଅଭିନୟ କରିଥିଲେ। ୧୯୫୯ରୁ ୧୯୯୫ ପର୍ଯ୍ୟନ୍ତ ସେ ମୁଖ୍ୟତଃ ମାଆ ଭୂମିକାରେ ଅଭିନୟ କରିଆସୁଥିଲେ। ୧୯୯୦ରେ ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ସେ ୨୦୦୪ରେ ଫିଲ୍ମଫେୟାର ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ଏବଂ ମହାରାଷ୍ଟ୍ର ଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ଯମଜ ସନ୍ତାନ ଜନ୍ମଦେଲେ ୧୬୩ କେଜି ଓଜନର ମହିଳା

**ମୁମ୍ବାଇ, ୪।୬:** ମେଦ ବହୁଳତା ଅନେକ ସମୟରେ ବନ୍ଧ୍ୟାତ୍ୱର କାରଣ ହୋଇଥାଏ। କିନ୍ତୁ ମହାରାଷ୍ଟ୍ର ଭାସି ଅଞ୍ଚଳର ୩୭ ବର୍ଷୀୟା ଶୀତଲଙ୍କ ପୃଥୁଳକାୟ ଶରୀର ତାଙ୍କୁ ମାଆ ହେବା ସ୍ୱପ୍ନରୁ ବଞ୍ଚିତ କରିପାରି ନାହିଁ। ୧୬୩ କିଲୋଗ୍ରାମ ଓଜନଧାରୀ ଶୀତଲ ଯମଜ ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ନଭି ମୁମ୍ବାଇର କୋକିଳାବେନ୍ ହସ୍ପିଟାଲରେ ଗତ ମାସ ପ୍ରଥମ ସପ୍ତାହରେ ସେ ଦୁଇ କନ୍ୟାସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ନିର୍ଦ୍ଧାରିତ ସମୟର ମାସେ ପୂର୍ବରୁ ଶିଶୁ ଜନ୍ମ ହେବାରୁ ସେମାନଙ୍କୁ ଏନ୍‌ଆଇସିୟୁରେ ରଖାଯାଇଛି। ଶୀତଲ ଆଇଭିଏଫ୍ ପଦ୍ଧତିରେ ସହାୟତା ନେଇଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କୁ ନେଇ ଯାଉଥିବା ବିମାନର ଜରୁରୀ ଅବତରଣ

**ଗୁଆହାଟୀ, ୪।୬**

କେନ୍ଦ୍ର ପେଟ୍ରୋଲିୟମ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲିଙ୍କୁ ନେଇ ଦିବ୍ରୁଗଡ଼ ଯାଉଥିବା ଏକ ଇଣ୍ଡିଗୋ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ରବିବାର ସକାଳେ ଆସାମର ଗୁଆହାଟୀ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ଗୁଆହାଟୀର ଲୋକପ୍ରିୟ ଗୋପୀନାଥ ବର୍ଦ୍ଦୋଲୋଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ମନ୍ତ୍ରୀଙ୍କୁ ଦୀର୍ଘ ସମୟ ଅଟକି ରହିବାକୁ ପଡ଼ିଥିଲା। ତାଙ୍କ ସହ ଭାଜପା ବିଧାୟକ ପ୍ରଶାନ୍ତ ଫୁକନ ଏବଂ ଟେରାସ ଗୋୱାଲା ଥିଲେ। ଦୁଲିଆଜନ, ଡିଗ୍‌ବୋଇ ଏବଂ ତିନସୁକିଆରେ ମନ୍ତ୍ରୀଙ୍କର ସଭା ଥିଲା। ବିମାନଟି ୧୫ରୁ ୨୦ ମିନିଟ ଉଡ଼ିବା ପରେ ଗୁଆହାଟୀ ଏୟାରପୋର୍ଟକୁ ଫେରିଯାଇ ଜରୁରୀ ଅବତରଣ କରିଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି।

# ହଷ୍ଟେଲରେ ଗୁଳିକାଣ୍ଡ: ୮ ମୃତ

**କେପ୍ ଟାଉନ, ୪।୬:** ଦକ୍ଷିଣ ଆଫ୍ରିକାର ଡର୍ବାନ ସହର ନିକଟରେ ଥିବା ଏକ ପୁରୁଷ ହଷ୍ଟେଲରେ ଗୁଳିକାଣ୍ଡ ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଶନିବାର ଭୋର ସମୟରେ ଉମଲାଜି ସହରରେ ଥିବା ହଷ୍ଟେଲ ପ୍ରକୋଷ୍ଠ ମଧ୍ୟକୁ କେତେଜଣ ବନ୍ଧୁକଧାରୀ ପ୍ରବେଶ କରି ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ରବିବାର ଅନ୍ୟ ଜଣକ ମୃତ୍ୟୁ ଘଟିଛି। ଦୁଇଜଣ ଆହତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁଳିକାଣ୍ଡରୁ ବର୍ତ୍ତିବା ଲାଗି ହଷ୍ଟେଲ୍ ରୁମ୍‌ରୁ ଝରକା ଦେଇ ତଳକୁ ଡେଇଁପଡ଼ିଥିଲେ। ପୋଲିସ କହିବା ଅନୁଯାୟୀ ଗୁଳିକାଣ୍ଡ ବେଳେ ହଷ୍ଟେଲ ରୁମ୍‌ରେ ୧୨ ଜଣ ମଦ ପିଉଥିଲେ। ଦକ୍ଷିଣ ଆଫ୍ରିକାରେ ଗୁଳିକାଣ୍ଡ ନୂଆ ନୁହେଁ। ଗତ ଏପ୍ରିଲରେ ଘଟିଥିବା ଗୁଳିକାଣ୍ଡରେ ଜଣେ ଶିଶୁଙ୍କ ସମେତ ପରିବାରର ୧୦ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଜାନୁୟାରୀରେ ଏକ ଜନ୍ମଦିନ ପାର୍ଟିରେ ଗୁଳିମାଡ଼ ହେବାରୁ ୮ ଜଣଙ୍କ ଜୀବନ ଯାଇଥିଲା।

# ବୋର୍‌ୱେଲରେ ଖସିଥିବା ଶିଶୁର ମୃତ୍ୟୁ

**ଜାମନଗର, ୪।୬:** ଗୁଜରାଟ ଜାମନଗର ଜିଲାର ଏକ ଚାଷ ଜମିରେ ଥିବା ବୋର୍‌ୱେଲରେ ଖସିପଡ଼ିଥିବା ୨ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ଦୀର୍ଘ ୧୨୯ ଘଣ୍ଟା ଧରି ବିଭିନ୍ନ ସଂସ୍ଥା ପକ୍ଷରୁ ଶିଶୁଟିକୁ ଉଦ୍ଧାର କରିବା ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ତାମଚାନ ଗ୍ରାମର ଏକ ଆଦିବାସୀ ପରିବାରର ଶିଶୁଟି ଖେଳୁଥିବାବେଳେ ନିକଟରେ ଥିବା ୨୦୦ ଫୁଟ୍ ଗଭୀର ବୋର୍‌ୱେଲରେ ଖସିପଡ଼ିଥିଲା। ଉଦ୍ଧାର କାର୍ଯ୍ୟରେ ସେନା ସମେତ ଏନ୍‌ଡିଆର୍‌ଏଫ୍ ଏବଂ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ସାମିଲ ହୋଇଥିଲେ। ରବିବାର ସକାଳେ ଶିଶୁଟିକୁ ବୋର୍‌ୱେଲରୁ ବାହାର କରାଯାଇଥିଲେ ହେଁ ସେତେବେଳକୁ ତା'ର ମୃତ୍ୟୁ ଘଟିସାରିଥିଲା।



ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ମଣିପୁରର ମେଇତି ସମ୍ପ୍ରଦାୟର ଛାତ୍ରୀଛାତ୍ରମାନେ ରବିବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ସମାଜର ପ୍ରଗତି ପାଇଁ ବରିଷ୍ଠ ନାଗରିକଙ୍କ ସହଯୋଗ ଜରୁରୀ**

ବାଲିପାଟଣା,(ଡି.ଏନ୍.ଏ.): ମଝିହରା ପଞ୍ଚାୟତରେ ବରିଷ୍ଠ ନାଗରିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇ କହିଥିଲେ, ସମାଜର ପ୍ରଗତି ପାଇଁ ବରିଷ୍ଠ ନାଗରିକଙ୍କ ସହଯୋଗ ଜରୁରୀ। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର କିଛି ସମସ୍ୟା ଉପରେ ବରିଷ୍ଠ ନାଗରିକମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ଢାଲି ପ୍ରତିଶ୍ରୁତି ଦେଇଥିଲେ। ତିନିଶହରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ସଂକ୍ଷେପରେ

### ଶପଥ ନେଲେ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ନବନିର୍ବାଚିତ କର୍ମକର୍ତ୍ତା

ଭୁବନେଶ୍ୱର,୪।୬(ବ୍ୟୁରୋ)- ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ନବନିର୍ବାଚିତ କର୍ମକର୍ତ୍ତାଙ୍କର ଶପଥପାଠ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ଭବନ ଓଏଏସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ତଥା ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋମଳମତି ଶିଶୁଙ୍କମାନଙ୍କର ବିକାଶଧାରାକୁ ପରିସ୍ଫୁଟନ କରିବାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା ଅତୁଳନୀୟ ବୋଲି ବିଧାୟକ ଜେନା କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କର୍ପୋରେଟର ରଞ୍ଜୁବାଳା ରାୟ ଉପସ୍ଥିତ ରହିଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ସଭାପତି ହୃଦାନନ୍ଦ ଦ୍ୱିବେଦୀ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ପଦ ଓ ଗୋପୀୟତାର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ନୀଳାଞ୍ଚଳ ମିଶ୍ର ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ନବନିର୍ବାଚିତ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ ନିଷ୍ଠାର ସହ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଉନ୍ନତିକଳ୍ପେ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ ସମ୍ପାଦନା କରିବେ ବୋଲି ମତ ବ୍ୟକ୍ତ କରିଥିଲେ। ନବନିର୍ବାଚିତ ମହାସଚିବ ଚାରୁଲତା ମହାପାତ୍ର କହିଲେ ଯେ, ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ନାର୍ଯ୍ୟ ଦାବିକୁ ବୈପ୍ଳବିକ ଚିନ୍ତାଧାରାରେ ପୂରଣ କରିବା ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ।

### ସୁଜିତଙ୍କୁ ଧରି କ୍ରାଇମ ସିନ୍ ରିକ୍ରିଏଟ୍ କଲା ପୋଲିସ

**ସୁଶାନ୍ତ ନାୟକ ହତ୍ୟାକାଣ୍ଡ**

ଭୁବନେଶ୍ୱର,୪।୬(ବ୍ୟୁରୋ)
ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୧ ଜିଇଡି ବସ୍ତିରେ ସୁଶାନ୍ତ ନାୟକ ଓରଫ କାଳିଆଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ସୁଜିତ ନାୟକଙ୍କୁ ଶୁକ୍ରବାରଠାରୁ ୪ ଦିନିଆ ରିମାଣ୍ଡରେ ଆଣି ପୋଲିସ ଅଧିକ ତଥ୍ୟ ହାସଲ କରୁଛି। ରିମାଣ୍ଡର ୩ୟ ଦିନରେ ରବିବାର ସୁଜିତଙ୍କୁ ଧରି ପୋଲିସ କ୍ରାଇମ ସିନ୍ ରିକ୍ରିଏଟ୍ କରିଛି। ଅପରାହ୍ନ ପ୍ରାୟ ୪ଟା ୩୦ରେ ସୁଜିତଙ୍କୁ ପୋଲିସ ଘଟଣାସ୍ଥଳକୁ ନେଇଥିଲା। ସୁଜିତ ଅନ୍ୟ ଅଭିଯୁକ୍ତଙ୍କ ସହ ସୁଶାନ୍ତଙ୍କୁ କିପରି ଖଣ୍ଡାରେ ହାଣିଥିଲେ, ତାହା ଗୋଟି ଗୋଟି କରି ବର୍ଣ୍ଣନା କରିଥିଲେ। ଏପରିକି ସୁଶାନ୍ତ କେଉଁଠି ଲହୁଲୁହାଣ ହୋଇ ପଡ଼ିଯାଇଥିଲେ, ତାହା ବି ହାତ ଠାରି ଦେଖାଇଥିଲେ। ହତ୍ୟାକାଣ୍ଡ ପରେ ବ୍ୟବହୃତ ଖଣ୍ଡାକୁ ଫରେଷ୍ଟ ପାର୍କ ପଛପଟେ ଏକ ପରିତ୍ୟକ୍ତ ସ୍ଥାନରେ ଲୁଚାଇଥିଲେ ବୋଲି ସୁଜିତ କହିଥିଲେ। ପରେ ପୋଲିସ ଉକ୍ତ ଖଣ୍ଡାକୁ ମଧ୍ୟ ଜବତ କରିଛି। ସୋମବାର ସୁଜିତଙ୍କ ରିମାଣ୍ଡ ଅବଧି ସରୁଥିବାବେଳେ ପୋଲିସ ତାଙ୍କଠୁ ଆଉ କିଛି ତଥ୍ୟ ହାସଲ କରିବା ପାଇଁ ଆଶା ରଖିଛି। ଅନ୍ୟପକ୍ଷରେ ସୁଜିତଙ୍କ ଭଣଜା ବିଶାଲ, ଶଳା ସୁବାସ ପ୍ରମୁଖ ଫେରାର ଥିବାବେଳେ ଏପର୍ଯ୍ୟନ୍ତ ପୋଲିସ ସେମାନଙ୍କ ପତ୍ତା ପାଇପାରିନାହିଁ। ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ମେ' ୨୪ ଭୋର ୪ଟାରେ ଏହି ଘଟଣା ଘଟିଥିଲା।

# ବିଏମ୍‌ସି କଣ୍ଟ୍ରୋଲ୍ ରୁମ୍‌ରେ ତାମିଲନାଡୁ, ଆନ୍ଧ୍ର ଟିମ୍

**ଟ୍ରେନ୍ ଦୁର୍ଘଟଣା ମୃତକଙ୍କୁ ଚିହ୍ନଟ ପାଇ ଜାରି ହେଲା ହେଲ୍ପ ଲାଇନ୍ ନଂ. ୧୯୨୯**


କଣ୍ଟ୍ରୋଲ ରୁମ୍‌ରେ ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍, ପରିବହନ ମନ୍ତ୍ରୀ ଏସ୍.ଏସ୍. ଶିବଶଙ୍କର ଓ ଅନ୍ୟମାନେ।

ଭୁବନେଶ୍ୱର, ୪।୬ (ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗାରେ ହୋଇଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ଲୋକଙ୍କୁ ଉଦ୍ଧାର କରିବା କାର୍ଯ୍ୟରେ ସାମିଲ ହେବା ସହ ବିଭିନ୍ନ ପଦକ୍ଷେପ ନେଇଛି ବିଏମ୍‌ସି। ଏହି ପରିପ୍ରେକ୍ଷୀରେ ବିଏମ୍‌ସି-ଆଇସିଏମ୍‌ସି ଟାୱାରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏଥିସହ ୧୯୨୯ ନମ୍ବର ଜାରି କରାଯାଇଛି। ଏଠାକୁ ମୃତଙ୍କ ପରିବାର, ବନ୍ଧୁ, ସମ୍ପର୍କୀୟମାନେ ଏଠାରେ କଲ୍ କରିପାରିବେ। ଟ୍ରେନ ଦୁର୍ଘଟଣାରେ ପ୍ରଭାବିତ ବ୍ୟକ୍ତିଙ୍କ ମୃତ ପରିବାର, ବନ୍ଧୁ, ସମ୍ପର୍କୀୟ ତଥା ଲୋକଙ୍କୁ ସୁବିଧାରେ ଚିହ୍ନଟକରଣ କରିବା ପ୍ରକ୍ରିୟାକୁ ସହଜ କରିବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଆଉ ଏକ ଟୋଲ ଫ୍ରି ନଂ ୧୮୦୦ ୩୪୫ ୦୦୬୧ ଜାରି କରାଯାଇଛି। ଏଥିରେ ଯେ କୌଣସି ସ୍ଥାନରୁ ଫୋନ୍‌କରି ଲୋକମାନେ ଦୁର୍ଘଟଣା ସମ୍ପର୍କୀତ ପ୍ରଶ୍ନ ପଚାରି ପାରିବେ। ୧୨ ଘଣ୍ଟା ମଧ୍ୟରେ ଏଠାକୁ ବିଭିନ୍ନ ରାଜ୍ୟରୁ ୨ଶହରୁ ଅଧିକ ଫୋନ୍ କଲ୍ ଆସିଛି। ଏହାକୁ ୫ଜଣିଆ ଅପରେଟରଙ୍କ ଦ୍ୱାରା ଗ୍ରହଣ କରାଯାଇ ତାହାର ପରିଚାଳନା ଏବଂ ସମ୍ଭାବ୍ୟ ସମାଧାନ ପ୍ରଦାନ କରିବାରେ ସହାୟକ ହୋଇଛି। ବାଲେଶ୍ୱରରୁ ୧୮୦ଟି ମୃତଦେହ ଆସି କ୍ୟାପିଟାଲ ହସ୍ପିଟାଲ, ଏମ୍ସ, ଆଇଏମ୍‌ଏସ୍ ଆଣ୍ଡ ସମ୍, କିମ୍‌ସ, ଆମ୍‌ରୀ, ହାଇଟେକ୍ ଏବଂ ଆପୋଲୋ ହସ୍ପିଟାଲରେ ରହିଛି। ସେମାନଙ୍କର ଚିହ୍ନଟ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ବିଏମ୍‌ସି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ସେହିପରି ବିଏମ୍‌ସି କମିଶନରେଟ୍ ପୋଲିସ୍, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଏମ୍‌ରଜେନ୍ସି ରେସ୍‌ପନ୍ସ ୱିଙ୍ଗ୍ ଏବଂ ସ୍ୱେଚ୍ଛାସେବୀ ସହିତ ଜଡ଼ିତ ରହିଛି। ଉଦ୍ଧାର ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ବିଷୟରେ ସୂଚନା ପ୍ରଦାନ କରିବା, ମୃତ ଶରୀରକୁ ଗ୍ରହଣ କରିବା ପାଇଁ ବିଏମ୍‌ସି ପକ୍ଷରୁ ନୋଡାଲ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ମୃତବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ତାଙ୍କର ଫଟୋ, ମୃତ ଶରୀରର ଫଟୋ, ହସ୍ପିଟାଲ ତାଲିକା ଆଦି ପ୍ରସ୍ତୁତ ହୋଇଥିବା ୱେବ୍‌ସାଇଟ୍‌ରେ ଅପ୍‌ଲୋଡ କରାଯାଇଛି।
ତାମିଲନାଡୁର ଯୁବ ଓ କ୍ରୀଡ଼ା ବିକାଶ ମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଏବଂ ପରିବହନ ମନ୍ତ୍ରୀ ଏସ.ଏସ ସିବଶଙ୍କର, ଆନ୍ଧ୍ରପ୍ରଦେଶ ଶିଳ୍ପ ଏବଂ ଆଇଟି ମନ୍ତ୍ରୀ ଜି. ଅମରନାଥଙ୍କ ସମେତ ଏକ ଉଚ୍ଚ ସ୍ତରୀୟ ଦଳ ରବିବାର ବିଏମ୍‌ସି ଆଇସିଓଏମ୍‌ସି କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରିଥିଲେ। ସରକାରଙ୍କ ଦ୍ୱାରା କରାଯାଇଥିବା ସାମଗ୍ରିକ ପରିଚାଳନା ଦେଖିବା ପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ସ୍ଥିତିକୁ ସମ୍ଭାଳିବା ପାଇଁ ସମସ୍ତ ଅତିରିକ୍ତ କମିଶନର, ଜୋନାଲ ଡେପୁଟି କମିଶନର, ଇଂଜିନିୟ, କମ୍ୟୁନିଟି ଅର୍ଗାନାଇଜର, ୱାର୍ଡ ଅଫିସର, ସହାୟକ କର୍ମଚାରୀଙ୍କୁ ନିୟୋଜନ କରାଯାଇଥିବା କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଥିଲେ।

## ପଲାଶୁଣି ବ୍ରିଜ ଉପରେ ଗ୍ୟାସ ଗାଡି ଲିକେଜ




ଭୁବନେଶ୍ୱର,୪।୬(ବ୍ୟୁରୋ)

**ଜାତୀୟ ରାଜପଥରେ ୩୦ ମିନିଟ ଅଟକିଲା ଶହ ଶହ ଗାଡି**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଲାଶୁଣି ବ୍ରିଜ ଉପରେ ରବିବାର ଏକ ଗ୍ୟାସ ଗାଡି ଲିକ୍ ହୋଇଥିଲା। ଖବରପାଇ ଅଗ୍ନିଶମ ଓ ସିଏନ୍‌ଜି ଏକ୍ସପର୍ଟ ଟିମ୍ ପହଞ୍ଚିବାରୁ ମିଳିତ ଉଦ୍ୟମରେ ଏହାକୁ ବନ୍ଦ କରିବାରେ ସଫଳ ହୋଇଥିଲା। ସୂଚନାନୁସାରେ, ଉତ୍ତରା ଛକରୁ ଏକ ସିଏନ୍‌ଜି ଗାଡି ଭୁବନେଶ୍ୱର ଏକ ନମ୍ବର ଟାଙ୍କିକୁ ଆସୁଥିଲା। ପାଖାପାଖି ୩ଟା ସମୟରେ ପଲାଶୁଣି ବ୍ରିଜ୍ ଉପରେ ହଠାତ୍ ଏକ ଟାଙ୍କି ଲିକେଜ ହୋଇଥିବା ଡ୍ରାଇଭର ଜାଣିବାକୁ ପାଇଥିଲା । ଏହାପରେ ସହର ଭିତରକୁ ନ ନେଇ ସେଠାରେ ଗାଡିକୁ ଛିଡା କରିଦେଇ ସଙ୍ଗେ ସଙ୍ଗେ କଣ୍ଟ୍ରୋଲ ରୁମକୁ ଫୋନ୍ କରି ଘଟଣା ସଂପର୍କରେ କହିଥିଲେ । କଣ୍ଟ୍ରୋଲ ରୁମ୍‌ରୁ ଖବର ପାଇ ପ୍ରଥମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ବାରିକେଡ ଦେଇ ଯାତାୟାତ ବନ୍ଦ କରିଥିଲେ। ଫଳରେ କଟକରୁ ଭୁବନେଶ୍ୱର ଅଭିମୁଖ୍ୟ ଆସୁଥିବା ଶହଶହ ଗାଡିକୁ ବ୍ରିଜ ପୂର୍ବରୁ ଅଟକି ରହିବାରୁ ୩୦ ମିନିଟିରୁ ଅଧିକ ସମୟ ଜାତୀୟ ରାଜପଥରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଥିଲା । ଏହାପରେ ଅଗ୍ନିଶମ ବାହାନୀ ପହଞ୍ଚି ସିଏନଜି ଗ୍ୟାସ ଭର୍ତ୍ତି ଥିବା ଗାଡିକୁ ପାଣି ଛିଞ୍ଚି ଥଣ୍ଡା କରୁଥିବାବେଳେ ଏକ୍ସପର୍ଟ ଟିମ ପହଞ୍ଚି ଲିକେଜ ହୋଇଥିବା ଟାଙ୍କିକୁ ବନ୍ଦ କରିଥିଲେ। ଫଳରେ ବଡ ଦୁର୍ଘଟଣା ଟଳି ଯିବା ସହ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ପରିବେଶ ସଚେତନତା ବାର୍ତ୍ତା ଦେଲା ଉଠାଦୋକାନୀ ମହାସଂଘ




ଭୁବନେଶ୍ୱର, ୪।୬ (ବ୍ୟୁରୋ)

ବିକାଶ ନାମରେ ଚାଲିଥିବା ବିନାଶ, କଳ କାରଖାନା ପ୍ରତିଷ୍ଠା ପାଇଁ ବୃକ୍ଷ ଛେଦନ ଓ ଖଣି ଖନନ କରାଯାଉଛି, ଧୂମ୍ରପାନ, ଗାଡ଼ି ମୋଟର ବୃଦ୍ଧି ଯୋଗୁ ବିଶ୍ୱ ତାପମାତ୍ରା ବୃଦ୍ଧି ସହ ଜଳବାୟୁରେ ପରିବର୍ତ୍ତନ ଘଟୁଛି। ଏଥିପାଇଁ ମଣିଷ ନିଜେ ବଡ଼ବଡ଼ ବିପତ୍ତିର ସାମ୍ନା କରିବା ସହ ମାରାତ୍ମକ ରୋଗରେ ପଡୁଛି। ଏନେଇ ସଚେତନତାର ବାର୍ତ୍ତା ଦେଇ ରବିବାର ଜାତୀୟ ଉଠାଦୋକାନୀ ଫେଡ଼େରେଶନ, ଓଡ଼ିଶା ଉଠାଦୋକାନୀ ମହାସଂଘ, ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟ, ଜାତୀୟ ମହିଳା ଉଠାଦୋକାନୀ ଫେଡ଼େରେଶନ ପକ୍ଷରୁ ସଭାପତି ପ୍ରତାପ ସାହୁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଓ ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା। ମାଷ୍ଟର କ୍ୟାଣ୍ଟିନରୁ ଶୋଭାଯାତ୍ରା ବାହାରି ଲୋୟର ପିଏମ୍‌ଜିଠାରେ ପହଞ୍ଚିଥିଲା। ସେଠାରେ ପ୍ରଥମେ ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରିବେଶ ସଚେତନତା ସଭାରେ ଅନୁଜ ପ୍ରଧାନ, ଅନୁ ମିଶ୍ର, ଲଲାଟ କୁମାର ଓଝା, ଶୁଭଲକ୍ଷ୍ମୀ ମହାନ୍ତି ଓ ସସ୍ମିତା ସାହୁ, ରବୀନ୍ଦ୍ର କୁମାର ମହାରଣା, ଦମୟନ୍ତୀ ପରିଡ଼ା, ଆର. ମମତା, ପ୍ରତିଭା ସାହୁ ପ୍ରମୁଖ ଯୋଗଦେଇଥିଲେ। ପରେ ନୀଳାଦ୍ରିବିହାର ଅଞ୍ଚଳରେ ଏକ ସାଇକେଲ ଶୋଭାଯାତ୍ରା କରାଯାଇ ପରିବେଶ ସଚେତନତା ବାର୍ତ୍ତା ବଣ୍ଟାଯାଇଥିଲା।

## ବିବାହ ନେଇ ଫାଣ୍ଡିରେ ନାବାଳିକାଙ୍କ ଅଭିଯୋଗ

ବାରଙ୍ଗ,୪।୬(ଡି.ଏନ୍.ଏ.)

ଜଣେ ୧୬ ବର୍ଷୀୟାଙ୍କୁ ଘରେ ବିବାହ କରିବାକୁ ବାଧ କରୁଥିବା ସେ ମେଣ୍ଢାଶାଳ ଫାଣ୍ଡିରେ ରବିବାର ଅଭିଯୋଗ କରିଛନ୍ତି। ପୋଲିସ ନାବାଳିକାଙ୍କ ଡାକ୍ତରୀ ମାଇନା କରି ସିଡବ୍ଲ୍ୟୁସିକୁ ପଠାଇବା ସହ ନାବାଳିକା ପରିବାରକୁ ଡାକି ପଚରାଉଚରା କରିଛି। ପରିବାର ଓ ଗ୍ରାମବାସୀଙ୍କ କହିବା ମୁତାବକ, ନାବାଳିକା ଜଣକ ଜାମୁଝରି ଗାଁର ଜଣେ ଯୁବକକୁ ଭଲ ପାଉଥିଲେ। ଏହି ଘଟଣାରେ ମା' ବାପା ତାଙ୍କୁ ବିରୋଧ କରିଥିଲେ। ଏଥିରେ ନାବାଳିକା ଜଣକ ପରିବର୍ତ୍ତନ ନ ହେବାରୁ ପରିବାର ଲୋକେ ଅନ୍ୟତ୍ର ବିବାହ ସ୍ଥିର କରିଥିଲେ। ପୁଅ ଘର ରବିବାର ଝିଅକୁ ଦେଖିବାକୁ ଆସିବାର ଥିଲା। ହେଲେ ନାବାଳିକା ଘରୁ ଖସି ଆସି ଫାଣ୍ଡିରେ ଅଭିଯୋଗ କରିଥିଲେ।

## ଗଛ ପାଇଁ ଆମ୍ବୁଲାନ୍ସ ସେବା ହେଉ

ପୁରୁଣା ଭୁବନେଶ୍ୱର,୪।୬(ଡି.ଏନ୍.ଏ.)

**ଆଜି ବିଶ୍ୱ ପରିବେଶ ଦିବସ**




ସୋମବାର ବିଶ୍ୱ ପରିବେଶ ଦିବସ। ଏହି ପରିପ୍ରେକ୍ଷୀରେ ରବିବାର ଗଛ ପାଇଁ ଆମ୍ବୁଲାନ୍ସ ସେବା ଲାଗୁ କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି ପରିବେଶବିତ୍ ସୁଶାନ୍ତ ସାହୁ। ଏନେଇ ସାହୁ କୁହନ୍ତି, ମଣିଷ ପରି ଗଛର ବି ଜୀବନ ରହିଛି। ମଣିଷ ଜୀବନରେ ଯେପରି ଜରା, ବ୍ୟାଧି ରହିଛି ଠିକ୍ ସେହିପରି ବୃକ୍ଷ ଜୀବନରେ ଏହା ମଧ୍ୟ ରହିଛି। ସମ୍ପ୍ରତି ରାଜଧାନୀ ଭୁବନେଶ୍ୱରରେ ଅନେକ ଗଛ ରୋଗଗ୍ରସ୍ତ ଅବସ୍ଥାରେ ରହିଛି। ସେଗୁଡ଼ିକର ଯତ୍ନ ନେବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଅନେକ ଲୋକଙ୍କ ବଗିଚାରେ ରହିଥିବା ଗଛଗୁଡ଼ିକର ସମାନ ଅବସ୍ଥା। ବୃକ୍ଷର ଚିକିତ୍ସା ଲାଗି କାହାକୁ ଓ କେଉଁ ହେଲ୍ପଲାଇନ୍ ନମ୍ବରରେ ଲୋକେ ଜଣାଇବେ ବ୍ୟବସ୍ଥା ହୋଇନାହିଁ। ଅନ୍ୟପକ୍ଷରେ ଭୁବନେଶ୍ୱରରେ ଦିନକୁ ଦିନ ବୃକ୍ଷ ଶୂନ୍ୟ ହେବାରେ ଲାଗିଛି। ପ୍ରଦୂଷଣର ତାପମାତ୍ରା ବି ବଢ଼ି ଚାଲିଛି। ତେଣୁ ବୃକ୍ଷ ସମ୍ପଦର ସୁରକ୍ଷା ନିତାନ୍ତ ଜରୁରୀ। ସମ୍ପ୍ରତି ଜଳବାୟୁର ଜ୍ୱାଳାକୁ ରୋକିବାକୁ ନେଇ ବିଭିନ୍ନ ରାଜ୍ୟର ସରକାର ଟ୍ରି-ଆମ୍ବୁଲାନ୍ସ ସେବା ଶୁଭାରମ୍ଭ କରିଛନ୍ତି। ଯେଉଁଥିରେ ରହିଛନ୍ତି ଉଦ୍ଭିଦ ବିଜ୍ଞାନୀ, ବିଶେଷଜ୍ଞ ଓ ଚିକିତ୍ସକ। ତତ୍‌ସହିତ ଗଛ ପାଇଁ ନାନା ପ୍ରକାର ଔଷଧ ଓ ଆବଶ୍ୟକ ଉପକରଣ ବି ରହିଛି। ସରକାର ଅସୁସ୍ଥ ବୃକ୍ଷଗୁଡ଼ିକ ପ୍ରତି ସେବା ଯୋଗାଇଦେବା ନିହାତି ଆବଶ୍ୟକ। ଫଳରେ ଅନେକ ବିଲୁପ୍ତ ହୋଇଯାଉଥିବା ବୃକ୍ଷର ସୁରକ୍ଷା ହୋଇପାରିବ ବୋଲି ସାହୁ ଆଶା ପ୍ରକଟ କରିଛନ୍ତି।


ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରମାନେ ମହମବତି ଜାଳିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛନ୍ତି।

## ରାସ ବିହାରୀ ବେହେରାଙ୍କ ଉପନ୍ୟାସ 'ଅନ୍ୱେଷୀ' ଲୋକାର୍ପିତ

ଭୁବନେଶ୍ୱର,୪।୬(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ଉପରେ ପୂର୍ବରୁ ଅନେକ ସାହିତ୍ୟ ସୃଷ୍ଟି ହୋଇଛି' ଔପନ୍ୟାସିକ ରାସ ବିହାରୀ ବେହେରାଙ୍କ ରଚିତ ଉପନ୍ୟାସ 'ଅନ୍ୱେଷୀ' ବିଭିନ୍ନ ଦିଗରୁ ଅନନ୍ୟ। ଏହି ଉପନ୍ୟାସ ମାଧ୍ୟମରେ ଗାନ୍ଧୀବାଦ ସଭ୍ୟତାକୁ ସବଳ, ସଚଳ ଓ ସୁଦୃଢ଼ କରାଯାଇ ପାରିବ ବୋଲି ରବିବାର ବୁଦ୍ଧମନ୍ଦିରଠାରେ ଉପନ୍ୟାସକୁ ଲୋକାର୍ପଣ କରି ମୁଖ୍ୟ ଅତିଥି ତଥା ଔପନ୍ୟାସିକ ବିଭୂତି ପଟ୍ଟନାୟକ ଏହା କହିଛନ୍ତି। ସୁସହିତ୍ୟିକ ଡ. ଭଗବାନ ପ୍ରକାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରାବନ୍ଧିକ ଡ. ବାବାଜୀ ଚରଣ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ସମୀକ୍ଷକ ଅଧ୍ୟାପକ ପରମେଶ୍ୱର ମୁଣ୍ଡ ଯୋଗଦେଇଥିଲେ। ଓଡିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ଅର୍ଜି ପ୍ରକାଶିନୀର ପ୍ରକାଶକ ନୀଳକଣ୍ଠ ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷାବିତ ପ୍ରଫେସର ଗୋପବନ୍ଧୁ ବେହେରା, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକ ପ୍ରବୋଧ ରଥ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ, ପଞ୍ଚାନନ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ।


ନିର୍ଝରା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରବିବାର ଭୁବନେଶ୍ୱର ସୂଚନା ଭବନରେ ଅନୁଷ୍ଠିତ ଚନ୍ଦନ ମହୋତ୍ସବରେ ଶିଳ୍ପୀମାନେ ମାହାରି ନୃତ୍ୟ ପରିବେଷଣ କରୁଛନ୍ତି।

## ରାଜଧାନୀରୁ ଧରାପଡିଲେ ୨ ପେଶାଦାର ଲୁଟେରା

ଭୁବନେଶ୍ୱର,୪।୬(ବ୍ୟୁରୋ)

- ଗାଡି ନମ୍ବର ପ୍ଲେଟ ବଦଳାଇ ଛିନତାଇ କରୁଥିଲେ
- ୬ ସୁନା ଚେନ,ସୁନା କାନ ଫୁଲ,ବାଇକ,ମୋବାଇଲ ଜବତ

ପୋଲିସକୁ ଚକମା ଦେବାକୁ ଅପରାଧୀଙ୍କ ନୂଆ ତରିକା। ବ୍ଲାକଟେପ ସହାୟତରେ ଗାଡିର ନମ୍ବର ପ୍ଲେଟ ବଦଳାଇ ଗତ କିଛି ଦିନ ଧରି ଆତଙ୍କ ଖେଳାଇ ରାଜଧାନୀରେ ବିଭିନ୍ନ ଲୋକଙ୍କ ନିକଟରୁ ଭ୍ୟାନିଟି ବ୍ୟାଗ, ସୁନା ଅଳଙ୍କାର ଓ ମୋବାଇଲ ଫୋନ ନେଇ ଫେରାର ହୋଇଯାଉଥିବା ଦୁଇ ଲୁଟେରାକୁ ଶେଷରେ ଖଣ୍ଡଗିରି ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଖାରବେଳନଗର ଥାନା ଅଞ୍ଚଳରେ ରହୁଥିବା ସେକ ଅଲ୍ଲି ଆଜାମ ଓ କ୍ୟାପିଟାଲ ଥାନା ଅଞ୍ଚଳରେ ରହୁଥିବା ନୟାଗଡର ଚନ୍ଦନ ନାୟକ । ତାଙ୍କ ନିକଟରୁ ୬ଟି ସୁନା ଚେନ, ହଳେ ସୁନା କାନ ଫୁଲ, ଗୋଟିଏ ମୋବାଇଲ ଫୋନ ଏବଂ ଚୋରି ବ୍ୟବହୃତ ବାଇକକୁ ଜବତ କରିଛି ପୋଲିସ। ଜାମିନ ନମିଳିବାରୁ ଉଭୟ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଅଭିଯୁକ୍ତ ଚନ୍ଦନ ନାୟକ ଜଣେ ଅଭ୍ୟାସଗତ ଅପରାଧୀ ଅଟନ୍ତି । ତାଙ୍କ ନାମରେ ଖଣ୍ଡଗିରି ଓ ଶହୀଦନଗର ଥାନାରେ ୩ଟି ଲେଖାଏଁ ମାମଲା ରହିଥିବା ବେଳେ ନୟାପଲ୍ଲୀ ଓ କ୍ୟାପିଟାଲ ଥାନାରେ ୨ଟି ଲେଖାଏଁ ରହିଥିବା ଜଣାପଡିଛି । ସେହିପରି ବଡଗଡ ଥାନାରେ ଗୋଟିଏ ମାମଲା ରହିଛି । ଅଭିଯୁକ୍ତ ଜଣକ କ୍ରମାଗତ ଭାବେ ବିଭିନ୍ନ ପ୍ରକାର ଅପରାଧିକ ମାମଲାରେ ସମ୍ପୃକ୍ତ ରହୁଥିବାରୁ ତାଙ୍କ ବିରୋଧରେ ସିଆରପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଅଛି । ଅପରପକ୍ଷେ ଜବତ ଗାଡିଟି କାହାର ନାଁରେ ଅଛି କିମ୍ବା ଚୋରା ଗାଡି ତାହାର ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।
ସୂଚନାନୁସାରେ ଅଭିଯୁକ୍ତଦ୍ୱୟ କେତେବେଳେ ବାଇକରେ ପଛ ପାଖରୁ ଆସି ମହିଳାଙ୍କ ବ୍ୟାଗ ତ ପୁଣି କେତେବେଳେ ସୁନା ଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଉଥିଲେ । ଏପରିକି କଥା ହେଉଥିବା ସମୟରେ କାହା ହାତରୁ ମୋବାଇଲ ନେଇ ପଳାଉଥିଲେ । ଏନେଇ ଖଣ୍ଡଗିରି ଥାନାରେ ମାଲମାଲ ଅଭିଯୋଗ ଆସିବା ପରେ ପୋଲିସ ଘଟଣାକୁ ଗୁରୁତର ସହ ନେଇ ଏକ ଟିମ ଗଠନ କରିଥିଲା । ଫଳରେ ସିସିଟିଭି ଫୁଟେଜ ଆଧାରରେ ପ୍ରଥମେ ଚିହ୍ନଟ କରି ବିଭିନ୍ନ ଅଞ୍ଚଳରେ ଖୋଜୁଥିବା ବେଳେ ଅଭିଯୁକ୍ତଦ୍ୱୟ ଖଣ୍ଡଗିରି ଅଞ୍ଚଳରେ ଏକ ସ୍ଥାନୀରେ ଛିଡା ହୋଇଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ କାବୁ କରିଥିଲା ।


ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ରବିବାର ଭୁବନେଶ୍ୱରର ଇସ୍କନ ମନ୍ଦିର, ଆର୍‌ଏମ୍‌ଆର୍‌ସି ଶ୍ରୀଜଗନ୍ନାଥ ମନ୍ଦିର, ୟୁନିଟ୍-୮ ଓ ୫ ଜଗନ୍ନାଥ ମନ୍ଦିର ସ୍ନାନବେଦୀରେ ଚତୁର୍ଦ୍ଧା ମୂର୍ତ୍ତି।

**ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ**

**ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ୍.ଏ.):** ଟାଙ୍ଗୀ ରଘୁନାଥ ମନ୍ଦିର ସ୍ଥିତ ଗୀତା ଭବନ ଆନୁକୂଲ୍ୟରେ ୩୩ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ବ୍ୟାସଭାବେ ରାମ ମୋହନ ଦାସ, ପ୍ରବଚକ ପଣ୍ଡିତ ନାରାୟଣ ମହାପାତ୍ର, ପଣ୍ଡିତ ସୁଦାମ ଚରଣ ଦାସ, ଡ.ଗୁରୁ ପ୍ରସାଦ ମହାପାତ୍ର, ପଣ୍ଡିତ କୈଳାସ ଚନ୍ଦ୍ର ପଣ୍ଡା, ପଣ୍ଡିତ ଗଣେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପ୍ରବଚକମାନେ ଶିବ ପାର୍ବତୀ ବିବାହଠାରୁ ରାବଣ ବଧ, ଶ୍ରୀରାମଙ୍କ ଅଭିଷେକ ପର୍ଯ୍ୟନ୍ତ ପ୍ରବଚନ ମାଧମରେ ବୁଝାଇଥିଲେ। କମିଟି ସଭାପତି ଡା. ମଧୁସୂଦନ ସେନାପତିଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବେଗୁନିଆ,୪।୬(ଡି.ଏନ୍.ଏ.): ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅନ୍ତର୍ଗତ କଡ଼ବ ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ରବିବାର ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୧୭୪/୨୩) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ପୀଡିତା ଛାତ୍ରୀ ଶନିବାର ସ୍ଥାନୀୟ କଲେଜକୁ ଯାଇଥିଲେ। ଜଣେ ଯୁବକ କଲେଜ ପରିସରରେ ପଶି ସମ୍ପୃକ୍ତା ଛାତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ପୀଡିତା ଛାତ୍ରୀ ଘରକୁ ଫେରି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ।

### ପ୍ଲମ୍ବରଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

ବୋଲଗଡ଼,୪।୬(ଡି.ଏନ୍.ଏ.): ସ୍ଥାନୀୟ ନନ୍ଦିଘୋଷ ଭବନ ପରିସରରେ ରବିବାର ପ୍ଲମ୍ବରମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏକ କମ୍ପାନୀ ଆନୁକୂଲ୍ୟରେ ବୋଲଗଡ଼ର ଭେରୋନିକ୍ସ ଏଜୁସ୍କିଲସ ସଂସ୍ଥା ପକ୍ଷରୁ ସ୍ଥାନୀୟ ଅଞ୍ଚଳର ୫୦ଜଣ ପ୍ଲମ୍ବରଙ୍କୁ ନେଇ ଆୟୋଜିତ ଏହି ଶିବିରରେ ଏଜୁସ୍କିଲସ ମ୍ୟାନେଜର ନିତ୍ୟାନନ୍ଦ ସୁବୁଦ୍ଧି ତାଲିମ ପ୍ରଦାନ କରିଥିଲେ। ପରେ ଏଥିନେଇ ପ୍ଲମ୍ବର ମାନଙ୍କ ଏକ ଦକ୍ଷତା ପରୀକ୍ଷା ହୋଇଥିଲା। ଏହି ପରୀକ୍ଷାରେ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ। ଏମାନେ ସ୍ୱାବଲମ୍ବୀ ହେବା ସହ ବିଭିନ୍ନ ପ୍ଲମ୍ବିଂ କାର୍ଯ୍ୟ କରିବା ପାଇଁ ଅଗ୍ରାଧିକାର ପାଇପାରିବେ ବୋଲି ସୁବୁଦ୍ଧି କହିଛନ୍ତି।

### ଟ୍ରେନ ଦୁର୍ଘଟଣା ଆହତଙ୍କୁ ସହାୟତା

ଜଟଣୀ,୪।୬(ଡି.ଏନ୍.ଏ.): ବାଲେଶ୍ୱର ଜିଲା ବାହାନଗାରେ ଟ୍ରେନ୍ ଦୁର୍ଘଟଣାରେ ୨୭୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀର 'ବାପା ମା ସେବାଶ୍ରମ ଟ୍ରଷ୍ଟ ଓ ଓଡିଶା ବିଶ୍ୱକର୍ମା ମହାସଭା' ପକ୍ଷରୁ ଆହତଙ୍କୁ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟ ଅଧକ୍ଷ ଗୌତମ ମହାରଣାଙ୍କ ନେତୃତ୍ୱରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆହତ ବ୍ୟକ୍ତିଙ୍କୁ ଶୁଖିଲା ଖାଦ୍ୟ ସହିତ ଓଆରଏସ ପ୍ୟାକେଟ ପ୍ରଦାନ କରାଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ବାପା ମା ସେବଶ୍ରମ ଟ୍ରଷ୍ଟ ଓ ବିଶକର୍ମା ମହାସଭା ସଙ୍ଗଠନ ଓଡ଼ିଶାର ରାଜ୍ୟ ସଭାପତି ଗୌତମ ମହାରଣା, ସମ୍ପାଦକ ହାଡିବନ୍ଧୁ ମହାରଣା, ବାସୁଦେବ ସେଠି, ଇସ୍ମାଇଲ ଅଲ୍ଲୀ, ବିନ ଘଡେଇ, ଜିତୁ ଘଡ଼େଇଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ସହଯୋଗ କରିଥିଲେ।

### ସେମିଫାଇନାଲରେ ୪ ଟିମ୍

ଯାଁଳା,୪।୬(ଡି.ଏନ୍.ଏ.): ଯାଁଳା ଦଶହରା ପଡିଆରେ ଇଲେଭେନ ଷ୍ଟାର୍ କ୍ରିକେଟ କ୍ଲବ ଦ୍ୱାରା ଆୟଜିତ ରାତ୍ରିକାଳିନ ୭ମ ଯାଁଳା ପ୍ରିମିୟର ଲିଗ୍ (ଜେପିଏଲ) କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଦ୍ୱିତୀୟ ରାଉଣ୍ଡରେ ଟମ୍ ଲଡୁ ଓ ମା'ହରଚଣ୍ଡୀ ୱାରିଅର୍ସ ଟିମ୍ ମଧରେ ହୋଇଥିଲା। ଟିମ୍ ଲଡୁ ୮ ଓଭରରେ ୫୦ ରନ ସଂଗ୍ରହ କରିଥିଲା। ଜବାବରେ ମା' ହରଚଣ୍ଡୀ ୱାରିଅର୍ସ ୩.୪ ଓଭରରେ ୫୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଅନ୍ୟ ଏକ ମ୍ୟାଚ୍ ବ୍ଲୁ ରକ୍ଷ୍ଟାର ଓ ରୟାଲ କିଙ୍ଗ ଇଲେଭେନ ଟିମ୍ ମଧରେ ହୋଇଥିଲା। ବ୍ଲୁ ରକ୍ଷ୍ଟାର ୮ ଓଭରରେ ୧୦୯ ରନ ସଂଗ୍ରହ କରିଥିଲା। ଜବାବରେ ରୟାଲ କିଙ୍ଗ ଇଲେଭେନ ୫.୨ ଓଭରରେ ୧୧୨ ରନରେ ବିଜୟୀ ହୋଇଥିଲା । ତୃତୀୟ ରାଉଣ୍ଡର ପ୍ରଥମ ମ୍ୟାଚ୍ ମା'ଖଣ୍ଡୁଆଳ ୱାରିଅର୍ସ ଓ ମା'ହରଚଣ୍ଡୀ ୱାରିଅର୍ସ ମଧରେ ହୋଇଥିଲା। ଖଣ୍ଡୁଆଳ ୱାରିଅର୍ସ ୮ ଓଭରରେ ୯୧ ରନ ସଂଗ୍ରହ କରିଥିଲା। ଜବାବରେ ହରଚଣ୍ଡୀ ୱାରିଅର୍ସ ୮ ଓଭରରେ ୭୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବ୍ଲୁ ରକ୍ଷ୍ଟାର ଓ ଟିମ୍ ମୁଣ୍ଡମୁହାଁଣ ମଧରେ ହୋଇଥିଲା। ବ୍ଲୁ ରକ୍ଷ୍ଟାର ୮ ଓଭରରେ ୭୭ ରନ୍ସଂଗ୍ରହ କରିଥିଲା। ଜବାବରେ ଟିମ ମୁଣ୍ଡମୁହାଁଣ ୬ ଓଭରରେ ୮୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ରୟାଲ କିଙ୍ଗ ଇଲେଭେନ ଓ ମା' ଖଣ୍ଡୁଆଳ ୱାରିଅର୍ସ ଟିମ୍ ମଧରେ ହୋଇଥିଲା। ରୟାଲ କିଙ୍ଗ ଇଲେଭେନ ୮ ଓଭରରେ ୧୦୨ ରନ ସଂଗ୍ରହ କରିଥିଲା। ଜବାବରେ ଖଣ୍ଡୁଆଳ ୱାରିଅର୍ସ ୭.୩ ଓଭରରେ ୧୦୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅନିଲ ମହାପାତ୍ର ଓ ସାନୁଜ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ତେବେ ଏମାନଙ୍କ ମଧରୁ ୪ଟି ଦଳ ମା'ଖଣ୍ଡୁଆଳ ୱାରିଅର୍ସ, ଟିମ ମୁଣ୍ଡମୁହାଁଣ, ଟିମ୍ ଲଡୁ ଏବଂ ରୟାଲ ଟିମ ଇଲେଭେନ ପଏଣ୍ଟ ଭିତ୍ତିରେ ସେମିଫାଇନାଲକୁ ପ୍ରବେଶ କରିଛି।

# ଅଣସର ପିଣ୍ଡିରେ ଶ୍ରୀଜୀଉ

**ଖୋର୍ଦ୍ଧା ଅଫିସ,୪।୬**

ପବିତ୍ର ଦେବସ୍ନାନ ପୂର୍ଣ୍ଣମୀରେ ରବିବାର ଖୋର୍ଦ୍ଧା ଜାଗୁଳିପାଟଣା ସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ) ଦେବଙ୍କ ସ୍ନାନଯାତ୍ରା ନୀତି ସମ୍ପନ୍ନ ହୋଇଛି। ଏଠାରେ ଗଜ ବେଶ ହୋଇ ନ ଥାଏ। ତେଣୁ ଚତୁର୍ଦ୍ଧାବିଗ୍ରହ ପାରମ୍ପରିକ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଆଉ ଭକ୍ତଙ୍କ ଜୟଜୟକାର ଧ୍ୱନୀରେ ସୃଷ୍ଟି ହୋଇଥିଲା ଏକ ଆଧ୍ୟାତ୍ମିକ ପରିବେଶ।ରାତି ୮ଟାରେ ମହାପ୍ରଭୁଙ୍କ ବାହୁଡା ପହଣ୍ଡି ଆରମ୍ଭ ହୋଇଥିଲା। ଠାକୁରମାନେ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିଥିଲେ। ସୋମବାର ଠାରୁ ୧୪ ଦିନ ବ୍ୟାପୀ ଶ୍ରୀଜୀଉମାନଙ୍କ ଗୁପ୍ତ ନୀତି ଚାଲିବ। ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ପରିବର୍ତ୍ତେ ପଟିଦିଅଁ ପୂଜା ପାଇବେ। ଅଣସର ପିଣ୍ଡିରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ଆରମ୍ଭ ହୋଇଛି ଅଣସର ନୀତି। ମନ୍ଦିରର ମୁଖ୍ୟ ପୂଜକ ମହନ୍ତ କମଳଲୋଚନ ଦାସ ମହାରାଜଙ୍କ ସମେତ ଗଗନ ବିହାରୀ ଦାଶ, କୃଷ୍ଣଚନ୍ଦ୍ର ଦାସ, ଅଯୋଧ୍ୟା ଦାସ, ଧନେଶ୍ୱର ପଣ୍ଡାଙ୍କ ସମେତ ୧୫ଜଣ ସେବକଙ୍କ ଉପସ୍ଥିତିରେ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

ସେହିପରି ଗଡଖୋର୍ଦ୍ଧା ସ୍ଥିତ ଚତୁର୍ଦ୍ଧାବିଗ୍ରହଙ୍କ ଦେବସ୍ନାନ ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହ ହାତୀ ବେଶରେ ଦର୍ଶନ ଦେଇଥିଲେ। ଏହି ବେଶ ଦର୍ଶନ ଲାଗି ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଠାକୁରମାନେ ଗୋଟି ପହଣ୍ଡିରେ ଅଣସର ପିଣ୍ଡିରେ ବିଜେ କରିଥିଲେ। ଠାକୁରଙ୍କ ଅନ୍ୟ ସେବା ପରେ ରାତିରୁ ଗୁପ୍ତସେବା ଆରମ୍ଭ ହୋଇଛି। ୧୪ଦିନ ଧରି ଠାକୁରଙ୍କ ଶ୍ରୀଅଙ୍ଗ ଗୁପ୍ତ ସେବା ଚାଲିବ। ପଞ୍ଚମ ଦିନରେ ଫୁଲରି ତେଲ, ଦଶମୀରେ ଦଶ ମୂଳ ପାଚନ, ଏକାଦଶୀରେ ଖଳିଲାଗି ପରେ ଚକା ବିଜେ କରିବେ। ଅଣସର ସମୟରେ ପଟିଦିଅଁ ପୂଜା ପାଇବେ। ମୁଖ୍ୟ ପରିଚାଳକ ରମାକାନ୍ତ ପାଟଯୋଶୀ, ପୂଜା ପଣ୍ଡା ଅକ୍ଷୟ ମହାପାତ୍ର, ଅରୂପାନନ୍ଦ ମହାପାତ୍ର, ବେଦପ୍ରକାଶ ମହାପାତ୍ର, ଇଂ.ମାଧବଚନ୍ଦ୍ର ଷଡ଼ଙ୍ଗୀ, ଦୀନକୃଷ୍ଣ ମହାନ୍ତି, ସୂର୍ଯ୍ୟ ନାରାୟଣ ରଥ, ଅଭିଜିତ୍ ଡାକୁଆ, ସର୍ବେଶ୍ୱର ମାର୍ଥା, ବିନୟ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ଭଜନମଣ୍ଡଳୀଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ସମ୍ପାଦକ ଗୋପଳକୃଷ୍ଣ ଦାସ, ଜଗମୋହନ ପଟ୍ଟନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଟାଙ୍ଗୀ ଜଗନ୍ନାଥ ମନ୍ଦିରର ଦେବସ୍ନାନ ନୀତି ସମ୍ପନ୍ନ ହୋଇଛି। ସ୍ନାନବେଦିରେ ଚତୁର୍ଦ୍ଧା ବିଗ୍ରହ ୧୦୮ ଗଡୁ ସୁବାସିତ ଜଳରେ ସ୍ନାନ କରିଛନ୍ତି। ପରେ ଶ୍ରୀବିଗ୍ରହଙ୍କୁ ବେଶଲାଗି କରାଯାଇଥିଲା। ଟାଙ୍ଗୀ ଜଗନ୍ନାଥ ମନ୍ଦିରର ରାଜା ଭାରତ ଭୂଷଣ ଜଗଦ୍ଦେବ ଛେରା ପହଁରା ନୀତି କରିଥିଲେ। ୩୬ ବର୍ଷ ଧରି ସେ ଏଭଳି ନୀତିକାନ୍ତି ସମ୍ପାଦନ କରୁଛନ୍ତି ଆସୁଛନ୍ତି ବୋଲି ରାଜା ଜଗଦ୍ଦେବ କହିଛନ୍ତି ।

ବାଣପୁରର ଶ୍ରୀରଙ୍କନାଥ ଦେବଙ୍କ ସ୍ନାନନୀତି ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ୧୦୮ ଗରା ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ ପରେ ଟେରା ବନ୍ଧାଯାଇ ବେଶଲାଗି ହୋଇଥିଲା। ସକାଳ ଧୂପ ନୀତି ବଢି ହାତୀବେଶ ଲାଗି ହୋଇଥିଲେ। ଏହି ବେଶ ଦର୍ଶନ ଲାଗି ଭକ୍ତଙ୍କ ଗହଳି ଲାଗିରହିଥିଲା।

**ଜଟଣୀ,(ଡି.ଏନ୍.ଏ.):** ଜଟଣୀ ସହର ଓ ପାଖଆଖ ଅଞ୍ଚଳର ବିଭିନ୍ନ ସ୍ଥାନ ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ନୀତି ସମ୍ପନ୍ନ ହୋଇଛି। ବାଛରାପାଟଣାସ୍ଥିତ ଜଗନ୍ନାଥ ମନ୍ଦିର, କୁଦିଆରୀ ଗ୍ରାମ ଜଗନ୍ନାଥ ମନ୍ଦିର, ରାଜା କଟେରୀସ୍ଥିତ ଜଗନ୍ନାଥ ମନ୍ଦିର, ଟ୍ରାଫିକ କଲୋନୀ ଶ୍ରୀରାମ ମନ୍ଦିର, ରାମଚନ୍ଦ୍ରପୁର ଜଗନ୍ନାଥ ମନ୍ଦିର, ଲବଣଗିରି, ରଥିପୁର ଆଦି ଅନ୍ୟ ସ୍ଥାନରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଓ ହାତୀ ବେଶ ଅନୁଷ୍ଠିତ ହୋଇଥିଲା। ବେଶ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା।

**କୃଷ୍ଣପ୍ରସାଦ:** ପୁରୀ ଜିଲା କୃଷ୍ଣପ୍ରସାଦ ଗଡ଼ସ୍ଥିତ ଇପିଙ୍ଗ ଗ୍ରାମରେ ପୂଜା ପାଉଥିବା ଶ୍ରୀଦଧିବାମନ ଦେବଙ୍କ ସ୍ନାନ ଯାତ୍ରା ନୀତି ସମ୍ପନ୍ନ ହୋଇଛି। ପୂର୍ବତନ ଅଧକ୍ଷ ନୀଳକଣ୍ଠ ତ୍ରିପାଠୀ, ପୂଜକ ପ୍ରସନ୍ନ ପଣ୍ଡା ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ରଥଯାତ୍ରା ପରିଚାଳନା କମିଟି ଏବଂ ପାଞ୍ଚ ମୌଜା ପରିଚାଳନା କମିଟି ପକ୍ଷରୁ ଏହି ଉତ୍ସବର ଆୟୋଜିତ ହୋଇଥିଲା। ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ପଲେଇ, ରଥଯାତ୍ରା ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଗୌନ୍ତୁ, ସମ୍ପାଦକ ସୁବ୍ରତ ପଣ୍ଡା, ଉପସଭାପତି ମକଦ୍ଦମ ସିଂହ, ସହସମ୍ପାଦକ ପ୍ରମୋଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରଶାସନିକ ଅଧିକାରୀ ଦେବାଶିଷ ପାତ୍ରଙ୍କ ନେତୃତ୍ୱରେ ମହିଳା ସଂକୀର୍ତ୍ତନ ଦଳ ନାମ ପରିବେଷଣ କରିଥିଲେ। ସେହିପରି ମାଲୁଦ ଦଧିବାମନ ଦେବଙ୍କ ପୀଠରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି।


ଜଟଣୀରେ ଶ୍ରୀଜୀଉଙ୍କ ହାତୀବେଶ।

## ତୃତୀୟାଦେବଙ୍କ ସ୍ନାନ ନୀତି ସମ୍ପନ୍ନ

**ବୋଲଗଡ଼,୪।୬(ଡି.ଏନ୍.ଏ.)**

ବୋଲଗଡ଼ ସ୍ଥିତ ତୃତୀୟଦେବ (ଜଗନ୍ନାଥ)ଙ୍କ ସ୍ନାନଯାତ୍ରା ନୀତି ସମ୍ପନ୍ନ ହୋଇଛି। ମନ୍ଦିର ପରିସର ସୁନା କୂଅରୁ ୧୦୮କଳସି ସୁବାସିତ ଜଳରେ ଠାକୁରଙ୍କୁ ମହାସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ମଙ୍ଗଳଆଳତି ସହ ଶୁଖୁଲି ଭୋଗ ଲାଗି ହୋଇଥିଲା। ପରେ ସମସ୍ତ ସେବାୟତ ପରିବାର ପକ୍ଷରୁ ପ୍ରସ୍ତୁତ ଶଙ୍ଖୁଡି ଭୋଗ ପରସା ଯାଇଥିଲା। ସଂକୀର୍ତ୍ତନ କାର୍ଯ୍ୟକ୍ରମ ସହ ଭକ୍ତ ସାଲବେଗ ସ୍ମୃତି କଳାମନ୍ଦିର ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ରାତି ୧୧ଟା ପରେ ଆଳତି ହୋଇ ବଳଭଦ୍ର ଓ ସୁଭଦ୍ରାଙ୍କୁ ଗୋଟି ପହଣ୍ଡିରେ ଅଣସର ଘରକୁ ବିଜେ କରାଯିବା ବେଳେ ଜଗନ୍ନାଥଙ୍କୁ ଏକ ସ୍ୱତନ୍ତ୍ର ପିଣ୍ଡିରେ ଦକ୍ଷିଣମୋଡ଼ରେ ଉପବିଷ୍ଟ କରି ପଣା ଲାଗି ଓ ବିଭୀଷଣ ଦର୍ଶନ ଆଳତି କରାଯାଇ ଅଣସରକୁ ନିଆଯାଇଛି ବୋଲି ମୁଖ୍ୟ ସେବାୟତ କହିଛନ୍ତି।


ହାତୀବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାବିଗ୍ରହ।


ବାଣପୁରରେ ଶ୍ରୀଜୀଉଙ୍କ ଗଜାନନ ବେଶ।


ଟାଙ୍ଗୀ: ସ୍ନାନମଣ୍ଡପରେ ଶ୍ରୀଜୀଉ।


କୃଷ୍ଣପ୍ରସାଦ: ସ୍ନାନମଣ୍ଡପରେ ଦଧିବାମନ।

# ବୁଦ୍ଧ, ଆମ୍ବେଡକରଙ୍କୁ ସାକ୍ଷୀ ରଖି ବିବାହ

**ଖୋର୍ଦ୍ଧା ଅଫିସ,୪।୬**

ବିବାହ ଏକ ପବିତ୍ର ବନ୍ଧନ। ଦେବସ୍ନାନ ପୂର୍ଣ୍ଣିମାରେ ରବିବାର ଖୋର୍ଦ୍ଧା ଜଙ୍କିଆ ନିକଟ ପାଛିକାଠାରେ ନିଆରା ଢଙ୍ଗରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନବଦମ୍ପତି ଗୌତମ ବୁଦ୍ଧ ଏବଂ ସମ୍ବିଧାନର ପ୍ରଣେତା ବାବା ସାହେବ ବି.ଆର୍. ଆମ୍ବେଡକରଙ୍କୁ ସାକ୍ଷୀ ରଖି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଉତ୍ସବରେ ଉଭୟ କନ୍ୟା ଓ ବର ପକ୍ଷ ପରିବାର, ବନ୍ଧୁବର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ବିନା ଯୌତୁକରେ ଏହି ବିବାହ ସମ୍ପନ୍ନ ହୋଇଥିଲା। ଗୋଳବାଇ ଭାଗ୍ୟଧର ଓ ରଞ୍ଜନା ନାୟକଙ୍କ ସାନ ପୁଅ ବିପିନ ପରିଛଳ, ସାମନ୍ତରାପୁର ଗ୍ରାମ ନିବାସୀ ଶାନ୍ତି ଓ ମଙ୍ଗୁଳି ନାୟକଙ୍କ କନିଷ୍ଠା କନ୍ୟା ମୋହିନୀଙ୍କ ହାତ ଧରିଛନ୍ତି।

ପୂର୍ବାହ୍ନରେ ବିପିନ ଶୋଭାଯାତ୍ରାରେ ଆସି ବିବାହ ମଣ୍ଡପରେ ପହଞ୍ଚିଥିଲେ। ଉଭୟ ବିପିନ ଓ ମୋହିନୀ ହାତରେ ଆମ୍ବେଡକର ଏବଂ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଧରି ବିବାହ ମଣ୍ଡପରେ ଏକାଠି ହୋଇଥିଲେ। ଗୌତମ ବୁଦ୍ଧ ଏବଂ ଆମ୍ବେଡକରଙ୍କ ବାଣୀ ପାଠ କରାଯାଇଥିଲା। ପରେ ଉଭୟ ପରସ୍ପରଙ୍କୁ ବରଣମାଳା ପିନ୍ଧାଇ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏଭଳି ଏକ ନିଆରା ବିବାହ ଉତ୍ସବ ଲାଗି ନବଦମ୍ପତିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭୀମ ଆର୍ମି ଭାରତ ଏକତା ମିଶନ ଓଡ଼ିଶା ଖୋର୍ଦ୍ଧା ଜିଲା ସଭାପତି ସୁନିଲ ନାୟକ, ଭୁବନେଶ୍ୱର ସଭାପତି ରାମଚନ୍ଦ୍ର ନାୟକ, ଅଖିଳ ଭାରତୀୟ ଭିକ୍ଷୁ ମହାସଂଘ ଉଦନ୍ତ ବୋଧିଜୀ, ମୂଳନିବାସୀ ସମତା ପରିଷଦ ଭୁବନେଶ୍ୱର ରାଜ୍ୟ ସଂଯୋଜକ ଅଭିରାମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ବିପିନ ଭୀମ ଆର୍ମି ଭାରତ ଏକତା ମିଶନ ଖୋର୍ଦ୍ଧା ବ୍ଲକ ସଭାପତି ଅଛନ୍ତି। ସେ କହିଛନ୍ତି, ଗୌତମ ବୁଦ୍ଧ ଶାନ୍ତି, ମୈତ୍ରୀ, କରୁଣାର ମାର୍ଗ ପ୍ରଶସ୍ତି କରିଛନ୍ତି। ଜୀବ ମାତ୍ରକେ ଦୟା ଗୌତମ ବୁଦ୍ଧଙ୍କ ବାଣୀ ରହିଥିଲା। ସେହିଭଳି ଭାରତବର୍ଷକୁ ଆମ୍ବେଡରଙ୍କ ଅବଦାନ ଅତୁଳନୀୟ। ଅବହେଳିତ, ନିଷ୍ପେସିତ, ଗରିବ, ପଛୁଆ ବର୍ଗରେ ରହିଯାଉଥିବା ବ୍ୟକ୍ତିବିଶେଷଙ୍କ ଉତ୍‌ଥାନ, ବିକାଶ ଦିଗରେ ତାଙ୍କ କାର୍ଯ୍ୟ ପ୍ରଂଶସନୀୟ। ଉଭୟ ହେଉଛନ୍ତି ଭାରତବର୍ଷର ଶ୍ରେଷ୍ଠ ମାର୍ଗଦର୍ଶକ। ଆଜିର ଦିନରେ ଉଭୟଙ୍କୁ ସାକ୍ଷୀ ରଖି ଆମେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଛୁ। ସମାଜକୁ ବିନା ଯୌତୁକରେ ବିବାହ, ଶାନ୍ତି, ମୈତ୍ରୀ, ଭାତୃତ୍ୱ ଏବଂ ସମାନତାର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଏଭଳି ବିବାହ ଲାଗି ଆମେ ସ୍ଥିର କରିଥିଲୁ। ଏଥିରେ ପରିବାର ବର୍ଗ ଏବଂ ସାଙ୍ଗସାଥି ମଧ ସହଯୋଗ କରିଥିଲେ। ସମସ୍ତଙ୍କ ସହଯୋଗ ଏବଂ ଆର୍ଶୀବାଦରୁ ଏହି ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ସେହିପରି ଭୀମ ଆର୍ମି ଭାରତ ଏକତା ମିଶନ ଜିଲା ସଭାପତି ସୁନିଲ କହିଛନ୍ତି, ଆଜି ଯୌତୁକ ଲାଗି ଅନେକ ସଂସାର ଉଜୁଡିଯାଉଥିବା ବେଳେ ଏହି ବାହାଘର ଥିଲା ସମ୍ପୂର୍ଣ୍ଣ ନିଆରା। ବିନା ଯୌତୁକରେ ବିବାହ ହୋଇଥିବାବେଳେ ନବଦମ୍ପତି ସମାଜକୁ ଏକ ନୂତନ ବାର୍ତ୍ତା ଦେଇଛନ୍ତି। ସମାଜରେ କର୍ମ ହେଉଛି ବଡ଼। ନିଜ କର୍ମ ଦ୍ୱାରା ଭାଗ୍ୟ ପରିବର୍ତ୍ତନ କରାଯାଇପାରେ। ଯୌତୁକ ଜନିତ ବ୍ୟାଧି ସଂସାରରୁ ହଟିବା ଆବଶ୍ୟକ ବୋଲି ମୂଳନିବାସୀ ସମତା ପରିଷଦ ରାଜ୍ୟ ସଂଯୋଜକ ଅଭିରାମ କହିଛନ୍ତି।


ବିପିନ ପରିଛଳ ଓ ମୋହିନୀ।

## ପାରିକୁଦଗଡ଼ରେ କବିତା ପାଠୋତ୍ସବ

**କୃଷ୍ଣପ୍ରସାଦ,୪।୬(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ପାରିକୁଦଗଡ଼ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ୍ ନୀଳକଣ୍ଠ ତ୍ରିପାଠୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଭାବେ ପ୍ରଶାସନିକ ଅଧିକାରୀ ଦେବାଶିଷ ପାତ୍ର ଯୋଗଦେଇ ଆଧୁନିକ କବିତା ଉପରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତାଭାବେ କମଳେଶ୍ୱର ଦେବ କଳା ସାହିତ୍ୟ ସଂସ୍କୃତି ପରିଷଦର ଉପସଭାପତି କାଶୀନାଥ ଜେନା ଯୋଗଦେଇ ସାହିତ୍ୟର ମହତ୍ୱ ଉଦେଶ୍ୟ ନେଇ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ କମଳେଶ୍ୱର ଦେବ ସଂସ୍କୃତି ପରିଷଦର ସମ୍ପାଦକ ତଥା ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସନାତନ ତରେଇ, ମାନସିଂହ ସାହିତ୍ୟ ସଂସଦ ସଭାପତି ବିଷ୍ଣୁ ପ୍ରସାଦ ଦଳେଇ, ଆମ ପୁସ୍ତକ ମେଳା ସଦସ୍ୟ ବିଦ୍ୟାଧର ଦଳବେହେରା, ପ୍ରେମଚାନ୍ଦ ପାତ୍ର, ସୁରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପାଠୋତ୍ସବର ସଂଯୋଜକ କବି ମନୋଜ କୁମାର ବାରିକ ଧନ୍ୟବାଦ ଦେଇଥିଲେ। ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ରଥଯାତ୍ରା ପରିଚାଳନା କମିଟିର ସଭାପତି ସୁବାସ ଚନ୍ଦ୍ର ଗୌନ୍ତୁ, ସମ୍ପାଦକ ସୁବ୍ରତ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଡଙ୍ଗା ଚାଳକଙ୍କୁ ତାଲିମ


ଅଧିକାରୀଙ୍କ ଗହଣରେ ତାଲିମ ନେଇଥିବା ଡଙ୍ଗା ଚାଳକ ଓ ଅନ୍ୟମାନେ।

**କୃଷ୍ଣପ୍ରସାଦ,୪।୬(ଡି.ଏନ୍.ଏ.)**

ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ଦିଗରେ ଡଙ୍ଗା ଚାଳକଙ୍କୁ ନେଇ ସାତପଡ଼ାସ୍ଥିତ ସିଡିଏ କାର୍ଯ୍ୟାଳୟ ପରିସରରେ ଚାଲିଥିବା ୬ଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ସାତପଡ଼ା, ଚିଲିକା ବୁଲିବା ସମୟରେ ପର୍ଯ୍ୟଟକମାନେ ଅସୁସ୍ଥତା ଅନୁଭବ କଲେ କ'ଣ କରିବେ, ଡଙ୍ଗାରୁ ପାଣିକୁ ଖସିପଡିଲେ କିଭଳି ଉଦ୍ଧାର କରାଯିବ, ଡଙ୍ଗାରେ କ'ଣ ଜୀବନ ରକ୍ଷାକାରୀ ଉପକରଣ ରହିବ ସେନେଇ ୧୦ଟି ମୋଟର ବୋଟ ଆସୋସିଏଶନର ଡଙ୍ଗା ଚାଳକ ଏବଂ କର୍ମକର୍ତ୍ତାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟ୍ୟୁରିଜିମ ଆଣ୍ଡ ଟ୍ରାଭେଲ (ଆଇଆଇଟିଏମ)ପକ୍ଷରୁ ଡ. ବି.ସଓ୍ୱଜାନ, ଦେବ ଘଡାଇ, ଗଣେଶ ବାରିକ, ଚନ୍ଦନା ଦାସଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ତାଲିମ ପ୍ରଦାନ କରିଥିଲେ। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ନନ୍ଦ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ କୁମାର ନାୟକ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଇଂ.ଡମ୍ବରୁଧର ବିଶ୍ୱାଳ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।






ବାଲେଶ୍ୱର ଜିଲା ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆସୁ ଆରୋଗ୍ୟ କାମନା କରି ଜଟଣୀ ଓ ବୋଲଗଡ଼ରେ ବାହାରିଥିବା ମହମବତି ଶୋଭାଯାତ୍ରା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୬।୨୦୨୩

| | |
|---|---|
| ୫,୭୬,୮୩୭ ଟଙ୍କା | |
| ସୁନା | ୯.୭୦୦ ଗ୍ରାମ୍ |
| ରୁପା | ୭୨ ଗ୍ରାମ୍ |

# ଭକ୍ତ ଦାସିଆ ପୀଠରେ ଦେବସ୍ନାନ ପର୍ବ

ପିପିଲି,୪।୬(ଡି.ଏନ୍.ଏ.)



ବାଲିଗାଁସ୍ଥିତ ଭକ୍ତ ଦାସିଆ ପୀଠ ଶ୍ରୀଜଗନ୍ନାଥ ମନ୍ଦିରରେ ରବିବାର ମହାପ୍ରଭୁଙ୍କ ଦେବସ୍ନାନ ପର୍ବ ପାଳିତ ହୋଇଯାଇଛି। ସକାଳେ ମଙ୍ଗଳ ଆଳତି ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗୋଟି ପହଣ୍ଡିରେ ସ୍ନାନମଣ୍ଡପକୁ ବିଜେ କରାଯାଇଥିଲା। ମନ୍ଦିର ପରିସରରେ ଥିବା କୂଅରୁ ୧୦୮ ଗଡୁ ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରାଯାଇଥିଲା। ପରେ ନୂତନ ବସ୍ତ୍ର, ତୁଳସୀ ଓ ପଦ୍ମଫୁଲରେ ସୁସଜ୍ଜିତ କରାଯାଇଥିଲା। ତେବେ ମନ୍ଦିର ପରିଚାଳନା କମିଟି ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢ଼ୀ, ଆଚାର୍ଯ୍ୟ ତପନ ପଣ୍ଡା, ପ୍ରେମାନନ୍ଦ ଷଡ଼ଙ୍ଗୀ, ସତ୍ୟଜିତ୍ ପାଢ଼ୀ, ସୁକାନ୍ତ ପଣ୍ଡା, ପ୍ରହଲ୍ଲାଦ ମିଶ୍ର, ଲକ୍ଷ୍ମୀଧର ଦୀକ୍ଷିତ୍ ପ୍ରମୁଖ ପ୍ରଭୁଙ୍କ ରୀତିନୀତି ଅନୁଯାୟୀ କାର୍ଯ୍ୟପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ଟ୍ରଷ୍ଟି ଚିତ୍ତରଞ୍ଜନ ମିଶ୍ର ଓ ତାଙ୍କ ସ୍ତ୍ରୀ ସବିତା ମିଶ୍ର କର୍ତ୍ତାକର୍ତ୍ତ୍ରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଦାସିଆ ସ୍ମୃତି କମିଟି ସଭାପତି ଡ. ପ୍ରତିଭା ମହାରଥୀ, ଏମ୍ସ ହସ୍ପିଟାଲର ପୂର୍ବତନ ନିର୍ଦ୍ଦେଶକ ଡ. ଅଶୋକ ମହାପାତ୍ର, ତାଙ୍କ ସ୍ତ୍ରୀ ସୁପ୍ରଭା ମହାପାତ୍ର ଏହି ପରିବେଶରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହ ପ୍ରଭୁ ହାତୀବେଶରେ ହଜାର ହଜାର ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତିନିରଥରେ ଉଠିଲା ଚଉଦ ନାହାକା

**ରଥଖଳାରୁ ...**

ପୁରୀ ଅଫିସ, ୪।୬:

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ ଅଳ୍ପ କିଛି ଦିନ ରହିଥିବା ବେଳେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥର ଛ' କାଠିରେ କଣ୍ଟାବାଡ଼ିଆ ସହ ୧୪ ନାହାକା ଉଠିବା ପାଇଁ ଦଣ୍ଡାରେ 'ଖଡ଼ିଓରା'କୁ ଆଡ଼କରି ପକାଯାଇ ସେଥିରେ କାପ ଓ ବିନ୍ଧେ କାର୍ଯ୍ୟ ଶେଷ ହୋଇଥିଲା। ରବିବାର ତିନିରଥର 'ଚାରିନାହାକା' ଚାରି ପାର୍ଶ୍ୱରେ ଚଉଦ ନାହାକା ବୁଲିଛି। ଏହି୧୪ଟି ନାହାକା ୨୦ଫୁଟରେ ଅଷ୍ଟକୋଣି ହୋଇ ନିର୍ମାଣ ହୋଇଥାଏ। ସେଥିମଧ୍ୟରୁ ୪ଟି ଚଢେଇ ନାହାକା ସାମାନ୍ୟ ଧନୁ ପରି ବଙ୍କା ହୋଇ ନିର୍ମାଣ କରାଯାଏ। ସଂସ୍ଥାପନ ବେଳେ ଗୟଳ ସହ ଘଷି ନ ହେବା ପାଇଁ ଏହା ବ୍ୟବହୃତ ହୁଏ। ଫଳରେ ରଥର ଗଠନ ଶୈଳୀ ସୁନ୍ଦର ଦିଶେ । ତିନିରଥର ପ୍ରଥମ ଭୂଇଁ ଛ'କାଠି(ଓରା ଏବଂ ଖମ୍ୱୀ) ଚାରି ପାର୍ଶ୍ୱରେ ୨୪ଟି ପାଖୁଡ଼ା ଏବଂ ୧୬ଟି ଛିଆଣ ଏହି ପାଖୁଡାଗୁଡ଼ିକୁ ଧରି ରଖିବା ପାଇଁ ୨୪ଟି ଭୂଇଁ ଖମ୍ୱୀ ସଂଯୋଗ ହୋଇଛି। ପୂର୍ବାହ୍ନରେ ତିନିରଥର ଦ୍ୱିତୀୟ ଭୂଇଁ ଫ୍ରେମ ସେଟିଙ୍ଗ ଶେଷ ପରେ ନମ୍ବରିଂ ହୋଇ ଖୋଲାଯାଇଥିଲା। ଅପରାହ୍ନରେ ତିନିରଥରେ ଦ୍ୱିତୀୟ ଭୂଇଁ ସଂଯୋଗ ହୋଇଛି। ଏଥିସହ ରଥଚାଳିରେ ତିନିରଥର ଅଗ ଭୂଇଁ ବା ତୃତୀୟ ଭୂଇଁ ଫ୍ରେମ ନିର୍ମାଣ ଜାରିରହିଛି। ରୂପକାର ସେବକମାନେ ତିନିରଥର ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖିବା ସହ ତିନିରଥର ଗୋଟିଏ ଗୋଟିଏ ଧୂଳିଦଣ୍ଡାରେ ପଦ୍ମ ପାଖୁଡା ଡାଳିଲତା ଖୋଦେଇ ଜାରି ରଖିଛନ୍ତି। ଚିତ୍ରକର ସେବାକାରୀମାନେ ତିନି ରଥର ପାର୍ଶ୍ୱ ଦେବଦେବୀ, ସଖୀ ଏବଂ ଦେବଦେବୀଙ୍କ ଆସ୍ଥାନ (ଶିଖର ଡମ୍ବରୁ) ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି।

## କଣାସ ମହୋତ୍ସବ ଉଦ୍‌ଘାଟିତ

କଣାସ,୪।୬(ସ୍ୱ.ପ୍ର.): ରାଜ୍ୟସ୍ତରୀୟ ପଞ୍ଚମବାର୍ଷିକ କଣାସ ମହୋତ୍ସବ ଶୁକ୍ରବାର ଦୋକନ୍ଦା ମେଳନ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଲୋକ କଲ୍ୟାଣ ଟ୍ରଷ୍ଟର ବରିଷ୍ଠ ସଦସ୍ୟ କସ୍ତୁରୀଚରଣ ଚମ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ଅତିରିକ୍ତ ନିର୍ଦ୍ଦେଶ ସାଂସ୍କୃତିକ ବିଭାଗର ମଧୁସୂଦନ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅଜିତ୍ କୁମାର ରଥ, ପୂର୍ବତନ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର, ରମଣିରଞ୍ଜନ ଦାସ, ରମାକାନ୍ତ ମହାପାତ୍ର, ଲୋକକଲ୍ୟାଣ ଟ୍ରଷ୍ଟର ସମ୍ପାଦକ ସୁବର୍ଣ୍ଣକେଶରୀ ବଳିୟାରସିଂହ ଅତିଥି ଭାବେ ଯୋଗଦେଇ କଣାସ ମହୋତ୍ସବକୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ୫ମ ବାର୍ଷିକ ମହୋତ୍ସବର ପ୍ରଥମ ରଜନୀରେ ଏକ ସଙ୍ଗୀତ, ଏକ ନୃତ୍ୟ ଓଡ଼ିଶୀ, ଏକ ନୃତ୍ୟ ସମ୍ବଲପୁରୀ, ଦଳଗତ ନୃତ୍ୟ, ଏକ ନୃତ୍ୟ ଭଜନ, ଦେଶାତ୍ମକ ସଙ୍ଗୀତ, ଦେଶାତ୍ମକ ଆଧାରିତ ଦଳଗତ ନୃତ୍ୟ, ମହିମାମୟୀ ଏ କଣାସ ଭୂଇଁ ନୃତ୍ୟ ନାଟିକା, ଜାଇ ଯିବ ଶାଶୁଘର ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା। ମହିମାମୟୀ ଏ କଣାସ ଭୂଇଁ ନୃତ୍ୟ ନାଟିକା ଦର୍ଶକଙ୍କ ମନ ମୋହିଥିଲା। ସୂଚନାଥାଉକି, ୫ବର୍ଷ ତଳେ କଣାସ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ କଲ୍ୟାଣ ଟ୍ରଷ୍ଟ ନାମକ ଏକ ସଂଗଠନ ଗଠନ କରି କଣାସ ଅଞ୍ଚଳର ଐତିହ୍ୟ, ପରମ୍ପରା ଲୁକ୍କାୟିତ ହୋଇଯାଉଥିବା ବିଭିନ୍ନ କଳାକୃତିକୁ ଉଜ୍ଜୀବିତ କରିବା ସହ କଣାସ ଅଞ୍ଚଳରେ ଥିବା ପ୍ରତିଭାମାନଙ୍କୁ ଆଗଧାଡିକୁ ଆଣିବାପାଇଁ କଣାସ ମହୋତ୍ସବ ଆରମ୍ଭ କରିଥିଲେ।

## ଠାକୁର ଅଜା ସିଦ୍ଧ ବଳରାମଙ୍କ ସ୍ନାନଯାତ୍ରା

ସାକ୍ଷୀଗୋପାଳ,
୪।୬(ଡି.ଏନ୍.ଏ./ସ୍ୱ.ପ୍ର.)



ସତ୍ୟବାଦୀ ବକୁଳବନର ଅଧୀଶ୍ୱର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଜା ଭାବେ ପରିଚିତ ଠାକୁର ଅଜା ଶ୍ରୀ ସିଦ୍ଧ ବଳରାମଙ୍କ ସ୍ନାନଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ସକାଳୁ ମଙ୍ଗଳ ଆଳତି, ଅବକାଶ, ବାଲଭୋଗ ହୋଇଥିଲା। ସ୍ନାନମଣ୍ଡପରେ ସଂସ୍କାର ହୋମ କରାଯାଇ ଠାକୁରଙ୍କୁ ପହଣ୍ଡି ବିଜେ କରି ସ୍ନାନମଣ୍ଡପକୁ ନିଆଯାଇଥିଲା। ସୁଗନ୍ଧିତ ଜଳ କଳସରେ ପୂର୍ଣ୍ଣ ସ୍ନାନ, ନୂତନ ବସ୍ତ୍ର, ଫୁଲହାର, ଟାହିଆ ଲାଗି ଓ ଖେଚୁଡ଼ି ଭୋଗ କରାଯାଇଥିଲା। ସେହିପରି ଶ୍ରୀସାକ୍ଷୀଗୋପାଳ ଠାକୁର ଓ ଶ୍ରୀରାଧାଙ୍କୁ ରତ୍ନ ସିଂହାସନ ଉପରେ ୯ ଘର ପୁଷ୍ପାଳକ ପୂର୍ଣ୍ଣ ସ୍ନାନ କରାଇଥିଲେ। ସେବାୟତମାନେ ମନ୍ଦିର ନିକଟରେ ଥିବା କୂପରୁ ପାଣି ଆଣି ସେଥିରେ ଚନ୍ଦନ, କର୍ପୂର, କେଶର, ଜାଇଫଳ, ଦହି, ମହୁ, କ୍ଷୀର, ଗୋଲାପ ଜଳ, ତୁଳସୀ ନାନାଦି ସୁଗନ୍ଧଯୁକ୍ତ ପୁଷ୍ପ ପକାଇ ଠାକୁରଙ୍କୁ ୧୦୮ ଗଡୁ ଜଳରେ ସ୍ନାନ କରିଥିଲେ। ପରେ ରାଜବେଶ ଅନୁଷ୍ଠିତ ହୋଇଥିବା ବେଳେ ପତିତପାବନଙ୍କୁ ସ୍ନାନମଣ୍ଡପରେ ସ୍ନାନ, ଭୋଗ, ଆଳତି କରାଯାଇଛି। ଠାକୁରଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭକ୍ତମାନେ ଦର୍ଶନ କରିଥିଲେ। ସେହିପରି ଦାରୁକ୍ଷେତ୍ର ରାୟଚକ୍ରଧରପୁର, ଅଠାଇଶ, ମୂଳ ଅଳସା ଗ୍ରାମର ତିନିଠାକୁର ଓ ଶୁକଳ ତୃତୀୟ ଦେବ, ବାଲିସାହି, ଅଳଗୁମ, ସାରଙ୍ଗଯୋଡ଼ିରେ ପତିତପାବନ ଦେବଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ନୀତିକାନ୍ତି ସରିବା ପରେ ଅଣସର ଘରକୁ ମହାପ୍ରଭୁ ବିଜେ କରିଥିଲେ।

## ଶ୍ରୀଶ୍ରୀ ପତିତପାବନଙ୍କ ହାତୀବେଶ

ନିମାପଡ଼ା,୪।୬(ଡି.ଏନ୍.ଏ.)

ନିମାପଡ଼ା ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ପତିତପାବନ ଦେବଙ୍କ ନିଆରା ସ୍ନାନଯାତ୍ରା ରବିବାର ଦେବସ୍ନାନ ପୂର୍ଣ୍ଣମୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ଶ୍ରୀଶ୍ରୀ ପତିତପାବନଙ୍କ ସ୍ନାନ ପରେ ଠାକୁରଙ୍କ ହାତୀବେଶ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ବେଶ୍ ବିମୋହିତ କରିଥିଲା। ଏହି ବିରଳ ହାତୀବେଶ ଦର୍ଶନ କରିବାକୁ ସକାଳୁ ରାତି ପର୍ଯ୍ୟନ୍ତ ନିମାପଡ଼ାରେ ପତିତପାବନଙ୍କ ମନ୍ଦିରରେ ବେଶ୍ ଭିଡ଼ ଲାଗି ରହିଥିଲା। ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ, ପତିତପାବନ ଦେବଙ୍କ ଜୟ ଜୟକାର ଧ୍ୱନିରେ ମନ୍ଦିରର ଆଖପାଖ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପୁରୀ ଶ୍ରୀମନ୍ଦିରର ରୀତିନୀତି ଅନୁଯାୟୀ ନିମାପଡ଼ାରେ ପ୍ରଭୁ ଶ୍ରୀଶ୍ରୀ ପତିତପାବନ ଦେବଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭୋରରୁ ଠାକୁରଙ୍କ ମଙ୍ଗଳାରୋପଣ କର୍ମ ସମାପନ ପରେ ଦଇତାପତିମାନେ ୧୦୮ ଗରା ପାଣିରେ ଠାକୁରଙ୍କୁ ସ୍ନାନ କରାଇଥିଲେ। ନିକଟ ଦପିରେଣ୍ଢା ଗ୍ରାମର ୧୬ ଜଣ ଦଇତାପତି ଏହି ଦେବସ୍ନାନ କାର୍ଯ୍ୟ ସମାପନ କରିଥିଲେ। ସ୍ନାନ ପରେ ପଣାଭୋଗ ନୀତି, ବାଲଭୋଗ ପରେ ଠାକୁରଙ୍କ ଗଜାନନ ତଥା ହାତୀବେଶ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ମହାପ୍ରସାଦ ଭୋଗ, ସନ୍ଧ୍ୟାରେ ସନ୍ଧ୍ୟା ଆଳତି, ବାଲଭୋଗ ପରେ ରାତି ୯ଟାରେ ପ୍ରଭୁ ଶ୍ରୀଶ୍ରୀ ପତିତପାବନ ଦେବ ଅଣସର ଘରେ ପ୍ରବେଶ କରିଥିବା ପୂଜକ ଲକ୍ଷ୍ମୀଧର ଦାଶ କହିଛନ୍ତି। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ବେଢ଼ାରେ ଭଜନ ସନ୍ଧ୍ୟା, ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦପିରେଣ୍ଢା ଗ୍ରାମର ଦଇତାପତି ସନ୍ତୋଷ ସେନାପତି, ମାନସ ସେନାପତି, ବାସୁଦେବ ସେନାପତି, ଗଙ୍ଗାଧର ସାହୁ, ବୈରାଗୀ ପ୍ରଧାନଙ୍କ ସମେତ ୧୬ଜଣ ଦଇତାପତି ଏହି ଦେବସ୍ନାନ କାର୍ଯ୍ୟ ସମାପନ କରିଥିଲେ।



ହାତୀବେଶରେ ପ୍ରଭୁ ଶ୍ରୀଶ୍ରୀ ପତିତପାବନ ଦେବଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି।

## ଯୌତୁକ ନିର୍ଯାତନା, ହତ୍ୟା ଉଦ୍ୟମ ଅଭିଯୋଗରେ ଶ୍ୱଶୁର ଗିରଫ

ଗୋପ,୪।୬(ଡି.ଏନ୍.ଏ.)

ବୋହୂକୁ ଅଧିକ ଯୌତୁକ ଦାବି ସହ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ରବିବାର ଅପରାହ୍ନରେ ଗୋପ ପୋଲିସ ସହାୟତାରେ ଜଗତ୍‌ସିଂହପୁର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗୋପ ଥାନା ଅଧୀନ ତରଙ୍ଗିରା ଗ୍ରାମର ଗୁଣନିଧି ସେଠୀ(୫୯)। ହେଲେ ଅନ୍ୟ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସି ପଳାଇଛନ୍ତି। ଏନେଇ ଗୁଣନିଧି ସେଠୀଙ୍କୁ ପଚାରିବାରେ, ଏହା ସମ୍ପୂର୍ଣ୍ଣ ମିଥ୍ୟା। ପରିବାର ପକ୍ଷରୁ ବୋହୂକୁ କୌଣସି ଯୌତୁକ ନିର୍ଯାତନା ଦିଆଯାଇନାହିଁ ବୋଲି ପାଲଟା ଅଭିଯୋଗ କରିଛନ୍ତି। ନାଉଗାଁ ଥାନା ଏସ୍‌ଆଇ ରଘୁନାଥ ଟୁଡୁଙ୍କୁ ପଚାରିବାରେ, ଅଭିଯୋଗ ଅନୁସାରେ ଶ୍ୱଶୁରଙ୍କୁ ଗିରଫ କରୁଛି, ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଥିଲେ।

# ଭକ୍ତଙ୍କୁ ଗଜାନନ ବେଶରେ ଦର୍ଶନ ଦେଲେ ପତିତପାବନ

ପିପିଲି,୪।୬(ଡି.ଏନ୍.ଏ.)

ପିପିଲି ବଜାରରେ ଥିବା ପତିତପାବନଙ୍କ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ରତ୍ନବେଦୀରୁ ସ୍ନାନବେଦୀକୁ ବିଜେ କରି ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସ୍ନାନଯାତ୍ରା ପାଇଁ ରବିବାର ଭୋରରୁ ଠାକୁରଙ୍କ ମଙ୍ଗଳାର୍ପଣ, ଡୋର ଲଗି ଓ ପୁଷ୍ପାଞ୍ଜଳି ଦିଆଯାଇଥିଲା। ସେବାୟତମାନେ ଗୋଟି ପହଣ୍ଡିରେ ଶ୍ରୀ ସୁଦର୍ଶନ, ଶ୍ରୀ ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ ଜଗନ୍ନାଥଙ୍କୁ ସ୍ନାନମଣ୍ଡପରେ ବିଜେ କରାଇଥିଲେ। ପରେ ନିକଟରେ ପୁଣ୍ୟତୋୟା ୫୪ଟି କଳସରେ ଜଳସଂଗ୍ରହ କରାଯାଇଥିଲା। ରୀତିନୀତି ଅନୁଯାୟୀ ବିଗ୍ରହଙ୍କ ଉପରେ ଶ୍ୱେତସୋରିଷ, ଜବଧାନ, ରକ୍ତଚନ୍ଦନ, ମହୁ, କ୍ଷୀର, ହଳଦୀ ମିଶାଯାଇ ପ୍ରଲେପ କରାଯାଇଥିଲା। ମଙ୍ଗଳ ଆଳତି, ମଇଲମ, ଅଧର ପଣା, ଅବକାଶ, ରୋଷ ହୋମ, ସୂର୍ଯ୍ୟ ପୂଜା କରାଯାଇଥିଲା। ପରେ ଗଜମହୌଷଧି, ସର୍ବମହୌଷଧି ଶ୍ରୀଅଙ୍ଗରେ ଲାଗି କରାଯିବା ପରେ ଶ୍ରୀ ବଳଭଦ୍ରଙ୍କୁ ୧୬, ମା' ସୁଭଦ୍ରାଙ୍କୁ ୧୪, ଶ୍ରୀଜଗନ୍ନାଥଙ୍କୁ ୧୮, ସୁଦର୍ଶନ ଚକ୍ରଙ୍କୁ ୬ଟି କଳସରେ ଅଭିମନ୍ତ୍ରିତ ଜଳରେ ସେବାୟତ ପୂଜକ ସ୍ନାନ କରାଇଥିଲେ। ଠାକୁରଙ୍କୁ ନୂତନ ବସ୍ତ୍ର, ଚନ୍ଦନ, ତୁଳସୀ ଆଦି ଲାଗି ପରେ ଟାହିଆ ଲଗାଯାଇଥିଲା। ପରେ ନୈବେଦ୍ୟ, ଆଳତି ଓ ଉପଚାର ନୀତି କରାଯାଇଥିଲା। ଅପରାହ୍ନରେ ଶ୍ରୀଜୀଉଙ୍କୁ ହାତୀବେଶରେ ସଜ୍ଜିତ ପରେ ପତିତପାବନ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରାତି ୭ଟାରେ ଅଧରପଣା ନୀତି କରାଯାଇ ଅଣସର ଗୃହକୁ ପହଣ୍ଡି କରାଯାଇଥିଲା। ମୁଖ୍ୟ ପୂଜକ ଲକ୍ଷ୍ମୀଧର ପଣ୍ଡା ଠାକୁରଙ୍କ ସମସ୍ତ ନୀତିକାନ୍ତି ତୁଲାଇଥିଲେ। ଏଥିରେ ଟ୍ରଷ୍ଟି ସୁରେଶ ମହାପାତ୍ର, ପରିଚାଳନା କମିଟି ସଭାପତି ବବୁଲ ମହାପାତ୍ର, ସମ୍ପାଦକ ଦେବାଶିଷ ମହାପାତ୍ର, କୋଷାଧ୍ୟକ୍ଷ ରାକେଶ ମହାପାତ୍ର, ଉପଦେଷ୍ଟା ନୃସିଂହ ମହାପାତ୍ରଙ୍କ ସମେତ ଦଇତା ଚନ୍ଦନ ମହାପାତ୍ର, ଦେବ ମହାପାତ୍ର, ନନ୍ଦ କିଶୋର ମହାପାତ୍ର, ସନ୍ତୋଷ ମହାପାତ୍ର ଏବଂ ରବୀନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।





ରବିବାର ଶ୍ରୀମନ୍ଦିର ସ୍ନାନବେଦିରେ ଦାରୁବିଗ୍ରହଙ୍କ ମହାସ୍ନାନ ନୀତି କରାଯାଉଛି ।

## ଗୋପରେ ପ୍ରାକୃତିକ ଗ୍ୟାସ୍ ସନ୍ଧାନ ମିଳିବା ଘଟଣା: ଅପସାରଣ ହେଲା ଯନ୍ତ୍ରାଂଶ

ଗୋପ,୪।୬(ଡି.ଏନ୍.ଏ.):

ଗୋପରେ ପ୍ରାକୃତିକ ଗ୍ୟାସ୍ ସନ୍ଧାନ ମିଳିବା ଘଟଣାରେ ଏକ ବିରାଟକାୟ ପଥର ବାଧକ ସାଜିଛି। ଫଳରେ ପ୍ରାକୃତିକ ଗ୍ୟାସ୍ ସହିତ ପେଟ୍ରୋଲ ଡିଜେଲ ସନ୍ଧାନରେ ବାଧା ଉପୁଜିଛି। ଏହି ବ୍ଲକ ଅନ୍ତର୍ଗତ ମହଲପଡ଼ା ପଞ୍ଚାୟତର ଚିତେରା ଗ୍ରାମରେ ପ୍ରାକୃତିକ ଗ୍ୟାସ୍ ସନ୍ଧାନ ସହିତ ପେଟ୍ରୋଲ ଡିଜେଲ ସନ୍ଧାନ ମିଳିଥିବା ସ୍ଥାନରୁ ସମସ୍ତ ଅତ୍ୟାଧୁନିକ ମେଶିନ ଅପସାରଣ କରାଯାଉଛି। ପ୍ରକାଶ ଯେ, ୨୦୨୦ ମସିହାରୁ ଗୋପ ବ୍ଲକର କେତେକ ପଞ୍ଚାୟତରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଖନନ କାର୍ଯ୍ୟ କରାଯାଉଥିଲା। ପରେ କୁସୁପୁର ଓ ମହଲପଡା ପଞ୍ଚାୟତର ଚିତେରା ଗ୍ରାମ ନିକଟରେ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ଥିବା ସୂଚନା ସାଟଲାଇଟ ଚିତ୍ର ମାଧ୍ୟମରେ ଆସିଥିଲା। ଏହି ଚିତ୍ର ଆସିବା ପରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ରାଜ୍ୟ ବାହାରୁ ଅତ୍ୟାଧୁନିକ ମେଶିନଗୁଡିକ ଆସିବା ପରେ ଶେଷରେ ଅତ୍ୟାଧୁନିକ ରିଗ ମେଶିନ ଅଣାଯାଇ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ୩ହଜାର ମିଟର ତଳେ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ଥିବା ସନ୍ଧାନ ଥିବାରୁ ଏହି ଖନନ ଆରମ୍ଭ ହୋଇଥିଲା। ୧୦୫୮ ମିଟର ପର୍ଯ୍ୟନ୍ତ ଖନନ କାର୍ଯ୍ୟ କରାଯିବା ପରେ ଏକ ବିରାଟକାୟ ପଥର ଖନନ କାର୍ଯ୍ୟରେ ବ୍ୟାହତ ସୃଷ୍ଟି କରିଥିଲା। ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଏହି ପଥରକୁ ରିଗ ମେଶିନ ଅତିକ୍ରାନ୍ତ କରିବା ପାଇଁ ବ୍ୟାପକ ଉଦ୍ୟମ କରାଯାଇଥିଲା। ହେଲେ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ଅଏଲ ଇଣ୍ଡିଆ କମ୍ପାନୀ ଚିତେରା ଗ୍ରାମରେ ଥିବା ଅତ୍ୟାଧୁନିକ ମେଶିନଗୁଡ଼ିକୁ ଅପସାରଣ କରାଯାଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଅଏଲ ଇଣ୍ଡିଆ କମ୍ପାନୀର ଜଣେ ଅଧିକାରୀ ତାଙ୍କ ନାମ ଗୋପନ ରଖି କହିଛନ୍ତି, ପଥରକୁ ଭଙ୍ଗା ଯିବା ପରେ କାର୍ଯ୍ୟ କରାଯିବ।



ରବିବାର ଶ୍ରୀମନ୍ଦିର ନୀଳଚକ୍ରରେ ଚିଲ ବସିଛି ।

## ନୀଳାଦ୍ରି କଲ୍‌ଚରାଲ ଏକାଡେମୀ ପକ୍ଷରୁ ରଜ ପ୍ରତିଯୋଗିତା

ପୁରୀ ଅଫିସ, ୪।୬:

ନୀଳାଦ୍ରି କଲ୍‌ଚରାଲ ଏକାଡେମୀ ପକ୍ଷରୁ ଆସନ୍ତା ୧୪ତାରିଖରୁ ୩ଦିନ ଧରି ମୁକ୍ତାକାଶ ରଙ୍ଗମଞ୍ଚରେ ରଜ ମହୋତ୍ସବ ପାଳନ କରାଯିବ। ଏ ନେଇ ଅନୁଷ୍ଠାନ ପକ୍ଷରୁ ଗୁରୁବାର ପୁରୀ ପୌରପାଳିକା ଅଧୀନ ୩୨ଟି ୱାର୍ଡର ମହିଳା ଓ ଝିଅଙ୍କୁ ନେଇ ସର୍ବକନିଷ୍ଠ ଓ କନିଷ୍ଠ ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କ ମଧ୍ୟରେ ଝୋଟି, ଚିତା, ଶଙ୍ଖ, ହୁଳହୁଳି, ପୁଚିଖେଳ ଆଦି ପ୍ରତିଯୋଗିତା କରାଯାଇଥିଲା। ସେହିପରି ବାଳିକାଙ୍କ ମଧ୍ୟରେ ରଙ୍ଗୋଲି ରଜ କୁଇଜ୍, ଦଉଡ଼ିଡିଆଁ, ମେହେନ୍ଦି ଆଦି ପ୍ରତିଯୋଗିତା ହୋଇଥିଲା। ରୂପାଲିନ ଜେନା, ବନ୍ଦନା ବେହେରା, ରଞ୍ଜିତା ରଥ, ସରୋଜିନୀ ନାୟକ, ଜ୍ୟୋତ୍ସ୍ନାରାଣୀ ମହାପାତ୍ର ବିଚାରକ ଭାବେ ଯୋଗଦେଇଥିଲେ। ଆସନ୍ତା ରଜ ମହୋତ୍ସବରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବିଭିନ୍ନ ୱାର୍ଡର ମହିଳାଙ୍କ ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟ ପ୍ରତିଷ୍ଠା କରିବା ଏହି କାର୍ଯକ୍ରମର ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ସମ୍ପାଦକ ପ୍ରମୋଦ ଜେନା ଓ ସଭାପତି ପ୍ରଦ୍ୟୁମ୍ନ ମିଶ୍ର କହିଛନ୍ତି। କାର୍ଯ୍ୟକାରୀ ସଭାପତି ସଂଗ୍ରାମ କେଶରୀ ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୋଗେନ୍ଦ୍ର ପାତ୍ର, ବିଜୟ ନୃସିଂହ ଦାସ, ମନୋଜ କୁମାର, କାହ୍ନା ସିଂ, ଦୀପ୍ତିରେଖା ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଯୁବତୀ ଓ ପିଲାମାନେ ।

## ନବ୍ୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟ ଆଲୋଚନାଚକ୍ର

ନିମାପଡ଼ା,୪।୬(ଡି.ଏନ୍.ଏ.)

ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ନବ୍ୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ରବିବାର ଦ୍ୱିତୀୟ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଆଲୋଚନାଚକ୍ର, କବି ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ଟାଉନହଲ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ କବି, ପୂର୍ବତନ ସାଂସଦ ଡ. ପ୍ରସନ୍ନ ପାଟଶାଣୀ, ସୁସାହିତ୍ୟିକ ସଂଗ୍ରାମ କେଶରୀ ସାମନ୍ତରାୟ, ଷ୍ଟେର୍‌ଟିଙ୍ଗ୍, ଓମେନ ପ୍ରୋଜେକ୍ଟ ସଂଯୋଜକ (ଓଡ଼ିଶା) ଲେଖିକା ରୋଜାଲିନ୍ ସେନାପତି, ସ୍ତମ୍ଭକାର ଲକ୍ଷ୍ମଣ ସାହୁ, ପ୍ରାଚୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁସାହିତ୍ୟିକ ଦିଲୀପ ସେନାପତି, ବ୍ୟଙ୍ଗ କବି ସମ୍ପଦ ରଥ, ଜୀବନଜ୍ୟୋତି ଶତପଥୀ, କବି ପୁଷ୍ପଲତା ମିଶ୍ର, ନିମାପଡ଼ା କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତପ୍ରସାଦ ସାବୁତ୍, ପ୍ରବକ୍ତା ଡ. ବିଦ୍ୟୁତ୍‌ପ୍ରଭା ମିଶ୍ର, ନବ କାକଳୀ ସମ୍ପାଦକ ସୁରେନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ 'ବିଶ୍ୱ ଦରବାରରେ ରଥଯାତ୍ରା' ଶୀର୍ଷକ ଏକ ଆଲୋଚନାଚକ୍ର, କବି ସମ୍ମିଳନୀ, କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ୩୦ଟି ଜିଲାରୁ ୧୧୦ ଜଣ ପ୍ରତିଷ୍ଠିତ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥି, ସମସ୍ତ କବି, ସାହିତ୍ୟିକ, ପ୍ରବଚକ, ଶିକ୍ଷାବିତ୍‌ଙ୍କ ସମେତ ମୋଟ ୧୨୦ଜଣ କୃତୀ ପ୍ରତିଭାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ସାବୁତ୍ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଟ୍ରଷ୍ଟ ସମ୍ପାଦକ ନିର୍ମଳ ପରିଡା, ଜୀବନଜ୍ୟୋତି ଶତପଥୀ, ଜନରଞ୍ଜନ ପ୍ରଧାନ, ସୁମିତା ଭାଟିଆ, ସୁଲଗ୍ନା ସାହୁ, ସଙ୍ଗୀତା ଦାଶ, ଶ୍ରଦ୍ଧାଞ୍ଜଳି ଓଝା, ବର୍ଷା ବେହେରା, ଜଗବନ୍ଧୁ ପରିଡ଼ା, ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଗଣ।

**ବିଶ୍ୱ ସାଧନା ଦିବସ ପାଳିତ**

କଟକ ଅଫିସ: ଦିବ୍ୟଜୀବନ ସଂଘ ଶାଖା ପକ୍ଷରୁ କଟକ ଚହଟାସ୍ଥିତ ଶିବାନନ୍ଦ ଆଶ୍ରମରେ ବିଶ୍ୱ ସାଧନା ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ସୁବୋଧ ମିଶନର ପ୍ରମୁଖ ଡ. କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ କହିଥିଲେ, ମାନବ ଜୀବନରେ ଶାନ୍ତି ବଜାୟ ରଖିବାର ସହଜ ଉପାୟ ସାଧନା। ସୁବୋଧ ମିଶନର ରାଜ୍ୟ ସଂଯୋଜକ ଉତ୍କଳ ଭୂଷଣ ରାଉତରାୟ, କଟକ ଶାଖାର ଅଧକ୍ଷ ମନୋରଞ୍ଜନ ମହାନ୍ତି, ଉପାଧକ୍ଷ ଶଶିଭୂଷଣ ତ୍ରିପାଠୀ, ଜଷ୍ଟିସ ବାସୁଦେବ ପାଣିଗ୍ରାହୀ, ମହାସଚିବ ବିନୟ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଗଣ୍ଡଗୋଳ ପରେ ୪୨ ମୌଜାକୁ ମୋ ବସ୍ ସେବା ବନ୍ଦ

କଟକ ସଦର,୪।୬(ଡି.ଏନ୍.ଏ.): ୪୨ ମୌଜା ଥାନା ଅଧୀନ ଦଧିବାମନପୁର ଛକ ନିକଟରେ ଶନିବାର ସନ୍ଧ୍ୟାରେ ମୋ' ବସ୍ ଧକ୍କାରେ ସ୍ଥାନୀୟ ଅଞ୍ଚଳର ନୀରୋଦ ସାମଲ(୪୫) ଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକମାନେ ବସ୍ ଚାଳକ ସତ୍ୟଭୂଷଣ ତ୍ରିପାଠୀଙ୍କୁ ମାଡ଼ ମାରି ଆହତ କରିଥିଲେ। ପରେ ଦୀପକ ଆଚାର୍ଯ୍ୟ ନାମକ ବୈଦ୍ୟୁତିକ ଗଣମାଧମ ପ୍ରତିନିଧିଙ୍କୁ ମଧ ଆକ୍ରମଣ କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଗଣ୍ଡଗୋଳ ପରେ ରବିବାର କନ୍ଦରପୁର-କଟକ ଭାୟା ୪୨ ମୌଜା ମଧରେ ମୋ' ବସ୍ ସେବା ବନ୍ଦ ହୋଇଯାଇଛି। ଏହାଛଡା ବସ୍ ଭଙ୍ଗାରୁଜା କରାଯାଇଛି। ବସ୍ କର୍ମଚାରୀମାନଙ୍କୁ ସୁରକ୍ଷା ଦିଆ ନ ଗଲେ ସେମାନେ ସେହି ରୁଟ୍‌ରେ ବସ୍ ଚଳାଇବେ ନାହିଁ ବୋଲି କଟକ ଜିଲା ପ୍ରଶାସନ ନିକଟରେ ସର୍ତ୍ତ ରଖିଛନ୍ତି। ଅନ୍ୟପକ୍ଷରେ ଆଚାର୍ଯ୍ୟଙ୍କ ଅଭିଯୋଗକ୍ରମେ ୪୨ ମୌଜା ପୋଲିସ ଏକ ମାମଲା(ନଂ.୮୭/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ୭ ଜଣ ଅଭିଯୁକ୍ତ ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଥିଲା। କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଆନ୍ଦୋଳନ ସ୍ଥଳରେ ପହଞ୍ଚି ୧ ଲକ୍ଷ ଟଙ୍କା ସହାୟତାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ରବିବାର ସକାଳେ କଟକ ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗଣ୍ଡଗୋଳ ପାଇଁ ବସ୍ ସେବାକୁ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ବନ୍ଦ ନ ରଖିବାକୁ ୪୨ ମୌଜାବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ନିବେଦନ କରାଯାଇଛି।

### ଜଗନ୍ନାଥ ନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୪।୬(ଡି.ଏନ୍.ଏ.): ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍) ବଞ୍ଚାଅ ଆନ୍ଦୋଳନର ସୂତ୍ରଧର, ଶ୍ରମିକବନ୍ଧୁ ତଥା ଓଟିଏମ୍ ବଞ୍ଚାଅ ସଙ୍ଗଠନର ସଭାପତି ଜଗନ୍ନାଥ ନାୟକଙ୍କ ଦ୍ୱାଦଶାହ ଅବସରରେ ଓଟିଏମ୍ ପରିସରରେ ରବିବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଓଟିଏମ୍ ବଞ୍ଚାଅ ସଙ୍ଗଠନ ଓ ବିରାଟ ଜନକଲ୍ୟାଣ ସମିତିର ଆବାହକ ଦୀପକ କୁମାର ବାରିକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଶ୍ରମିକ ଯୋଗଦେଇ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଭୁ ପ୍ରସାଦ ରଥ, ରବୀନ୍ଦ୍ର ପାଲ, ମହେଶ୍ୱର ଦଳାଇ, ଆଦିକନ୍ଦ ବିଶ୍ୱାଳ, ନବକିଶୋର ଭୂୟାଁ, ଦୁଲାଲସେନ ସ୍ୱାଇଁ, କୈଳାସ ଚନ୍ଦ୍ର ସାମଲ, ଭାସ୍କର ଚନ୍ଦ୍ର ରାଉତରାୟ, ସରୋଜ ନାୟକ, ବାବୁଲି ପରିଡା, ଜୟୀରାମ ମହାରଣା ଯୋଗଦେଇଥିଲେ। ସୂଚନାଯୋଗ୍ୟ, ନାୟକଙ୍କ ଘର ପାଟକୁରା ଅଞ୍ଚଳରେ ହୋଇଥିବାବେଳେ ସେ ପ୍ରଥମେ ୧୯୬୦ରେ ଚୌଦ୍ୱାର ଆସି ଶିକ୍ଷକତା କରିଥିଲେ। ପରେ ଓଟିଏମ୍‌ରେ ଶ୍ରମିକ ଭାବେ କାର୍ଯ୍ୟ କରି ଲେବର ଟେନାମେଣ୍ଟ କଲୋନୀରେ ରହିଥିଲେ। ୨୦୦୧ରେ ଓଟିଏମ୍ ବନ୍ଦ ପରେ ବହୁ ଶ୍ରମିକଙ୍କ ଦୁର୍ଦ୍ଦଶାକୁ ଦୃଷ୍ଟିରେ ରଖି ଓଟିଏମ୍ ବଞ୍ଚାଅ ସଙ୍ଗଠନ କରିଥିଲେ। ଗତ ୨୪ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

# ରାତିରେ ହୋଇଥିବା ପିଚୁ ସକାଳେ ଉଠିଗଲା

**ଖନ୍ଦୋଳ-ଝାଡ଼େଶ୍ୱରପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ**

- ନିମ୍ନମାନର କାର୍ଯ୍ୟକୁ ବିରୋଧ କଲେ ଗ୍ରାମବାସୀ
- ପଦାରେ ପଡ଼ିଲା ଯନ୍ତ୍ରୀଙ୍କ ଦାୟିତ୍ୱହୀନତା
- ମୋବାଇଲ ଲାଇଟରେ କାର୍ଯ୍ୟ ତଦାରଖ

ମାହାଙ୍ଗା,୪।୬(ସ୍ୱ.ପ୍ର.)

ସନ୍ଧ୍ୟାରେ ରାସ୍ତା ପିଚୁ କାର୍ଯ୍ୟ ଆରମ୍ଭ ହୋଇ ଅଧରାତିରେ ସରିଥିଲା। ମୋବାଇଲ ଟର୍ଚ୍ଚ ସାହାଯ୍ୟରେ ଯନ୍ତ୍ରୀ କାର୍ଯ୍ୟ ତଦାରଖ କରୁଥିଲେ। ଅନ୍ଧାର ରାତିରେ ନାମକୁ ମାତ୍ର ନିମ୍ନମାନର କାମ ସାରି ଚାଲିଯାଇଥିଲେ ଯନ୍ତ୍ରୀ ଓ ଠିକାଦାର। ଫଳରେ ସକାଳୁ ରାସ୍ତାରୁ ପିଚୁ ଉଠିଯାଇଥିଲା। ଏହାକୁ ସ୍ଥାନୀୟ ଅଞ୍ଚଳ ଲୋକେ ବିରୋଧ କରିବା ସହ ନିମ୍ନମାନର କାର୍ଯ୍ୟ ପାଇଁ ଦାୟୀ କରିଛନ୍ତି ବିଭାଗୀୟ ଯନ୍ତ୍ରୀଙ୍କୁ। ଏଭଳି ଘଟଣା ଘଟିଛି କଟକ ଜିଲା ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଥିବା ମାହାଙ୍ଗା ବ୍ଲକର ଖନ୍ଦୋଳ-ଝାଡ଼େଶ୍ୱରପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା କାର୍ଯ୍ୟରେ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୬ କୋଟି ୨୨ ଲକ୍ଷ ବ୍ୟୟବରାଦ ହୋଇଛି। ରାସ୍ତାରେ ୧.୬୧୦ କି.ମି. ପକ୍କା ରାସ୍ତା ନିର୍ମାଣ ହେବାକୁ ଥିବାବେଳେ ୭.୭୯୦ କି.ମି.



ଲୋକେ ରାସ୍ତାରୁ ଉଠିଯାଇଥିବା ପିଚୁ ଦେଖାଉଛନ୍ତି।

ପିଚୁ କାର୍ଯ୍ୟ ହେବାକୁ ବିଭାଗ ପକ୍ଷରୁ ସ୍ଥିର କରାଯାଇଛି। ରାସ୍ତାରେ ଡଷ୍ଟ ଓ ମେଟାଲିଂ ପରେ କୌଣସି ସ୍ଥାନରେ ପକ୍କା ରାସ୍ତା ନିର୍ମାଣ କରା ନ ଯାଇ ତରବରିଆଭାବେ ଠିକାଦାରଙ୍କୁ ସୁହାଇବା ଭଳି ରାସ୍ତାର ଉମର ନିକଟରେ ପିଚୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତା ଉପରେ ଥିବା ଧୂଳି ଓ ମାଟିକୁ ଭଲଭାବେ ସଫା କରା ନ ଯାଇ ନାମକୁ ମାତ୍ର ପ୍ରାଇମର ଛିଞ୍ଚି ରାତି ଅଧରେ କାର୍ଯ୍ୟ ହୋଇଥିଲା। ଅପରପକ୍ଷେ କାର୍ଯ୍ୟ ସମୟରେ ଆବଶ୍ୟକ ଆଲୋକର ବ୍ୟବସ୍ଥା କରା ଯାଇ ନ ଥିଲା। ମୋବାଇଲ ଟର୍ଚ୍ଚ ଲାଇଟ୍ ପକାଇ ଖୋଦ ଯନ୍ତ୍ରୀ ଉପସ୍ଥିତ ରହି କାର୍ଯ୍ୟ କରାଇଥିଲେ। ତେବେ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ପାଇଁ ଏହି ରାସ୍ତା କାର୍ଯ୍ୟରେ ବିଭିନ୍ନ ଅନିୟମିତତା ପରିଲକ୍ଷିତ ହେଉଥିବାବେଳେ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି କି ରାତିରେ ହୋଇଥିବା ପିଚୁ ସକାଳୁ ଉଠିଯିବାରୁ ଗ୍ରାମବାସୀ ରବିବାର କିଛି ସମୟ ପାଇଁ ବନ୍ଦ କରି ଆନ୍ଦୋଳନ କରିଥିଲେ। ଘଟଣା ସମ୍ପର୍କରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଉର୍ମି ପ୍ରିୟଦର୍ଶନୀଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ନିମ୍ନମାନ କାର୍ଯ୍ୟର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।




ବାଲେଶ୍ୱର ଜିଲା ବାହାନଗାଠାରେ ରେଳ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି କାମନା କରି କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସିବଜାରଠାରେ ସମୂହ ପ୍ରାର୍ଥନା।

# ପଥରରେ ଛେଚି ବଡ଼ଭାଇଙ୍କୁ ହତ୍ୟା

ଆଠଗଡ,୪।୬(ସ୍ୱ.ପ୍ର.)

କଟକ ଜିଲା ଆଠଗଡ ଥାନା ଅନ୍ତର୍ଗତ ରାସରସିକପୁରସ୍ଥିତ ମା'ସରସ୍ୱତୀ ଶିଶୁ ମନ୍ଦିର ପଛପଟେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଜଗନ୍ନାଥ ପ୍ରଧାନ। ତାଙ୍କୁ ଉକ୍ତ ଗ୍ରାମରେ ରହୁଥିବା ସାନଭାଇ ଟୁଟୁନା ପଥରରେ ଛେଚି ମାରିଦେଇଥିବା ସନ୍ଦେହ କରାଯାଉଛି। ସିସିଟିଭି ଫୁଟେଜ ଆଧାରରେ ପୋଲିସ ଟୁଟୁନାଙ୍କୁ ଥାନାରେ ଆଣି ଅଟକ ରଖିଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ୨ ଭାଇଙ୍କ ମଧରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ରବିବାର ଅପରାହ୍ନରେ ଘରବାଡ଼ିରେ ଜଗନ୍ନାଥ ଶୋଇଥିବାବେଳେ ଟୁଟୁନା ଏକ ପଥର ଆଣି ଜଗନ୍ନାଥଙ୍କ ଛାତିରେ ପକାଇ ଦେଇଥିଲେ। ଫଳରେ ସେ ଉଠି ପଡ଼ିବା ବେଳକୁ ତଳେ ପଡ଼ିଯାଇଥିଲେ। ତୁରନ୍ତ ଜଗନ୍ନାଥଙ୍କୁ ଉଦ୍ଧାର କରାଯାଇ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆଠଗଡ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ମହାପୁରୁଷଙ୍କ ଶୂନ୍ୟସମାଧି, ସ୍ୱନକ୍ଷତ୍ର ଦିବସ

**ପଦ୍ମବନରେ ଲକ୍ଷାଧିକ ଭକ୍ତଙ୍କ ସମାଗମ**

ନିଶ୍ଚିନ୍ତକୋଇଲି/ନେମାଳ, ୪।୬(ସ୍ୱ.ପ୍ର./ଡି.ଏନ୍.ଏ.)

ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମହାପୁରୁଷ ଶ୍ରୀଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସମାଧି ଓ ସ୍ୱନକ୍ଷତ୍ର ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଦିନସାରା ପୀଠରେ ଗହଳି ଲାଗିରହିଥିବାବେଳେ ରାତ୍ରିରେ ଚିତ୍ରୋତ୍ପଳା ନଦୀ ଶଯ୍ୟାରେ ନାମ ସଂକୀର୍ତ୍ତନ ସହ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ଓ ଶ୍ରୀଅଚ୍ୟୁତାନନ୍ଦ ଟ୍ରଷ୍ଟବୋର୍ଡ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବ ନିର୍ଦ୍ଧାରିତ ରୀତିନୀତି ଅନୁଯାୟୀ, ଗୋପୀନାଥ ଓ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଛି। ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିବାବେଳେ ବାଲିଯାତ୍ରା ପଡ଼ିଆରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଚିତ୍ରୋତ୍ପଳା ନଦୀପଠାରେ



ବାଲୁକା ଶିଳ୍ପୀଙ୍କ ଦ୍ୱାରା ବିଭିନ୍ନ କାରୁକାର୍ଯ୍ୟ ସାଙ୍ଗକୁ ଭଜନ ସନ୍ଧ୍ୟା, ମାଳିକା ଚର୍ଚ୍ଚା, ରାସ ସଂକୀର୍ତ୍ତନ ଆଦି କରାଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି।

# ନଗସପୁର-ଚାରିରକବା ବିଜୁ ସେତୁ ଲୋକାର୍ପିତ



ବିଧାୟକ ପ୍ରତାପ ଜେନା ସେତୁ ଲୋକାର୍ପଣ କରୁଛନ୍ତି।

ନିଶ୍ଚିନ୍ତକୋଇଲି/ନେମାଳ, ୪।୬(ସ୍ୱ.ପ୍ର./ଡି.ଏନ୍.ଏ.)

ନିଶ୍ଚିନ୍ତ କୋଇଲି ବ୍ଲକ ନଗସପୁର-ଚାରିରକବା ବିଜୁ ସେତୁ ରବିବାର ଲୋକାର୍ପିତ ହୋଇଯାଇଛି। ଏହି ସେତୁ ଜଗତ୍‌ସିଂହପୁର-କଟକ ଜିଲାକୁ ସଂଯୋଗ କରିବା ସହ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗାଁ ଏବଂ ୨ ନିର୍ବାଚନ ମଣ୍ଡଳୀକୁ ସଂଯୋଗ କରୁଛି। ସେତୁ ନିର୍ମାଣ ପାଇଁ ୧୮ କୋଟି ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଏହିସେତୁକୁ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଲୋକାର୍ପଣ କରିଛନ୍ତି। ଏହାପରେ ସେତୁ ଦେଇ ଶ୍ରଦ୍ଧାଳୁମାନେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠକୁ ଯାତ୍ରା କରିବା ଆରମ୍ଭ କରିଛନ୍ତି। ସେତୁର ଦକ୍ଷିଣ ପାର୍ଶ୍ୱରେ ଥିବା ପାଳଦା, ବାବୁଜଙ୍ଗ, ଉତ୍ତରକୂଳ, ମଣିଜଙ୍ଗ ଓ ମହମ୍ମଦପୁର, ବାମ ପାର୍ଶ୍ୱରେ ଥିବା ନଗସପୁର, ନେମାଳ, ଝାଡେଶ୍ୱରପୁର, ଦାଉଦପୁର, ନରେନ୍ଦ୍ରପୁର ଆଦି ପ୍ରମୁଖ ଗ୍ରାମର ଲୋକେ ଉପକୃତ ହେଉଥିବାରୁ ସେମାନେ ଖୁସିବ୍ୟକ୍ତ କରିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ବ୍ଲକ ଅଧକ୍ଷା ରୋଜି ସେଠୀ, ଉପାଧକ୍ଷା ଅଶୋକ ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜିଲା ବିଜେଡି ସାଧାରଣ ସମ୍ପାଦକ ଗିରିଶ ରଞ୍ଜନ ମହାପାତ୍ର, ଦାଉଦପୁର ସରପଞ୍ଚ ଲଳିତେନ୍ଦୁ ବିଶୋଇ, ଜିଲା ପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ। ଖୁବଶୀଘ୍ର ଅସୁରେଶ୍ୱର, ଶିର୍ଳୋ ଓ ଦାଉଦପୁରରେ ୩ଟି ସେତୁ ନିର୍ମାଣ ହେବ ବୋଲି ଏହି ଅବସରରେ ବିଧାୟକ ଜେନା ପ୍ରକାଶ କରିଥିଲେ। ଏସବୁ ସେତୁ ନିର୍ମାଣ ହେଲେ ଲୁଣା, ଚିତ୍ରୋତ୍ପଳା ଓ ମହାନଦୀ ଦ୍ୱୀପାଞ୍ଚଳରେ ଲୋକଙ୍କ ଆର୍ଥିକ ଓ ସାମାଜିକ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ୫୦୦ ଟଙ୍କା ପାଇଁ କଟୁରିରେ ହାଣି ହତ୍ୟା କରିଥିଲେ

**ରଞ୍ଜୀବ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ**

ଖୁଣ୍ଟୁଣୀ,୪।୬(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାହାଙ୍ଗୁଳ ଗ୍ରାମ ପ୍ରଧାନସାହି ଛକରେ ଶନିବାର ରାତିରେ ଘଟିଥିବା ରଞ୍ଜୀବ ଦେହୁରୀ ହତ୍ୟା ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ଏହି ଘଟଣାରେ ପୋଲିସ ଗୋବରା ପଞ୍ଚାୟତ ଅଧୀନ ଖାକ୍ସା ଗ୍ରାମର ବାବୁଲା କାଣ୍ଡିଆଙ୍କୁ ଗିରଫ କରିଛି। ଏଥିସହ ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ଜବତ କରିଛି। ଧାର୍ ନେଇଥିବା ୫୦୦ ଟଙ୍କା ନ ଫେରାଇବାରୁ ରଞ୍ଜୀବଙ୍କୁ ହତ୍ୟା କରାଯାଇଥିବା ଏସ୍‌ଆଇ ବିକାଶ ସେଠୀ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ରାହାଙ୍ଗୁଳ ଗ୍ରାମର ରଞ୍ଜୀବ ଓ ଖାକ୍ସା ଗ୍ରାମର ବାବୁଲାଙ୍କ ମଧରେ ବନ୍ଧୁତା ରହିଥିଲା। ବାବୁଲାଙ୍କଠାରୁ ରଞ୍ଜୀବ ୫୦୦ ଟଙ୍କା ଧାର୍ ନେଇଥିଲେ। ଶନିବାର ସେମାନେ ଏକ ସ୍ଥାନରେ ବସି ମଦ୍ୟପାନ କରିଥିଲେ। ରଞ୍ଜୀବ ଧାର୍ ନେଇଥିବା ୫୦୦ ଟଙ୍କା ଫେରାଇବାକୁ ବାବୁଲା କହିଥିଲେ। ଏଥିସହ ଟାଙ୍ଗିଆ ମଧ ମାଗିଥିଲେ। ହେଲେ ରଞ୍ଜୀବ ଦେବାକୁ ମନା କରିଥିଲେ। ଫଳରେ ନିଶାସକ୍ତ ଅବସ୍ଥାରେ ବାବୁଲା ତାଙ୍କ ସାଇକେଲରେ ରଖିଥିବା କଟୁରି ଆଣି ରଞ୍ଜୀବଙ୍କୁ ହାଣି ପକାଇଥିଲେ। ଫଳରେ ଘଟଣାସ୍ଥଳରେ ରଞ୍ଜୀବଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ବାବୁଲା ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରଞ୍ଜୀବଙ୍କ ମୃତଦେହ ରାସ୍ତାପାର୍ଶ୍ୱରେ ପଡିଥିବା ଗ୍ରାମବାସୀ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ଖବରପାଇ ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଓ ଏସ୍‌ଆଇ ବିକାଶ ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। ଏହି ଘଟଣାରେ ପୋଲିସ ବାବୁଲାଙ୍କ ସମେତ ଅନ୍ୟଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପଚରାଉଚରାବେଳେ ରଞ୍ଜୀବଙ୍କୁ ବାବୁଲା କଟୁରିରେ ହାଣି ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛି। ସେହିପରି ଅଟକ ଥିବା ଅନ୍ୟଜଣେ ବ୍ୟକ୍ତିଙ୍କୁ ଛାଡି ଦିଆଯାଇଛି। ଏ ନେଇ ଦଫା ୩୦୨ ଅନୁଯାୟୀ ପୋଲିସ ନିଜ ଆଡୁ ଏକ ହତ୍ୟା ମାମଲା(ନଂ.୧୦୩/୨୩) ରୁଜୁ କରିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଆଇ ସେଠୀ କହିଛନ୍ତି।

# ମୃତକଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା

ଚୌଦ୍ୱାର,୪।୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ରବିବାର ସନ୍ଧ୍ୟାରେ ଚୌଦ୍ୱାର ବିଜେଡି ପକ୍ଷରୁ ମହମବତି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସ୍ଥାନୀୟ ବ୍ୟାଘ୍ରବାହିନୀ ମନ୍ଦିର ପରିସରରୁ ଏହି ଶୋଭାଯାତ୍ରା ବାହାରିଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ବିଜେଡି ଚୌଦ୍ୱାର ନଗର ସଭାପତି ବିଷ୍ଣୁ ଚରଣ ପରିଡା, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ସାରଦା ରଞ୍ଜନ ପରିଜା, ଭରତ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ କାଉନସିଲର, ଛାତ୍ର, ଯୁବକ ଓ ମହିଳା ଯୋଗଦେଇଥିଲେ।

# 'ସଚେତନତା କର୍କଟର ଏକମାତ୍ର ମହୌଷଧି'

**ବିଶ୍ୱ କର୍କଟ ବିଜୟ ଦିବସ**

କଟକ ଅଫିସ,୪।୬

ବିଶ୍ୱରେ କର୍କଟ ରୋଗ କାୟାବିସ୍ତାର କରିଚାଲିଛି। ଏହି ରୋଗ ଉପରେ ଡାକ୍ତରମାନେ ବହୁ ପ୍ରକାର ଗବେଷଣା ଜାରି ରଖିଛନ୍ତି। କର୍କଟ ରୋଗକୁ ଆୟତ୍ତ କରିବା ପାଇଁ ସଚେତନତା ଏକମାତ୍ର ମହୌଷଧି। ବିଶ୍ୱ କର୍କଟ ବିଜୟ ଦିବସ ଉପଲକ୍ଷେ ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ ପକ୍ଷରୁ କଟକ ଶହୀଦ ଭବନଠାରେ ରବିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ହସ୍ପିଟାଲ ଅଧକ୍ଷ ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡା ଅଧକ୍ଷତା କରି କହିଥିଲେ, ଶରୀରର ବିଭିନ୍ନ ଅଂଶରେ କୌଣସି ବିଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। କର୍କଟ ରୋଗ ଆଉ ମାରାତ୍ମକ ହୋଇନାହିଁ। ଆରମ୍ଭରୁ ଉପଯୁକ୍ତ ଚିକିତ୍ସା କଲେ କର୍କଟ ରୋଗ ଉପରେ ଆମେ ବିଜୟ ଲାଭ କରିପାରିବା। ଡା. ରଞ୍ଜିତ କର, ଡା. ତୁଷାର ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କର୍କଟ ରୋଗ ଉପରେ ବିଜୟ ଲାଭ କରିଥିବା କେତେଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହସ୍ପିଟାଲର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଶାନ୍ତନୁ ଦାସ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିନୟ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗିରିଶ ମିଶ୍ର ଧନ୍ୟବାଦ ଦେଇଥିଲେ।




ବିଶ୍ୱ କର୍କଟ ବିଜୟ ଦିବସ ଉପଲକ୍ଷେ କଟକ ଶହୀଦ ଭବନରେ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଏସ୍‌ସିବିରେ ଆହତଙ୍କୁ ଭେଟିଲେ ୩ କେନ୍ଦ୍ରମନ୍ତ୍ରୀ

**ବାହାନଗା ଟ୍ରେନ୍ ଦୁର୍ଘଟଣା**

- ରବିବାର ସୁଦ୍ଧା ଭର୍ତ୍ତି ହୋଇଛନ୍ତି ୧୪୨ ଆହତ

କଟକ ଅଫିସ,୪।୬

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଟ୍ରେନ୍ ଦୁର୍ଘଟଣାରେ ଆହତ ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କୁ ରବିବାର ଅପରାହ୍ନରେ ୩ କେନ୍ଦ୍ରମନ୍ତ୍ରୀ ଭେଟିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଚିକିତ୍ସା ସମ୍ପର୍କରେ ଅବଗତ ହୋଇଛନ୍ତି। ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ୩ କେନ୍ଦ୍ରମନ୍ତ୍ରୀ ମେଡିକାଲର ଅଧୀକ୍ଷକ, ଡିନ୍, ପ୍ରଫେସର୍, ପିଜି ଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ଅପରପକ୍ଷରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଏସ୍‌ସିବି ମେଡିକାଲରେ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ମୋକିମ ଫାଉଣ୍ଡେଶନ ପକ୍ଷରୁ ପୀଡ଼ିତ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ରବିବାର ସନ୍ଧ୍ୟା ସୁଦ୍ଧା ୧୪୨ ଜଣ ରୋଗୀ ବିଭିନ୍ନ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କୁ ସର୍ଜରି, ଅର୍ଥୋପେଡିକ ଓ ନ୍ୟୁରୋସର୍ଜରି ବିଭାଗରେ ରଖାଯାଇ ଚିକିତ୍ସା କରାଯାଉଛି। ଆହତମାନଙ୍କ ମଧ୍ୟରୁ ୧୩ ଜଣଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ୭ ଜଣ ଗୁରୁତରଙ୍କୁ ଆଇସିୟୁରେ ରଖାଯାଇଛି। ଶୁକ୍ରବାରଠାରୁ ଏ ପର୍ଯ୍ୟନ୍ତ ପ୍ରାୟ ୭ ଜଣଙ୍କର ଅସ୍ତ୍ରୋପଚାର କରାଯାଇଛି। ସମସ୍ତ ଆହତଙ୍କୁ ଆବଶ୍ୟକ ଅନୁଯାୟୀ ମାଗଣା ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଆହତମାନେ ଓଡ଼ିଶା ଓ ପାର୍ଶ୍ୱବର୍ତ୍ତୀ ରାଜ୍ୟର ବାସିନ୍ଦା। ୧୦ ଜଣଙ୍କ ବ୍ୟତୀତ ପ୍ରାୟ ସବୁ ଆହତଙ୍କ ପରିଚୟ ମିଳିଛି। ଜିଲା ପ୍ରଶାସନ ଏବଂ ଏସ୍‌ସିବି ପକ୍ଷରୁ ଏକ ସହାୟତା ଓ ସୂଚନା କେନ୍ଦ୍ର ଜରିଆରେ ଚିକିତ୍ସିତ ହେଉଥିବା ଆହତମାନଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କୁ ଚିକିତ୍ସା ସମ୍ପର୍କୀତ ସୂଚନା ପ୍ରଦାନ କରାଯାଉଛି।

### ସହଯୋଗର ହାତ ବଢ଼ାଇଲେ କର୍ନାଟକ ସରକାର



ଓଡ଼ିଶାକୁ ସହଯୋଗର ହାତ ବଢ଼ାଇ ଏସ୍‌ସିବି ମେଡିକାଲରେ ରବିବାର ପହଞ୍ଚିଥିଲେ କର୍ନାଟକର ଶ୍ରମମନ୍ତ୍ରୀ ସନ୍ତୋଷ ଏସ୍. ଲାଡ୍। ସେ ଆହତମାନଙ୍କୁ ଭେଟିବା ପରେ ଚିକିତ୍ସା ବେଶ୍ ଭଲରେ ଚାଲିଛି ବୋଲି କହିଛନ୍ତି। ଓଡ଼ିଶା ସରକାର ଏଭଳି ଏକ ବଡ଼ ଦୁର୍ଘଟଣାର ସଫଳ ମୁକାବିଲା କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ସେହିପରି ଏଠାକାର ସାଧାରଣ ଲୋକ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ପ୍ରଶାସନକୁ ମଧ ଧନ୍ୟବାଦ ଦେଇଛନ୍ତି। ଏଭଳି ସମୟରେ ଓଡ଼ିଶା ସରକାରଙ୍କୁ କର୍ନାଟକ ସରକାର ସବୁପ୍ରକାର ସହଯୋଗ ଯୋଗାଇଦେବ ବୋଲି ଲାଡ୍ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁଡ୍ଡୁ
ପରିବାରବର୍ଗ


ଗୁଗୁଲୁ
ପରିବାରବର୍ଗ


ରିଧି ରିୟାଂଶି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଷଷ୍ଠ ଜନ୍ମ ବାର୍ଷିକର ଶୁଭ ଅଭିନନ୍ଦନ



**ରିଧି ରିୟାଂଶି ଦେବତା**
ମିନା ବଜାର ଢେଙ୍କାନାଳ
ତୋର ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।ଭଗବାନ ତୋତେ ସର୍ବଦା ଭଲରେ ରଖନ୍ତୁ, ଏହାହିଁ ଆମର ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଆଶୀର୍ବାଦ ସହ: ମମି: ରୋଜାଲିନ ଦେବତା, ବାପା: ଦେବାଶିଷ ଦେବତା, ଅଜା, ଆଈ, ମାମୁ ବାବା, ମା
ଧ-୭୩୫୪୪

### ତୃତୀୟ ଜନ୍ମଦିନ ଶୁଭେଚ୍ଛା


(ଗୁଡ୍ଡୁ)

**ଓଁକାର ଦଳେଇ**
ଗ୍ରାମ: କୁଦିଆରୀ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ତୃତୀୟ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଶୁଭ କାମନା । ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ। ଭଗବାନ ତୋତେ ସର୍ବଦା ଭଲରେ ରଖନ୍ତୁ, ଏହାହିଁ ଆମର ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା। ଆଶୀର୍ବାଦ- ବାବା, ମାମା, କେକେ, ମା, ଭାଇ, ଭଉଣୀ, ଅଜା, ଆଈ, ମାମୁ, ମାଇଁ, ପିଉସୀ, ପିଉସା, ମଉସା, ମାଉସୀ ଓ ପରିବାରବର୍ଗ ।
ଧ-୦୪୮୮

CLASSIFIED DISPLAY ALL EDITION - BW (Everyday)
MORE SPACE ' SAME PRICE
For Booking Contact 0674-2580385, 8637280816, 7894447167, 9338226625

## ATC ଟାୱାର
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ 5G ଡିଜିଟାଲ ଟାୱାର ଲଗାନ୍ତୁ
(ଭଡ଼ା 25,000/-)
(ଆଡ୍‌ଭାନ୍ସ-30,00,000/-)
20 ବର୍ଷର ଏଗ୍ରିମେଣ୍ଟ+1 ଚାକିରି
(ଏଜେଣ୍ଟ ମାସିକ 35,000/- ଆୟ କରନ୍ତୁ)
ଯୋଗାଯୋଗ କରନ୍ତୁ-
7625811050


### ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସୁଲଭ ମୂଲ୍ୟରେ ଗୁଣାତ୍ମକ ସେବା



**ଭୁବନେଶ୍ୱର,୪।୬**

ଷ୍ଟାଇଲନ୍ ମେକ୍ ଓଭରର ପ୍ରିମିୟମ ଆଉଟ୍‌ଲେଟ୍ ଭୁବନେଶ୍ୱରସ୍ଥିତ ସୌଭାଗ୍ୟନଗରଠାରେ 'ଷ୍ଟାଇଲନ୍ ମେକ୍ ଓଭର ଆଣ୍ଡ ୟୁନିସେକ୍ସ ସେଲୁନ' ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତା ସବ୍ୟସାଚୀ ଏବଂ ଅଭିନେତ୍ରୀ ଅର୍ଚ୍ଚିତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ।

ଏ ସମ୍ପର୍କରେ ଷ୍ଟାଇଲନ୍ ମେକ୍ ଓଭରର ମାଲିକ ପ୍ରିୟଙ୍କା ପଣ୍ଡା ଏବଂ ପ୍ରବୀନ ଆଚାର୍ଯ୍ୟ କହିଛନ୍ତି, ସ୍ମାର୍ଟସିଟି ଭୁବନେଶ୍ୱରରେ ଅନେକ ସ୍ମାର୍ଟ ଓ ୟୁନିସେକ୍ସ ସେଲୁନ ରହିଛି, ହେଲେ ସେ ସମସ୍ତ ସେଲୁନଠାରୁ ଷ୍ଟାଇଲନ୍ ସମ୍ପୂର୍ଣ୍ଣ ଭିନ୍ନ ଓ ଅନ୍ୟମାନଙ୍କଠାରୁ ଅଧିକ ସେବା ସୁଲଭ ମୂଲ୍ୟରେ ଯୋଗାଇ ଦେଉଛି। ସେହିଭଳି ସ୍ୱତନ୍ତ୍ର ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନେଇ ଷ୍ଟାଇଲନ୍ ମେକ୍ ଓଭର ଗଢ଼ି ଉଠିଛି। ଏଠାରେ ସେଲିବ୍ରିଟିଙ୍କଠୁ ଆରମ୍ଭକରି ସାଧାରଣ ଲୋକ ପର୍ଯ୍ୟନ୍ତ ସବୁ ବର୍ଗଙ୍କ ପାଇଁ ସବୁ ପ୍ରକାର ସୁବିଧା ରହିଛି। ଏଠାକୁ ଯିଏ ଥରେ ଆସିବେ ସେ ନିଶ୍ଚିତ ଭାବେ ଉପକୃତ ହେବେ ଏବଂ ପ୍ରଶଂସା ମଧ୍ୟ କରିବେ ବୋଲି ପ୍ରିୟଙ୍କା ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସୁଲଭ ମୂଲ୍ୟରେ ଗୁଣାତ୍ମକ ଓ ଚାହିଦା ମୁତାବକ ସେବା ଷ୍ଟାଇଲନ୍‌ରେ ଗ୍ରାହକମାନେ ପାଇପାରିବେ। ପ୍ରତିଦିନ ସକାଳ ୮ଘଣ୍ଟିକାରୁ ଅପରାହ୍ନ ୩ ଘଣ୍ଟିକା ପର୍ଯ୍ୟନ୍ତ ଷ୍ଟାଇଲନ୍ ମେକ୍ ଓଭରର ସମସ୍ତ ମେକ୍‌ଅପ୍ ସେବା ଉପରେ ଫ୍ଲାଟ୍ ୫୦%ର ରିହାତି ପାଇବେ ବୋଲି ଆଉଟ୍‌ଲେଟ୍ ପକ୍ଷରୁ ସୂଚନା ଦିଆଯାଇଛି।



ହାଇ ଲାଇଫ ଏକ୍‌ଜିବିଶନ ପକ୍ଷରୁ ମେ ଫେୟାର କନ୍‌ଭେନ୍‌ଶନ ସେଣ୍ଟରଠାରେ ଆୟୋଜିତ ୨ ଦିନିଆ ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଗତ ୨ ଦିନ ମଧ୍ୟରେ ଉଭୟ କାରବାର ଓ ପ୍ରଦର୍ଶନୀ ବେଶ୍ ଉତ୍ସାହଜନକ ରହିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଦର୍ଶନୀର ୨ୟ ଦିନରେ ଗ୍ରାହକଙ୍କ ଭିଡ଼ କାରବାରକୁ ଦ୍ୱିଗୁଣିତ କରିଥିବା ବେଳେ ଗ୍ରାହକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଥିବା ଜଣାପଡ଼ିଛି।

# ବାହାନଗା ରେଳ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ଏଲ୍‌ଆଇସିର ରିହାତି

**ଭୁବନେଶ୍ୱର,୪।୬**

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ଗଭୀର ଦୁଃଖପ୍ରକାଶ କରାଯାଇଛି। ଏପରିକି ପୀଡ଼ିତମାନଙ୍କୁ ସହାୟତା କରିବା ଲାଗି ଏଲ୍‌ଆଇସି ପକ୍ଷରୁ ବିଶେଷ ରିହାତି ସୁବିଧା ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ ଓଡ଼ିଶାର ବାଲେଶ୍ୱର ଜିଲାସ୍ଥିତ ବାହାନଗାଠାରେ ୨୦୨୩ ଜୁନ ୨ରେ ଘଟିଥିବା ଦୁଃଖଦ ରେଳ ଦୁର୍ଘଟଣାକୁ ମଧ୍ୟ ଏଲ୍‌ଆଇସି ବେଶ୍ ଗୁରୁତ୍ୱର ସହ ଗ୍ରହଣ କରିଛି। ଏପରିକି ପୀଡ଼ିତମାନଙ୍କୁ ସହାୟତା କରିବା ଲାଗି ଏଲ୍‌ଆଇସି ଦୃଢ଼ ସଂକଳ୍ପବଦ୍ଧ ରହିଛି ଏବଂ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ଦାବି ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ଏଲଆଇସି ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି ଏକ ପ୍ରେସ ବିବୃତିରେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଏପରିକି ଉକ୍ତ ଘଟଣାରେ ସେ ଦୁଃଖ ପ୍ରକଟ କରି କହିଛନ୍ତି, ଆମେ ପୀଡ଼ିତ ଓ ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଉଛୁ। ବିଶେଷକରି ଏଲଆଇସି ପଲିସି ଏବଂ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାର ଦାବି କରୁଥିବା ପୀଡ଼ିତମାନଙ୍କ ସମସ୍ୟା ଦୂର କରିବା ଲାଗି ସିଦ୍ଧାର୍ଥ ମହାନ୍ତି ଏକାଧିକ ରିହାତି ସମ୍ପର୍କରେ ଘୋଷଣା କରିଛନ୍ତି। ଏପରିକି ପଞ୍ଜୀକୃତ ମୃତ୍ୟୁ ପ୍ରମାଣପତ୍ର ପରିବର୍ତ୍ତେ, ରେଲୱେ ଅଧିକାରୀ, ପୋଲିସ କିମ୍ବା କୌଣସି ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ମୃତକଙ୍କ ତାଲିକାକୁ ମଧ୍ୟ ହିତାଧିକାରୀଙ୍କ ମୃତ୍ୟୁ ପ୍ରମାଣପତ୍ର ଭାବେ ସ୍ୱୀକାର କରାଯିବ। ସେହିଭଳି ବୀମା ଦାବି ସଂକ୍ରାନ୍ତ ପ୍ରଶ୍ନର ଉତ୍ତର ଦେବା ଏବଂ ଦାବିଦାରମାନଙ୍କୁ ସହାୟତା ଯୋଗାଇ ଦେବା ଲାଗି ଏଲଆଇସିର ବିଭିନ୍ନ ମଣ୍ଡଳ ଓ ଶାଖା ସ୍ତରରେ ସ୍ୱତନ୍ତ୍ର ସହାୟତା ଡେସ୍କ ମଧ୍ୟ ପ୍ରତିଷ୍ଠା କରାଯାଇଛି। ବିଶେଷକରି ଏଲଆଇସି ହିତାଧିକାରୀ ଦାବିଦାରଙ୍କ ନିକଟରେ ପହଞ୍ଚିବା ଏବଂ ପୀଡ଼ିତ ପରିବାରଗୁଡ଼ିକର ଦାବିକୁ ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ନିଗମ ସବୁପ୍ରକାର ପଦକ୍ଷେପ ଗ୍ରହଣ କରୁଥିବା ସିଦ୍ଧାର୍ଥ ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ବୀମା ସମ୍ପର୍କିତ ଅଧିକ ସହାୟତା ପାଇଁ ଦାବିଦାରମାନେ ନିକଟସ୍ଥ ଶାଖା, ଡିଭିଜନ, ଗ୍ରାହକ ଜୋନରେ ମଧ୍ୟ ଯୋଗାଯୋଗ କରିପାରିବେ। ଏପରିକି ଦାବିଦାରମାନେ ଏଲଆଇସିର କଲ୍ ସେଣ୍ଟର ନମ୍ବର ୦୨୨୬୮୨୭୬୮୨୭ କୁ ମଧ୍ୟ କଲ୍ କରିପାରିବେ।



ସିଦ୍ଧାର୍ଥ ମହାନ୍ତି

# ସିବିଓଆଇର ବହୁମୁଖୀ ଋଣ ଶିବିର

**ଭୁବନେଶ୍ୱର, ୪।୬**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ(ସିବିଓଆଇ)ର କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ନିକଟରେ ଏକ ବହୁମୁଖୀ ଋଣ ଶିବିର ଓ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ମହାପ୍ରବନ୍ଧକ ମୁକୁଲ ଏନ୍ ଦାଣ୍ଡିଗେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାହକମାନଙ୍କୁ ଋଣ ବଣ୍ଟନ ସହ ଡିଏସ୍‌ଏମାନଙ୍କ ସହ ବିସ୍ତୃତ ଆଲୋଚନା କରିବା ସହିତ ସେମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏପରିକି ସେ ବ୍ୟାଙ୍କର ଶାଖା ମୁଖ୍ୟମାନଙ୍କ ସହ ଆଲୋଚନା କରିବା ସହିତ ଗ୍ରାହକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଅନାଦି ବିଶ୍ୱାସଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ବିଭିନ୍ନ ବର୍ଗର ଗ୍ରାହକମାନଙ୍କୁ ୧୦୦ କୋଟି ଟଙ୍କାର ଋଣ ମଞ୍ଜୁରୀପତ୍ର ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କର ମୁମ୍ବାଇସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ମୁକୁଲ ଏନ୍ ଦାଣ୍ଡିଗେ ନିକଟରେ ୨ଦିନିଆ ଓଡ଼ିଶା (ଭୁବନେଶ୍ୱର) ଗସ୍ତରେ ଆସିଥିଲେ।

# ବିକ୍ରି ପରବର୍ତ୍ତୀ ଗ୍ରାହକସେବାକୁ ଗୁରୁତ୍ୱ

**ଭୁବନେଶ୍ୱର ,୪।୬**



ରାଜ୍ୟ ପ୍ରମୁଖ ଆଇଟି ଉତ୍ପାଦ ବିକ୍ରେତା ନିଗମ କମ୍ପ୍ୟୁଟେକ ଆଣ୍ଡ ସର୍ଭିସେସ ପ୍ରାଇଭେଟ ଲିମିଟେଡ଼ର ନବୀକରଣ ଆଉଟଲେଟ ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଶହୀଦ ନଗରଠାରେ ଥିବା ସଂସ୍ଥାର ପୁରୁଣା (ପୂର୍ବ) ଆଉଟଲେଟକୁ ବର୍ତ୍ତମାନ ଅତ୍ୟାଧୁନିକ ଭାବେ ବିକଶିତ ସହ ସମ୍ପ୍ରସାରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂଆ ରୂପରେ ଗଢି ଉଠିଥିବା ସଂସ୍ଥାର ଏକ୍ସକ୍ଲୁସିଭ ଆଉଟଲେଟକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଗମ କମ୍ପ୍ୟୁଟେକ ଆଣ୍ଡ ସର୍ଭିସେସ ପ୍ରାଇଭେଟ ଲିମିଟେଡ଼ର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସ୍ୱାଇଁ, ପରିଚାଳନା ନିର୍ଦ୍ଦେଶକ ପରିକ୍ଷିତ ଦାସ, ଶହୀଦନଗର କର୍ପୋରେଟର ରାଜ କିଶୋର ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଉଦଘାଟନୀ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସବୁ ବର୍ଗର ଗ୍ରାହକ ଉକ୍ତ ଅଫରର ଲାଭ ଉଠାଇବାକୁ ନିଗମ କମ୍ପ୍ୟୁଟେକ ଆଣ୍ଡ ସର୍ଭିସେସ ପ୍ରାଇଭେଟ ଲିମିଟେଡ଼ର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସ୍ୱାଇଁ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନିଗମ କମ୍ପ୍ୟୁଟେକ ଆଣ୍ଡ ସର୍ଭିସେସ ପ୍ରାଇଭେଟ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ପରିକ୍ଷିତ ଦାସ କହିଛନ୍ତି, ଗତ ୩୦ ବର୍ଷ ତଳେ ଏକ ଛୋଟିଆ ଆଉଟଲେଟ ଜରିଆରେ ଆମେ ବିଭିନ୍ନ କମ୍ପାନୀର କମ୍ପ୍ୟୁଟର ସାମଗ୍ରୀ ବିକ୍ରି ଓ ମରାମତି କାର୍ଯ୍ୟ କରି ଆସୁଛୁ। ବିଶେଷ କରି ଗ୍ରାହକ ସେବାକୁ ଗୁରୁତ୍ୱ ଦେବା ସହିତ ବିକ୍ରି ପରିବର୍ତ୍ତୀ ସେବାକୁ ପ୍ରାଥମିକତା ଦିଆଯାଇଥାଏ। ଫଳରେ ଗ୍ରାହକ ଉତ୍ତମ ସେବା ଓ ଗୁଣାତ୍ମକ ସାମଗ୍ରୀ ପାଇଁ ସବୁ ବର୍ଗର ଗ୍ରାହକଙ୍କର ପସନ୍ଦର ସ୍ଥାନ ପାଲିଟିଛି। ଏପରିକି ବର୍ତ୍ତମାନ ମଧ୍ୟ ଏହି ନବୀକରଣ ଆଉଟଲେଟରେ ବିଭିନ୍ନ ବ୍ରାଣ୍ଡେଡ କମ୍ପାନୀର ଲାପଟପ, ଡେସ୍କଟପ, ପ୍ରିଣ୍ଟର ମେଶିନ, ୟୁପିଏସ,ଟାବଲେଟ ସହିତ ନେଟୱର୍କିଙ୍ଗ, ଷ୍ଟୋରେଜ, ସଫ୍ଟୱେର ସମେତ କମ୍ପ୍ୟୁଟର ସାମଗ୍ରୀ ସପ୍ଲାଇଜ ସହ ସମସ୍ତ ପ୍ରକାର ସର୍ଭିସିଂ ସେବା ଯୋଗାଇ ଦିଆଯାଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।


# Classified Everyday
**0674-2580101, 2549949**


REAL ESTATE

**SALE**

Plot for Sale-5200sqft. Mouza-Basuaghai infront of Sai Temple. Contact-Rakesh Jena. Mob-9337203932. D-0446

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866

Land for sale at Sundarpada 12050sqft. private land. Contact: 9437075283. D-0463

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870


CONSTRUCTION

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate-SNV Construction Pvt. Ltd., 9439295469.** D-74862




Newly open Spa Positively Health benefits with expert therapist. 9040286886. D-75115

Newly open health benefits Spa special offer @799 Jaydev Vihar. 8018429809. D-75113

Herbal full body massage by smart expert therapist. Contact: 7846923244. D-74691

Newly open health benefits Spa special offer @ 799, Master canteen. 9124527173. D-75116

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74692

Spa full body Massage only best therapist Gents & ladies @699/-, Bhubaneswar. 9337672475. D-0484

### ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

All types of professional body by professional therapy. Contact: 9556924059, 7077933109. D-0499

**LOST**

I Sri Subhendu Kumar Maharana, S/o Bijaya Maharana of Kantilo, PS-Khandapada lost my B. Tech Certificate No.- D08160117925. Contact 8249600367. D-0509

ଆମ୍ଭେ ପ୍ରକାଶ ଚନ୍ଦ୍ର ସିଅ, ପି- ମଧୁସୂଦନ ସିଅ, ସା- କୁମୁଟି ପାଟନା, ଥାନା- ତାଳବଣିଆ, ଜିଲା- ପୁରୀ, ଗତ ତା୨୦।୦୫।୨୦୨୩ ରିଖରେ ଆମ୍ଭର Original ଦଲିଲ ନଂ- ୨୧୬୪ ଜାହା ମାଟିଆପଡ଼ା ଛକ ଠାରୁ ଆମ୍ଭର ଘର କୁମୁଟିପାଟଣା ଆସିଲା ବେଳେ କେଉଁଠାରେ ପଡ଼ିଯାଇଅଛି କୌଣସି ସହୃଦୟ ବ୍ୟକ୍ତି ତାହା ପାଇଲେ ଆମ୍ଭକୁ ଫେରାଇ ଦେବା ପାଇଁ ଅନୁରୋଧ। Phone- 9937202278. D-69085

**AFFIDAVIT**

By virtue of an Affidavit before the Executive Magistrate, Kotpad, Dist- Koraput, I Pitabas Gadaba changed my Surname from "Gadaba" to " Pokul". Henceforth I will be known as PITABAS POKUL in every realm.
- Sd/-
D-0510

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ବାମନ ଚରଣ ମହାନ୍ତି**
ଭାଟବନ୍ଧ (ବଣିଆ ସାହି), ନିମାପଡ଼ା, ପୁରୀ
ଆବିର୍ଭାବ: ୦୫।୦୪।୧୯୫୧
ତିରୋଧାନ: ୨୬।୦୫।୨୦୨୩
ତୁମେ ନାହଁ ଏହି କଥା ଲାଗେ ନାହିଁ ସତ ପ୍ରତିଟି ପ୍ରଶ୍ୱାସେ ଆମ ତୁମେ ଉପସ୍ଥିତ।
ତୁମର ଆଶୀର୍ବାଦ ଆମ ପାଇଁ ପ୍ରେରଣା ହୋଇ ରହିଥାଉ। ତୁମ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା ଜଣାଉଛୁ।
ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ
ଧ-୦୫୧୧

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ମନୋରମା ମିଶ୍ର (ମଣି)**
ଏ. ଏଲ. ୭୩, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ଆଜି ଆଷାଢ଼ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ତୁମର ଷଷ୍ଠ ଶ୍ରାଦ୍ଧ ବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୦୫୦୩

### ଏକାଦଶାହ ଉପଲକ୍ଷେ



**୰ଭୂତେଶ ଚନ୍ଦ୍ର ଜେନା**
କୁଲାଡ଼, ଅନୁଗୋଳ
ଆବିର୍ଭାବ: ୦୯।୧୨।୧୯୫୭
ତିରୋଧାନ: ୨୬।୦୫।୨୦୨୩
ତୁମର ସ୍ନେହ ଶ୍ରଦ୍ଧା ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅଲେଖ ମହିମା ସରଣ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ପରିବାରବର୍ଗ ପରେଶ ଚନ୍ଦ୍ର ଜେନା, ପ୍ରକାଶ ଜେନା, ତାପସ ଜେନା ଓ ଅନ୍ୟମାନେ
ଧ-୦୫୧୨

# ଦେବକୁଣ୍ଡରେ ବୁଡ଼ି ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ

ଉଦଳା,୪।୬(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ପର୍ଯ୍ୟଟନସ୍ଥଳୀ ଦେବକୁଣ୍ଡ ଜଳପ୍ରପାତ ପାଣିରେ ବୁଡ଼ି ରବିବାର ଜଣେ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗଞ୍ଜାମ ଜିଲା ଗୋଳନ୍ଥରା ଅଞ୍ଚଳର ଲିପେନ୍ କୁମାର ସାହୁ। ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲ କଲେଜର ସେ ତୃତୀୟ ବର୍ଷର ଛାତ୍ର ଥିଲେ। ସକାଳେ ଅନ୍ୟ ୭ ଜଣ ସହପାଠୀଙ୍କ ସହିତ ସେ ଦେବକୁଣ୍ଡ ବୁଲିବାକୁ ଆସିଥିଲେ। ସମସ୍ତେ ସାଙ୍ଗ ହୋଇ ଜଳପ୍ରପାତରେ ଗାଧୋଇବା ସମୟରେ ଲିପେନ୍ କିଛି ଦୂରକୁ ଚାଲିଯିବାରୁ ପାଣି ସୁଅରେ ଭାସିଯାଇଥିଲେ। ସେଠାରେ ଥିବା ସ୍ଥାନୀୟ ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଶ୍ରୀଦାମଚନ୍ଦ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଉଦଳା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।


ଲିପେନ୍ କୁମାର ସାହୁ

# ସମୁଦ୍ରରେ ବୁଡ଼ି ନାବାଳକ ପର୍ଯ୍ୟଟକଙ୍କ ମୃତ୍ୟୁ

ପୁରୀ ଅଫିସ, ୪।୬

ପୁରୀ ସମୁଦ୍ରରେ ବୁଡ଼ିଯାଇ ଜଣେ ନାବାଳକ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜସ୍ଥାନର ୧୪ ବର୍ଷୀୟ ଦିଲ୍‌ରାଜ ଚାନ୍ଦ। ସୂଚନା ଅନୁଯାୟୀ, ଦିଲ୍‌ରାଜ ପୁରୀ ବୁଲିବାକୁ ଆସିଥିବାବେଳେ ରବିବାର ସମୁଦ୍ରରେ ଗାଧୋଇବା ପାଇଁ ଯାଇଥିଲେ। ସେ ଚୈତନ୍ୟ ଛକ ସମ୍ମୁଖ ସେକ୍ଟର-୭ ସମୁଦ୍ରରେ ସ୍ନାନ କରୁଥିଲେ। ଏହି ସମୟରେ ବଡ଼ ଜୁଆରରେ ଭାସିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲାଇଫଗାର୍ଡମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଉଲ୍ଲେଖଥାଉ କି, ଗତ ମେ ୩ ତାରିଖରେ ପଶ୍ଚିମବଙ୍ଗ ହାୱଡ଼ା ଜିଲାର ରଞ୍ଜନ ଦାସ ଏବଂ ତାଙ୍କ ପୁଅ ରିଷଭ ଦାସ ସମୁଦ୍ର ସ୍ନାନ ବେଳେ ବୁଡ଼ିଯାଇ ପ୍ରାଣ ହରାଇଥିଲେ। ସେହିପରି ମେ ୪ ତାରିଖରେ ୧୩ ନଂ. ସେକ୍ଟରରେ ଗାଧୋଉଥିବାବେଳେ ପଶ୍ଚିମବଙ୍ଗ ହୁଗୁଳି ଜିଲା ଶ୍ରୀରାମପୁରର ଅଜୟ ଦାସ ଏବଂ ଅରିନ୍ଦମ ଦାସ ବୁଡ଼ିଯାଇ ମୃତ୍ୟୁବରଣ କରିଥିଲେ। ଗତ ୬ବର୍ଷ ମଧ୍ୟରେ ପୁରୀ ସମୁଦ୍ରରେ ବୁଡ଼ି ୪୨ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଜୀବନ ଗଲାଣି। ସେହିପରି ସମୁଦ୍ରରେ ବୁଡ଼ିଯାଉଥିବା ଅବସ୍ଥାରେ ୩ହଜାରରୁ ଉର୍ଦ୍ଧ୍ୱ ଲୋକ ଉଦ୍ଧାର ହୋଇଛନ୍ତି। ଅପରପକ୍ଷରେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ କେତୋଟି ସେକ୍ଟରକୁ 'ନୋ ବାଥିଂ ଜୋନ୍' ଘୋଷଣା କରାଯାଇ ନାଲି ପତାକା ଲଗାଯାଇଛି। ଏହାସତ୍ତ୍ୱେ ଅନେକ ପର୍ଯ୍ୟଟକ କଟକଣା ମାନୁ ନ ଥିବା ଦେଖିବାକୁ ମିଳୁଛି।

# ଶୋଇଥିବାବେଳେ ବୃଦ୍ଧାଙ୍କୁ ଦଳିଦେଲା ଦନ୍ତା

ସମ୍ବଲପୁର, ୪।୬(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ ଡକରା ଗ୍ରାମରେ ଶନିବାର ରାତିରେ ଶୋଇଥିବା ସମୟରେ ଦନ୍ତା ହାତୀ ଦଳିଦେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜ୍ଞସେନୀ ବାରିକ (୭୩)। ସେ ଘର ବାହାରେ ଶୋଇଥିଲେ। କିଛି ଦୂରରେ ପରିବାରର ଅନ୍ୟମାନେ ମଧ୍ୟ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ଦନ୍ତା ଗ୍ରାମକୁ ଆସିଥିଲା। ଯାଜ୍ଞସେନୀଙ୍କୁ ଆକ୍ରମଣ କରିଥିଲା। ଅନ୍ୟମାନେ ପାଟି କରିବାରୁ ହାତୀ ଚାଲି ଯାଇଥିଲା। ହେଲେ ଯାଜ୍ଞସେନୀ ଗୁରୁତର ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରବର୍ଗଙ୍କୁ ବନ ବିଭାଗ ପକ୍ଷରୁ ନିୟମ ଅନୁସାରେ କିଛି ଆର୍ଥିକ ସାହାଯ୍ୟ କରାଯାଇଛି। ପରେ ସମସ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ବନ ବିଭାଗ ହାତୀ ଗତିବିଧି ଉପରେ ନଜର ରଖିଛି।

# ପୁରୀରୁ ହାଓଡା ମଧ୍ୟରେ ଚାଲିବ ୩ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୪।୬(ବ୍ୟୁରୋ)

ବାହାନଗା ଟ୍ରେନ୍ ଦୁର୍ଘଟଣା ପରେ ଉଭୟ ଦକ୍ଷିଣ ପୂର୍ବ ରେଳପଥ ଓ ପୂର୍ବତଟ ରେଳପଥ ପକ୍ଷରୁ ୨୮ ଟ୍ରେନ୍ ବାତିଲ କରାଯାଇଥିବାବେଳେ ବହୁ ଟ୍ରେନ୍‌ର ଗତପଥ ପରିବର୍ତ୍ତନ କରାଯାଇଛି। ତେଣୁ ଉଭୟ ରେଳପଥର ସମନ୍ୱୟରେ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ଆରମ୍ଭ କରିଛି। ଏବେ ବିଶେଷକରି ପୁରୀରୁ ହାଓଡ଼ା ମଧ୍ୟରେ ବିଭିନ୍ନ ଷ୍ଟେଶନରେ ଯାତ୍ରୀମାନେ ଅଟକି ରହିଛନ୍ତି। ତେଣୁ ଏହି ଯାତ୍ରୀଙ୍କ ସୁବିଧାକୁ ନଜରରେ ରଖି ପୂର୍ବତଟ ରେଳପଥ ହାଓଡାକୁ ୩ଟି ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନେଇଛି। ୦୨୮୦୧ ପୁରୀ-ହାଓଡ଼ା ସ୍ପେଶାଲ ଟ୍ରେନ, ଯାହା ପୁରୀରୁ ରାତି ୭ଟାରେ ଛାଡି ଯାଜପୁର-କେନ୍ଦୁଝରରୋଡ୍-ଡାଙ୍ଗପୋଷି-ଖଡଗପୁର ମାର୍ଗ ଦେଇ ଚାଲିବ। ଏହି ଟ୍ରେନଟି ସାକ୍ଷୀଗୋପାଳ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯଖପୁର, ହରିଚନ୍ଦନପୁର, ଡୋଙ୍ଗୋପୋସି, ଟାଟା ଓ ଖଡ଼ଗପୁର ଦେଇ ହାଓଡାକୁ ଯିବ। ଏହି ଟ୍ରେନରେ ୨ ସ୍ଲିପର କ୍ଲାସ, ୬ଟି ଦ୍ୱିତୀୟ ଶ୍ରେଣୀ ଚେୟାର କାର୍ ଏବଂ ଦୁଇଟି ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚ୍ ସଂଯୋଗ କରାଯାଇଛି। ଦ୍ୱିତୀୟ ଟ୍ରେନଟି ରାତି ୯ ଟାରେ ପୁରୀ ଷ୍ଟେଶନରୁ ହାଓଡ଼ା ଅଭିମୁଖେ ବାହାରିବ। ଏହା ସାକ୍ଷୀଗୋପାଳ, ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, କଟକ, ଢେଙ୍କାନାଳ, ଅନୁଗୋଳ, ରେଢ଼ାଖୋଲ, ସମ୍ବଲପୁର ସହର, ଝାରସୁଗୁଡା, ରାଉରକେଲା, ଚକ୍ରଧରପୁର, ଟାଟା, ଖଡ଼ଗପୁର ଦେଇ ହାଓଡାରେ ପହଞ୍ଚିବ। ଏଥିରେ ୧୧ଟି ଦ୍ୱିତୀୟ ଶ୍ରେଣୀ, ଦୁଇଟି ଏସି ଚେୟାର କାର୍ ଓ ଦୁଇଟି ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚ୍ ରହିଛି। ସେହିପରି ତୃତୀୟ ଟ୍ରେନ୍‌ଟି ପୁରୀ ଷ୍ଟେଶନରୁ ରାତି ୧୦ଟାରେ ଯାତ୍ରାରମ୍ଭ କରିବ। ଏହା ସାକ୍ଷୀଗୋପାଳ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଜଖପୁରା, ହରିଚନ୍ଦନପୁର, ଡାଙ୍ଗପୋଷି, ଟାଟା ଓ ଖଡ଼ଗପୁର ହୋଇ ହାଓଡାରେ ପହଞ୍ଚିବ।

## ଖୁବ୍‌ଶୀଘ୍ର ସ୍ୱାଭାବିକ ହେବ ରେଳ ଚଳାଚଳ: ମନ୍ତ୍ରୀ

ବାହାନଗା, ୪।୬(ଡି.ଏନ.ଏ.)

ବାହାନଗା ଷ୍ଟେଶନ ନିକଟରେ ଗତ ଶୁକ୍ରବାର ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା ୧୪୫୦ରୁ ଅଧିକ ପହଞ୍ଚିଥିବା ବେଳେ ଏହା ଦେଶରେ ଏକ ବଡ଼ ରେଳ ଦୁର୍ଘଟଣା ବୋଲି ପରିଗଣିତ ହୋଇଛି। ଏହି ଦୁର୍ଘଟଣାରେ ୩ଟି ଟ୍ରେନ ନଷ୍ଟ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ୩ ଓ ୪ନଂ. ରେଳଧାରଣା ଓ ଟ୍ରାକ୍‌କୁ ସୋମବାର ମରାମତି କରି ଗୋଟିଏ ଲାଇନରେ ପରୀକ୍ଷାମୂଳକ ଭାବେ ଏକ ଟ୍ରେନ ଚଳାଚଳ କରାଯିବା ଲାଗି ଯୋଜନା କରାଯାଉଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେଥିପାଇଁ ୩ନଂ. ରେଳଧାରଣାକୁ ମରାମତି କରାଯିବା ସହ ଛିଡ଼ିଯାଇଥିବା ବିଦ୍ୟୁତ ତାର ଓ ଖୁଣ୍ଟିକୁ ସଜଡାଯାଉଛି । ଏହା ସହିତ ରେଳଧାରଣାରୁ ଓଲଟି ପଡିଥିବା ଟ୍ରେନ ବଗିଗୁଡ଼ିକୁ ମେଶିନ ଓ ଜେସିବି ଦ୍ୱାରା ବାହାରକୁ କଢ଼ାଯାଉଛି। ଦୁର୍ଘଟଣା ସ୍ଥାନକୁ ପୋଲିସ୍ ଦ୍ୱାରା ବ୍ୟାରିକେଡ କରାଯାଇ ଭିତରକୁ କାହାରିକୁ ଛଡାଯାଉନାହିଁ। ଯଶଓ୍ୱନ୍ତପୁର-ହାଓ୍ୱଡା ଟ୍ରେନର ଦୁଇଟି ବଗି ଉଠାଗଲେ ଅନ୍ୟ ମୃତାହାତ ମିଳିବାର ଆଶଙ୍କା କରାଯାଉଛି।



ବିଶ୍ୱ ପରିବେଶ ଦିବସ ଅବ୍ୟବହିତ ପୂର୍ବରୁ ରବିବାର ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ଅଲିଭ୍ ରିଡ୍‌ଲେ ଆକୃତିର ବାଲୁକା କଳା।

# ୪୪ ଡିଗ୍ରୀରେ ସମ୍ବଲପୁର, ଆଉ ୫ଦିନ ତାତି

- ୧୫ ସ୍ଥାନରେ ୪୦ ଡିଗ୍ରୀ ଉପରେ ତାପମାତ୍ରା
- ୧୫ ଜିଲାକୁ କାଳବୈଶାଖୀ ୱାର୍ନିଂ

ଭୁବନେଶ୍ୱର,୪।୬(ବ୍ୟୁରୋ)

ରାଜ୍ୟରେ ଅସହ୍ୟ ତାତି ଜାରି ରହିଛି। ରବିବାର ୪୪ ଡିଗ୍ରୀ ସହ ସମ୍ବଲପୁର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏଥିସହ ୧୫ଟିସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲାବେଳେ ସନ୍ଧ୍ୟାରେ ଭଦ୍ରକ, ଯାଜପୁର, ଢେଙ୍କାନାଳ, ସମ୍ବଲପୁର ଆଦି ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ସେହିପରି ରାତିରେ ଭୁବନେଶ୍ୱର ଓ କଟକ ସହର ସମେତ କଟକ ଓ ଖୋର୍ଦ୍ଧା ଜିଲାର କେତେକ ସ୍ଥାନରେ ମଧ୍ୟ ଘଡଘଡ଼ି ସହ ବର୍ଷା ହୋଇଥିବା ସୂଚନା ରହିଛି। ତେବେ ଆସନ୍ତା ୫ଦିନ ଏପରି ସ୍ଥିତି ଜାରି ରହିବ ଓ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଅଧିକାଂଶ ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ସୋମବାର ୧୫ଟି ଜିଲାକୁ କାଳବୈଶାଖୀ ନିମନ୍ତେ ୟେଲୋ ୱାର୍ନିଂ ଜାରି କରାଯାଇଛି। ଯାଜପୁର, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ଼, ନବରଙ୍ଗପୁର, କୋରାପୁଟ, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଜିଲାରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ସୂଚନାଥାଉ କି, ରବିବାର ବୌଦ୍ଧର ତାପମାତ୍ରା ୪୩.୫ ଡିଗ୍ରୀ ଛୁଇଁଥିବାବେଳେ ବଲାଙ୍ଗୀର ୪୩.୩ ଡିଗ୍ରୀ ଓ ସୋନପୁରରେ ୪୩.୧ ଡିଗ୍ରୀ ରେକର୍ଡ କରାଯାଇଛି। ଏହା ପଛକୁ ହୀରାକୁଦରେ ୪୨.୬ ଡିଗ୍ରୀ, ଝାରସୁଗୁଡ଼ା ଓ ଭବାନୀପାଟଣାରେ ୪୨.୫ ଡିଗ୍ରୀ, ସୁନ୍ଦରଗଡ଼ ୪୨.୪ ଡିଗ୍ରୀ, ରାଉରକେଲା ୪୨.୨ ଡିଗ୍ରୀ, ଟିଟିଲାଗଡ଼ ଓ ବରଗଡ଼ରେ ୪୨ ଡିଗ୍ରୀ, ମାଲକାନଗିରି ୪୧.୭ ଡିଗ୍ରୀ, ତାଳଚେର ୪୦.୮ଡିଗ୍ରୀ, ଅନୁଗୋଳ ୪୦.୭ ଡିଗ୍ରୀ ଓ ବାରିପଦାରେ ତାପମାତ୍ରା ୪୦.୫ ଡିଗ୍ରୀ ରହିଥିଲା।

# ସରିଲା ଡାଉନଲାଇନ ମରାମତି

## ୫୧ ଘଣ୍ଟା ପରେ ଚାଲିଲା ମାଲବାହୀ ଟ୍ରେନ

ବାଲେଶ୍ୱର ଅଫିସ,୪।୬

ବାହାନଗା ରେଳ ଦୁର୍ଘଟଣା ପରେ ରବିବାର ରାତିରେ ୩ନଂ.ଡାଉନଲାଇନ ମରାମତି କାର୍ଯ୍ୟ ଶେଷ ହୋଇଛି। ଏଥିସହ ପରୀକ୍ଷା ମୂଳକ ଭାବେ ଏକ ମାଲ୍‌ବାହୀ ଟ୍ରେନ ଚଳାଚଳ କରିଛି। ଦୁର୍ଘଟଣାର ୫୧ ଘଣ୍ଟା ପରେ ଡାଉନଲାଇନରେ ମାଲବାହୀ ଟ୍ରେନ ଚାଲିବା ସହିତ ରାତିରେ ପୁରୁଷୋତ୍ତମ ଏକ୍ସପ୍ରେସ ଚାଲିବ ବୋଲି ବାଲେଶ୍ୱର ଷ୍ଟେଶନ ମ୍ୟାନେଜର ସୁରେନ୍ଦ୍ର କୁମାର ଜେନା ସୂଚନା ଦେଇଛନ୍ତି। ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଅପ୍ ଲାଇନର ମରାମତି କାର୍ଯ୍ୟ ଖୁବ ଶୀଘ୍ର ଶେଷ ହେବ ବୋଲି ରେଲଓ୍ୱେ ସୂତ୍ରରୁ ସୂଚନା ମିଳିଛି।

# ୭ ସ୍ଥାନରେ ଅନୁକମ୍ପାମୂଳକ ସହାୟତା ରାଶି ଦେଉଛି ରେଲଓ୍ୱେ

**ଯାତ୍ରୀଙ୍କ ସମ୍ପର୍କରେ ଜଣାଇବାକୁ ହେଲ୍‌ପଲାଇନ ନମ୍ବର ଜାରି**

ଭୁବନେଶ୍ୱର, ୪।୬(ବ୍ୟୁରୋ)

ବାଲେଶ୍ୱର ରେଳ ଦୁର୍ଘଟଣାରେ ମୃତାହତମାନଙ୍କ ପରିବାରବର୍ଗ, ସମ୍ପର୍କୀୟ ଏବଂ ବନ୍ଧୁମାନଙ୍କୁ ସହଯୋଗ କରିବା ଲାଗି ଭାରତୀୟ ରେଲଓ୍ୱେ ପକ୍ଷରୁ ୧୩୯ ହେଲ୍‌ପଲାଇନ ବ୍ୟବସ୍ଥା କରାଯାଇଛି। ରେଲଓ୍ୱେର ବରିଷ୍ଠ ଅଧିକାରୀମାନଙ୍କ ଏକ ଦଳ ଏହି ୨୪ ଘଣ୍ଟିଆ ହେଲ୍‌ପଲାଇନରେ କଲ୍ କରୁଥିବା ଲୋକମାନଙ୍କୁ ଆବଶ୍ୟକ ସୂଚନା ଯୋଗାଇବେ। ରେଲଓ୍ୱେ ଜୋନ୍ ଅଧିକାରୀ ଓ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ସ୍ଥାପନ କରି ସେମାନେ ଏହି ସୂଚନା ଦେବେ। ଏହି ସେବା ନିରନ୍ତର ଭାବେ ଜାରି ରହିବ। ରେଳ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଥିବା ସହାୟତା ରାଶି ମୃତକଙ୍କ ସମ୍ପର୍କୀୟଙ୍କୁ ୧୦ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କୁ ୨ ଲକ୍ଷ ଟଙ୍କା ଏବଂ ସାଧାରଣ ଆହତଙ୍କୁ ୫୦ ହଜାର ଟଙ୍କା ବିତରଣ ସହାୟକ ହେବ। ରେଳ ହେଲ୍‌ପଲାଇନ ୧୩୯ର ଉଦ୍ଦେଶ୍ୟ ହେଉଛି ସହାୟତା ଯୋଗାଇଦେବା ଓ ପୀଡ଼ିତ ଯାତ୍ରୀମାନଙ୍କ ପରିବାରବର୍ଗଙ୍କୁ ଏହି ଦୁଃଖଦ ସମୟରେ ଠିକ୍ ଓ ସନ୍ତୋଷଜନକ ସୂଚନା ଯୋଗାଇଦେବା। ଏବେ ସୁଦ୍ଧା ରେଲଓ୍ୱେ ପକ୍ଷରୁ ୨୮୫ ମାମଲାରେ ୧୧ ମୃତକ, ୫୦ ଗୁରୁତର ଆହତ, ୨୨୪ ସାମାନ୍ୟ ଆହତଙ୍କୁ ୩.୨୨ କୋଟି ଟଙ୍କାର ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯାଇଛି। ରେଲଓ୍ୱେ ପକ୍ଷରୁ ୭ଟି ସ୍ଥାନ ଯଥା ସୋର, ଖଡଗପୁର, ବାଲେଶ୍ୱର, ଖନ୍ତାପଡ଼ା, ଭଦ୍ରକ, କଟକ ଏବଂ ଭୁବନେଶ୍ୱରରେ ସହାୟତା ରାଶି ବିତରଣ କରାଯାଉଛି।

# ଶ୍ରୀମନ୍ଦିରରେ ପଶିଲେ ଅଣହିନ୍ଦୁ

ପୁରୀ ଅଫିସ, ୪।୬

ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ରବିବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ଭିତରକୁ ଦୁଇଜଣ ଅଣହିନ୍ଦୁ ପ୍ରବେଶ କରିବାବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି। ପଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ବହୁସଂଖ୍ୟକ ପୋଲିସ କର୍ମଚାରୀ ନିୟୋଜିତ ଥିବା ସତ୍ତ୍ୱେ ଅଣହିନ୍ଦୁ ଦ୍ୱୟ ଶ୍ରୀମନ୍ଦିର ପରିସରକୁ ପ୍ରବେଶ କରିବା ଘଟଣା ପୋଲିସ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ନାନମଣ୍ଡପରେ ଠାକୁରଙ୍କ ନୀତି ଚାଲିଥିବା ବେଳେ କଲମ୍ବିଆର ଅଣହିନ୍ଦୁ ବନ୍ଦନାନନ୍ଦ ଦାସ ବ୍ୟାରିକେଡରେ ଆସି ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଥିଲେ। ତେବେ ବାଇଶିପାହାଚ ନିକଟରେ ତାଙ୍କୁ ଚିହ୍ନଟ କରାଯିବା ପରେ ପୋଲିସ ଧରି ବାହାରକୁ ଆଣିଥିଲା। ସେହିପରି ଏହି ଘଟଣାର କିଛି ଘଣ୍ଟା ପରେ ଜଣେ ବିଦେଶୀ ମହିଳା ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିଥିଲେ। ତାଙ୍କୁ ସିଂହଦ୍ୱାର ନିକଟରେ ପୋଲିସ ଅଟକାଇଥିଲା। ପରେ ତାଙ୍କୁ ବାହାରକୁ ଅଣାଯାଇଥିଲା। ଶ୍ରୀମନ୍ଦିର ପରିସରକୁ ହିନ୍ଦୁଙ୍କ ଛଡ଼ା ଆଉ କାହାର ପ୍ରବେଶ ନ ଥିବା କଥା ସେ ଜାଣି ନ ଥିବା ସମ୍ପୃକ୍ତ ବିଦେଶୀ ମହିଳା କହିଛନ୍ତି।

# ପ୍ଲାଷ୍ଟିକ ପ୍ରଦୂଷଣର ସମାଧାନ ପାଇଁ ନିଆରା ପ୍ରୟାସ



## ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଜିଜ୍ଞାସା ମଡେଲ ପ୍ରତିଯୋଗିତା

ଭୁବନେଶ୍ୱର,୪।୬(ବ୍ୟୁରୋ)

ସିଏସଆଇଆର-ଇନଷ୍ଟିଚ୍ୟୁଟ ଅଫ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ ଟେକ୍ନୋଲୋଜି ପକ୍ଷରୁ ଏକ ପ୍ରୋଜେକ୍ଟ ମଡେଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ହୋଇଥିବାବେଳେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ପ୍ଲାଷ୍ଟିକ ପ୍ରଦୂଷଣର ସମାଧାନ ଶୀର୍ଷକ ବିଷୟବସ୍ତୁ ଉପରେ ୨୦ଟି ମଡେଲ ଉପସ୍ଥାପନ କରାଯାଇଥିଲା। ପ୍ଲାଷ୍ଟିକର ପୁନଃ ବ୍ୟବହାର ଓ ବିକଳ୍ପ ବ୍ୟବହାର, ବର୍ଜ୍ୟବସ୍ତୁରୁ ଧନ, ସ୍ୱୟଂଚାଳିତ ପ୍ଲାଷ୍ଟିକ ପୃଥକୀକରଣ, ପ୍ଲାଷ୍ଟିକରୁ ଇନ୍ଧନ ଏବଂ ପ୍ଲାଷ୍ଟିକ ପ୍ରଦୂଷଣର ସମାଧାନ ଇତ୍ୟାଦି ଉପରେ ଛାତ୍ରୀଛାତ୍ରମାନେ ମଡେଲ ଉପସ୍ଥାପନ କରିଛନ୍ତି। ସିଏସଆଇଆର-ଆଇଏମଏମଟିର ଅନେକ ବୈଜ୍ଞାନିକ ଏବଂ ଗବେଷକ ଏବଂ ସ୍କୁଲ ଛାତ୍ରଛାତ୍ରୀ ଏହି ପ୍ରକଳ୍ପ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଜିଜ୍ଞାସା ଟିମ ଏବଂ ପରିବେଶ ଓ ନିରନ୍ତରତା ବିଭାଗ ସଂଯୋଜନା କରିଥିଲେ। ଇନଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ, ଏନଆଇଏସଇଆର, ଉତ୍କଳବିଶ୍ୱବିଦ୍ୟାଳୟ, ସିପେଟ ଏବଂ ଆଇସିଏଆର-ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ୱାଟର ମ୍ୟାନେଜମେଣ୍ଟରୁ ଜୁରୀ ସଦସ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ସେ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ପଲିମର ଓ ରାସାୟନିକ ବୈଜ୍ଞାନିକ ପ୍ରଫେସର ଶଶଧର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସିଏସଆଇଆରର ମୁଖ୍ୟ କ୍ୱାର୍ଟରର ଡ.ପୂର୍ଣ୍ଣିମା ରୂପାଲ, ବରିଷ୍ଠ ପ୍ରଶାସନ ନିୟନ୍ତ୍ରକ ଶ୍ରୀ ବିସିସାହୁ, ଡ. ଡିଏସ୍ ରାଓ, ଡ. ଏନକେ ଧଳ, ଡ. ବିଏସଜେନା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଜ୍ଞାସାର ନୋଡାଲ ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଆଇଏମଏମଟିରେ ନିୟମିତ ଭାବେ ଏଭଳି ଛାତ୍ର-ବୈଜ୍ଞାନିକ ସଂଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ସେ ପ୍ରକାଶ କରିଛନ୍ତି। ଜିଜ୍ଞାସାର ବୈଜ୍ଞାନିକ ଓ ଟିମ୍ ସଦସ୍ୟ ଡ. ସହିଦ ଅନୱାର, ଡ. ସନ୍ତୋଷ କୁମାର ବେହେରା, ଡ. ବିକାଶ କୁମାର ଜେନା, ଡ. ବିସି ତ୍ରିପାଠୀ, ଡ. ବିପ୍ଳବ ପାତ୍ର, ଡ. ସୁମିତ ସାହା, ଡ. ମଞ୍ଜୁଉନ୍ନିକ୍ରିଷ୍ଣନ, ଡ. ସୋନି ପାଣ୍ଡେ, ଡ. ମନୀଷ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଠିନ ପରିଶ୍ରମ ଭିତରେ ପ୍ରେମର ଧାରା ହଜିଯାଇ ନ ଥିଲା

## ଶିଳ୍ପୀ ହୃଦୟର ଦରଦପଣିଆ

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

ପୂର୍ବ ସଂଖ୍ୟାରେ ଆମେ ସୂଚନା ଦେଇଥିଲୁ ମନ୍ଦିର ନିର୍ମାଣ ସମୟରେ ବିଶୃଙ୍ଖଳାକୁ ବରଦାସ୍ତ କରାଯାଉ ନ ଥିଲା। ଭଲ କାମରେ ପୁରସ୍କାର ଓ ସମ୍ମାନ, ଶୃଙ୍ଖଳା ଭଙ୍ଗରେ ଦଣ୍ଡ ବିଦିଆଯାଉଥିଲା। ଗଜପତିଙ୍କ ସେନାପତିମାନେ ନିର୍ମାଣ ଦାୟିତ୍ୱରେ ରହିଥିବାର ଇତିହାସ ମିଳୁଛି। ସେନାପତିଙ୍କର ଏକ ଉପାଧି ଥିଲା 'ସହସ୍ର ମଲ୍ଲ'। ସହସ୍ର ମଲ୍ଲ ପରମର୍ଦ୍ଦିଦେବଙ୍କ ନାମ ପୋଥି ଲିଖନ କାଳରେ ସାମାନ୍ୟ ଏପଟସେପଟ ହୋଇଯିବାର କେବେ କେମିତି ଲକ୍ଷ୍ୟ କରାଯାଏ। ଏପଟସେପଟ ହୋଇ ଯାଇଥିବା ସେଇ ନାମ ଗତ ସଂଖ୍ୟାରେ ଶୀର୍ଷକରେ ସ୍ଥାନ ପାଇଯାଇଥିଲା।

ଏଥର ଆମେ ବିଶୃଙ୍ଖଳା ଭିଆଇଥିବା ଓ ଦଣ୍ଡ ପାଇଥିବା ଦୁଇଟି ଘଟଣାକୁ ଆଲୋଚନା କରିବା। ଏହି ଆଲୋଚନାରୁ ଆମେ ଜାଣିବା ମନ୍ଦିର ନିର୍ମାଣ ସମୟରେ ଶିଳ୍ପୀମାନଙ୍କ ମଧ୍ୟରେ ରହିଥିବା ଦରଦୀ ହୃଦୟର ଆପଣାପଣିଆର କଥା। ସହାବସ୍ଥାନରେ ସହଯୋଗ କରିବା ହେଉଛି ମଣିଷପଣିଆର ଅକୁହା ଆବେଦନ। ଶିଳ୍ପୀ ହୁଅନ୍ତୁ କି ଶ୍ରମିକ ହୁଅନ୍ତୁ, ନିର୍ମାଣଶାଳାରେ ସମସ୍ତେ ଶୃଙ୍ଖଳାରେ ବନ୍ଧା। କାହାକୁ କିଛି ନ କହି ଥରେ ଭୀମ ମହାରଣା ଓ ନାରୀ ପଥୁରିଆଣି ସୁଖି ମହାରଣା ବିନା ଛୁଟିରେ କୋଣାର୍କରୁ ପୁରୀ ଚାଲିଆସିଥିଲେ। ବଳଶ୍ରୀଙ୍କ ନଜରକୁ କଥା ଆସିଲା। ଭବିଷ୍ୟତରେ ଏପରି ବିଶୃଙ୍ଖଳାକୁ ପ୍ରତିହତ କରିବା ପାଇଁ ଚିନ୍ତା କଲେ। ଚାରିଜଣ ଜଗୁଆଳିଙ୍କୁ ପୁରୀ ଆଡ଼କୁ ପଠାଇଲେ। ବାଟରେ ତାଙ୍କୁ ଗିରଫ କରାଗଲା। ବିଡ଼ାନାସୀଠାରେ ଥିବା ବନ୍ଦିଶାଳାକୁ ପଠାଇ ଦେଇଥିଲେ। ପରେ ସେମାନେ କ୍ଷମା ମାଗି ପୁଣି କାର୍ଯ୍ୟରେ ଯୋଗ ଦେଇଥିଲେ। ସେପରି ବିଶୃଙ୍ଖଳା କାର୍ଯ୍ୟ ସରିବା ପର୍ଯ୍ୟନ୍ତ ଆଉ ଘଟି ନାହିଁ।


ସୁନି ଓ ସମନାଥ ପ୍ରେମକାହାଣୀର ପ୍ରସ୍ତର ରୂପାନ୍ତର ଆଜି ଭଗ୍ନ ଅବସ୍ଥାରେ।

ଆଉ ଏକ ପ୍ରେମ ଘଟଣା ବି ଘଟିଥିଲା। ବଳଶ୍ରୀ ତାହାର ସମାଧାନ କରିଥିଲେ। ସୁନି ଓ ସମନାଥଙ୍କର ଏହା ଥିଲା ବହୁଚର୍ଚ୍ଚିତ ଘଟଣା। କେବଳ ପଦ୍ମତୋଳା ଗଣ୍ଡର ଚାରିପଟେ ନିର୍ମାଣଶାଳାରେ ଏହି ଘଟଣା ସୀମିତ ନ ଥିଲା। ଚାରି ଶିଳ୍ପୀ ଶିବିରରେ ବି ଚର୍ଚ୍ଚା ରୋଚକ ରୂପ ଧାରଣ କରିଥିଲା। ସୁନି ଥିଲା ମହିଳା ଶ୍ରମିକା। ଆଉ ସମନାଥ ପୁରୁଷ ପାଇଟିଆଳ। ଦୁହେଁ ଯୁବକ ଯୁବତୀ ଥିଲେ। ଅବିବାହିତ ମଧ୍ୟ। ସୁନିକୁ ନେଇ ସମନାଥ ଅନେକ ସ୍ୱପ୍ନ ଦେଖିଥିଲା। ସୁନି ବି ନିଜକୁ ସଅଁପି ଦେଇଥିଲା ସମନାଥ ପାଖରେ। ଦିନେ ଏକ ଦୁର୍ବଳ ମୁହୂର୍ତ୍ତରେ ଅଘଟଣ ଘଟିଲା। ତୋଫା ଜହ୍ନରାତିରେ ସୁ ସୁ ଗର୍ଜୁଥିବା ଝାଉଁବଣରେ ଦୁହେଁ ଏକାଠି ହେଲେ। ସୁନି ଯେବେ ଜାଣିଲା ସେ ମାଆ ହେବାକୁ ଯାଉଛି... ଚୁପ୍ ଚୁପ୍ କାମ କଲାବେଳେ ସମନାଥକୁ କହିଲା। ଦୁହେଁ ରାତିରେ ନିଜ ନିଜ ଶିବିର ଛାଡ଼ି ଚାଲିଯିବାକୁ ବସିଥିଲେ। ଜଗୁଆଳ ବକୁ ସେମାନେ ଲୁଚି ଲୁଚି ଯାଉଥିବାର ଜାଣି ପଛେ ପଛେ ଗଲା। ଠିକ୍ ଗୋପ ଗାଁ ପାଖରେ ତାଙ୍କୁ ଧରିଲା। କାରଣ ପଚାରି ଜାଣିଲା। ସାଙ୍ଗରେ ଫେରେଇ ଆଣିଲା। କଥା ପହଞ୍ଚିଲା ବଳଶ୍ରୀଙ୍କ ପାଖରେ। ବଳଶ୍ରୀ ପଚାରିଲେ- ସମନାଥ ! ଯାହା ଶୁଣୁଛି ତାହା କ'ଣ ସତ୍ୟ ? ସମନାଥ ନିର୍ଭୀକ ଭାବରେ କହିଲା- ହଜୁର ! ସତ୍ୟ। ମୁଁ ତାକୁ ଭାରିଯା ରୂପେ ଗ୍ରହଣ କରିବାକୁ ଚାହୁଁଛି। ତା'ର ମଧ୍ୟ ସେୟା ଇଚ୍ଛା। ସେ ମୋ ପାଖରେ ରହିବ କହୁଛି।

ବଳଶ୍ରୀ କହିଲେ- ଭଲ କଥା। ତୁମେ ଦୁହେଁ ଦୁହିଁଙ୍କୁ ବୁଝିଛ। ତମର ବୁଝାମଣା ହେଉଛି। ତାହା ଅଙ୍ଗୀକାରପତ୍ରରେ ଲିପିବଦ୍ଧ ହେବ। ସମନାଥ ରାଜି ହେଲା। ଅଙ୍ଗୀକାର ପତ୍ରରେ ସ୍ୱୀକୃତି ଦେଲା- ସୁନିର ଦାୟିତ୍ୱ ସେ ଜୀବନ ସାରା ନେବ।

ଅଙ୍ଗୀକାର ପତ୍ର ଲେଖିଦେବା ପରେ ସେ ଘଟଣା ସେଇଠି ସମାପ୍ତ ହେଲା। ଦୁହେଁ ମନ୍ଦିର ନିର୍ମାଣ କାର୍ଯ୍ୟରେ ପୂର୍ବ ପରି ଯୋଗଦେଲେ। ସେମାନଙ୍କୁ କାମ କରିବା ପାଇଁ ଯୋଗ୍ୟ ବୋଲି ଘୋଷଣା କଲେ ବଳଶ୍ରୀ।

ସମସ୍ତ ଭଣ୍ଡାରର ହିସାବପତ୍ର ବଳଶ୍ରୀ ବୁଝୁଥିଲେ। ହିସାବ ଦାୟିତ୍ୱ ଥିଲା ବୀରବର ପଟ୍ଟନାୟକଙ୍କ ଉପରେ। ସେ ଟିକିନିଖି ହିସାବ ଦେଉଥିଲେ। ଭଣ୍ଡାରରେ ଧାନ, ବିରି ଓ ମୁଗ କେତେ ଅଛି। ବିଭିନ୍ନ କାଠବାକ୍ସରେ କ'ଣ କ'ଣ ରହିଛି। ଲୁହା ସାମଗ୍ରୀ ଭଣ୍ଡାର, କାଠ ଭଣ୍ଡାର, ପଥର କେତେ ବଳକା ଅଛି, କାମ ପାଇଁ କେତେ ପଥର ଦିଆଯାଇଛି। ସୂତ୍ରଧରଙ୍କ ଶିବିର, ଦେଉଳି ଶିବିର, ବସାଉଠାଘର, ରୋଷେଇଘର, ମହାଶ୍ରମଙ୍କ ଶିବିର, ରୂପାଶଗଡ଼ ଶିବିର, ରୂପା ଶଗଡ଼ ଭଣ୍ଡାର, ମହନ୍ତ ବେଣୁଧର ଦାସଙ୍କ ମଠର ସମସ୍ତ ହିସାବ ଦେବାପରେ କେଉଁଠୁ କ'ଣ କ'ଣ ଏ ପର୍ଯ୍ୟନ୍ତ ମନ୍ଦିର ନିର୍ମାଣ ପାଇଁ ଆସିଛି ତା'ର ମଧ୍ୟ ହିସାବ ବଳଶ୍ରୀଙ୍କ ପାଖରେ ଦାଖଲ କରିଥିଲେ। ଏହି ପ୍ରସଙ୍ଗରେ ବଳଶ୍ରୀଙ୍କ ପରିଚୟ ମିଳେ। ତାଙ୍କ ନାମ ଲେଖାଯାଇଛି- ସାମନ୍ତ ପରମର୍ଦ୍ଦି ସୁଆସମଲ୍ଲ ବଳଶ୍ରୀ ଭୋଗିକ ସନ୍ଧି। ଏଥିରୁ ଜଣାଯାଉଛି ସୁଆସମଲ୍ଲ ଏକ ରାଜ ଉପାଧି ଥିଲା। ଯେଉଁମାନେ ସୈନ୍ୟବାହିନୀରେ ସେନାପତି ଭାବରେ କାମ କରୁଥିଲେ। ବଳଶ୍ରୀ ଯେତେବେଳେ ମନ୍ଦିର କାର୍ଯ୍ୟ ତଦାରଖ କରିବାକୁ ଆସିପାରି ନାହାନ୍ତି ସେତେବେଳେ ଆଉ ଜଣେ ସୁଆସମଲ୍ଲ ଆସିଛନ୍ତି ଗଜପତିଙ୍କ ଆଦେଶରେ। ସେ ହେଲେ ସୁଆସମଲ୍ଲ ବୀରବର ବାସୁବଳେନ୍ଦ୍ର ନରେନ୍ଦ୍ର। ସେ ଆସି କୋଣାର୍କରେ ରହିଥିଲେ। ତାଙ୍କରି ଉପସ୍ଥିତିରେ ୨ଟି ପ୍ରସ୍ତରଘୋଡ଼ା ଦକ୍ଷିଣପଟ ପୀଠ ଉପରେ ଖଞ୍ଜାଯାଇଥିଲା।

ନିର୍ମାଣ କାଳରେ ଦୁଇଟି ଅଘଟଣ ଉଲ୍ଲେଖଯୋଗ୍ୟ। ଶିଳ୍ପୀ ମୁକୁନ୍ଦ ମହାପାତ୍ରଙ୍କର ନିମୋନିଆରେ ଦେହାନ୍ତ ଓ ତାଙ୍କ ପରିବାରକୁ କିପରି ସାହାଯ୍ୟ କରାଯାଇଥିଲା ପୂର୍ବରୁ ଆମେ ଲେଖିଥିଲୁ। ସୁଆସମଲ୍ଲ ବଳଶ୍ରୀ କୋଣାର୍କରେ ଥିବାବେଳେ ଆଉ ଏକ ଅଘଟଣ ଘଟିଥିଲା। ଅକ୍ଷୟ ତୃତୀୟାରେ ମନ୍ଦିରର ଉତ୍ତରପଟେ ଯଜ୍ଞ ହୋଇଥିଲା। ଯଜ୍ଞ ଆରମ୍ଭ ଦିନ ଯୋଗୀ ମହାପାତ୍ର ଫାଶୀକାଠ ଭାରା ଉପରୁ ଗୋଡ଼ ଖସିଯିବାରୁ ପଡ଼ିଯାଇଥିଲେ। ପୋଥିରେ ଲେଖା ହୋଇଛି- ''ହରି ଛାଡ଼ିଗଲେ'' ବଳଶ୍ରୀ ନିଜେ ହାତରୁ ଏକମାତ୍ର ସୁନାଦେଇ ଦାହ ସଂସ୍କାର କରାଇଥିଲେ। ସେହିଦିନ ଶିଳ୍ପୀମାନଙ୍କୁ ସେମାନଙ୍କର ପାରିଶ୍ରମିକ ଦିଆଯାଇଥିଲା। ଶିଳ୍ପୀମାନେ ୧୨୨ ମାଢ଼ ସୁନା ଗ୍ରହଣ କରିଥିଲେ। ଆଶ୍ଚର୍ଯ୍ୟ କଥା ସେଥିରୁ ୧୦୦ ମାଢ଼ ସୁନା ସେମାନେ ଯୋଗୀ ମହାରଣା ପରିବାରକୁଦାନ କରିଦେଇଥିଲେ। ତା' ସହିତ ବଳଶ୍ରୀ ସାତମାଢ଼ ସୁନା ପୁଣି ଦେଇଥିଲେ। ଏହା କୋଷାଗାରରୁ ଦିଆଯାଇ ନ ଥିଲା। ବଳଶ୍ରୀ ବ୍ୟକ୍ତିଗତ ଭାବରେ ଦେଇଥିଲେ।

ଏସବୁ ଉଲ୍ଲେଖ କରିବାର ଚିତ୍ର ସ୍ପଷ୍ଟ। ଶିଳ୍ପୀମାନଙ୍କ ମଧ୍ୟରେ ଅନ୍ୟ ଜଣେ ଶିଳ୍ପୀଙ୍କ ପ୍ରତି ଯେଉଁ ଦରଦ ଓ ସହଯୋଗ ଥିଲା, ତାହା ଲକ୍ଷ୍ୟ କରିବା କଥା। ଯୋଗୀ ମହାପାତ୍ରଙ୍କ ପୁଅ 'ସୋମ' ଗାଁରୁ ଆସିଥିଲେ। ତାଙ୍କୁ ୨ ମାଢ଼ ସୁନା, ୧୭ ଗୌଣି ଚାଉଳ ଓ ୧୨ ଗୌଣି ମୁଗ ଦିଆଯାଇଥିଲା।

**ବିରୋଧୀଙ୍କ ପାଟନା ବୈଠକ ସ୍ଥଗିତ**

**ନୂଆଦିଲ୍ଲୀ:** ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସବୁ ବିରୋଧୀ ଦଳଗୁଡ଼ିକୁ ଏକଜୁଟ କରିବା ପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜୁନ୍ ୧୨ରେ ବୈଠକ ଡାକିଥିଲେ। ତେବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସମେତ ଅନ୍ୟ କେତେଜଣ ବରିଷ୍ଠ ନେତା ବିଦେଶରେ ଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକକୁ ସ୍ଥଗିତ ରଖାଯାଇଥିବା ନେଇ ସୂଚନା ଦିଆଯାଇଛି।



# ଭାଜପା-ଟିଡିପି ମେଣ୍ଟକୁ ନେଇ ଚର୍ଚ୍ଚା



**ଶାହାଙ୍କୁ ଭେଟିଲେ ଚନ୍ଦ୍ରାବାବୁ**

ଅମରାବତୀ, ୪।୬ (ଆଇଏଏନ୍ଏସ୍)

ତେଲୁଗୁଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁ ଶନିବାର ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟି ଆଲୋଚନା କରିବା ପରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟରେ ଟିଡିପି ପୁନର୍ବାର ସାମିଲ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ୨୦୧୮ରେ ଚନ୍ଦ୍ରାବାବୁଙ୍କ ଦଳ ଏନ୍‌ଡିଏ ମେଣ୍ଟରୁ ଓହରିଯାଇଥିଲା। ଏହା ପରେ ଚନ୍ଦ୍ରାବାବୁ ପ୍ରଥମ ଥର ପାଇଁ ଶାହାଙ୍କୁ ଭେଟିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ତେଲଙ୍ଗାନା ବିଧାନସଭା ନିର୍ବାଚନ ଏବଂ ଆସନ୍ତା ବର୍ଷ ଆନ୍ଧ୍ରପ୍ରଦେଶ ବିଧାନସଭା ଓ ଲୋକ ସଭା ନିର୍ବାଚନ ଥିବାରୁ ଏହା ପୂର୍ବରୁ ଭାଜପା ସହ ମେଣ୍ଟ କରିବା ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ଆଗ୍ରହୀ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଶାହା ଏବଂ ନଡ୍ଡାଙ୍କ ସହ ଚନ୍ଦ୍ରାବାବୁ ଘଣ୍ଟାଏ ଧରି ଆଲୋଚନା କରିଥିଲେ। ଦୁଇ ତେଲୁଗୁ ଭାଷାଭାଷୀ ରାଜ୍ୟରେ ଟିଡିପି-ଭାଜପା ମେଣ୍ଟ ପାଇଁ ସେ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ଜି୨୦ ଉପରେ ନେତାମାନଙ୍କ ସହ ପରାମର୍ଶ ବୈଠକରେ ଯୋଗଦେବା ଲାଗି ନୂଆଦିଲ୍ଲୀ ଯାଇଥିବା ଚନ୍ଦ୍ରାବାବୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିପାରନ୍ତି ବୋଲି କୁହାଯାଉଛି। ତାଙ୍କ ସହ ଟିଡିପି ଏମ୍‌ପି କେ. ରବୀନ୍ଦ୍ର କୁମାର, କେସିନେନିନାନି, ରାମମୋହନ ନାଇଡୁ, ପୂର୍ବତନ ଏମ୍‌ପି କେ. ରାମମୋହନ ରାଓ ଶନିବାର ସନ୍ଧ୍ୟାରେ ଦିଲ୍ଲୀରେ ପହଞ୍ଚିଥିଲେ। ରାତି ୮ଟା ୫୫ରେ ଚନ୍ଦ୍ରାବାବୁ ଶାହାଙ୍କ ବାସଭବନରେ ପହଞ୍ଚିଥିବାବେଳେ କିଛି ସମୟ ପରେ ନଡ୍ଡା ସେଠାରେ ଉପସ୍ଥିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ରାତି ୧୦ଟା ପର୍ଯ୍ୟନ୍ତ ବୈଠକ ଚାଲିଥିଲା। ତେବେ ବୈଠକରେ କ'ଣ ନିଷ୍ପତ୍ତି ହେଲା ତାହା ସେମାନେ ଗଣମାଧ୍ୟମକୁ କହି ନ ଥିଲେ।

ଆନ୍ଧ୍ରରେ ୱାଇଏସଆର୍ କଂଗ୍ରେସ ପାର୍ଟି (ୱାଇଏସଆର୍‌ସିପି) ବିରୋଧରେ ମେଣ୍ଟ ଚୂଡ଼ାନ୍ତ କରିବା ପାଇଁ ଭାଜପା ସହଯୋଗୀ ତଥା ଅଭିନେତାରୁ ନେତା ହୋଇଥିବା ପଓ୍ୱନ କଲ୍ୟାଣ ଦାବି କରିଆସୁଛନ୍ତି। ୱାଇଏସଆର୍‌ସିପିକୁ କ୍ଷମତାରୁ ହଟାଇବା ଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ଜନସେନା ପାର୍ଟି (ଜେଏସ୍‌ପି) ନେତା ଭାଜପା ନେତୃତ୍ୱକୁ ଅନୁରୋଧ କରିଥିଲେ। ୨୦୧୪ରେ ଟିଡିପି-ଭାଜପା ମେଣ୍ଟ ପାଇଁ ପ୍ରଚାର କରିଥିବା ପଓ୍ୱନ ନିକଟରେ ଚନ୍ଦ୍ରାବାବୁଙ୍କ ସହ ଦୁଇଥର ବୈଠକ କରିସାରିଲେଣି। ପଓ୍ୱନଙ୍କ ପ୍ରସ୍ତାବକୁ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କୁ ଜଣାଇ ଦିଆଯାଇଛି ଏବଂ ସେମାନେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଦଳର ରାଜ୍ୟ ସଭାପତି ସୋମୁ ବୀରରାଜୁ ଗତ ସପ୍ତାହରେ କହିଥିଲେ।

୨୦୧୪ରେ ଭାଜପା ସହ ମେଣ୍ଟ କରି ଟିଡିପି ଆନ୍ଧ୍ରପ୍ରଦେଶରେ ସରକାର ଗଢ଼ିଥିଲା। ଆନ୍ଧ୍ରକୁ ସ୍ୱତନ୍ତ୍ର ପାହ୍ୟା ମିଳିବାରେ ବିଳମ୍ବ ପ୍ରତିବାଦରେ ଚନ୍ଦ୍ରାବାବୁ ୨୦୧୮ରେ ଏନ୍‌ଡିଏ ମେଣ୍ଟରୁ ଓହରିଯାଇଥିଲେ। ପରେ କଂଗ୍ରେସ ସହ ମିଶି ସେ ତେଲଙ୍ଗାନା ବିଧାନସଭା ନିର୍ବାଚନ ଲଢ଼ିଥିଲେ ମଧ୍ୟ ଟିଡିପି ମାଟି କାମୁଡ଼ିଥିଲା। ୨୦୧୯ ଆନ୍ଧ୍ର ବିଧାନସଭା ଓ ଲୋକ ସଭା ନିର୍ବାଚନରେ ମଧ୍ୟ ଏହି ଦଳ ଶୋଚନୀୟ ପରାସ୍ତ ହୋଇଥିଲା। ୧୭୫ ଆସନ ବିଶିଷ୍ଟ ଆନ୍ଧ୍ର ବିଧାନସଭାରେ ୱାଇଏସଆର୍‌ସିପି ୧୫୧ଟିରେ ଜିତି ସରକାର ଗଢ଼ିଥିଲା। ଏହି ନିର୍ବାଚନରେ ଟିଡିପିକୁ ୨୩ ଆସନ ମିଳିଥିବାବେଳେ ଲୋକ ସଭା ନିର୍ବାଚନରେ ଏହି ଦଳ ୨୫ରୁ ମାତ୍ର ୩ ଆସନ ପାଇଥିଲା।

# ଘରୋଇକରଣ ଯୋଗୁ ଦୁର୍ଘଟଣା ଘଟୁଛି: ଅଧୀର

ବାଲେଶ୍ୱର ଅଫିସ, ୪।୬



ବାଲେଶ୍ୱରଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ ଓ ଦଳୀୟ ନେତୃବର୍ଗ।

ରେଳବାଇର ଆଧୁନିକୀକରଣ ଆଳରେ ଘରୋଇକରଣ ଯୋଗୁ ଏଭଳି ଭୟଙ୍କର ଦୁର୍ଘଟଣା ଘଟୁଛି ବୋଲି ରବିବାର ବାଲେଶ୍ୱର ସହରର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲୋକ ସଭାରେ କଂଗ୍ରେସ ଦଳ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି।

ଅଧୀର କହିଛନ୍ତି, ମୋଦି ସରକାର ରେଳବାଇର ଆଧୁନିକୀକରଣ ଆଳରେ ଏହାକୁ ଘରୋଇକରଣ କରିଚାଲିଛନ୍ତି। ଫଳରେ ଅଭିଜ୍ଞ କର୍ମଚାରୀଙ୍କ ପରିବର୍ତ୍ତେ ଅନଭିଜ୍ଞ କର୍ମଚାରୀମାନେ ସିଗ୍‌ନାଲିଂ, ରେଳଧାରଣା ମରାମତି, ଇଲେକ୍ଟ୍ରୋନିକ୍ସ ଇଣ୍ଟରଲକିଂ ବ୍ୟବସ୍ଥା ଆଦିରେ କାର୍ଯ୍ୟ କରୁଛନ୍ତି। ଅନଭିଜ୍ଞ ଟେକ୍ନିକାଲ କର୍ମଚାରୀଙ୍କ ଯୋଗୁ ଏଭଳି ଦୁର୍ଘଟଣା ଘଟିଛି। ବାହାନଗା ରେଳ ଦୁର୍ଘଟଣା ଘଟିବାର ପ୍ରଥମ ୩ ଘଣ୍ଟା ମଧ୍ୟରେ ଯଦି ସ୍ଥାନୀୟ ପ୍ରଶାସନ ଆହତ ରେଳଯାତ୍ରୀଙ୍କୁ ଉଦ୍ଧାର ଓ ଚିକିତ୍ସା ବ୍ୟବସ୍ଥା କରାଇ ପାରିଥାନ୍ତେ, ତେବେ ମୃତ୍ୟୁସଂଖ୍ୟା ଏତେ ହୋଇ ନ ଥା'ନ୍ତା। ତେବେ ସ୍ଥାନୀୟ ଲୋକେ ସରକାରୀ ଏଜେନ୍ସି ଆସିବା ପର୍ଯ୍ୟନ୍ତ ଅପେକ୍ଷା ନ କରି ଯାତ୍ରୀଙ୍କୁ ଘୋର ଅନ୍ଧକାର ମଧ୍ୟରେ ଉଦ୍ଧାର କରିବା ଘଟଣା ନିଶ୍ଚିତ ଭାବେ ପ୍ରଶଂସନୀୟ। ପ୍ରଧାନମନ୍ତ୍ରୀ ବନ୍ଦେ ଭାରତ, ମେଟ୍ରୋ ଟ୍ରେନ୍, ବୁଲେଟ ଟ୍ରେନ୍ ଭଳି ବଡ଼ ବଡ଼ ଯୋଜନାର ଶୁଭାରମ୍ଭ କରିବା ପାଇଁ ସବୁଜ ପତାକା ଧରି ଛିଡ଼ା ହୋଇପଡୁଥିବା ବେଳେ ରେଳଧାରଣାଗୁଡ଼ିକର ମରାମତି, ରକ୍ଷଣାବେକ୍ଷଣ ପ୍ରତି ହତାଦର କରିଚାଲିଛନ୍ତି। ପୂର୍ବରୁ ରେଳ ମନ୍ତ୍ରଣାଳୟର ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା ଥିଲା। ମାତ୍ର ମୋଦି ସରକାର ସାଧାରଣ ବଜେଟ ସହ ରେଳ ବଜେଟକୁ ମିଶାଇଦେଲେ। ରେଳ ବଜେଟରେ ଡିଆରଏଫ୍ ନାମକ ଏକ ପାଣ୍ଠି ରହିଛି। ମାତ୍ର ବିଗତ ୮ ବର୍ଷ ହେଲା ଏନ୍‌ଡିଏ ସରକାର ଏହି ପାଣ୍ଠିରେ ଅର୍ଥ ରାଶି କ୍ରମାଗତ ଭାବେ ହ୍ରାସ କରିଚାଲିଛନ୍ତି। ଟ୍ରେନ ସଂଖ୍ୟା ବୃଦ୍ଧି ସାଙ୍ଗକୁ ରେଳ ଲାଇନର ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଡିଆରଏଫ୍ ପାଣ୍ଠିରେ ବଜେଟ ବୃଦ୍ଧି ହେବା ଜରୁରୀ। କାରଣ ଏହି ଅର୍ଥରେ ରେଳଧାରଣା ମରାମତି, ଟ୍ରାକ୍ ମରାମତି, ବିଦ୍ୟୁତ ଉପକରଣ ମରାମତି ହୋଇଥାଏ। ସେହିପରି ୟୁପିଏ ସରକାରଙ୍କ ସମୟରେ ଆଣ୍ଟି କୋଲିଜନ ଡିଭାଇସ ପ୍ରତି ଟ୍ରେନ୍‌ରେ ଖଞ୍ଜିବା ଲାଗି ବ୍ୟବସ୍ଥା କରାଯାଇଥିବା ବେଳେ ଏ ଯାଏ ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କଲେ ନାହିଁ। ଏବେ ସରକାର ଏହାକୁ କବଚ ଯୋଜନା ବୋଲି କହୁଛନ୍ତି। ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ମରଶରୀର ଏବେ ବି ଅନେକ ସ୍ଥାନରେ ରଖାଯାଇଥିବାରୁ ସେଗୁଡ଼ିକ ପଚି ଯାଇ ଦୁର୍ଗନ୍ଧ କଲାଣି।

ଅପରପକ୍ଷରେ ରେଳବାଇକୁ ମୋଦି ସରକାର ଲାଭଜନକ ସଂସ୍ଥାରେ ପରିଣତ କରିବାକୁ ଏହାର ଘରୋଇକରଣ କରୁଛନ୍ତି। ମାତ୍ର ରେଳବାଇ ଏକ ସେବା ପ୍ରଦାନକାରୀ ସଂସ୍ଥା। ଯାତ୍ରୀଙ୍କ ସୁରକ୍ଷା, ରେଳବାଇ ସମ୍ପତ୍ତିର ସୁରକ୍ଷା ଦାୟିତ୍ୱ ସରକାରଙ୍କ ହାତରେ ରହିଛି। ରେଳବାଇ ପ୍ରତିଦିନ ୨୫ ଲକ୍ଷ ଯାତ୍ରୀଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବହନ କରିଥାଏ। ତେଣୁ ଯାତ୍ରୀ ଓ ରେଳବାଇର ସମ୍ପତ୍ତିର ସୁରକ୍ଷା ନିହାତି ଆବଶ୍ୟକ। ବାରମ୍ବାର ଏଭଳି ଦୁର୍ଘଟଣା ଘଟିଲେ ରେଳବାଇର ଯାତ୍ରୀ ପରିବହନ ଉପରୁ ଲୋକଙ୍କ ଆସ୍ଥା ତୁଟିଯିବ। ପ୍ରତିବର୍ଷ ୫ଶହ କୋଟି ଲୋକ କେବଳ ଭାରତରେ ଟ୍ରେନ୍‌ରେ ଯାତାୟାତ କରନ୍ତି। ତେଣୁ ପ୍ରଧାନମନ୍ତ୍ରୀ ବଡ଼ ବଡ଼ କଥା ନ କହି ରେଳବାଇର ଭିତ୍ତିଭୂମିକୁ ସୁଦୃଢ଼ କରି ଯାତ୍ରୀଙ୍କ ଧନ ସମ୍ପତ୍ତି ଓ ଜୀବନର ସୁରକ୍ଷା ଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ଅଧୀର। ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଚୌଧୁରୀ କହିଥିଲେ, ସେ ଜଣେ ଏମ୍‌ପି, ସେ ଟେକ୍ନିକାଲ ବ୍ୟକ୍ତି ନୁହନ୍ତି। ତେଣୁ କେଉଁ କାରଣରୁ ଦୁର୍ଘଟଣା ଘଟିଲା ତାହା ନ ଜାଣି କହିବା ଠିକ୍ ହେବ ନାହିଁ। ଅନ୍ୟ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ଏହି ଭୟଙ୍କର ଦୁର୍ଘଟଣା ପାଇଁ ସେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଇସ୍ତଫା ଦାବି କରିବେ ନାହିଁ। ତାଙ୍କର ଯଦି ବିବେକ ଓ ମାନବିକତା ଥା'ନ୍ତା ତେବେ ସେ ଇସ୍ତଫା ଦେଇ ସାରନ୍ତେଣି। ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ଆବାହକତ୍ୱରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଏମ୍‌ପି ତଥା ଓଡ଼ିଶା ପ୍ରଭାରୀ ଡ. ଏ. ଚେଲ୍ଲା କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ବିଧାୟକ ତାରା ପ୍ରସାଦ ବାହିନୀପତି, ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସଭାପତି ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ, ବାଲେଶ୍ୱର ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ଅଖିଳ ଭାରତୀୟ ଛାତ୍ର କଂଗ୍ରେସର ନେତ୍ରୀ ତଥା ଓଡ଼ିଶା ଇନ ଚାର୍ଜ ଅନୁଲେଖା ବସା ଓ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ପ୍ରମୁଖ ଉପସ୍ଥିତ ଥିଲେ।

**ଜ୍ଞାନେଶ୍ୱରୀ ଟ୍ରେନ୍ ଦୁର୍ଘଟଣା**

# ମମତା କ'ଣ ଇସ୍ତଫା ଦେଇଥିଲେ: ଶୁଭେନ୍ଦୁ



ଶୁଭେନ୍ଦୁ ଅଧିକାରୀ

**କୋଲକାତା,୪।୬:** ଓଡ଼ିଶାର ବାହାନଗା ଟ୍ରେନ ଦୁର୍ଘଟଣାକୁ ନେଇ ବିରୋଧୀଦଳର ଆରୋପକୁ ଭାଜପା ସମାଲୋଚନା କରିଛି। ପଶ୍ଚିମବଙ୍ଗ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ଟିଏମ୍‌ସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ କଡ଼ା ଜବାବ ଦେଇଛନ୍ତି। ୨୦୧୦ରେ ଜ୍ଞାନେଶ୍ୱରୀ ଟ୍ରେନ ଦୁର୍ଘଟଣାରେ ୧୫୦ ଲୋକଙ୍କ ଜୀବନ ଯାଇଥିଲା। ସେତେବେଳେ ରେଳମନ୍ତ୍ରୀ ଥିବା ମମତା ବାନାର୍ଜୀ ନିଜ ପଦରୁ ଇସ୍ତଫା ଦେଇଥିଲେ କି ବୋଲି ଶୁଭେନ୍ଦୁ ପ୍ରଶ୍ନ କରିଛନ୍ତି।

ଶୁଭେନ୍ଦୁ ଟୁଇଟ୍ କରି କହିଛନ୍ତି, କମ୍ ଶିକ୍ଷିତ ବ୍ୟକ୍ତିଙ୍କଠାରୁ ଆଉ କ'ଣ ଆଶା କରାଯାଇପାରେ। ତେଣୁ ସେ ରେଳମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛନ୍ତି। ଅଭିଷେକ କେବଳ ରାଜନୀତିରେ ପ୍ରବେଶ କରିଥିଲେ, କାରଣ ମମତା ଏହି ପାରିବାରିକ ବ୍ୟବସାୟର ମାଲିକ ଅଟନ୍ତି। ଅଭିଷେକ ଛୋଟ ରାଜନୀତି କରିବା ପୂର୍ବରୁ ୪୮ ଘଣ୍ଟା ଅପେକ୍ଷା କରିଥିଲେ ଭଲ ହୋଇଥାନ୍ତା। ଏଥିସହିତ ଶୁଭେନ୍ଦୁ ରେଳ ମନ୍ତ୍ରୀଙ୍କୁ ପ୍ରଶଂସା କରି କହିଛନ୍ତି, ଅଶ୍ୱିନୀ ବୈଷ୍ଣବ ଜଣେ ଉଚ୍ଚ ଶିକ୍ଷିତ ଇଞ୍ଜିନିୟର ଏବଂ ପୂର୍ବତନ ଆଇଏଏସ୍ ଅଧିକାରୀ। ଏହି ସଙ୍କଟ ସମୟରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେ ସବୁଠାରୁ ଉପଯୁକ୍ତ ବ୍ୟକ୍ତି। ଏହି ଦୁର୍ଘଟଣା ଦୁର୍ଭାଗ୍ୟଜନକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଦେଶକୁ ଆଶ୍ୱାସନା ଦେଇଛନ୍ତି, ଦୋଷୀମାନଙ୍କୁ ସୁରକ୍ଷା ଦିଆଯିବ ନାହିଁ।

ଅଭିଷେକଙ୍କ ନାମ ନ ନେଇ ଶୁଭେନ୍ଦୁ କହିଛନ୍ତି, ମୁଁ ଆପଣଙ୍କୁ ମନେପକାଇବାକୁ ଚାହୁଁଛି ଜ୍ଞାନେଶ୍ୱରୀ ଟ୍ରେନ୍ ଦୁର୍ଘଟଣା ପଛରେ ଅଭିଯୁକ୍ତଙ୍କ ବିରୋଧରେ ସିବିଆଇ ଏକ ଚାର୍ଜଶିଟ ଦାଖଲ କରିଛି। ଛତ୍ରଧର ମାହାତୋ ୨୦୨୦ରେ ଜେଲରୁ ବାହାରିବା ପରେ ଆପଣଙ୍କ ସମ୍ପର୍କୀୟ ମମତା ତାଙ୍କୁ ଟିଏମ୍‌ସି ରାଜ୍ୟ କମିଟିରେ ସ୍ଥାନ ଦେଇଥିଲେ।

**ଫୁର୍‌ସତ**



ଉର୍ବଶୀ ରୌତେଲା

# ପରବିନ୍ ବାବିଙ୍କ ବାୟୋପିକ୍‌ରେ ଉର୍ବଶୀ

**ମୁମ୍ବାଇ:** ବି- ଟାଉନରେ କିଛି ଦିନରେ ବାୟୋପିକ୍‌ର ଟ୍ରେଣ୍ଡ ଚାଲିଛି। ପ୍ରାୟ ବହୁତ ଅଭିନେତ୍ରୀ ଅଭିନେତା କାହାର ନା କାହାର ବାୟୋପିକ୍‌ରେ ନଜରକୁ ଆସୁଛନ୍ତି। ବର୍ତ୍ତମାନ ଏହି ତାଲିକାରେ ସାମିଲ ହୋଇଛି ଉର୍ବଶୀ ରୌତେଲାଙ୍କ ନାମ। ସେ ଅଭିନେତ୍ରୀ ବଡ଼ ପରଦାର ନାମୀ ନାୟିକା ପରବିନ୍ ବାବିଙ୍କ ବାୟୋପିକ୍‌ରେ ନଜରକୁ ଆସିବେ ବୋଲି ଜଣାପଡିଛି। ଏହା ମଧ୍ୟରେ ଉର୍ବଶୀ ଏନେଇ ଏକ ପୋଷ୍ଟ ଶେୟାର କରି ଗର୍ବ ଅନୁଭବ କରୁଥିବା କହିଛନ୍ତି। ପରବିନ ୧୯୭୨ରେ ମଡେଲିଂରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ୧୯୭୩ରେ ଚଳଚ୍ଚିତ୍ର 'ଚରିତ୍ର' ଜରିଆରେ ବଲିଉଡ୍‌ରେ ପ୍ରବେଶ କରିଥିଲେ। ଏହାପରେ ତାଙ୍କୁ ଅନେକ ବଡ଼ ବଡ଼ ଫିଲ୍ମରେ କାମ କରିବାକୁ ସୁଯୋଗ ମିଳିଥିଲା। ସେଥିରେ ତାଙ୍କର ଅଭିନୟର ଜଲୱା ଦେଖିବାକୁ ମିଳିଥିଲା। ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନ ପାଇଁ ମଧ୍ୟ ସେ ଚର୍ଚ୍ଚାରେ ଥିଲେ। ଅଭିନେତ୍ରୀଙ୍କ ନାମ ଅନେକ ଷ୍ଟାରଙ୍କ ସହ ଜଡିତ ଥିଲା। ୨୦୦୫ ଜାନୁୟାରୀ ୨୨ରେ ପରବିନ ବାବିଙ୍କ ପରଲୋକ ହୋଇଥିଲା। ତେବେ ଉର୍ବଶୀ ୨୦୧୩ରେ ତାଙ୍କ ପ୍ରଥମ ବଲିଉଡ୍ ଫିଲ୍ମ କରିଥିଲେ। ଏଥିସହ ସେ ଅନେକ ମ୍ୟୁଜିକ୍ ଭିଡିଓ ଏବଂ ଟେଲିଭିଜନରେ ମଧ୍ୟ ନଜରକୁ ଆସିସାରିଛନ୍ତି।

# ୪୨ ବର୍ଷ ହେଲା ଷ୍ଟେଶନରେ ରହିନି ରେଳ



କଲିକତା: କୁହାଯାଏ ଭୂତ କି ପ୍ରେତ ବୋଲି କିଛି ନ ଥା'ନ୍ତି। ହେଲେ ବହୁତ ଲୋକ ଭୂତ-ପ୍ରେତ ଅସ୍ତିତ୍ୱକୁ ବିଶ୍ୱାସ କରନ୍ତି। ବିଶ୍ୱରେ ଏପରି କିଛି ଜାଗା ଅଛି, ଯାହାକୁ ଭୂତିୟା ଜାଗା ବୋଲି ମଧ୍ୟ କୁହାଯାଏ। ତେବେ ଆମ ଦେଶରେ ଏପରି ଏକ ରେଳଷ୍ଟେଶନ ଅଛି, ଯେଉଁଠାରେ ଭୂତ-ପ୍ରେତଙ୍କ ବିଷୟରେ ଏପରି ଚର୍ଚ୍ଚା ହୋଇଛି। ଫଳରେ ସେହି ରେଳଷ୍ଟେଶନ ଏବେ ଅରମା ପାଲଟିଛି। ସେଥିପାଇଁ ପାଖାପାଖି ୪୨ ବର୍ଷ ହେବ ଏଠାରେ ଗୋଟେ ବି ରେଳ ରହୁନାହିଁ। ଏପରି ଘଟଣା ପଶ୍ଚିମବଙ୍ଗର ପୁରୁଲିଆ ଜିଲାରେ ଥିବା ବେଗୁନକୋଦାର ରେଳଷ୍ଟେଶନର ବୋଲି ଜଣାପଡ଼ିଛି। ରିପୋର୍ଟ ମୁତାବକ, ୧୯୬୦ ବେଳକୁ ଏହି ଷ୍ଟେଶନରେ ବହୁତ ଗହଳି ଥିଲା। ଲୋକେ ଆସନ୍ତି ଏବଂ ଏଠାରେ ବୁଲିକି ଯାଆନ୍ତି। ହେଲେ ଏହା ବେଶି ଦିନ ପର୍ଯ୍ୟନ୍ତ ଚାଲିଲାନି। ୧୯୬୭ ମସିହାରେ ହଠାତ୍ ରେଳଟ୍ରାକ୍‌ରେ ଏକ ଅଶରୀରୀ ଆତ୍ମା ଦେଖିବାକୁ ମିଳିଥିବା ଷ୍ଟେଶନ ମାଷ୍ଟର କହିଥିଲେ। ହେଲେ ଲୋକେ ସେତେବେଳେ ତାଙ୍କ କଥାକୁ ମଜାରେ ନେଇଥିଲେ। ପରେ ଅନ୍ୟ ସ୍ଥାନୀୟ ଲୋକେ ମଧ୍ୟ ସେମିତି କଥା କହିଥିଲେ। ଗୋଟେ ଦିନ ୨୦ ବର୍ଷ ଧରି ଏହି ରେଳଷ୍ଟେଶନରେ କାମ କରୁଥିବା ଷ୍ଟେଶନ ମାଷ୍ଟର ଏବଂ ତାଙ୍କ ପରିବାର ସମସ୍ତେ ମରିଯାଇଥିବା ଜଣାପଡ଼ିଲା। ଏହି ଘଟଣା ସେହି ପ୍ରେତାତ୍ମା ପାଇଁ ହୋଇଥିବା ସ୍ଥାନୀୟ ଲୋକେ କହିବାକୁ ଲାଗିଲେ। ଏହାପରେ କେହି ଷ୍ଟେଶନ ମାଷ୍ଟର ଏଠାରେ କାମ କରିବାକୁ ରାଜି ହେଲେନି। ପରେ ପରେ ଏହି ଷ୍ଟେଶନରେ ରେଳ ରହିବା ବନ୍ଦ ହୋଇଗଲା। ଯେତେବେଳେ ବି ଏହି ଷ୍ଟେଶନ ଦେଇ ରେଳ ଯାଏ, ସେତେବେଳେ ଲୋକେ ବେଶି ଡରିଯାଆନ୍ତି। ରେଳ ଚାଳକ ମଧ୍ୟ ରେଳର ଗତି ଦ୍ରୁତ କରିଦିଅନ୍ତି। ହେଲେ ୧୯୯୦ରେ ଏହି ରେଳ ଷ୍ଟେଶନକୁ ପୁନଃ ଖୋଲିବାକୁ ଦାବି ହୋଇଥିଲା। ୨୦୦୯ରେ ମମତା ବାନାର୍ଜୀ ପୁଣି ଥରେ ଏହି ଷ୍ଟେଶନକୁ ଚାଲୁ କରିବାକୁ ନିଷ୍ପତ୍ତି ନେଲେ। ଏବେ କେବଳ ଏହି ଷ୍ଟେଶନରେ ୧୦ଟି ରେଳ ରହୁଛି। ବର୍ତ୍ତମାନ ସମୟରେ ଏହି ଷ୍ଟେଶନକୁ ଏକ ଘରୋଇ କମ୍ପାନୀ ନେଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ ଆଉ କୌଣସି ରେଳ କର୍ମଚାରୀଙ୍କ ପୋଷ୍ଟିଂ ହୋଇନି। ଅନେକ ସମୟରେ ପର୍ଯ୍ୟଟକମାନେ ଏଠାକୁ ବୁଲିବାକୁ ଆସୁଛନ୍ତି। ତେବେ ଏହି ଷ୍ଟେଶନରେ ଭୂତ କଥା କେତେଦୂର ସତ, ତାହା ପ୍ରମାଣ ହୋଇନି।

# ସେକ୍ସକୁ କ୍ରୀଡ଼ାର ମାନ୍ୟତା ଦେଲା ସ୍ୱିଡେନ୍

**ଷ୍ଟକ୍‌ହୋମ୍:** ପୁରୁଷ ଓ ମହିଳାଙ୍କ ମଧ୍ୟରେ ଘଟୁଥିବା ଆନ୍ତରିକ ମୁହୂର୍ତ୍ତକୁ ମୈଥୁନ ବା ସେକ୍ସ କୁହାଯାଏ, ଯାହାକି ଜୀବଜଗତ ସୃଷ୍ଟି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରକ୍ରିୟା ଫଳରେ ଜୀବ ତା' ବଂଶ ବୃଦ୍ଧି କରି ସନ୍ତୁଳନ ବଜାୟ ରଖିଥାଏ। ଏଥିସହ ମଣିଷର ସଉକ ପାଇଁ ମଧ୍ୟ ମୈଥୁନ ଆବଶ୍ୟକତା ହୋଇଥାଏ, ଯାହାକି ମଣିଷ ପାଇଁ ଏକ ଗୋପନକ୍ରିୟା। ହେଲେ ଏହି ଗୋପନକ୍ରିୟାକୁ ସ୍ୱିଡେନ କ୍ରୀଡ଼ାର ମାନ୍ୟତା ଦେଇଛି। ସ୍ୱିଡିସ୍ ସେକ୍ସ ଫେଡେରେଶନ ଆସନ୍ତା ୮ ତାରିଖରେ ଗୋଥନବର୍ଗରେ ୟୁରୋପିଆନ୍ ସେକ୍ସ ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଯାଉଛି। ଏହି ଚାମ୍ପିୟନଶିପ୍ ୬ ସପ୍ତାହ ଧରି ଚାଲିବାକୁ ଥିବାବେଳେ ଖେଳାଳିମାନେ ମୋଟ ୧୬ଟି ଯୌନକ୍ରିୟା ସମ୍ପର୍କିତ କାର୍ଯ୍ୟରେ ଲିପ୍ତ ରହିବେ। ଏହି ପ୍ରତିଯୋଗିତାରେ ସେକ୍ସରୁ ଆରମ୍ଭ କରି ବଡି ମସାଜ୍ ପର୍ଯ୍ୟନ୍ତ ଅନେକ ଜିନିଷ ସାମିଲ ହୋଇଛି। ଏଥିରେ ସମସ୍ତ ପ୍ରକାର ଲିଙ୍ଗର ବ୍ୟକ୍ତି ଅଂଶଗ୍ରହଣ କରିପାରିବେ। ଏଥିପାଇଁ ପ୍ରତିଯୋଗୀମାନଙ୍କୁ ୪୫ ମିନିଟ୍ ସମୟ ମିଳିବ। ଏହି ଖେଳ ଦୈନିକ ୬ ଘଣ୍ଟା ପାଇଁ ଚାଲିବ। ତେବେ ଏହି ଚାମ୍ପିୟନଶିପ୍‌ରେ ବିଭିନ୍ନ ଦେଶର ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ଆବେଦନ କରିଛନ୍ତି। ୩ ବିଚାରପତି ଏବଂ ଦର୍ଶକଙ୍କ ରେଟିଂରେ ଚାମ୍ପିୟନଶିପ୍‌ର ବିଜେତା ଘୋଷଣା କରାଯିବ। ସବୁ ପ୍ରତିଯୋଗିତାରେ ପ୍ରତିଯୋଗୀମାନଙ୍କୁ ୫ରୁ ୧୦ ଭିତରେ ନମ୍ବର ମିଳିବ। ଆୟୋଜକଙ୍କ କହିବା ମୁତାବକ, ଯୌନ ଆଭିମୁଖ୍ୟକୁ ଉତ୍ସାହିତ କରିବା ସହ ସେକ୍ସକୁ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ଉଦ୍ଦେଶ୍ୟ, ଭବିଷ୍ୟତରେ ଅନେକ ଦେଶ ଏହି କ୍ରୀଡ଼ାକୁ ତାଙ୍କ ଖେଳରେ ସାମିଲ କରିବେ। ଯୌନ ଆକର୍ଷଣ ଫଳରେ ୟୁରୋପୀୟ ଦେଶ ମଧ୍ୟରେ ମହତ୍ତ୍ୱପୂର୍ଣ୍ଣ ବିକାଶ ହେବ। ଫେଡେରେଶନ ଅଧ୍ୟକ୍ଷ ଡ୍ରାଗନ ବ୍ରାଟୟାଚ୍‌ଙ୍କ ଅନୁସାରେ, ଖେଳ ରୂପରେ ସେକ୍ସ ବହୁତ ଜରୁରୀ ଅଟେ। ଏଥିସହ ସେ ମିଡିଆକୁ କହିଛନ୍ତି, କିପରି ଅନ୍ୟ ଖେଳ ଭଳି ସେକ୍ସ ପ୍ରତିଯୋଗିତାକୁ ଜିତିବାକୁ ପ୍ରଶିକ୍ଷଣର ଆବଶ୍ୟକତା ରହିଛି। ଏଥିପାଇଁ ଏହି ପ୍ରତିଯୋଗିତା ହେବା ଯୁକ୍ତିଯୁକ୍ତ ଅଟେ।



# ୭ରେ '୭୨ ହୁରେଂ'

ନୂଆଦିଲ୍ଲୀ: ସାରା ବିଶ୍ୱରେ ଆତଙ୍କବାଦ ଏକ ବଡ଼ ସମସ୍ୟା ହୋଇଥିବାବେଳେ ଏହା ଏବେ ବେଳକୁବେଳ ବଢ଼ିବଢ଼ି ଚାଲିଛି। ତେବେ ଏହି ଆତଙ୍କବାଦଙ୍କୁ କେନ୍ଦ୍ର କରି ଏକ ଫିଲ୍ମ ଆସନ୍ତା ୭ ତାରିଖରେ ରିଲିଜ୍ ହେବାକୁ ଯାଉଛି। ଜାତୀୟ ଆୱାର୍ଡ ବିଜେତା ସଞ୍ଜୟ ପୁରନ ସିଂ ଚୌହାନ ୪ ବର୍ଷ ପରେ ତାଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର '୭୨ ହୁରେଂ'କୁ ପରଦାକୁ ଆଣିବାକୁ ଯାଉଛନ୍ତି। ତେବେ ନିକଟରେ ଏହି ଫିଲ୍ମର ଫାଷ୍ଟ ଲୁକ୍ ରିଲିଜ୍ ହୋଇଛି। ଏଥିରେ ସେ ଦର୍ଶାଇଛନ୍ତି କି, ଆତଙ୍କବାଦୀମାନେ କିପରି ନିର୍ଦ୍ଦୟ ଭାବେ ସାଧାରଣ ଲୋକଙ୍କୁ ମାରି ଦେଉଛନ୍ତି। ଆତଙ୍କବାଦୀଙ୍କ ମୃତ୍ୟୁ ପରେ ସ୍ୱର୍ଗରେ ସେମାନଙ୍କ ସେବା ପାଇଁ ୭୨ ହୁରେଂ କିପରି ହାଜର ହେବେ ତାଙ୍କୁ ଶିକ୍ଷା ଦିଆଯାଉଛି। ଏହାଶୁଣି ଆତଙ୍କବାଦୀମାନେ ୭୨ ହୁରେଂଙ୍କ ସହ ସମୟ କାଟିବାକୁ ସ୍ୱପ୍ନ ଦେଖୁଛନ୍ତି। ସୁଇସାଇଡ୍ ବମ୍ବିଂ ଜରିଆରେ ସାଧାରଣ ଲୋକଙ୍କ ବ୍ରେନୱାଶ କରାଯାଉଛି। ସାଧାରଣ ଲୋକଙ୍କୁ ଧର୍ମ ଓ ଆସ୍ଥା ନାମରେ ଆତଙ୍କବାଦୀ ହେବାକୁ ବାଧ୍ୟ କରାଉଛି।



# ସୌରଜଗତର ଉପଗ୍ରହ



ଇଂ ମାୟାଧର ସ୍ୱାଇଁ

"ଉପଗ୍ରହଗୁଡ଼ିକୁ ଦୁଇଟି ଶ୍ରେଣୀରେ ଭାଗ କରାଯାଇପାରେ। ସେଗୁଡ଼ିକ ହେଉଛି ନିୟମିତ ଓ ଅନିୟମିତ। ନିୟମିତ ଉପଗ୍ରହଗୁଡ଼ିକର ବ୍ୟାସ ହେଉଛି ୧୦ କିମିରୁ କମ୍। ପୃଥିବୀର ଉପଗ୍ରହ ଚନ୍ଦ୍ର ବହୁ ପୁରାକାଳରୁ ଜଣା। ଇଟାଲୀର ବୈଜ୍ଞାନିକ ଗାଲିଲିଓ ୧୬୧୦ ମସିହାରେ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରି ବୃହସ୍ପତିର ବଡ଼ ଚାରି ଉପଗ୍ରହକୁ ଆବିଷ୍କାର କରିଥିଲେ। ଏଗୁଡ଼ିକ ହେଉଛି ଆଇଓ, ୟୁରୋପା, ଗାନିମଡ଼ ଓ କାଲିଷ୍ଟୋ। ଏହି ଚାରିଟିକୁ ଗାଲିଲୀୟ ଉପଗ୍ରହ କୁହାଯାଏ। ଅଧିକାଂଶ ଉପଗ୍ରହ ମହାକାଶ ଅଭିଯାନ ଦ୍ୱାରା ଆବିଷ୍କୃତ ହୋଇଛି।"

ଏହି ବର୍ଷ ମେ ମାସ ୧୪ ତାରିଖରେ ଶନିର ୬୨ଟି ନୂଆ ଉପଗ୍ରହ ଚିହ୍ନଟ ହେଲା ଏବଂ ଏହାର ମୋଟ ଜଣା ଉପଗ୍ରହ ସଂଖ୍ୟା ହେଉଛି ୧୪୫। ଏହି ବର୍ଷ ଫେବୃୟାରୀ ମାସରେ ବୃହସ୍ପତିର ନୂଆ ୧୨ଟି ଉପଗ୍ରହ ଆବିଷ୍କୃତ ହୋଇଛି। ଏହି ଦୁଇ ଗ୍ରହର ଆହୁରି ଅନେକ କ୍ଷୁଦ୍ର ଉପଗ୍ରହ ଥିବାର ଅନୁମାନ କରାଯାଉଛି।

୪୫୦ କୋଟି ବର୍ଷ ପୂର୍ବେ ସୌରଜଗତ ଓ ଏହାର ଗ୍ରହଗୁଡ଼ିକ ସୃଷ୍ଟି ହେବା ସମୟରେ କିଛି ଆଦିବସ୍ତୁରୁ ଉପଗ୍ରହଗୁଡ଼ିକ ସୃଷ୍ଟି ହୋଇଛି। କେତେକ ବଡ଼ ଗ୍ରହ ନିଜର ମାଧ୍ୟାକର୍ଷଣ ବଳରେ ଗ୍ରହାଣୁଗୁଡ଼ିକୁ ଟାଣି ଆଣିଛି ଏବଂ ସେଗୁଡ଼ିକ ଗ୍ରହ ଚାରିପଟେ ପରିକ୍ରମଣ କରି ଉପଗ୍ରହରେ ପରିଣତ ହୋଇଛନ୍ତି।

ଆମ ସୌରଜଗତରେ ଆଠଟି ଗ୍ରହ, ପାଞ୍ଚଟି ବାମନ ଗ୍ରହ, ଅନେକ ଗ୍ରହାଣୁ ଆଦି ସୂର୍ଯ୍ୟଙ୍କୁ ପରିକ୍ରମଣ କରୁଛନ୍ତି। ସରକାରୀ ଭାବେ ପାଞ୍ଚଟି ବାମନ ଗ୍ରହ ସ୍ୱୀକୃତି ପାଇଥିଲେ ସୁଦ୍ଧା ବାମନ ଗ୍ରହର ସଂଖ୍ୟାକୁ ଆହୁରି ଚାରିଟି ଜ୍ୟୋତିର୍ବିଦୀୟ ପିଣ୍ଡ ପୂର୍ଣ୍ଣ କରୁଛି। ଏହି ସମସ୍ତ ଗ୍ରହ ଓ ବାମନ ଗ୍ରହର ମୋଟ ଉପଗ୍ରହ ସଂଖ୍ୟା ଅତିକମ୍‌ରେ ୨୯୬ ହେବ। ଏଥିମଧ୍ୟରୁ ୨୦ଟି ହେଉଛି ବଡ଼ ଏବଂ ମାଧ୍ୟାକର୍ଷଣ ବଳ ଯୋଗୁ ଏଗୁଡ଼ିକ ହେଉଛି ଗୋଲାକାର। ଆମ ଚନ୍ଦ୍ର ଓ ବୃହସ୍ପତି ଆଇଓକୁ ଛାଡ଼ିଦେଲେ ଅବଶିଷ୍ଟ ୧୮ଟି ବଡ଼ ଓ ଉପଗ୍ରହ ପୃଷ୍ଠ ହେଉଛି ବରଫ ଆଚ୍ଛାଦିତ।

ଉପଗ୍ରହଗୁଡ଼ିକୁ ଦୁଇଟି ଶ୍ରେଣୀରେ ଭାଗ କରାଯାଇପାରେ। ସେଗୁଡ଼ିକ ହେଉଛି ନିୟମିତ ଓ ଅନିୟମିତ। ନିୟମିତ ଉପଗ୍ରହଗୁଡ଼ିକର ବ୍ୟାସ ହେଉଛି ୧୦ କିମିରୁ କମ୍। ପୃଥିବୀର ଉପଗ୍ରହ ଚନ୍ଦ୍ର ବହୁ ପୁରୁଣା କାଳରୁ ଜଣା। ଇଟାଲିର ବୈଜ୍ଞାନିକ ଗାଲିଲିଓ ୧୬୧୦ ମସିହାରେ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରି ବୃହସ୍ପତିର ବଡ଼ ଚାରି ଉପଗ୍ରହକୁ ଆବିଷ୍କାର କରିଥିଲେ। ଏଗୁଡ଼ିକ ହେଉଛି ଆଇଓ, ୟୁରୋପା, ଗାନିମୀଡ ଓ କାଲିଷ୍ଟୋ। ଏହି ଚାରିଟିକୁ ଗାଲିଲୀୟ ଉପଗ୍ରହ କୁହାଯାଏ। ଅଧିକାଂଶ ଉପଗ୍ରହ ମହାକାଶ ଅଭିଯାନ ଦ୍ୱାରା ଆବିଷ୍କୃତ ହୋଇଛି। ବିଶେଷ ଭାବେ ୧୯୭୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ମହାକାଶକୁ ଭୋୟେଜ-୧ ଓ ଭୋୟେଜ-୨ ଯାନ ପଠାଇଥିଲା ଏବଂ ଏହା ପଠାଇଥିବା ଚିତ୍ରରୁ ଅନେକ ଉପଗ୍ରହକୁ ଆବିଷ୍କାର କରାଯାଇଛି।





ସୌରଜଗତର ଗ୍ରହଗୁଡ଼ିକ ମଧ୍ୟରୁ ବୁଧ ଓ ଶୁକ୍ରର କୌଣସି ଉପଗ୍ରହ ନାହିଁ ଏବଂ ପୃଥିବୀର ଏକମାତ୍ର ଉପଗ୍ରହ ହେଉଛି ଚନ୍ଦ୍ର। ମହାକାଶ ଅଭିଯାନରେ ଯାଇ ମହାକାଶଚାରୀମାନେ ଏହା ପୃଷ୍ଠରେ ଅବତରଣ କରି ଫେରି ଆସିଛନ୍ତି। ଭାରତ ପଠାଇଥିବା 'ଚନ୍ଦ୍ରଯାନ-୧' ଅଭିଯାନରୁ ଚନ୍ଦ୍ର ମେରୁ ପ୍ରଦେଶରେ ଜଳ ଥିବାର ଜଣାଯାଇଛି। ମଙ୍ଗଳର ଦୁଇଟି ଉପଗ୍ରହ ହେଉଛି ଫୋବୋସ୍ ଓ ଡେଇମୋସ୍। ବୃହସ୍ପତିର ୯୫ଟି ଉପଗ୍ରହ ଅଛି ଏବଂ ଏହାର ବୃହତ୍ତମ ଉପଗ୍ରହ ଗାନିମୀଡ଼ ମଧ୍ୟ ହେଉଛି ସୌରଜଗତର ବୃହତ୍ତମ ଉପଗ୍ରହ। ଏହା ବୁଧ ଗ୍ରହଠାରୁ ମଧ୍ୟ ବଡ଼ ଏବଂ ଏହା ହେଉଛି ଏକମାତ୍ର ଉପଗ୍ରହ, ଯାହାର ଚୁମ୍ବକୀୟ କ୍ଷେତ୍ର ଅଛି। ଶନିର ୧୪୫ଟି ଉପଗ୍ରହ ମଧ୍ୟରୁ ୨୪ଟି ହେଉଛି ନିୟମିତ। ଏଥିରେ ବୃହତ୍ତମ ହେଉଛି 'ଟିଟାନ୍'। ଶନିର ବଳୟ ମଧ୍ୟରେ ଏକ ସେମିରୁ ଆରମ୍ଭ କରି କେତେ ଶହ ମିଟର ପର୍ଯ୍ୟନ୍ତ ଅନେକ ବରଫ ପିଣ୍ଡ ଶନିକୁ ପରିକ୍ରମଣ କରୁଛି। ଅତିକମ୍‌ରେ ଏହି ଶ୍ରେଣୀର ୧୫୦ଟି ପିଣ୍ଡକୁ ଠାବ କରାଯାଇଛି। ୟୁରେନସର ୨୭ଟି ଓ ନେପ୍‌ଚ୍ୟୁନ୍‌ର ୧୪ଟି ଉପଗ୍ରହ ଆବିଷ୍କୃତ ହୋଇଛି। ନେପଚ୍ୟୁନ୍‌ର ବୃହତ୍ତମ ଉପଗ୍ରହ ହେଉଛି 'ଟ୍ରିଟନ୍' ଏବଂ ନେପ୍‌ଚ୍ୟୁନ୍‌କୁ ପରିକ୍ରମଣ କରୁଥିବା ମୋଟ ବସ୍ତୁଦ୍ୱର ୯୯.୫ ପ୍ରତିଶତ ଟ୍ରିଟନ୍‌ରେ ଅଛି।

ପାଞ୍ଚଟି ବାମନ ଗ୍ରହ ହେଉଛି- ସେରେସ୍, ପ୍ଲୁଟୋ, ଇରିସ୍, ହାଉମିଆ ଏବଂ ମାକେମାକେ। ସେରେସ୍‌ର କୌଣସି ଉପଗ୍ରହ ନାହିଁ। ପ୍ଲୁଟୋର ପାଞ୍ଚଟି ଉପଗ୍ରହ ମଧ୍ୟରୁ 'ଚାରୋନ୍' ହେଉଛି ବୃହତ୍ତମ, ଯାହାର ଆକାର ହେଉଛି ପ୍ଲୁଟୋର ପ୍ରାୟ ଅଧା। ଏହାର ଅନ୍ୟ ଚାରି ଉପଗ୍ରହ ହେଉଛି ନିକ୍ସ, ହାଇଡ୍ରା, କେର୍ବେରୋସ ଓ ଷ୍ଟାଇକ୍ସ। ଇରିସ୍‌ର ଗୋଟିଏ ଉପଗ୍ରହ ଅଛି। ଏହାର ନାମ ହେଉଛି ଡିସନୋମିଆ ଏବଂ ଏହାର ବ୍ୟାସାର୍ଦ୍ଧ ହେଉଛି ପ୍ରାୟ ୩୫୦ କିମି। ହାଉମିଆର ଦୁଇଟି ଉପଗ୍ରହ-ହିଲାକା ଓ ନମାକା ଅଛି ଏବଂ ଏହି ଦୁଇଟିର ବ୍ୟାସାର୍ଦ୍ଧ ଯଥାକ୍ରମେ ହେଉଛି ପ୍ରାୟ ୧୯୫ ଓ ୧୦୦ କିମି। ମାକେମାକେର ଗୋଟିଏ ଉପଗ୍ରହ ଆବିଷ୍କୃତ ହୋଇଛି। ଏହାର ବ୍ୟାସ ହେଉଛି ୧୭୫ କିମି। ଏହାର ୨୦୧୬ ମସିହା ଏପ୍ରିଲରେ ଆବିଷ୍କୃତ ହୋଇଛି ଏବଂ ଏପର୍ଯ୍ୟନ୍ତ ଏହାର ସ୍ଥାୟୀ ନାମ ଦିଆଯାଇନାହିଁ।

ନେପ୍‌ଚ୍ୟୁନ କକ୍ଷ ବାହାରେ କୁଇପର ବଳୟରେ ବାମନ ଗ୍ରହଯୋଗ୍ୟ କେତୋଟି ଗ୍ରହାଣୁ ଅଛନ୍ତି। ସେଗୁଡ଼ିକ ହେଉଛି- ଅରକସ୍, କ୍ୱୋଓର, ଗୋଙ୍ଗୋଙ୍ଗ ଓ ସେଡନା। ଏଗୁଡ଼ିକ ମଧ୍ୟରେ ସେଡନାର କୌଣସି ଉପଗ୍ରହ ନାହିଁ ଏବଂ ଅନ୍ୟଗୁଡ଼ିକର ଉପଗ୍ରହ ଅଛି। ଅନ୍ୟ କେତେଗୁଡ଼ିଏ ଛୋଟ ଗ୍ରହାଣୁର ମଧ୍ୟ ଉପଗ୍ରହ ଥିବାର ଜଣାପଡ଼ିଛି। ୨୦୨୨ ଅକ୍ଟୋବର ମାସ ସୁଦ୍ଧା ମଙ୍ଗଳ ଓ ବୃହସ୍ପତି କକ୍ଷ ମଧ୍ୟରେ ଥିବା ଗ୍ରହାଣୁ ପୁଞ୍ଜରେ ୩୬୫ଟି ଗ୍ରହାଣୁରେ ଏବଂ ନେପଚ୍ୟୁନ କକ୍ଷ ବାହାରେ ଥିବା ୧୨୮ଟି ଗ୍ରହାଣୁରେ ଉପଗ୍ରହ ଥିବାର ଜଣାଯାଇଛି।

ଉପଗ୍ରହଗୁଡ଼ିକ ଜ୍ୟୋତିର୍ବିଦ୍‌ମାନଙ୍କୁ ଆକର୍ଷଣ କରିବାର କାରଣ ହେଉଛି ଯେ କେତେକ ଉପଗ୍ରହରେ ଜଳ ଥିବାର ଜଣାପଡ଼ିଛି ଏବଂ ଏଥିରେ ଅଣୁଜୀବ ଥିବାର ସମ୍ଭାବନା ଦେଖାଦେଇଛି। ଗାଲିଲିଓ ଯାନ ବୃହସ୍ପତିର ଉପଗ୍ରହ ୟୁରୋପାରେ ପୃଷ୍ଠରୁ ୧୬୦ କିମି ଉଚ୍ଚକୁ ବାଷ୍ପ ନିର୍ଗତ ହେଉଥିବାର ଲକ୍ଷ୍ୟ କରିଥିଲା। ଏହାବ୍ୟତୀତ ବୃହସ୍ପତିର ଅନ୍ୟ ଦୁଇ ଉପଗ୍ରହ ଗାନିମୀଡ଼ ଓ କାଲିଷ୍ଟୋର ପୃଷ୍ଠ ତଳେ ତରଳ ଜଳର ସମୁଦ୍ର ଥିବାର ଜଣାପଡ଼ିଛି।

କାସିନି ଯାନ ୨୦୦୫ ମସିହାରେ ଶନିର ଉପଗ୍ରହ ଏନ୍‌ସିଲାଡସ୍‌ର ପୃଷ୍ଠରେ ଥିବା ଫାଟରୁ ଜଳୀୟ ବାଷ୍ପ ଘଣ୍ଟା ପ୍ରତି ୧୨୯୦ କିମି ବେଗରେ ନିର୍ଗତ ହେଉଥିବାର ଜଣାଇଛି। ସେହିପରି ଶନିର ଅନ୍ୟତମ ଉପଗ୍ରହ ଟିଟାନ ପୃଷ୍ଠ ତଳେ ଜଳ ଥିବାର ପ୍ରମାଣ ମିଳିଛି। ନେପଚ୍ୟୁନର ବୃହତ୍ତମ ଉପଗ୍ରହ ଟ୍ରିଟନ ପୃଷ୍ଠ ତଳେ ମଧ୍ୟ ଜଳର ସମୁଦ୍ରର ସନ୍ଧାନ ମିଳିଛି।

ନାସାର ବୈଜ୍ଞାନିକମାନେ ଏହି ବର୍ଷ ମେ ମାସରେ ଭୋୟେଜର ଚିତ୍ରକୁ ବିଶ୍ଳେଷଣ କରି ୟୁରାନ୍ସର ଚାରିଟି ଉପଗ୍ରହ ଅଭ୍ୟନ୍ତରରେ ଜଳର ସମୁଦ୍ର ପାଇଥିବା ପ୍ରକାଶ କରିଛନ୍ତି। ଏହି ଚାରିଟି ଉପଗ୍ରହ ହେଉଛି ଏରିଏଲ୍, ଉମ୍ବ୍ରିଆଲ, ଟିଟାନିଆ ଏବଂ ଓବେରନ୍। ଏହି ସବୁ ଉପଗ୍ରହରେ ଅଣୁଜୀବ ଥାଇପାରନ୍ତି ବୋଲି ଆଶା କରାଯାଉଛି।

-ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୦୪

## ନକାରାତ୍ମକ ଚିନ୍ତାଧାରା ଓ ଅବସାଦ



ଅତ୍ୟଧିକ କର୍ମ ବୋଝ, ସବୁବେଳେ ଟେନ୍‌ସନ୍‌ରେ ରହିବା ଆଦି କାରଣରୁ ଜଣେ ଅବସାଦଗ୍ରସ୍ତ ହୋଇଥାଏ। ଏହା ଏଭଳି ଏକ ସମସ୍ୟା ଯେଉଁଥିରୁ ମୁକୁଳିବା ଏତେ ସହଜ ନୁହେଁ। ଏଭଳି ପରିସ୍ଥିତିର ସାମ୍ନା କଲେ ତାହା ଚିନ୍ତାଧାରାକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ଠିକ୍ ଭାବରେ କୌଣସି ନିଷ୍ପତ୍ତି ନେଇପାରି ନ ଥାନ୍ତି। କାମକୁ ସୁଚାରୁ ରୂପେ ତୁଲାଇବା ଅସମ୍ଭବ ହୋଇପଡ଼େ। ତେଣୁ ଅବସାଦର ବଶବର୍ତ୍ତୀ ହେବା ମାତ୍ରେ ସେଥିରୁ କିପରି ମୁକୁଳିବେ ତାହା ଚିନ୍ତା କରନ୍ତୁ। 'ଅବସାଦ ଓ ନକାରାତ୍ମକ ଚିନ୍ତାଧାରା' ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏଥିରୁ ଜଣାପଡିଥିଲା ଯେ, ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିବା ବ୍ୟକ୍ତିଙ୍କର ମାନସିକତା ନକାରାତ୍ମକ ରହୁଥିଲା। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ହିଁ କାମ କରନ୍ତୁ। ଦୈନନ୍ଦିନ ଜୀବନଶୈଳୀକୁ ଏପରି ଆଗେଇ ନିଅନ୍ତୁ ଯେମିତି ଆପଣଙ୍କର ମାନସିକତା ସବୁବେଳେ ସକାରାତ୍ମକ ରହିବ।

## ସୁନିଦ୍ରାର ସହଜ ଉପାୟ



ଦିନତମାମ ପରିଶ୍ରମ ଅନୁସାରେ ଜଣେ ବ୍ୟକ୍ତି ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ନିହାତି ଦରକାର। ଯଦି ଜଣେ ବ୍ୟକ୍ତି ନିୟମିତ ଅଙ୍ଗୁର ଖାଉଛନ୍ତି ତେବେ ତାଙ୍କୁ ଭଲ ନିଦ ହୋଇଥାଏ। ଅଙ୍ଗୁରରେ ଭିଟାମିନ୍ 'ସି' ଭରି ରହିଛି, ଯାହା ଆମର ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିଥାଏ। ଏହାକୁ ଖାଇଲେ ବ୍ଲଡ୍‌ପ୍ରେସର ସନ୍ତୁଳିତ ରହିଥାଏ। ଏଥିରେ ଥିବା ଫାଇବର୍ କୋଲେଷ୍ଟରଲ୍‌ର ମାତ୍ରାକୁ ନିୟନ୍ତ୍ରଣରେ ରଖେ। ଅଙ୍ଗୁରରେ ଭିଟାମିନ୍ 'କେ', କ୍ୟାଲସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଥିବାରୁ ଏହା ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ। ତା'ସହ ଆଣ୍ଠୁଗଣ୍ଠି ସମସ୍ୟାଠାରୁ ମଧ୍ୟ କେତେକାଂଶରେ ଦୂରେଇ ରଖେ।

## ସକ୍ରିୟ ରହିବ ହାର୍ଟର କାର୍ଯ୍ୟଧାରା



ମନୁଷ୍ୟ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ହୃତ୍‌ପିଣ୍ଡ ବା ହାର୍ଟ। ଏହାର କାର୍ଯ୍ୟଧାରା ଯଦି ଠିକ୍ ରହିଲା ତେବେ ଆମେ ସୁସ୍ଥ ରହିବା। ଯଦି ଏହା କାର୍ଯ୍ୟ କରିବା ବନ୍ଦ କରିଦିଏ, ତେବେ ତାହା ଜୀବନନାଶକ ସାଜିଥାଏ। ତେବେ ହାର୍ଟ କିପରି ସୁସ୍ଥ ରହିବ ସେ ନେଇ ଆମେ ଦୃଷ୍ଟି ଦେବା ନିହାତି ଦରକାର। ଏଥିଲାଗି ଖାଦ୍ୟପେୟ ପ୍ରତି ସତର୍କ ରହିବାକୁ ପଡିବ, ତା'ସହ ଯଦି ଆପଣଙ୍କର ବ୍ଲଡପ୍ରେସର (ରକ୍ତଚାପ) ରହିଛି, ତେବେ ଏହା ଯେମିତି ସନ୍ତୁଳିତ ରହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଡାଇବେଟିସ୍ ସହ ଜଡିତ ବ୍ୟକ୍ତିମାନେ ଏ ନେଇ ଅଧିକ ଗୁରୁତ୍ୱ ଦେବା ଦରକାର। ରକ୍ତରେ ଶର୍କରା ପରିମାଣ ସବୁବେଳେ ନିୟନ୍ତ୍ରଣରେ ରହିଲେ ହାର୍ଟ ଉପରେ ତାହାର ପ୍ରଭାବ ପଡି ନ ଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରତିଦିନ କିଛି ସମୟ ଶାରୀରିକ ପରିଶ୍ରମ କରନ୍ତୁ। ସକାଳୁ ଅଧ ଘଣ୍ଟାଏ ଚାଲନ୍ତୁ। ଏହାର ସୁପ୍ରଭାବ ହାର୍ଟ ଉପରେ ପଡିଥାଏ। ଜଙ୍କ୍ ଫୁଡ୍ ଯେତେ କମ୍ ଖାଇବେ ତାହା ସେତେ ଭଲ। ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରୁହନ୍ତୁ ନାହିଁ। ଟିଭି ଦେଖିଲା ବେଳେ, ମୋବାଇଲରେ ବସି କଥା ହେବା ସମୟରେ କିମ୍ବା ବସି କରି କୌଣସି କାମ କରିବା ବେଳେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଉଠି ଚାଲବୁଲ କରନ୍ତୁ। ଆଉ ଏକ କଥା-ସବୁବେଳେ ନିଜ ଓଜନକୁ ସନ୍ତୁଳିତ ରଖନ୍ତୁ।

## ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖେ କଲରା



କଲରାରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ବିଶେଷଭାବରେ ଏହା ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖିଥାଏ। କେବଳ ସେତିକି ନୁହେଁ, ଏଥିରେ ଥିବା ତତ୍ତ୍ୱ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଶରୀରରେ ଚର୍ମ ଗଠନ କରିଥାଏ। ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ୍ୟ ମହୌଷଧି ସଦୃଶ କାମ କରେ। ହାର୍ଟ ଏବଂ ଡାଇବେଟିସ ରୋଗୀମାନେ ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ନିହାତି ଆବଶ୍ୟକ। କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ କମିଥାଏ। କିଛି ଲୋକ ଏଥିପାଇଁ କଲରା ଜୁସ୍‌କୁ ବି ପିଇଥାନ୍ତି। ଇନ୍‌ସୁଲିନ୍ କ୍ଷରଣକୁ ମଧ୍ୟ ଏହା ସନ୍ତୁଳିତ ରଖିଥାଏ। ଉଚ୍ଚ ରକ୍ତଚାପ, ଆଜ୍‌ମା ଭଳି ମାରାତ୍ମକ ରୋଗକୁ କିଛି ମାତ୍ରାରେ କମାଇଥାଏ କଲରା। ଏଥିରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ। ଏହା ସହ ଯକୃତ୍‌ରୁ ବାଇଲ୍ ଏସିଡ୍ କ୍ଷରଣ କରିଥାଏ। ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ସନ୍ତୁଳିତ ରଖେ କଲରା। ଏହାକୁ ନିୟମିତ ଖାଇଲେ ତାହା ଆଲର୍ଜି ହେବାକୁ ଦିଏନାହିଁ। କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ। ଆମର ପାଚନ କ୍ରିୟା ସକ୍ରିୟ ରହିବା ନିହାତି ଦରକାର। କଲରା ଏଥିରେ ମଧ୍ୟ ସାହାଯ୍ୟ କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ବ୍ଲଡପ୍ରେସର ସମସ୍ୟାକୁ କଦାପି ଅବହେଳା କରନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଆନ୍ତୁ ଏବଂ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ବ୍ଲଡପ୍ରେସର ଚେକ୍ କରାଇ ନିଅନ୍ତୁ।

➤ପ୍ରତିଦିନ ସକାଳ ଜଳଖିଆରେ ଗୋଟେ କିମ୍ବା ଦୁଇଟି ଟମାଟୋ ସାମିଲ୍ କରନ୍ତୁ। ଏହା ଶରୀରରେ ଚର୍ବି ଅଂଶ କମାଇଥାଏ।

➤ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି କିଛି ସମୟ ପ୍ରାର୍ଥନା କରନ୍ତୁ। ଏହାର ସୁପ୍ରଭାବ ମସ୍ତିଷ୍କ ଉପରେ ପଡ଼ିଥାଏ।

➤ଦାନ୍ତ ଘଷିଲା ବେଳେ ଆଦୌ ତରବର ହୁଅନ୍ତୁ ନାହିଁ। ଅତି କମ୍‌ରେ ଦୁଇରୁ ତିନି ମିନିଟ୍ ଯାଏ ଭଲଭାବେ ଦାନ୍ତ ଘଷନ୍ତୁ। ରାତ୍ର ଭୋଜନ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।

➤କୌଣସି ବ୍ୟକ୍ତି ଯଦି ଗୁରୁତର ରୋଗରେ ଆକ୍ରାନ୍ତ ତେବେ ତାଙ୍କ ପାଖରେ ସେ ରୋଗ ବିଷୟରେ ଆଲୋଚନା କରନ୍ତୁ ନାହିଁ।

➤ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଏହା ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିଥାଏ।



## କ୍ଷତିକାରକ ଏକକ ବ୍ୟବହୃତ ପ୍ଲାଷ୍ଟିକ

(ଶେଷ ଭାଗ)

ଏକ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ମନୁଷ୍ୟ ସମାଜରେ ବଢୁଥିବା କ୍ୟାନ୍‌ସର ପାଇଁ ମଧ୍ୟ ଏହି ଅତି କ୍ଷୁଦ୍ର ପ୍ଲାଷ୍ଟିକ ଦାୟୀ। କରୋନା ଭୂତାଣୁ ବ୍ୟାପିବାରେ ମଧ୍ୟ ଏହି ପ୍ଲାଷ୍ଟିକ ସାମଗ୍ରୀ ଦାୟୀ ବୋଲି କେତେକ ବୈଜ୍ଞାନିକ ମତ ପ୍ରକାଶ କରିଥିଲେ। କେବଳ ବିଭିନ୍ନ ବ୍ୟାଧି ସୃଷ୍ଟି ପାଇଁ ନୁହେଁ, ପରିବେଶ ସନ୍ତୁଳନ ବିଗିଡିବାରେ ମଧ୍ୟ ଏହି ଏକକ ବ୍ୟବହୃତ ପ୍ଲାଷ୍ଟିକର ଭୂମିକା ରହିଛି। ଏହି ପ୍ଲାଷ୍ଟିକକୁ ପୋଡ଼ିଲେ ବା ଏହା ବହୁଦିନ ରହିଗଲା ପରେ ଏଥିରୁ ସବୁଜ କୋଠରି ବାଷ୍ପ (green house gases) ତଥା କେତେକ ବିଷାକ୍ତ ବାଷ୍ପ ନିର୍ଗତ ହୁଏ। ଏହା ଯୋଗୁ ବାୟୁମଣ୍ଡଳ ଦୂଷିତ ହୁଏ। ସବୁଜ କୋଠରି ବାଷ୍ପ ଭୂତାପ ମାତ୍ରା ବୃଦ୍ଧି ପାଇଁ ମୁଖ୍ୟତଃ ଦାୟୀ। ଏଥିପାଇଁ କୁହାଯାଇଛି ଯେ କେବଳ ମନୁଷ୍ୟ ଦ୍ୱାରା ସୃଷ୍ଟି ବର୍ଜ୍ୟ ବସ୍ତୁକୁ ହଜମ କରିବାର କ୍ଷମତା ପୃଥିବୀମାତାର ନାହିଁ। ତେଣୁ ଏକବିଂଶ ଶତାବ୍ଦୀରେ ପୃଥିବୀକୁ ମାଡି ଆସୁଥିବା ମହାବିପତ୍ତି ମଧ୍ୟରୁ ପ୍ଲାଷ୍ଟିକ ପ୍ରଦୂଷଣ ଅନ୍ୟତମ। ତେଣୁ ଏହି ସୁନ୍ଦର ପୃଥିବୀକୁ ଓ ଆମର ଭବିଷ୍ୟତ ପିଢ଼ିକୁ ଏହି ବିପତ୍ତିରୁ ରକ୍ଷା କରିବା ପାଇଁ ସମସ୍ତଙ୍କୁ ଗଭୀର ଚିନ୍ତା କରିବାର ସମୟ ଉପସ୍ଥିତ। ସେଥିପାଇଁ ଆମକୁ '୫ R' ଉପରେ ଧ୍ୟାନ ଦେବାକୁ ପଡ଼ିବ। ସେହି '୫ R' ହେଲା Reduce, Re-use, Recycle, Research and Rethinkd Reduce, ଏହାର ଅର୍ଥ ଯେତେ ସମ୍ଭବ ଆମେ ପ୍ଲାଷ୍ଟିକରୁ ତିଆରି ପଦାର୍ଥର ବ୍ୟବହାର କମେଇବା। ପଲିଥିନ ଜରି ବଦଳରେ କପଡ଼ା ବ୍ୟବାହାର କରିବା, ପ୍ଲାଷ୍ଟିକ ଆବରଣ ସ୍ଥାନରେ କପଡ଼ା ଆବରଣ ବ୍ୟବହାର କରିବା, ପ୍ଲାଷ୍ଟିକ ଚାମଚ ସ୍ଥାନରେ କାଠ କିମ୍ବା ଧାତୁ ଚାମଚ ବ୍ୟବହାର କରିବା, ପ୍ଲାଷ୍ଟିକ ଥାଳି ବଦଳରେ ପତ୍ର କିମ୍ବା ଧାତୁ ଥାଳି ବ୍ୟବହାର କରିବା, ପ୍ଲାଷ୍ଟିକ ଗ୍ଲାସ ବଦଳରେ କାଚ କିମ୍ବା ସୋଲ ଗ୍ଲାସ ବ୍ୟବହାର କରିବା, ପ୍ଲାଷ୍ଟିକ ବୋତଲ ବଦଳରେ କାଚ ବୋତଲ ବ୍ୟବହାର କରିବା ଇତ୍ୟାଦି କରିବା ଦ୍ୱାରା ଆମେ ପ୍ଲାଷ୍ଟିକ ବ୍ୟବହାର କମାଇ ପରିବା। Re-use ମାନେ ପ୍ଲାଷ୍ଟିକ ସାମଗ୍ରୀଗୁଡ଼ିକୁ ଥରେ ବ୍ୟବହାର ପରେ ଫୋପାଡ଼ି ନ ଦେଇ ବାରମ୍ବାର ବ୍ୟବହାର କରିବା। ଏତଦ୍ୱାରା ପ୍ଲାଷ୍ଟିକ ସାମଗ୍ରୀର ଚାହିଦା ସହିତ ଉତ୍ପାଦନ ମଧ୍ୟ ହ୍ରାସ ପାଇବ। ଏଥିରେ ମଧ୍ୟ ଟିକେ ସାବଧାନ ହେବାକୁ ପଡ଼ିବ। ବାରମ୍ବାର ବ୍ୟବହାର କରିବା ଅର୍ଥ ନୁହେଁ ଏତେ ଅଧିକ ବ୍ୟବହାର କରିବା ଯେ ପ୍ଲାଷ୍ଟିକର ବିଷାକ୍ତ ପ୍ରଭାବ ଆମ ଉପରେ ପଡ଼ିବ। କୌଣସି ପ୍ଲାଷ୍ଟିକ ସାମଗ୍ରୀର ବୈଧ ସମୟ ସରିବା ପରେ ତାକୁ ଆଉ ବ୍ୟବହାର କରିବା ଉଚିତ ନୁହେଁ। Recycle ମାନେ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀକୁ ସଂଗ୍ରହ କରି ପୁଣି ଥରେ ସେଥିରୁ ନୂଆ ପ୍ଲାଷ୍ଟିକ ସାମଗ୍ରୀ ପ୍ରସ୍ତୁତ କରିବା। ଏପରି କଲେ ପ୍ଲାଷ୍ଟିକରୁ ପ୍ରସ୍ତୁତ ସାମଗ୍ରୀ ବର୍ଜ୍ୟର ହ୍ରାସ ଘଟିବ। ଏହା ଉପରେ ଅଧିକ ଗବେଷଣା କରାଯିବାର ଅର୍ଥ ଏଇଆ ଯେ, ରସାୟନ ବିଜ୍ଞାନୀମାନେ ଭବିଷ୍ୟତରେ ଗବେଷଣା କରି ନୂତନ ପରିବେଶଗ୍ରାହୀ ପଲିମର ବା ପ୍ଲାଷ୍ଟିକ ଉଦ୍ଭାବନ କରିବେ। ଏହାଦ୍ୱାରା ପ୍ଲାଷ୍ଟିକ ପ୍ରଦୂଷଣ ଓ ଏହାର ବିଷାକ୍ତ ପ୍ରବାହରୁ ପୃଥିବୀ ତଥା ମାନବ ସମାଜ ମୁକ୍ତି ପାଇବ। Rethink ମାନେ ପ୍ଲାଷ୍ଟିକ ଉତ୍ପାଦନଠାରୁ ଆରମ୍ଭ କରି ଏହାର ବ୍ୟବହାର ଓ ନିକାଶ (disposal) ପର୍ଯ୍ୟନ୍ତ କୌଶଳକୁ ଆଉ ଥରେ ନୂତନ ଭାବରେ ଚିନ୍ତା କରିବାକୁ ପଡ଼ିବ, ଯଦ୍ୱାରା ଆମେ ଭଲରେ ରହିବା ସହିତ ଆମର ଉତ୍ତର ପିଢ଼ି ମଧ୍ୟ ଭଲରେ ରହିବେ। ନଚେତ୍ ଆମ ଅଣ ନାତି ଓ ନାତୁଣୀମାନଙ୍କ ଖାଦ୍ୟର ମୁଖ୍ୟ ଉପାଦାନ ଅତି କ୍ଷୁଦ୍ର ପ୍ଲାଷ୍ଟିକ କଣିକା ହିଁ ହୋଇଥିବ। ତେଣୁ ସମସ୍ତେ ସଜାଗ ହୁଅନ୍ତୁ ଓ ପ୍ଲାଷ୍ଟିକ ପ୍ରଦୂଷଣ ରାକ୍ଷସ ପ୍ରଭାବରୁ ଆମ ସୁନ୍ଦର ପୃଥିବୀକୁ ରକ୍ଷା କରନ୍ତୁ।

-ଡ. ଦେବାଶିଷ ମହାନ୍ତି, ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ
ମୋ: ୯୮୬୧୩୯୧୧୯୦



# କ୍ୱାର୍ଟରରେ ଜୋକୋଭିଚ୍-ଖାଚାନୋଭ

**ଫ୍ରେଞ୍ଚ ଓପନ**


ନୋଭାକ୍ ଜୋକୋଭିଚ୍

**ପ୍ୟାରିସ୍, ୪।୬**
କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ କ୍ୱାର୍ଟର ଫାଇନାଲରେ ସର୍ବିଆର ନୋଭାକ୍ ଜୋକୋଭିଚ୍ ପ୍ରବେଶ କରିଛନ୍ତି। ରାଫେଲ ନାଡାଲଙ୍କ ଅନୁପସ୍ଥିତିରେ ଟାଇଟଲ୍ ଫେବରିଟ୍ ଭାବରେ ବିବେଚିତ ଜୋକୋଭିଚ୍ ଜୁଆନ୍ ପାବ୍ଲୋ ଭାରିଲାସଙ୍କୁ ୬-୩, ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଏହି ବିଜୟ ସହିତ ରେକର୍ଡ ୧୭ତମ ଥର ସେ ଫ୍ରେଞ୍ଚ ଓପନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୨୨ ଗ୍ରାଣ୍ଡସ୍ଲାମ ହାସଲକାରୀ ନାଡାଲଙ୍କ ସହ ଯୁଗ୍ମ ଭାବରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ଏଠାରେ ତାଙ୍କୁ ଅତିକ୍ରମ କରିବାର ସୁଯୋଗ ରହିଛି। ଜୋକୋଭିଚ୍‌ଙ୍କ ବ୍ୟତିତ କାରେନ୍ ଖାଚାନୋଭ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଜୁଆନ୍ ପାବ୍‌ଲେ ଭାରିଲାସଙ୍କ ବିପକ୍ଷରେ ଜୋକୋଭିଚ୍‌ଙ୍କ ଆରମ୍ଭ ବେଶ ବଢିଆ ରହିଥିଲା। ଦୁଇ ଘଣ୍ଟା ଧରି ଖେଳା ଯାଇଥିବା ମ୍ୟାଚକୁ ସେ ଜିତିଥିଲେ। ଏହା ସହିତ କ୍ୟାରିୟରର ୫୫ତମ ମେଜର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି ଜୋକୋଭିଚ୍। କେବଳ ରୋଜର ଫେଡେରର ୫୮ ମେଜର କ୍ୱାର୍ଟରଫାଇନାଲ ସହିତ ଆଗରେ ରହିଛନ୍ତି। ମଙ୍ଗଳବାର ଜୋକୋଭିଚ୍ ୧୧ ନମ୍ବର ସିଡ୍ କାରେନ୍ ଖାଚାନୋଭଙ୍କୁ ଭେଟିବେ। ଖାଚାନୋଭ୍ କୌଣସି ଗ୍ରାଣ୍ଡସ୍ଲାମରେ ଜୋକୋଭିଚ୍‌ଙ୍କୁ ହରାଇ ନ ଥିବା ବେଳେ ବିଜୟ-ପରାଜୟ ରେକର୍ଡ ୧-୮ ରହିଛି। ଲୋରେଞ୍ଜୋ ସୋନେଗୋଙ୍କୁ ୧-୬, ୬-୪, ୭-୬(୭) ଓ ୬-୧ ସେଟ୍‌ରେ ହରାଇ ପଞ୍ଚମ ଗ୍ରାଣ୍ଡସ୍ଲାମ କ୍ୱାର୍ଟରରେ ପ୍ରବେଶ କରିଛନ୍ତି ଖାଚାନୋଭ୍।

ମହିଳା ସିଙ୍ଗଲ୍ସରେ ଦୁଇ ଅଣସିଡେଡ୍ ଖେଳାଳି କାରୋଲିନା ମୁଚୋଭା ଓ ଆନାସ୍ତାସିଆ ପାବ୍ଲ୍ୟୁଚେଙ୍କୋଭା ଚତୁର୍ଥ ରାଉଣ୍ଡ ମ୍ୟାଚ୍ ଜିତିବା ସହିତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଉଭୟ ଖେଳାଳି ମଙ୍ଗଳବାର ପରସ୍ପର ବିରୋଧରେ ଖେଳିବେ। ଆନାସ୍ତାସିଆ ପାବ୍ଲ୍ୟୁଚେଙ୍କୋଭା ବିଶ୍ୱ ମାନ୍ୟତାର ୨୮ ନମ୍ବର ସ୍ଥାନରେ ଥିବା ଏଲିସ ମର୍ଟେନ୍ସଙ୍କୁ ୩-୬, ୭-୬(୩) ଓ ୬-୩ ସେଟ୍‌ରେ ପରାସ୍ତ କରିଥିଲେ। ଅନ୍ୟ ପକ୍ଷରେ କାରୋଲିନା ମୁଚୋଭା ୬-୪, ୬-୪ର ସିଧାସଳଖ ସେଟ୍‌ରେ ଏଲିନା ଆଭାନେସ୍ୟାନଙ୍କୁ ପରାସ୍ତ କରିଥିଲେ।

## ଡବ୍ଲ୍ୟୁଟିସି ଫାଇନାଲରୁ ହାଜଲେଉଡ୍ ବାଦ୍

**ଲଣ୍ଡନ,୪।୬(ପି.ଟି.)**
ଫିଟ୍‌ନେସ୍ ନ ଥିବାରୁ ଆଗାମୀ ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ଖେଳିବେ ନାହିଁ ଅଷ୍ଟ୍ରେଲିଆର ସିନିୟର ଫାଷ୍ଟ ବୋଲର ଜୋସ୍ ହାଜଲେଉଡ୍। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ସେ ସାଇଡ୍ ଷ୍ଟ୍ରେନ୍ ଅନୁଭବ କରିଥିଲେ। ଏଥିରୁ ସେ ଏପର୍ଯ୍ୟନ୍ତ ମୁକୁଳିପାରି ନାହାନ୍ତି। ଡବ୍ଲ୍ୟୁଟିସି ଫାଇନାଲ ଓଭାଲଠାରେ ଜୁନ୍ ୭ରୁ୧୧ ପର୍ଯ୍ୟନ୍ତ ହେବ। ହାଜେଲଉଡ୍‌ଙ୍କ ଅନୁପସ୍ଥିତି ଅଷ୍ଟ୍ରେଲିଆ ଦଳ ପାଇଁ ଶକ୍ତ ଧକ୍କା ହୋଇଛି। ତାଙ୍କ ସ୍ଥାନରେ ଦଳରେ ଫାଷ୍ଟ ବୋଲର ମାଇକେଲ ନେସେରଙ୍କୁ ସାମିଲ କରାଯାଇଛି। ଖବର ଅନୁସାରେ ଫିଟ୍‌ନେସ୍ ଇଂଲଣ୍ଡରେ ଆଶେସ ପାଇଁ ପ୍ରସ୍ତୁତି ସକାଶେ ହାଜଲେଉଡ୍‌ଙ୍କୁ ଅଧିକ ସମୟ ଦିଆଯାଇଛି। ନେସେର ଏହି ସିଜନରେ ଗ୍ଲାମୋରଗାନ୍ ତରଫରୁ କାଉଣ୍ଟି ଚାମ୍ପିୟନଶିପ୍ ଖେଳି ଆସୁଛନ୍ତି। ବର୍ତ୍ତମାନ ସେ ଭଲ ଫର୍ମରେ ଅଛନ୍ତି। ଗତ ୩ଟି ମ୍ୟାଚରେ ସେ ୧୪ଟି ଉଇକେଟ ନେଇଛନ୍ତି।

**ନ୍ୟାଶନାଲ ସିରିଜ ଟେନିସ**

# ଦେବାଶିଷ ରନରଅପ୍

**ଭୁବନେଶ୍ୱର, ୪।୬ (କ୍ରୀଡ଼ା ପ୍ରତିନିଧି)**
ହରିୟାଣାର ଝଜାରଠାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବାଳକ ନ୍ୟାଶନାଲ ସିରିଜ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦେବାଶିଷ ସାହୁ ରନରଅପ୍ ହୋଇଛନ୍ତି। ପ୍ରଥମ ରାଉଣ୍ଡ ଓ ପ୍ରି-କ୍ୱାର୍ଟର ଫାଇନାଲକୁ ସହଜରେ ଜିତିଥିବା ଦେବାଶିଷ କ୍ୱାର୍ଟର ଫାଇନାଲଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ତେବେ ସେ କ୍ୱାର୍ଟର ଫାଇନାଲରେ ତାମିଲନାଡୁର ରିଶି ବନ୍ଦନଙ୍କୁ ୨-୬, ୬-୩, ୬-୧ ସେଟ୍‌ରେ ଏବଂ ସେମିଫାଇନାଲରେ ମହାରାଷ୍ଟ୍ରର ପାର୍ଥ ଦେଓରୋଖରଙ୍କୁ ୬-୪, ୨-୬, ୬-୨ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଆହତ ସମସ୍ୟା ଯୋଗୁ ସେ ଟାଇଟଲ ପର୍ଯ୍ୟାୟରେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ। ଫଳରେ ହରିୟାଣାର ବଂଶ ନନ୍ଦଲଙ୍କଠାରୁ ୨-୬, ୦-୬ ସେଟ୍‌ରେ ହାରି ଯାଇଥିଲେ। ଅନୁକମ୍ପା ସାହୁ ଓ ଲକ୍ଷ୍ମୀକାନ୍ତ ସାହୁଙ୍କ ପୁତ୍ର ଦେବାଶିଷଙ୍କ ଘର ହେଉଛି। ଢେଙ୍କାନାଳ ଗଁଦିଆସ୍ଥିତ ଲହଡା। କୋଚ୍ ସୟଦ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣ ନେଇ କ୍ୟାରିୟରକୁ ଆଗକୁ ବଢ଼ାଇଥିବା ଏହି ଉଦୀୟମାନ ଟେନିସ ପ୍ରତିଭା ଭାରତ ପକ୍ଷରୁ ଜୁନିୟର ଡେଭିସ କପ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। କେବଳ ସେତିକି ନୁହେଁ ଭାରତକୁ ଡେଭିସ କପ୍ ବିଜୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। ପୂର୍ବରୁ ସେ ପ୍ରଥମ ଓଡ଼ିଆ ଖେଳାଳିଭାବେ ୨୦୧୯ରେ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଜୁନିୟର ଟେନିସ ଟ୍ରାଏଲ୍ ପାଇଁ ମନୋନୀତ ହୋଇଥିଲେ। ଇତିମଧ୍ୟରେ ଦେବାଶିଷ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଡଜନେରୁ ଊର୍ଦ୍ଧ୍ୱ ଟାଇଟଲ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି।


ପୁରସ୍କାର ସହ ଦେବାଶିଷ ସାହୁ।

# କଟକ 'ଏ' ଦଳର ବୃହତ୍ ବିଜୟ

**ଭୁବନେଶ୍ୱର, ୪।୬ (ସ୍ପୋର୍ଟ୍ସ ବ୍ୟୁରୋ)**
ଚଳିତ ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ସୁପର ଲିଗ୍ କଳାହାଣ୍ଡି କପ୍‌ର ରବିବାର ମ୍ୟାଚରେ କଟକ 'ଏ' ୧୧୨ ରନରେ ସମ୍ବଲପୁରକୁ ପରାସ୍ତ କରିଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା କଟକ 'ଏ' ଦଳ ୪୮.୫ ଓଭରରେ ୧୮୦ ରନ କରି ଅଲ୍ ଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ଯାଜ୍ଞଜିତ୍ ସାହୁ ୬୭ ଏବଂ ସାଇଦୀପ ୨୧ ରନ କରିଥିଲେ। ସମ୍ବଲପୁର ଦଳ ପକ୍ଷରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ପ୍ରଶାନ୍ତ ଠକ୍କର ୪୭ ରନ ବିନିମୟରେ ୬ ଉଇକେଟ ଅକ୍ତିଆର କରିଥିଲେ। ସୟଦ ଜାକି ୨ଟି ଉଇକେଟ ନେଇଥିଲେ। ୧୮୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବଲପୁର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୨୧.୨ ଓଭରରେ ମାତ୍ର ୬୮ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସୟଦ ୱାସିମ ୨୨ ଓ ହ୍ରିତିକ ପେଟଲ ୨୧ ରନ କରିଥିଲେ। କଟକ 'ଏ'ର ସୁମିତ ବର୍ମା ୧୩ ରନ ବିନିମୟରେ ୪ ଏବଂ ସିଦ୍ଧାର୍ଥ ସିହ୍ନା ମାତ୍ର ୧ ରନ ବିନିମୟରେ ୩ ଉଇକେଟ ହାସଲ କରିଥିଲେ। ସୁମିତ ଶର୍ମା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଓଡ଼ିଶାରେ ପହଞ୍ଚିଲେ ଭେଙ୍କଟପତି ରାଜୁ

**ଭୁବନେଶ୍ୱର, ୪।୬(ସ୍ପୋର୍ଟ୍ସ ବ୍ୟୁରୋ)**
ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଭେଙ୍କଟପତି ରାଜୁ ଓଡ଼ିଶାରେ ପହଞ୍ଚିଛନ୍ତି। ସୋମବାର ଠାରୁ ଯୁବ ସ୍ପିନର ମାନଙ୍କ ପାଇଁ ଏକ ୧୫ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବାକୁ ଥିବା ବେଳେ ରବିବାର ରାଜୁ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଓସିଏ ସଦସ୍ୟ ଶିବବ୍ରତ ମଲ୍ଲିକ, ଅମିତ ବେହେରା ଭୁବନେଶ୍ୱର ବିମାନ ବନ୍ଦରରେ ରାଜୁଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଅନୁଷ୍ଠିତ ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମରେ ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆଙ୍କ ଦ୍ୱାରା ମନୋନୀତ ଖେଳାଳି ମାନେ ଏଥିରେ ଅଂଶଗ୍ରହଣ କରିବେ। ଓସିଏର ସମସ୍ତ ସିନିୟର ଓ ଜୁନିୟର ଦଳର ଚୟନକର୍ତ୍ତା ଏହି ୧୫ ଦିନିଆ ଶିବିରରେ ଯୋଗ ଦେବେ। ଓଡ଼ିଶା ସ୍ପିନରଙ୍କ ସହିତ ରାଜୁଙ୍କ କାର୍ଯ୍ୟକାଳ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ କରିଛନ୍ତି ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ ଓ ସମ୍ପାଦକ ସଞ୍ଜୟ ବେହେରା।


ଭେଙ୍କଟପତି ରାଜୁଙ୍କୁ ଓସିଏ ପକ୍ଷରୁ ସ୍ୱାଗତ କରାଯାଉଛି।

# ବ୍ରାଜିଲକୁ ବିଦାକଲା ଇସ୍ରାଏଲ

**୨୦ ବର୍ଷରୁ କମ୍ ଫୁଟବଲ ବିଶ୍ୱକପ୍**

**ବୁଏନ୍ସ ଏୟାର୍ସ, ୪।୬(ପି.ଟି.)**
୨୦ ବର୍ଷରୁ କମ୍ ଫୁଟବଲ ବିଶ୍ୱକପରେ ଦେଖିବାକୁ ମିଳିଛି ଆଉ ଏକ ବଡ ବିପର୍ଯ୍ୟୟ। କ୍ୱାର୍ଟର ଫାଇନାଲରେ ଶକ୍ତିଶାଳୀ ବ୍ରାଜିଲକୁ ୩-୨ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି ଇସ୍ରାଏଲ। ସେହିପରି କଲମ୍ବିଆକୁ ୩-୧ରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବରେ ସେମିରେ ପହଞ୍ଚିଛି ଇଟାଲୀ। ଇସ୍ରାଏଲ ସେମି ଫାଇନାଲରେ ଉରୁଗୁଏ ଓ ଯୁକ୍ତରାଷ୍ଟ୍ର ଆମେରିକାର ବିଜେତାକୁ ଭେଟିବ। ଅନ୍ୟପକ୍ଷରେ ଇଟାଲୀ ନାଇଜେରିଆ ଓ ଦକ୍ଷିଣ କୋରିଆର ବିଜେତାଙ୍କୁ ଭେଟିବ।

ଇସ୍ରାଏଲ୍ ଓ ବ୍ରାଜିଲ୍ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ୫୬ ତମ ମିନିଟରେ ମାର୍କୋସ ଲିଓନାର୍ଡୋ ବ୍ରାଜିଲ ପକ୍ଷରୁ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଏହାର ୪ ମିନିଟ ମଧ୍ୟରେ ଆନ୍ ଖାଲାଇଲିଙ୍କ ହେଡର ଜରିଆରେ ଇସ୍ରାଏଲ ଏହି ଗୋଲ୍ ପରିଶୋଧ କରିଥିଲା। ମ୍ୟାଚ୍‌ର ୯୦ ମିନିଟ ପର୍ଯ୍ୟନ୍ତ ଉଭୟ ଦଳ ସଂଘର୍ଷ କରିଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେବାରେ ସମର୍ଥ ହୋଇ ନ ଥିଲେ। ୯୧ତମ ମିନିଟରେ ମାଥେଉସ୍ ନାସିମେଣ୍ଟୋ ଆଉ ଏକ ଗୋଲ ଦେଇ ବ୍ରାଜିଲକୁ ବିଜୟର ନିକଟତର କରିଥିଲେ। ଏହାର ଦୁଇ ମିନିଟ ପରେ ହମଜା ଶିବି ଇସ୍ରାଏଲ ପକ୍ଷରୁ ଏକ ଗୋଲ ଦେଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଅତିରିକ୍ତ ସମୟକୁ ମ୍ୟାଚ୍ ଯିବା ପରେ ଇସ୍ରାଏଲର ଡୋର ଡେଭିଡ୍ ଟର୍ଗୋମାନ୍ ସ୍କୋର କରି ଦଳକୁ ବିଜୟୀ କରିଥିଲେ। ଏହି ସମୟ ମଧ୍ୟରେ ଇସ୍ରାଲ ଖେଳାଳି ଦୁଇଟି ପେନାଲ୍ଟି କିକ୍‌ର ସୁଯୋଗ ସୃଷ୍ଟି କରିଥିଲେ। ଦୁଇ ଜଣ ଡିଫେଣ୍ଡରଙ୍କୁ ପରାସ୍ତ କରି ଡେଭିଡ୍ ନିର୍ଣ୍ଣାୟକ ଗୋଲ ସ୍କୋର କରିଥଲେ। ଡୋର ଡେଭିଡଙ୍କ ଗୋଲକୁ ବ୍ରାଜିଲିଆନ୍ ଷ୍ଟାଇଲର ଗୋଲ ବୋଲି କହିଥିଲେ ଇସ୍ରାଏଲର ଟାଏ ଆବିଦ୍। ସମସ୍ତ ବିଭାଗରେ ଇସ୍ରାଏଲ ଆମକୁ ପଛରେ ଛାଡିବାରେ ସମର୍ଥ ହେଲା ବୋଲି ବ୍ରାଜିଲ ମିଡ୍‌ଫିଲ୍ଡର ମାର୍ଲନ ଗୋମ୍ସ ପ୍ରକାଶ କରିଛନ୍ତି। ଏହି ମ୍ୟାଚ୍ ପରେ ଇଟାଲୀ ଓ କଲମ୍ବିଆ ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ତେବେ ପ୍ରତିପକ୍ଷ ଦଳକୁ ବିପର୍ଯ୍ୟୟର କୌଣସି ସୁଯୋଗ ଦେଇ ନ ଥିଲା ଇଟାଲୀ। ଟୁର୍ନାମେଣ୍ଟର ଟପ୍ ସ୍କୋରର ସିଜର କାସେଡି ନବମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ୩୮ତମ ମିନିଟରେ ଥୋମାସ ବାଲ୍ଡାଞ୍ଜି ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଇଟାଲୀ ୨-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମଧ୍ୟ ଦଳ ଏକ ଗୋଲ ଦେଇଥିଲା। ୪୬ ତମ ମିନିଟରେ ଦଳ ପକ୍ଷରୁ ଫ୍ରାନସେସ୍କୋ ଏସ୍ପୋସିଟୋ ଆଉ ଏକ ଗୋଲ ଦେଇ ଅଗ୍ରଣୀକୁ ୩-୦ରେ ପହଞ୍ଚାଇ ଥିଲେ। କଲମ୍ବିଆ ପକ୍ଷରୁ ଝୋଜାନ ଟରେସ୍ ୪୯ ତମ ମିନିଟରେ ଏକ ଚମତ୍କାର ଗୋଲ ଦେଇଥିଲେ। ବକ୍ସର କର୍ନରରୁ ସେ ଏହି ଗୋଲ ମାରିଥିଲେ। ଏହାପରେ ଇଟାଲୀ ରକ୍ଷଣାତ୍ମକ ପନ୍ଥା ଆପଣେଇବା ସହିତ ମ୍ୟାଚକୁ ଜିତି ନେଇଥିଲା। ଏହା ସହିତ କ୍ରମାଗତ ତୃତୀୟ ଥର ପାଇଁ ଇଟାଲୀ ୨୦ ବର୍ଷରୁ କମ୍ ବିଶ୍ୱକପ ସେମିରେ ପହଞ୍ଚିଛି।

## ଆଜିଠୁ ଅଫ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ

**ଭୁବନେଶ୍ୱର, ୪।୬(ସ୍ପୋର୍ଟ୍ସ ବ୍ୟୁରୋ):** ଆସନ୍ତା ଜୁନ୍ ୯ ତାରିଖରୁ ଆରମ୍ଭ ହେବାକୁ ଥିବା ହିରୋ କଣ୍ଟିନେଣ୍ଟାଲ କପ୍ ପାଇଁ ସୋମବାର ଠାରୁ ଅଫଲାଇନ ଟିକେଟ ବିକ୍ରି ଆରମ୍ଭ ହେବ। ଟିକେଟ ବିକ୍ରିର ସମୟ ପୂର୍ବାହ୍ନ ୧୧.୦୦ଟାରୁ ଅପରାହ୍ନ ୫ଟା ଯାଏ ରହିବ। କଳିଙ୍ଗ ଷ୍ଟାଡିୟମର ଗେଟ୍ ନମ୍ବର ୪-ଏରେ ଟିକେଟ ବିକ୍ରି କରାଯିବ ବୋଲି ଜଣାପଡ଼ିଛି। ୫ ଓ ୬ ତାରିଖରେ ୯ରୁ ୧୨ ତାରିଖ ମଧ୍ୟରେ ହେବାକୁ ଥିବା ମ୍ୟାଚର ଟିକେଟ ମିଳିବ। ତେବେ ୭ ତାରିଖ ଠାରୁ ସମସ୍ତ ୪ ମ୍ୟାଚର ଟିକେଟ ଉପଲବ୍ଧ ହେବ। ନର୍ଥ ୱେଷ୍ଟ ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟ ୧୫୦ ଟଙ୍କା ରହିଥିବା ବେଳେ ନର୍ଥ ଷ୍ଟାଣ୍ଡ, ସାଉଥ୍ ଷ୍ଟାଣ୍ଡ ଓ ଇଷ୍ଟ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୯୯ ଟଙ୍କା ରଖାଯାଇଛି।

# ପିଏସ୍‌ଜି ଛାଡିଲେ ମେସି

**ପ୍ୟାରିସ୍, ୪।୬(ପି.ଟି.)**
ଆର୍ଜେଣ୍ଟିନା ଫୁଟବଲ ଷ୍ଟାର ଲିଓନେଲ ମେସି ଫୁଟବଲ୍ କ୍ଲବ୍ ପ୍ୟାରିସ୍ ସେଣ୍ଟ ଜର୍ମେନ୍(ପିଏସ୍‌ଜି) ଛାଡିଛନ୍ତି। ଅନ୍ତିମ ମ୍ୟାଚରେ ପିଏସ୍‌ଜି ୩-୨ ଗୋଲରେ କ୍ଲେରମଣ୍ଟ ନିକଟରୁ ପରାଜିତ ହୋଇଥିବା ବେଳେ ଦର୍ଶକଙ୍କ ପକ୍ଷରୁ ମେସିଙ୍କୁ ବୁ କରାଯାଇଥିଲା। ମ୍ୟାଚ୍ ଆରମ୍ଭ ହେବାର କିଛି ମିନିଟ ପୂର୍ବରୁ ମେସି ନିଜ ଶେଷ ମ୍ୟାଚ୍ ଖେଳୁଥିବା ନେଇ ଘୋଷଣା କରାଯାଇଥିଲା। ନିଜ ଅଭିଭାଷଣରେ ସାଥୀ ଖେଳାଳି ଓ ଟିମ୍ ମ୍ୟାନେଜମେଣ୍ଟକୁ ସେ ଧନ୍ୟବାଦ ପ୍ରଦାନ କରିଥିଲେ। ପିଏସ୍‌ଜି ପାଇଁ ସେ ଦୁଇଟି ସିଜନ ଖେଳିଥିବା ବେଳେ ୩୨ ଗୋଲ ଓ ୩୫ଟି ଆସିଷ୍ଟରେ ସାମିଲ ଥିଲେ। ଏହା ସହିତ ତାଙ୍କ ଉପସ୍ଥିତିରେ ଦଳ ଦୁଇଥର ଫ୍ରେଞ୍ଚ ଲିଗ୍ ଓ ଫ୍ରେଞ୍ଚ ଚାମ୍ପିୟନ୍ସ ଟ୍ରଫି ବିଜୟୀ ହୋଇଥିଲା। ବିଗତ ସପ୍ତାହରେ ମେସି ଷ୍ଟ୍ରାସବଗ ବିପକ୍ଷରେ ଗୋଲ କରିବା ସହିତ ୟୁରୋପିୟାନ ଲିଗ୍‌ରେ ରୋନାଲ୍ଡୋଙ୍କ ସର୍ବାଧିକ ଗୋଲର ରେକର୍ଡ ଭାଙ୍ଗିଥିଲେ। ଦୁବାଇ ଗସ୍ତକୁ ନେଇ ପିଏସ୍‌ଜି ମ୍ୟାନେଜମେଣ୍ଟ ସହିତ ବିବାଦ ପରେ ମେସି ଦଳ ଛାଡିବା ନେଇ ଚର୍ଚ୍ଚା ହେଉଥିଲା। ପରେ ମେସି ନିଜ ଚୁକ୍ତିର ନବୀକରଣ କରି ନ ଥିଲେ। ଏହା ସହିତ ମେସି କୌଣସି ସାଉଦି ଆରବ କ୍ଲବରେ ଯୋଗ ଦେବା ନେଇ ମଧ୍ୟ ସମ୍ଭାବନା ରହିଛି।

## ରିୟଲ ମାଡ୍ରିଡ୍‌ରୁ ଆଉ ଖେଳିବେନି କରିମ୍ ବେଞ୍ଜେମା

**ମାଡ୍ରିଡ୍, ୪।୬ (ଏପି):** ଫ୍ରେଞ୍ଚ ଷ୍ଟ୍ରାଇକର କରିମ ବେଞ୍ଜେମା ଆସନ୍ତା ସିଜନ ପାଇଁ ରିୟଲ ମାଡ୍ରିଡ ସହ ତାଙ୍କ ଚୁକ୍ତିକୁ ଆଉ ନବୀକରଣ କରିବେ ନାହିଁ। ସେ ସୌଦି ଆରବରେ ଖେଳିବେ ବୋଲି ରିପୋର୍ଟ ପ୍ରକାଶ ପାଇବା ପରେ କ୍ଲବ ତରଫରୁ ଏହା ଘୋଷଣା କରାଯାଇଛି। ବେଞ୍ଜେମା କ୍ଲବ ତରଫରୁ ୨୦୦୯ରୁ ୧୪ଟି ସିଜନ ଖେଳି ସାରିଛନ୍ତି। ମାଡ୍ରିଡ୍‌କୁ ୨୫ଟି ଟାଇଟଲ ଜିତାଇବାରେ ତାଙ୍କର ଭୂମିକା ରହିଛି। ତନ୍ମଧ୍ୟରେ ୫ ଚାମ୍ପିୟନ୍ସ ଲିଗ୍, ୫ କ୍ଲବ ୱାର୍ଲ୍ଡ କପ୍ ଏବଂ ୪ ସ୍ପାନିଶ ଲିଗ୍ ଟାଇଟଲ ରହିଛି। ଜଣେ ଖେଳାଳି ହିସାବରେ ସ୍ପାନିଶ ପାୱାର ହାଉସ୍ ପାଇଁ ଏହା ଏକ ରେକର୍ଡ।

# ରାଜ୍ୟ ସ୍କୁଲ ଓପନ ଚେସ୍: ନମସ୍ୟା ଚାମ୍ପିୟନ

**ଭୁବନେଶ୍ୱର, ୪।୬ (ସ୍ପୋର୍ଟ୍ସ ବ୍ୟୁରୋ)**
ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନ ମନ୍ଦିର ପରିସରରେ ରବିବାର ରାଜ୍ୟ ସ୍କୁଲ ଓପନ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ଏହି ପ୍ରତିଯୋଗିତାରେ ସେଣ୍ଟ ଜାଭିୟର ହାଇସ୍କୁଲ (କେଦାରଗୌରୀ)ର ନମସ୍ୟା ନଳିନୀ ସର୍ବାଧିକ ୪.୫ ପଏଣ୍ଟ ଅର୍ଜନ କରି ଚାମ୍ପିୟନ ହୋଇଛନ୍ତି। ଷ୍ଟିୱାର୍ଟ ସ୍କୁଲ, ଭୁବନେଶ୍ୱରର ରିଷିଥ୍ ଦେବନାଥ (୪.୦) ରନରଅପ୍ ହୋଇଛନ୍ତି। ଯଥାକ୍ରମେ ୩ୟରୁ ୧୦ମ ସ୍ଥାନରେ ରହିଥିବା ଖେଳାଳିମାନେ ହେଲେ ଓମ୍ କ୍ରିଷ୍ଣା ପ୍ରଧାନ, ବିଶ୍ୱମ ବାଜୋରିଆ, ଅନୁପମ ରଣସିଂଘ, ଦୀପ୍ତୀ ରଞ୍ଜନ ସାହୁ, ଆୟାଂଶ ସାମଲ, ଶ୍ରୀୟାଂଶ ମହାପାତ୍ର, ରୁଦ୍ର ପ୍ରତାପ ମିଶ୍ର ଓ ଅଭିଜ୍ଞ ରଥ। ବାଳିକା ବିଭାଗରେ ପ୍ରଥମ ପୁରସ୍କାର ଶ୍ରଦ୍ଧାଶ୍ରୀ ଲେଙ୍କା ଓ ଦ୍ୱିତୀୟ ପୁରସ୍କାର ଅନ୍ୱେଷା ମହାପାତ୍ର ପାଇଛନ୍ତି। ସେହିପରି ୧୩ ବର୍ଷରୁ କମ୍ ବୟସ ବର୍ଗରେ ସ୍ୱାତିକା ବେହେରା ଓ ଇଶାନ ମୋଦି, ୧୧ ବର୍ଷରୁ କମ୍ ବିଭାଗରେ ଇଶାନ ନନ୍ଦ ଓ ସ୍ୱାତିକ ରଞ୍ଜନ ସ୍ୱାଇଁ, ୯ ବର୍ଷରୁ କମ୍ ବିଭାଗରେ ଅଭ୍ୟନ ପଣ୍ଡା ଓ ଅଭନେସ ସାମନ୍ତରାୟ ଏବଂ ୭ ବର୍ଷରୁ କମ୍ ବିଭାଗରେ ମୋହିତ ମନବୀର ପଣ୍ଡା ଓ ଦିବ୍ୟଦୃଷ୍ଟି ଶତପଥୀ ପ୍ରମୁଖ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଲାଭ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ପ୍ରିୟଦର୍ଶିନୀ ନାୟକ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇ ବୀଣାପାଣି ଜ୍ଞାନ ମନ୍ଦିରର ସେକ୍ରେଟାରୀ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ନମସ୍ୟା ନଳିନୀ







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ